
ଲଭ୍ ଆଣ୍ଡ ୱାର୍: ବଡ଼ ପରଦାରେ ଟିଜର୍
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-77 ◆THURSDAY ◆10 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୭ ◆ଗୁରୁବାର ◆୧୦ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ସାଟେଲାଇଟ୍‌ଭିତ୍ତିକ ଇଣ୍ଟରନେଟ୍ ସେବା ଖୁବ୍‌ଶୀଘ୍ର

### ସ୍ପେକ୍ଟ୍ରମ୍ ଉପରେ ଟ୍ରାଇର ଅଧିକାଂଶ ସୁପାରିଶକୁ ମାନିଲା ଡିସିସି

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଖୁବ୍ ଶୀଘ୍ର ଦେଶରେ ସାଟେଲାଇଟ୍ ଭିତ୍ତିକ ଇଣ୍ଟରନେଟ୍ ସେବା ଆରମ୍ଭ ହେବ। କାରଣ ସାଟେଲାଇଟ୍ ସ୍ପେକ୍ଟ୍ରମ୍ ଆବଣ୍ଟନ ସମ୍ପର୍କରେ ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) କରିଥିବା ଅଧିକାଂଶ ସୁପାରିଶକୁ ଡିଜିଟାଲ୍ କମ୍ୟୁନିକେସନ୍ କମିଶନ (ଡିସିସି) ମଞ୍ଜୁର କରିଛି। ଚଳିତମାସ ୩ରେ ଏ ନେଇ ଅନୁଷ୍ଠିତ ଏକ ବୈଠକରେ ସାଟେଲାଇଟ୍ ସ୍ପେକ୍ଟ୍ରମ୍ ଆବଣ୍ଟନ ଉପରେ ଆଲୋଚନା କରାଯାଇଥିଲା। ଅପରପକ୍ଷେ ସାଟେଲାଇଟ୍ କମ୍ପାନୀଗୁଡ଼ିକ ଏ ପର୍ଯ୍ୟନ୍ତ ସିଧାସଳଖ ସ୍ପେକ୍ଟ୍ରମ୍ ପାଇନାହାଁନ୍ତି। ଏଥିପାଇଁ ଆହୁରି ସରକାରୀ ଅନୁମୋଦନ ଏବଂ କିଛି ସୁରକ୍ଷା ପ୍ରକ୍ରିୟା ଆବଶ୍ୟକ। ଡିସିସିର ଅନୁମୋଦନ ପରେ, ଟେଲିକମ୍ ବିଭାଗ (ଡିଓଟି) ପରବର୍ତ୍ତୀ ପଦକ୍ଷେପ ନେବ। ସାଟେଲାଇଟ୍ ଯୋଗାଯୋଗ ସେବା ପାଇଁ ସ୍ପେକ୍ଟ୍ରମ୍ ମୂଲ୍ୟ ଏବଂ କମ୍ପାନୀଗୁଡ଼ିକୁ ଆବଣ୍ଟନ ପ୍ରକ୍ରିୟା ଉପରେ ଚୂଡ଼ାନ୍ତ ଅନୁମୋଦନ ପାଇଁ ଏହି ପ୍ରସ୍ତାବ କେନ୍ଦ୍ର କ୍ୟାବିନେଟ ପାଖକୁ ପଠାଯିବ। ଗତ ବର୍ଷ, ଟ୍ରାଇ କିଛି ସାଟେଲାଇଟ୍-ଆଧାରିତ ବାଣିଜ୍ୟିକ ଯୋଗାଯୋଗ ସେବା ପାଇଁ ସ୍ପେକ୍ଟ୍ରମ୍ ଆବଣ୍ଟନ ପାଇଁ ନିୟମ ଏବଂ ସର୍ତ୍ତାବଳୀ ସମ୍ପର୍କରେ ଏହାର ସୁପାରିଶ ଦାଖଲ କରିଥିଲା। ଏଥିରେ ସାଟେଲାଇଟ୍ ସେବା ପ୍ରଦାନକାରୀମାନେ ୫ ବର୍ଷ ପାଇଁ ସ୍ପେକ୍ଟ୍ରମ୍ ପାଇବାର ଆଶା କରାଯାଉଛି। ଆବଶ୍ୟକ ହେଲେ ଏହି ଅବଧିକୁ ଆଉ ୨ ▶ପୃଷ୍ଠା-୭

## ଦିଲ୍ଲୀ ବିମାନବନ୍ଦର ଜଳମଗ୍ନ ଭିଡିଓ ପ୍ରସାରଣ ବିରୋଧରେ ୬୩ ମାମଲା

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର ପାଣିରେ ବୁଡ଼ିବା ନେଇ ଭ୍ରାନ୍ତିକର ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରସ୍ତୁତ ମିଥ୍ୟା ଭିଡିଓ ପ୍ରସାରଣ ହୋଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଣି ଦିଲ୍ଲୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ୍ (ଡିଆଇଏଏଲ୍ ବା ଡାଏଲ୍) ୬୩ଜଣ ସୋସିଆଲ ମିଡିଆ ହ୍ୟାଣ୍ଡଲର୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ୪ ତାରିଖରେ ପ୍ରବଳ ବର୍ଷା ଯୋଗୁଁ ଟର୍ମିନାଲ-୩ ପରିସର କିଛି ସମୟ ପାଇଁ ଜଳାର୍ଣ୍ଣବ ହୋଇଥିଲା। ମାତ୍ର ୨୦ ମିନିଟ୍ ମଧ୍ୟରେ ସମସ୍ୟାର ସମାଧାନ କରାଯାଇଥିଲା। ବର୍ଷା ପାଣି ପାଇଁ ବିମାନ ସେବା ଆଦୌ ପ୍ରଭାବିତ ହୋଇନଥିଲା। କିନ୍ତୁ




ସାମାଜିକ ଗଣମାଧ୍ୟମରେ କେତେକ ଆକାଉଣ୍ଟ ଦୁବାଇ ବିମାନବନ୍ଦରର ପୁରୁଣା ଭିଡିଓ ଏବଂ ଏଆଇ ଦ୍ୱାରା ସୃଷ୍ଟ ଭିଡିଓ ଭାଇରାଲ କରିଥିଲେ। ସେଥିରେ ଦିଲ୍ଲୀ ବିମାନବନ୍ଦର ରନୱେ ବୁଡ଼ିଯାଇଥିବା ନେଇ ଭ୍ରାନ୍ତି ସୃଷ୍ଟି କରିଥିଲେ। ପ୍ରେସ ଇନଫରମେସନ ବ୍ୟୁରୋ (ପିଆଇବି)ର ସତ୍ୟ ସନ୍ଧାନ ବିଭାଗ ଏହି ଭିଡିଓଗୁଡ଼ିକୁ ସମ୍ପୂର୍ଣ୍ଣ ମିଥ୍ୟା ବୋଲି ପ୍ରମାଣିତ କରିଛି। ଡାଏଲ୍ ସ୍ପଷ୍ଟ କରିଛି ଯେ ଯାତ୍ରୀଙ୍କ ମଧ୍ୟରେ ଅନାବଶ୍ୟକ ଭୟ ସୃଷ୍ଟି କରିବା ଏବଂ ବିମାନବନ୍ଦରର ବିରୋଧରେ ଅପବାଦ ଉଦ୍ଦେଶ୍ୟରେ ଏହି ପୋଷ୍ଟଗୁଡ଼ିକ କରାଯାଇଥିଲା। ସମ୍ପୃକ୍ତ ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକର ତାଲିକା ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରାଯାଇଛି।

### ଏମ୍‌ଏମ୍‌ଡିଆର ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଜେଡି

# ପ୍ରତ୍ୟାହାର ହେଉ ରାଜ୍ୟ ସ୍ୱାର୍ଥ ବିରୋଧୀ ଆଇନ

■ ଭୁବନେଶ୍ୱର, ୯।୯ (ସମିସ): ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁଣ୍ଣ କରୁଥିବା ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏହି ଅବସରରେ ଦଳ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ମଧ୍ୟ ପ୍ରଦାନ କରିଛି। ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡି ଏହି ସ୍ମାରକପତ୍ର ମାଧ୍ୟମରେ ସିଧାସଳଖ ଭାବେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଛି।

ବିଜେଡିର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି ଏମ୍‌ଏମଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ। ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ସେହିପରି ରଣେନ୍ଦ୍ର ପ୍ରତାପ



**ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲେ ଦଳର ବରିଷ୍ଠ ନେତୃମଣ୍ଡଳୀ**

**ରାଜ୍ୟପାଳଙ୍କ ଆଶ୍ୱାସନା, ବିଜେଡିର ଉଦ୍‌ବେଗକୁ ରାଷ୍ଟ୍ରପତିଙ୍କୁ ଜଣାଇବେ**

ସ୍ୱାଇଁ ଏମ୍‌ଏମଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କେଉଁ ପ୍ରଭାବ ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ। ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟ ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ସଞ୍ଜୟ କୁମାର ଦାସବର୍ମା ଓ ପ୍ରୀତିରଞ୍ଜନ ଘଡ଼ାଇ ପ୍ରମୁଖ ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ।

ଆଲୋଚନା ସମୟରେ ଏହି ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ ବୋଲି ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ। ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ▶ପୃଷ୍ଠା-୭

# ବିସ୍ଫୋରକ ହେଉଛି ହର୍ମୁଜ୍

### ଆମେରିକୀୟ ବୁଡ଼ାଜାହାଜ ଜବତ କଲା ଇରାନ୍

■ ତେହରାନ, ୯।୯ (ଏଜେନ୍ସି): ତୈଳ ଓ ଗ୍ୟାସ ପରିବହନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ର ପଥ ହର୍ମୁଜରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ କବଜା କରିବା ଲାଗି ଆମେରିକା ଜୋରଦାର ଉଦ୍ୟମ କରୁଥିବା ବେଳେ ଇରାନ ପକ୍ଷରୁ ଦୃଢ଼ ବିରୋଧର ସମ୍ମୁଖୀନ ହୋଇଛି। ଏହି ସମୁଦ୍ର ପଥ ଉପରେ ଉଭୟ ଆମେରିକା ଏବଂ ଇରାନ ନିଜର ନିୟନ୍ତ୍ରଣ କଥା କହୁଥିବା ବେଳେ ଏହା ଏବେ ରଣକ୍ଷେତ୍ରରେ ପରିଣତ ହୋଇଛି। ଇରାନର ୫ଟି ତୈଳ ଟ୍ୟାଙ୍କର ଉପରେ ଆମେରିକା ଆକ୍ରମଣ କରିବା ପରେ ଏହାର କଡ଼ା ଜବାବ ଦେଇଛି ଇରାନ। ଏହି ଅଞ୍ଚଳରେ ଆମେରିକାର ଏକ ଅତ୍ୟାଧୁନିକ ବୁଡ଼ାଜାହାଜକୁ ଇରାନ ଜବତ କରିବା ସହିତ ଆମେରିକାର ଅନ୍ୟତମ ଅତ୍ୟାଧୁନିକ ଏମକ୍ୟୁ-୯ ରିପର ଡ୍ରୋନକୁ ମଧ୍ୟ ମାରି ଖସାଇ ଦେଇଛି ଇରାନ। କେବଳ ଏତିକି ନୁହେଁ, ସଂପୃକ୍ତ ଅଞ୍ଚଳରେ ଆମେରିକାର ଦୁଇଟି ଜାହାଜ ଉପରେ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାସହିତ ହର୍ମୁଜରେ ୮ଟି ତେଲ ଟ୍ୟାଙ୍କର ଏବଂ ୧୦ଟି ବିଭିନ୍ନ ଦେଶର ଜାହାଜ ଉପରେ ମଧ୍ୟ ଆକ୍ରମଣ କରିଥିବା ଦାବି କରିଛି

**ଡ୍ରୋନ, ଜାହାଜ, ଟ୍ୟାଙ୍କର ଉପରେ ବି ଆକ୍ରମଣ**

ଇରାନ। ଇରାନର ଏଭଳି ଆକ୍ରମଣର ପ୍ରତିଶୋଧ ନେବାଲାଗି ଆମେରିକା ଆଜି ପୁଣି ବଡ଼ ଧରଣର ଆକ୍ରମଣ କରିବାକୁ ପ୍ରସ୍ତୁତି ଚଳାଇଛି।

ହର୍ମୁଜରେ ଉଭୟ ପକ୍ଷ ମୁହାଁମୁହିଁ ଅବସ୍ଥାରେ ଥିବା ବେଳେ ପ୍ରଣାଳୀ ନିକଟରେ ଆମେରିକାର ଏକ ମାନବବିହୀନ ବୁଡ଼ାଜାହାଜକୁ ଜବତ କରିଥିବା ଇରାନ୍ ଦାବି କରିଛି। ଇରାନ୍‌ର ଇସ୍‌ଲାମିକ୍ ରିଭଲ୍ୟୁସନାରି ଗାର୍ଡ କର୍ପସ୍‌ର ଅଧିକୃତ ସମ୍ବାଦ ମାଧ୍ୟମ 'ସେପାହ ନ୍ୟୁଜ୍'ରେ ପ୍ରକାଶିତ ବିବୃତି ଅନୁସାରେ, ଏକ ଜଟିଳ ଗୁଇନ୍ଦା ଅଭିଯାନ ମାଧ୍ୟମରେ 'ଡାଇଭ୍-ଏଲ୍‌ଡି' ନାମକ ବୁଡ଼ାଜାହାଜ (ସବମେରିନ୍)କୁ ଜବତ କରାଯାଇଛି। ଇରାନ୍ କହିଛି, ଏହି ସବମେରିନ୍‌ରେ ଅତ୍ୟାଧୁନିକ ପ୍ରଯୁକ୍ତି ତଥା ଟେକ୍ନୋଲୋଜିର ବ୍ୟବହାର ହୋଇଛି। ଏହା ସହିତ ଜବତ ହୋଇଥିବା ସବମେରିନ୍‌ର ଭିଡିଓ ମଧ୍ୟ ଜାରି କରାଯାଇଛି। ଇରାନ୍‌ର ଅନ୍ୟ ଏକ ଦାବି ଅନୁସାରେ, ହର୍ମୁଜ୍ ପ୍ରଣାଳୀ ଉପରେ ଏକ ଏମ୍‌କ୍ୟୁ-୯ ରିପର୍ ମାନବବିହୀନ ।।ଡ୍ରୋନକୁ ମଧ୍ୟ ଖସାଇଦିଆଯାଇଛି।

ଇରାନ୍‌ର ଏହି ଦାବି ପରେ ଆମେରିକୀୟ ସେନା ସ୍ୱୀକାର କରିଛି ଯେ, ଏକ ଜଳତଳ ମାନବବିହୀନ ସବମେରିନ୍ ତ୍ରୁଟି କାରଣରୁ ଅଚଳ ହୋଇଥିଲା। ପେଣ୍ଟାଗନ୍‌ର ଜଣେ ମୁଖପାତ୍ରଙ୍କ ଅନୁସାରେ, ସବମେରିନଟି ଅଞ୍ଚଳର ▶ପୃଷ୍ଠା-୭

## ୟୁଏଇ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

### ଆଇଏଚସି ସହ ବୈଠକ, ଆଇବିପିଜି ସହ ଆଲୋଚନା

■ ଭୁବନେଶ୍ୱର, ୯।୯ (ସମିସ): ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶ ଆଣିବା ଲକ୍ଷ୍ୟରେ ୟୁଏଇ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଆବୁଧାବିରେ ଏକାଧିକ ବୈଠକ କରିଛନ୍ତି। ଆବୁଧାବିସ୍ଥିତ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ(ଆଇଏଚସି) ସହ ସହ ବୈଠକରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ରଣନୀତିକ ନିବେଶର ସମ୍ଭାବନା ନେଇ ଆଲୋଚନା କରିଛନ୍ତି। ଏହାସହ ଇଣ୍ଡିଆନ ବିଜନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ (ଆଇବିପିଜି) ସହ ଏକ ରାଉଣ୍ଡଟେବୁଲ ଆଲୋଚନାରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଛନ୍ତି।

ଆଇଏଚସି ସହ ଅନୁଷ୍ଠିତ ବୈଠକରେ କରଣ ଆଦାନୀ, ସାଗର




**ଆଦାନୀ ଗ୍ରୁପ -ଆଇଏଚସି ଗ୍ରୁପ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ**

**ଓଡ଼ିଶାରେ ଅଛି ପ୍ରାକୃତିକ ସମ୍ପଦ ଓ ବିକଶିତ ଭିତ୍ତିଭୂମି: ମୋହନ**

ଆଦାନୀ, ଆଇଏଚସି ଗ୍ରୁପର ଏମଡି ଓ ସିଇଓ ସୟଦ ବସର ସୁଏବ, ଆଇଏଚସିର ଗ୍ରୋଥ ଅଫିସର ପିଟର ଆବ୍ରାମ ଏବଂ ଟୁ ପଏଣ୍ଟ ଜିରୋ ଗ୍ରୁପର ସିଇଓ ସାମିଆ ବୋଉଜାଙ୍କ ସମେତ ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଧାତୁ ଶିଳ୍ପ, ଦୁର୍ଲଭ ମୃତ୍ତିକା ଓ ଗୁରୁତ୍ୱପୂର୍ଣ୍ଣ ▶ପୃଷ୍ଠା-୭

## ସ୍କ୍ରବ୍ ଟାଇଫସ୍‌ରେ ବୃଦ୍ଧଙ୍କ ମୃତ୍ୟୁ !

■ ବରଗଡ଼, ୯।୯ (ସମିସ): ସ୍କ୍ରବଟାଇଫସରେ ଆକ୍ରାନ୍ତ ହୋଇ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ମୃତକ ହେଲେ ବରଗଡ଼ ଅମ୍ବାପାଲିର ୬୮ ବର୍ଷୀୟ ଭାଗିରଥୀ ଭୋଇ। କିଛିଦିନ ଧରି ଭାଗିରଥୀଙ୍କ ମୁଣ୍ଡବିନ୍ଧା ସହ ଜ୍ୱର ଓ ଆଖି ଦରଜ ହେବାରୁ ତାଙ୍କୁ ପରିବାର ଲୋକେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାପରେ ତାଙ୍କ ରକ୍ତ ନମୁନା ପରୀକ୍ଷା ପରେ ସେ ସ୍କ୍ରବଟାଇର୍ଫସରେ ଆକ୍ରାନ୍ତ ଥିବା ଜଣାପଡିଥିଲା। ହେଲେ ବିଳମ୍ବରେ ଚିକିତ୍ସା ପାଇଁ ଆସିଥିବାରୁ ତାଙ୍କ ବିଭିନ୍ନ ଅଙ୍ଗ ଆକ୍ରାନ୍ତ ହୋଇଥିବା ଡାକ୍ତର କହିଥିଲେ ବୋଲି ତାଙ୍କ ପୁଅ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇନଥିଲେ। ଏହାକୁ ନେଇ ଏକ ଟିମ୍ ତଦନ୍ତ କରୁଛି। ତଦନ୍ତ ପରେ ପୁରା ଘଟଣା ସାମ୍ନାକୁ ଆସିବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି।

### ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାର ଏସ୍‌ଟିଏଫ୍ ତଦନ୍ତ ଆରମ୍ଭ

## କଳା ଥାର୍ ଗାଡ଼ିକୁ ନେଇ ବଢୁଛି ସନ୍ଦେହ

■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଥଭଉଁରୀ ଗ୍ରାମପଞ୍ଚାୟତ ବିଚିତ୍ରପୁର ଅଞ୍ଚଳର ଝାଉଁ ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ୍ ଶାବକ ଉଦ୍ଧାର ଘଟଣାକୁ ନେଇ ରହସ୍ୟ ଦିନକୁ ଦିନ ଘନୀଭୂତ ହେବାରେ ଲାଗିଛି। ଭାରତରେ ସ୍ୱାଭାବିକ ଭାବେ ଦେଖାଯାଉନଥିବା ଏହି ବିରଳ ବନ୍ୟପ୍ରାଣୀଙ୍କୁ ଭୋଗରାଇର ଏକ ଉପକୂଳ ଅଞ୍ଚଳର ଝାଉଁ ଜଙ୍ଗଲରେ କିଏ, କାହିଁକି ଓ କେଉଁଠାରୁ ଆଣି ଛାଡ଼ିଥିଲା, ତାହା ଏବେ ତଦନ୍ତକାରୀଙ୍କ ପାଇଁ ବଡ଼ ପ୍ରଶ୍ନ ହୋଇଛି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀ ଚୋରାଚାଲାଣ ଦିଗକୁ ମଧ୍ୟ ତଦନ୍ତ କରାଯାଉଛି। ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ମାଫିଆଙ୍କ ସମ୍ପୃକ୍ତି ରହିଛି କି ନାହିଁ, ତାହା ଜାଣିବା ପାଇଁ ତଦନ୍ତର



**ସିସିଟିଭି ଫୁଟେଜ୍ ଆଧାରରେ ଖୋଳତାଡ଼**

ପରିସର ବଢ଼ାଯାଇଛି।

ସୂଚନାନୁସାରେ, କାନ୍ଥଭଉଁରୀ ପଞ୍ଚାୟତ ଅଧୀନ ବଡ଼ପାହି ମୌଜାର ରଣକୋଠା ପିଆରଏଫ୍ ସଂରକ୍ଷିତ ଝାଉଁ ଜଙ୍ଗଲରୁ ଗତକାଲି ସକାଳେ ବନ ବିଭାଗ ୫ଟି ଓରାଙ୍ଗଉଟାନ୍ ଶାବକଙ୍କୁ ଉଦ୍ଧାର କରିଥିଲା। ଏହି ସ୍ଥାନଟି ବିଚିତ୍ରପୁର ନେଚର କ୍ୟାମ୍ପର ପଛପଟ ଅଞ୍ଚଳରେ ରହିଛି। ଉଦ୍ଧାର ପରେ ଶାବକମାନଙ୍କୁ ଉଦୟପୁର ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ଶିମିଳିପାଳର ବରିଷ୍ଠ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ୫ଟି ▶ପୃଷ୍ଠା-୭

### ଓଲଟ ପାଲଟ



ଓଡିଶା କଂଗ୍ରେସ ସଂଘର୍ଷ କରୁଛି
ବିଜେପି ପଡ଼େ ଖାଲରେ !
ବିଜେଡି ଦଳଟି କଡ଼ ଲେଉଟାଏ
ଶଙ୍ଖ ଝୁଲ ଝୁଲି ତାନରେ !
ଜନତା କଂଗ୍ରେସ ରାଲିରେ !
ଆଣ୍ଠେଇ ପେଟେଇ ଚାଲିଅଛି ଦଳ
ସାହାରାର ମରୁ ବାଲିରେ !
ପୌର ପଞ୍ଚାୟତ ଭୋଟ ଡେଙ୍ଗୁରା
ମାଡ଼ ପଡିବାରୁ କାନରେ !!

-ଯାଯାବର

### ଆନ୍ଥ୍ରୋପିକ୍ ଗବେଷକଙ୍କ ଭୟଙ୍କର ଚେତାବନୀ

# ମଣିଷକୁ ଧ୍ୱଂସ କରିଦେବ ଏଆଇ

■ ନୂଆଦିଲ୍ଲୀ, ୯।୯ (ଏଜେନ୍ସି): କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଦ୍ରୁତ ବିକାଶ ମଣିଷ ସମାଜ ପାଇଁ ଯେତିକି ସୁଯୋଗ ସୃଷ୍ଟି କରୁଛି, ତହିଁରୁ ଅଧିକ ବିପଦ ସୃଷ୍ଟି କରିଛି। କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ଦ୍ରୁତ ପ୍ରତିଯୋଗିତା ସୁପର ଇଣ୍ଟେଲିଜେନ୍ସ ଆଡ଼କୁ ଅଗ୍ରସର ହେଉଛି। କମ୍ପାନୀଗୁିକ ବିପଜ୍ଜନକ ଭାବରେ ନିଜକୁ ନିଜେ ବିକଶିତ କରୁଥିବା 'ସୁପର ଇଣ୍ଟେଲିଜେନ୍ସ' ପାଇଁ ବିପଦପୂର୍ଣ୍ଣ ଭାବରେ ଅଗ୍ରସର ହେଉଛନ୍ତି। ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ଏବଂ ଆସନ୍ତା ଦଶନ୍ଧି ସୁଦ୍ଧା ଏଆଇ ବା କୃତ୍ରିମ ବୁଦ୍ଧିମତ୍ତା ଅତି ଶକ୍ତିଶାଳୀ ହୋଇ ମାନବ ଜାତିକୁ ଧ୍ୱଂସ କରିଦେଇପାରେ ବୋଲି ଚେତାବନୀ ଦେଇଛନ୍ତି ଏଆଇ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଗବେଷଣା ସଂସ୍ଥା ଆନ୍ଥ୍ରୋପିକର ଗବେଷକ ଇଭାନ ହୁବିଙ୍ଗର। ସେହିପରି ଆନ୍ଥ୍ରୋପିକ୍‌ର ଅନ୍ୟଜଣେ ଗବେଷକ ମଧ୍ୟ



ଅନୁରୂପ ଆଶଙ୍କା କରିବା ସହ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

ଆନ୍ଥ୍ରୋପିକ୍‌ର ଆଲାଇନମେଣ୍ଟ ସାଇନ୍ସ ଟିମ୍‌ର ମୁଖ୍ୟ ଇଭାନ୍ ହୁବିଙ୍ଗର୍ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କରିଥିବା ଆଶଙ୍କା ସାରା ବିଶ୍ୱକୁ ଚକିତ କରିଛି। ଆନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକରେ ହବିଙ୍ଗରଙ୍କ ଏହି ଚେତାବନୀକୁ ଗୁରତର ଭାବରେ ଗ୍ରହଣ

▶▶ **ଆସନ୍ତା ଦଶନ୍ଧିରେ ଅତି ଶକ୍ତିଶାଳୀ ହେବ ସୁପର ଇଣ୍ଟେଲିଜେନ୍ସ**

▶▶ **ନିଜକୁ ବିକଶିତ କରୁଥିବା ଏଆଇକୁ ନିୟନ୍ତ୍ରଣ ପାଇଁ ମଣିଷ ଅକ୍ଷମ**

▶▶ **ଅନୁରୂପ ଆଶଙ୍କା କରି ପଦତ୍ୟାଗ କଲେ ଅନ୍ୟ ଜଣେ ଗବେଷକ**

କରିଛନ୍ତି। ହୁବିଙ୍ଗର କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ମଣିଷଜାତି ପାଇଁ ଚରମ ବିପଦ ସୃଷ୍ଟି କରିପାରେ ଓ ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ଘଟଣା ଘଟିବାର ଆଶଙ୍କା ଯଥେଷ୍ଟ। ଏଆଇ ସୁରକ୍ଷା ଓ ଆଲାଇନମେଣ୍ଟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ହୁବିଙ୍ଗର କହିଛନ୍ତି ଯେ ଏଆଇ ବ୍ୟବସ୍ଥାର ଲକ୍ଷ୍ୟ, ଆଚରଣ ଓ ନିଷ୍ପତ୍ତିକୁ ମଣିଷର ମୂଲ୍ୟବୋଧ ଏବଂ ଉଦ୍ଦେଶ୍ୟ ସହ ସମନ୍ୱିତ ରଖିବାର ପ୍ରକ୍ରିୟାକୁ ଆଲାଇନମେଣ୍ଟ ବୋଲି କୁହାଯାଏ। ମାତ୍ର ଭବିଷ୍ୟତରେ ଯଦି ଏଆଇ ବ୍ୟବସ୍ଥା ମଣିଷଠାରୁ ଅଧିକ କ୍ଷମତାଶାଳୀ ହୋଇଯାଏ, ତେବେ ଏହାକୁ ▶ପୃଷ୍ଠା-୭

## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ମୃତ

■ ପଦ୍ମପୁର, ୯।୯ (ସମିସ): ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ଗୁଲୁଗୁଡା ପଞ୍ଚାୟତର ତାରପାଗୁଡା ଗ୍ରାମରେ ନୂଆ ପାଇଖାନା ଟାଙ୍କିର ସେଣ୍ଟ୍ରି ପଟା ବାହାର କରିବାକୁ ଯାଇ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତତକଙ୍କ ମଧ୍ୟରୁ ୨ଜଣ ମିସ୍ତ୍ରୀ ହୋଇଥିବା ବେଳେ, ଅନ୍ୟ ଜଣକ ଦିନ ମଜୁରିଆ । ମୃତକ ମାନେ ହେଲେ କେନ୍ଦୁଗୁଡା ଗ୍ରାମର ଆଲୋକ କରାଡ଼ (୪୭), ପ୍ରକାଶ ଲିମା (୪୫) ଓ ହରିଶ୍ଚନ୍ଦ୍ର ବୀର (୪୬)। ଘଟଣା ସମ୍ପର୍କରେ ଖବର ପାଇ ପଦ୍ମପୁର ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତ ମୃତଦେହ ଗୁଡ଼ିକୁ ପଦ୍ମପୁର ସ୍ୱାସ୍ଥ୍ୟ କେନ୍ଦ୍ର ଆଣିଛନ୍ତି। ଉକ୍ତ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଖବର ପାଇ ଗୁଣପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ରାଜ୍ୟ ସଂପାଦକ ରମାକାନ୍ତ ମାଝୀ ପଦ୍ମପୁର ମେଡିକାଲରେ ପହଞ୍ଚି



ଡାକ୍ତରଙ୍କ ସହ ଶବ ବ୍ୟବଚ୍ଛେଦ ପାଇଁ ଗୁଣପୁର ପଠାଇବା ପାଇଁ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ଓ ପୁଲିସ ଘଟଣାର ତଦନ୍ତ କରୁଛନ୍ତି। ପ୍ରଥମେ ମିସ୍ତ୍ରୀ ଜଣଙ୍କ ପଟା କାଢିବାକୁ ଟାଙ୍କି ଭିତରେ ପଶିଥିବା ବେଳେ ସେ ଶ୍ୱାସରୁଦ୍ଧ ହୋଇ ଚିକିତ୍ସା କରିବାରୁ ତାଙ୍କୁ ଉଦ୍ଧାର କରିବାକୁ ଜଣ ପରେ ଜଣେ ଯାଇ ପ୍ରାଣ ହରାଇଥିଲେ। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ଶୁକ୍ରବାର ମୋଦୀ-ପୁଟିନ୍ ସାକ୍ଷାତ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦିଲ୍ଲୀରେ ଆସନ୍ତା ୧୨ ଓ ୧୩ ସେପ୍ଟେମ୍ବରରେ ହେବାକୁ ଥିବା ବ୍ରିକ୍ସ ଶିଖର ସମ୍ମିଳନୀ ପୂର୍ବରୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମଧ୍ୟରେ ସାକ୍ଷାତ ହେବ। ରୁଷିଆର ରାଷ୍ଟ୍ରପତି ଭବନର ମୁଖପାତ୍ର ଦିମିତ୍ରି ପେସ୍କୋଭ ଏହି ସୂଚନା ଦେଇଛନ୍ତି। ପେସକୋଭ କହିଛନ୍ତି, ମୋଦୀ ଓ ପୁଟିନ୍‌ଙ୍କ ମଧ୍ୟରେ ଘନିଷ୍ଠ ଓ ନିୟମିତ ଯୋଗାଯୋଗ ରହିଛି। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କ ସହ ବିଶ୍ୱର ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଖୋଲା ଓ ଗଠନମୂଳକ ଆଲୋଚନା କରିବେ। ବାଣିଜ୍ୟ ଓ ଆର୍ଥିକ ସହଯୋଗ, ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଆଲୋଚନାର ପ୍ରମୁଖ ବିଷୟ ହେବ ବୋଲି ପେସକୋଭ କହିଛନ୍ତି। ପଶ୍ଚିମ ଦେଶଗୁଡ଼ିକର କଟକଣା ଯୋଗୁଁ ଭାରତୀୟ ବ୍ୟବସାୟ ଉପରେ ପଡୁଥିବା ପ୍ରଭାବ ନେଇ ମଧ୍ୟ ଆଲୋଚନା ହେବାର ସଙ୍କେତ ମିଳିଛି। ପେସକୋଭଙ୍କ ଅନୁଯାୟୀ, ବ୍ରିକ୍ସ ଏକ ଲଚିଳା ସହଯୋଗୀ ମଞ୍ଚ।

## ଭାଇରାଲ ଭିଡିଓ ପରେ ଯୁବତୀଙ୍କୁ ହତ୍ୟା କଲେ ବାପା-ଭାଇ

ଅହମଦାବାଦ, ୯।୯ (ଏଜେନ୍ସି): ଜଣେ ଯୁବକଙ୍କ ସହ ଭିଡିଓ ଭାଇରାଲ ହେବା ପରେ ୨୨ ବର୍ଷୀୟା ଯୁବତିଙ୍କୁ ହତ୍ୟା କରାଯାଇଛି। ପରିବାରର ସମ୍ମାନ ନଷ୍ଟ ହେବା ଆଶଙ୍କାରେ ସମ୍ପୃକ୍ତ ଯୁବତୀଙ୍କୁ ତାଙ୍କ ବାପା ଓ ଭାଇ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବତୀ ସୋଫିଆ ପୂର୍ବରୁ ଏକ ହସ୍ପିଟାଲରେ ରିସିପସନିଷ୍ଟ ଭାବେ କାମ କରୁଥିଲେ। ଅଗଷ୍ଟ ୧୨ ରାତିରେ ସୋଫିଆଙ୍କ ବାପା ମୋହମ୍ମଦ ଫାରୁକ୍ ଓ ଭାଇ ମୋହମ୍ମଦ ହାବିଲ ତାଙ୍କୁ ମୋଟରସାଇକେଲରେ ବୁଲାଇ ନେଇଥିଲେ। ଗେଲଜିପୁରା ଗାଁ ନିକଟ ଏକ ନିଛାଟିଆ ରାସ୍ତାରେ ହାବିଲ ହାତୁଡ଼ିରେ ସୋଫିଆଙ୍କ ମୁଣ୍ଡକୁ ତିନିଥର ଆଘାତ କରି ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ପରେ ତାଙ୍କ ଶରୀରକୁ ମୁଖ୍ୟ ରାସ୍ତାକୁ ନେଇ ମୋଟରସାଇକେଲକୁ କ୍ଷତିଗ୍ରସ୍ତ କରି ଘଟଣାକୁ ସଡ଼କ ଦୁର୍ଘଟଣାର ରୂପ ଦିଆଯାଇଥିବା ଅଭିଯୋଗ ହୋଇଛି। ହାବିଲ ପୁଲିସକୁ ଏକ ଦ୍ରୁତଗାମୀ ଗାଡ଼ି ଧକ୍କା ଦେଇଥିବା କହିଥିଲେ। ପରେ ତଦନ୍ତରେ ଘଟଣାଟି ଦୁର୍ଘଟଣା ନୁହେଁ, ବରଂ ଯୋଜନାବଦ୍ଧ ହତ୍ୟା ବୋଲି ସାମ୍ନାକୁ ଆସିଥିଲା। ପ୍ରାୟ ତିନି ମାସ ପୂର୍ବରୁ ସୋଫିଆଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା।

## ଟିଭିକେ-କଂଗ୍ରେସ ମେଣ୍ଟ ନାମ ଘୋଷିତ

ଚେନ୍ନାଇ, ୯।୯ (ଏଜେନ୍ସି): ତାମିଲନାଡୁର ଟିଭିକେ ମୁଖ୍ୟ ବିଜୟଙ୍କ ନେତୃତ୍ୱାଧୀନ ରାଜନୈତିକ ମେଣ୍ଟର ଆନୁଷ୍ଠାନିକ ନାମ ବୁଧବାର ଘୋଷଣା ହୋଇଛି। ଏହାର ନାମ 'ସେକ୍ୟୁଲାର ସୋସିଆଲ ଜଷ୍ଟିସ ଭିକ୍ଟ୍ରି ଆଲାଏନ୍ସ' ରଖାଯାଇଛି। ଚେନ୍ନଇର ପନେୟୁରସ୍ଥିତ ଟିଭିକେ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ କଂଗ୍ରେସ, ଭିସିକେ, ଏମଡିଏମକେ ଏବଂ ଆଇୟୁଏମଏଲର ବରିଷ୍ଠ ନେତାମାନେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ତାମିଲନାଡୁ କଂଗ୍ରେସ କମିଟି ସଭାପତି ବି ମାଣିକମ୍ ଟାଗୋର, ଭିସିକେ ପ୍ରମୁଖ ଥୋଲ୍ ତିରୁମାଭାଲଭାନ୍, ଏମଡିଏମକେ ନେତା ଭାଇକୋ ଏବଂ ଆଇୟୁଏମଏଲ ନେତା କେଏମ୍. କାଦର ମୋହିଦ୍ଦୀନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ମେଣ୍ଟର ଆନୁଷ୍ଠାନିକ ଢାଞ୍ଚା ସ୍ଥିର କରିବା, ଏକ ସାଧାରଣ ନ୍ୟୂନତମ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, ଷ୍ଟିଅରିଂ କମିଟି ଗଠନ ଏବଂ ସଂଯୋଜକ ମନୋନୀତ କରିବା ନେଇ ଆଲୋଚନା ହୋଇଥିଲା।

## 'ବନ୍ଦେ ମାତରମ୍' ନେଇ ଓମାର-କଂଗ୍ରେସ ମତଭେଦ

ଶ୍ରୀନଗର, ୯।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ନ୍ୟାସନାଲ କନଫରେନ୍ସ ସଭାପତି ଫାରୁକ୍ ଅବଦୁଲ୍ଲାଙ୍କ ଉପସ୍ଥିତିରେ ଶ୍ରୀନଗରରେ ଆୟୋଜିତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ସଂସ୍କରଣ ଗାନ କରାଯିବାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। କଂଗ୍ରେସ ସଂଗଠନ ମହାସଚିବ କେସି ବେଣୁଗୋପାଳ ଏହାକୁ ନେଇ ଆପତ୍ତି ଉଠାଇଛନ୍ତି। ମେଣ୍ଟ ସହଯୋଗୀ ନ୍ୟାସନାଲ କନ୍‌ରେନ୍ସ ନିର୍ଦ୍ଧାରିତ ସଂସ୍କରଣ ଗାଇବା ଉଚିତ ବୋଲି ସେ କହିଛନ୍ତି। ତେବେ ନ୍ୟାସନାଲ କନ୍‌ରେନ୍ସ କଂଗ୍ରେସର ଆପତ୍ତିକୁ ଖାରଜ କରିଛି। ଦଳୀୟ ନେତା ବଶୀର ଅହମ୍ମଦ କହିଛନ୍ତି, କେତେ ଅଂଶ ଗାଇବେ ତାହା କାହା ଉପରେ ଥୋପି ଦିଆଯାଇପାରିବ ନାହିଁ। ଏହି ପ୍ରସଙ୍ଗରେ ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ କଂଗ୍ରେସକୁ ଟାର୍ଗେଟ କରି ଦଳକୁ 'ଏକବିଂଶ ଶତାବ୍ଦୀର ନୂଆ ମୁସଲିମ ଲିଗ୍' ବୋଲି କଟାକ୍ଷ କରିଛନ୍ତି।

## ଦିଲ୍ଲୀରେ ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ସତ୍ୟ ନିକେତନରେ ପିଜି କୋଠା ଭୁଶୁଡ଼ି ୭ ଜଣଙ୍କ ମୃତ୍ୟୁ ପରେ ଦିଲ୍ଲୀ ସରକାର ବେଆଇନ ନିର୍ମାଣ ବିରୋଧରେ କଠୋର ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବେଆଇନ କୋଠା ଭାଙ୍ଗିବା ସହ ସମସ୍ତ ପିଜି ଓ ହଷ୍ଟେଲର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ପୁଲିସ ବୁଧବାର ଆଉ ଜଣେ ଅଭିଯୁକ୍ତ ସୁଧାଂଶୁଙ୍କୁ ଗିରଫ କରିଛି। ଏଥିସହ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତାଙ୍କ ସହଯୋଗୀ ଶୁଭମ ତ୍ୟାଗୀ ଫେରାର ଅଛନ୍ତି। ଅନ୍ୟପକ୍ଷରେ, ଦିଲ୍ଲୀ ନଗର ନିଗମ ପକ୍ଷରୁ ଏପର୍ଯ୍ୟନ୍ତ ୨୪ଟି ସମ୍ପତ୍ତିରେ ଭଙ୍ଗାଯାଇବା କାର୍ଯ୍ୟ ଏବଂ ୭ଟି ବେଆଇନ ନିର୍ମାଣକୁ ସିଲ୍ କରାଯାଇଛି। ପ୍ରଥମ ଦିନର ଯାଞ୍ଚରେ ୧, ୧୨୦ଟି ପିଜି ମଧ୍ୟରୁ ୫୨ଟି ଜରାଜୀର୍ଣ୍ଣ ଥିବା ଜଣାପଡ଼ିଛି। ସତ୍ୟ ନିକେତନ ଘଟଣାରେ ଏବେ ସୁପ୍ରିମକୋର୍ଟ ମଧ୍ୟ ହସ୍ତକ୍ଷେପ କରିଛନ୍ତି। ଆସନ୍ତା ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।



## ବିଶ୍ୱର ସର୍ବାଧିକ: ପ୍ରଧାନମନ୍ତ୍ରୀଙ୍କ ଦରମା ୨୭ କୋଟି

ସିଙ୍ଗାପୁର, ୯।୯ (ଏଜେନ୍ସି): ସିଙ୍ଗାପୁର ସରକାର ଦେଶର ରାଜନୈତିକ ନେତାଙ୍କ ବେତନ ବୃଦ୍ଧି ଘୋଷଣା କରିଛନ୍ତି। ଏହା ପରେ ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗ୍‌ଙ୍କ ବାର୍ଷିକ ବେତନ ପ୍ରାୟ ୨୭ କୋଟି ଟଙ୍କାକୁ ବୃଦ୍ଧି ପାଇବ। ତାଙ୍କ ବେତନରେ ୬୦ ପ୍ରତିଶତରୁ ଅଧିକ ବୃଦ୍ଧି ହେବ। ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ବାର୍ଷିକ ବେତନ ପ୍ରାୟ ୧୬.୫ କୋଟି ଟଙ୍କା ଥିବାବେଳେ ନୂଆ ବ୍ୟବସ୍ଥାରେ ଏହା ପ୍ରାୟ ୨୭ କୋଟି ଟଙ୍କା ହେବ। ଉପ-ପ୍ରଧାନମନ୍ତ୍ରୀଙ୍କ ବେତନ ପ୍ରାୟ ୧୪ କୋଟିରୁ ୨୨.୯୪ କୋଟି ଟଙ୍କା ଏବଂ ମନ୍ତ୍ରୀମାନଙ୍କ ବେତନ ପଦ ଓ ଦାୟିତ୍ୱ ଅନୁସାରେ ୧୩.୫ କୋଟିରୁ ୨୧.୫୯ କୋଟି ଟଙ୍କା ମଧ୍ୟରେ ରହିବ। ତେବେ ଏହା ମାନକ ବେତନ ହୋଇଥିବାରୁ ସମସ୍ତ ମନ୍ତ୍ରୀ ତୁରନ୍ତ ଏହି ପରିମାଣର ବେତନ ପାଇବେ ନାହିଁ। ଅକ୍ଟୋବର ୧୫ରୁ ବର୍ତ୍ତମାନର ରାଜନୈତିକ ପଦାଧିକାରୀଙ୍କୁ ସର୍ବାଧିକ ୯ ପ୍ରତିଶତ ଏକକାଳୀନ ବୃଦ୍ଧି ମିଳିବ। ପରବର୍ତ୍ତୀ ବୃଦ୍ଧି କାର୍ଯ୍ୟଦକ୍ଷତା ଓ ଦାୟିତ୍ୱ ଆଧାରରେ ନିର୍ଦ୍ଧାରିତ ହେବ। ପ୍ରଧାନମନ୍ତ୍ରୀ ୱଙ୍ଗ୍ କହିଛନ୍ତି, ନିଜ ବେତନରେ ହେବାକୁ ଥିବା ସମ୍ପୂର୍ଣ୍ଣ ବୃଦ୍ଧି ରାଷ୍ଟ୍ରହିତକର କାର୍ଯ୍ୟରେ ଦାନ କରିବେ। ଦେଶକୁ ଦକ୍ଷ ରାଜନୈତିକ ନେତୃତ୍ୱ ଯୋଗାଇବା ଏବଂ ଭଲ ଶାସନ ବଜାୟ ରଖିବା ପାଇଁ ଆକର୍ଷଣୀୟ ବେତନ ଆବଶ୍ୟକ ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ସିଙ୍ଗାପୁରରେ ୧୫ ବର୍ଷ ପରେ ମନ୍ତ୍ରୀସ୍ତରୀୟ ବେତନରେ ସଂଶୋଧନ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅକ୍ଟୋବର ୧୫ରୁ ଲାଗୁ ହେବ। ସେହିପରି ସାଂସଦମାନଙ୍କ ମାସିକ ଭତ୍ତା ୧୩, ୭୫୦ ସିଙ୍ଗାପୁର ଡଲାରରୁ ବଢ଼ି ୧୮, ୫୦୦ ଡଲାର ହେବ। ସରକାରଙ୍କ ଯୁକ୍ତି ହେଉଛି, ରାଜନୈତିକ ନେତାଙ୍କୁ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ମଧ୍ୟରୁ ଆକର୍ଷିତ କରିବା ଏବଂ ଦୁର୍ନୀତିର ଆଶଙ୍କା କମାଇବା ପାଇଁ ପ୍ରତିଯୋଗୀମୂଳକ ବେତନ ଆବଶ୍ୟକ। ସିଙ୍ଗାପୁର ବିଶ୍ୱର ସବୁଠୁ କମ୍ ଦୁର୍ନୀତିଗ୍ରସ୍ତ ଦେଶଗୁଡ଼ିକ ମଧ୍ୟରେ ରହିଆସିଛି।

## ଆମେରିକାର ସ୍ଥାୟୀ ବାସିନ୍ଦା ହେବାକୁ ଭାରତୀୟଙ୍କ ଭିଡ଼



### ଇବି-୫ ଭିସା ଆବେଦନରେ ଚୀନ୍‌କୁ ପଛରେ ପକାଇଲା ଭାରତ

ୱାସିଂଟନ, ୯।୯ (ଏଜେନ୍ସି): ଆମେରିକାରେ ସ୍ଥାୟୀ ବାସ ଅଧିକାର ପାଇଁ ଆବେଦନ କରୁଥିବା ବିଦେଶୀଙ୍କ ମଧ୍ୟରେ ଭାରତୀୟମାନେ ଚୀନ୍‌କୁ ପଛରେ ପକାଇ ସର୍ବାଗ୍ରେ ରହିଛନ୍ତି। ଗତ ୩ ବର୍ଷରେ ନିବେଶକ ଭିତ୍ତିକ ଇବି-୫ ଭିସା ପାଇଁ ୧୨, ୯୦୦ ଭାରତୀୟ ଆବେଦନ କରିଥିବା ବେଳେ ଚୀନ୍‌ରୁ ୯, ୮୭୫ ଜଣ ଆବେଦନ କରିଛନ୍ତି। ଇବି-୫ ଭିସା ମାଧ୍ୟମରେ ଆମେରିକାରେ ନିର୍ଦ୍ଧାରିତ ପରିମାଣର ନିବେଶ କରି ସ୍ଥାୟୀ ବାସ ଅଧିକାର ପାଇବାର ସୁଯୋଗ ମିଳିଥାଏ। ଏଥିପାଇଁ ପ୍ରାୟ ୭.୫ କୋଟି ଟଙ୍କା ନିବେଶ ସହ ଅତିକମ୍‌ରେ ୧୦ଟି ନିଯୁକ୍ତି ସୃଷ୍ଟି କରିବାର ନିୟମ ରହିଛି। ଆମେରିକାରେ ଏଚ୍-୧ବି ଭିସା ଉପରେ ନିୟମ କଡ଼ାକଡ଼ି ହେବା ପରେ ଭାରତୀୟଙ୍କ ମଧ୍ୟରେ ଇବି-୫ ପ୍ରତି ଆଗ୍ରହ ବଢ଼ିଥିବା କୁହାଯାଇଛି। ଅନ୍ୟପକ୍ଷରେ, ଟ୍ରମ୍ପଙ୍କ 'ଗୋଲ୍ଡ କାର୍ଡ' ଯୋଜନା ପ୍ରତି ଆଗ୍ରହ ଦେଖାଯାଇନାହିଁ। ଏଥିପାଇଁ ପ୍ରାୟ ୯.୫ କୋଟି ଟଙ୍କା ନିବେଶର ବ୍ୟବସ୍ଥା ଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ଜଣଙ୍କୁ ଏହି କାର୍ଡ ମିଳିଥିବା ଖବରରେ କୁହାଯାଇଛି। ସେହିପରି, ଅଧ୍ୟାପକ, ବୈଜ୍ଞାନିକ ଓ ଗବେଷକଙ୍କ ପାଇଁ ଉଦ୍ଦିଷ୍ଟ ଇବି-୧ ଭିସାର ୭, ୦୦୦ କୋଟା ମଧ୍ୟ ନିର୍ଦ୍ଧାରିତ ସମୟର ପ୍ରାୟ ଏକ ମାସ ପୂର୍ବରୁ, ଗତ ୧ ତାରିଖରେ ଶେଷ ହୋଇଯାଇଛି।



# ସାହସ କଲ କେମିତି ?

## ନୋଏଡ଼ା ମାଜିଷ୍ଟ୍ରେଟ୍‌ଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### କକ୍ରୋଚ୍ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଛାତ୍ରଙ୍କୁ ମିଳିଥିଲା ୫ ଲକ୍ଷର ନୋଟିସ୍

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦିଲ୍ଲୀର ଜନ୍ତର ମନ୍ତରରେ 'କକ୍ରୋଚ୍ ଜନତା ପାର୍ଟି' ଆନ୍ଦୋଳନରେ ସାମିଲ ହୋଇଥିବା ଜଣେ ଛାତ୍ରଙ୍କୁ ୫ ଲକ୍ଷ ଟଙ୍କାର ନୋଟିସ ଦେଇ ଅଡୁଆରେ ପଡ଼ିଯାଇଛନ୍ତି ଗ୍ରେଟର ନୋଏଡ଼ାର ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍। ଆନ୍ଦୋଳନରେ ସାମିଲ କୌଣସି ଛାତ୍ରଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନାହିଁ ବୋଲି ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଏଭଳି ନୋଟିସ ନେଇ ଭୀଷଣ କ୍ଷୋଭ ପ୍ରକାଶ କରିଛନ୍ତି ସର୍ବୋଚ୍ଚ ଅଦାଲତ। କୋର୍ଟ ଆଦେଶକୁ ଖାତିରି ନ କରି ଏଭଳି ନୋଟିସ ଜାରି କରିବା ଲାଗି ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ କିପରି ସାହାସ କଲେ ବୋଲି ପ୍ରଶ୍ନ କରିଛନ୍ତି। ଆଜି ଜଣେ ବରିଷ୍ଠ ନୋଏଡ଼ା ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଏଭଳି ନୋଟିସ ସଂପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି, ଛାତ୍ରଙ୍କ ବିରୋଧରେ କୌଣସି ଦଣ୍ଡମୂଳକ କାର୍ଯ୍ୟ ନକରିବାକୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ମାଜିଷ୍ଟ୍ରେଟ୍ କିପରି ନୋଟିସ୍ ଜାରି କଲେ? ପ୍ରଧାନ ବିଚାରପତି କହିଛନ୍ତି, 'ମାଜିଷ୍ଟ୍ରେଟ୍ ନୋଟିସ୍ ଜାରି କରିବାକୁ କେମିତି ସାହସ କଲେ? ଆମେ ସ୍ପଷ୍ଟ କରିଥିଲୁ ଯେ କୌଣସି ଛାତ୍ରଙ୍କ ବିରୋଧରେ ବଳପୂର୍ବକ କାର୍ଯ୍ୟ ହେବ ନାହିଁ।'

ସୂଚନାଯୋଗ୍ୟ ଯେ ଗୌତମ ବୁଦ୍ଧ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ବର୍ଷର ଛାତ୍ର ଅକ୍ଷତ ତ୍ରିପାଠୀ ଏହି ନୋଟିସ୍ ପାଇଥିଲେ। ପୁଲିସ୍ ଅଭିଯୋଗ କରିଥିଲା ଯେ ସେ ବିଶ୍ୱବିଦ୍ୟାଳୟର ଅନ୍ୟ ଛାତ୍ରମାନଙ୍କୁ ଆନ୍ଦୋଳନରେ ସାମିଲ ହେବାକୁ ଉତ୍ସାହିତ କରୁଥିଲେ ଏବଂ ସରକାର ବିରୋଧୀ ଭ୍ରମାତ୍ମକ ମତ ପ୍ରଚାର କରୁଥିଲେ। ଏହା ଫଳରେ ଶାନ୍ତି ଓ ଆଇନଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ଥିବା ପୁଲିସ୍ ଦାବି କରିଥିଲା। ସେପ୍ଟେମ୍ବର ୪ରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୩୦ ଅନୁଯାୟୀ ଏହି ନୋଟିସ୍ ଜାରି ହୋଇଥିଲା। ଏଥିରେ ଅକ୍ଷତଙ୍କୁ ୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହ ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାର ଦେବାକୁ କୁହାଯାଇଥିଲା। ତେବେ ପରେ ପୁଲିସ୍ ନୋଟିସ୍‌ଟି ପ୍ରତ୍ୟାହାର କରିନେଇଥିଲା। ବରିଷ୍ଠ ଆଇନଜୀବୀ ବିଶ୍ୱଜିତ ଭଟ୍ଟାଚାର୍ଯ୍ୟ କହିଥିଲେ ଯେ ଛାତ୍ରମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରାଯାଉଛି। ଏହି ଘଟଣାରେ ସୁପ୍ରିମକୋର୍ଟ ତଥ୍ୟ ଓ ନୋଟିସ୍‌କୁ ରେକର୍ଡରେ ରଖିବାକୁ କହିବା ସହ ଗ୍ରେଟର ନୋଏଡା କର୍ତ୍ତୃପକ୍ଷଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ାଯିବ ବୋଲି ସୂଚନା ଦେଇଛନ୍ତି।



## ନୋଏଡା ଜିଲ୍ଲାପାଳଙ୍କୁ ୫ ଲକ୍ଷ ଟଙ୍କାର ଜରିମାନା

ପ୍ରୟାଗରାଜ, ୯।୯ (ଏଜେନ୍ସି): ଜାତୀୟ ନିରାପତ୍ତା ଆଇନ୍ (ଏନ୍‌ଏସ୍‌ଏ) ଅଧୀନରେ ବେଆଇନ ଭାବେ ୨୪ ବର୍ଷୀୟା ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରୀ ତଥା ସାମାଜିକ କର୍ମୀ ଆକୃତି ଚୌଧୁରୀଙ୍କୁ ଅଟକ ରଖାଯିବା ଆଦେଶକୁ ଆହ୍ଲାବାଦ ହାଇକୋର୍ଟ ରଦ୍ଦ କରିଛନ୍ତି। ଏହା ସହିତ କୋର୍ଟ ଉତ୍ତରପ୍ରଦେଶ ପ୍ରଶାସନ ଓ ନୋଏଡା ଜିଲ୍ଲାପାଳ (ଡିଏମ୍) ମେଧା ରୂପମ୍‌ଙ୍କୁ ଭର୍ତ୍ସନା କରିଛନ୍ତି। ଏପରି ସ୍ୱେଚ୍ଛାଚାରୀ ଆଚରଣ ରାଜ୍ୟକୁ ପ୍ରଶାସନିକ ଏକଚ୍ଛତ୍ରବାଦ ଆଡ଼କୁ ନେଇଯିବ ବୋଲି ଚେତାବନୀ ଦେଇଛନ୍ତି। ଦୀର୍ଘ ୫ ମାସ ଧରି ଜେଲ୍‌ରେ ଥିବା ଆକୃତିଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିପୂରଣ ଅର୍ଥ ଜିଲ୍ଲାପାଳ ମେଧା ରୂପମ୍, ସମ୍ପୃକ୍ତ ପୁଲିସ ଅଧିକାରୀ ଏବଂ ଥାନା ପ୍ରଭାରୀଙ୍କ ଦରମାରୁ କାଟ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ପର୍ଯ୍ୟାପ୍ତ ପ୍ରମାଣ ବିନା ଆକୃତିଙ୍କୁ ଏନ୍‌ଏସ୍‌ଏ ଅଧୀନରେ ଅଟକ ରଖିବା ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଂଘନ। କୋର୍ଟ କହିଛନ୍ତି ଯେ, ପ୍ରଶାସନିକ ଅଧିକାରୀମାନଙ୍କର ନିଷ୍ଠା ସମ୍ବିଧାନ ପ୍ରତି ରହିବା ଆବଶ୍ୟକ, କୌଣସି ରାଜନୈତିକ କାର୍ଯ୍ୟପାଳିକା ପ୍ରତି ନୁହେଁ। ସୂଚନାଯୋଗ୍ୟ ଯେ ରୂପମ ହେଉଛନ୍ତି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଝିଅ।

## ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ୨୦୨୨ରୁ ଚାଲିଥିଲା ଷଡ଼ଯନ୍ତ୍ର: ଏନ୍‌ଆଇଏ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ୨୦୨୫ ନଭେମ୍ବର ୧୦ ତାରିଖରେ ଘଟିଥିବା କାର୍ ବିସ୍ଫୋରଣ ମାମଲା ଏବେ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଜାତୀୟ ତଦନ୍ତ ସଂସ୍ଥା (ଏନ୍‌ଆଇଏ) ଏହି ଆକ୍ରମଣ ତଥା ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଉମର ଉନ୍ ନବୀକୁ ମୁଖ୍ୟ ଅଭିଯୁକ୍ତ ଭାବେ ଚିହ୍ନଟ କରିଛି। ତଦନ୍ତ ସଂସ୍ଥାର ଚାର୍ଜସିଟ୍ ଅନୁସାରେ, ବିସ୍ଫୋରଣ ଘଟିଥିବା ଗାଡ଼ି ଭିତରେ ନବୀ ନିଜେ ଉପସ୍ଥିତ ଥିଲେ ଏବଂ ବିସ୍ଫୋରଣରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ବିସ୍ଫୋରଣରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୯ ଜଣ ଆହତ ହୋଇଥିଲେ। ବିସ୍ଫୋରଣର ପ୍ରଭାବରେ ଆଖପାଖର ଗାଡ଼ି, ଦୋକାନ ଓ କୋଠାବାଡ଼ି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏନ୍‌ଆଇଏ କହିଛି, ନବୀ ଓ ପିଣ୍ଡା ନାମରେ ପରିଚିତ ତାଙ୍କ ସହଯୋଗୀ ରାହୁଲ ଭଟ୍ଟ ୨୦୨୨ ଆରମ୍ଭରୁ ନିଷ୍କ୍ରିୟ ହୋଇପଡ଼ିଥିବା 'ଅନସାର ଗଜୱତ-ଉଲ-ହିନ୍ଦ' ଗୋଷ୍ଠୀକୁ ପୁନର୍ଜୀବିତ କରିବାକୁ ଉଦ୍ୟମ କରୁଥିଲେ। ଏନ୍‌ଆଇଏ ଏହି ଗୋଷ୍ଠୀକୁ ଭାରତୀୟ ଉପମହାଦେଶରେ ଅଲ୍-କାଏଦା ସହ ସମ୍ପୃକ୍ତ ଏକ ନୂଆ ରୂପ ବୋଲି ବର୍ଣ୍ଣନା କରିଛି। ତଦନ୍ତ ସମୟରେ ନବୀ ଓ ଅନ୍ୟ ସଦସ୍ୟଙ୍କ ନିକଟରୁ ଉଗ୍ରବାଦୀ ସାହିତ୍ୟ ମିଳିଥିବା ଏନ୍‌ଆଇଏ ଦାବି କରିଛି। ଏଥିରେ ସଶସ୍ତ୍ର ସଂଘର୍ଷ ଓ ହିଂସାକୁ ପ୍ରୋତ୍ସାହନ ଦେଉଥିବା ବିଭିନ୍ନ ଲେଖା ଥିବା ଅଭିଯୋଗ ହୋଇଛି। ଅଭିଯୋଗପତ୍ର ଅନୁସାରେ, ଷଡ଼ଯନ୍ତ୍ର ସହ ସମ୍ପୃକ୍ତ ସଦସ୍ୟ ଓ ସାମଗ୍ରୀ ପାଇଁ ଅର୍ଥ ଯୋଗାଡ଼ କରିବାରେ ନବୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଏଥିସହ ସେ ବେଆଇନ ଅସ୍ତ୍ର ସଂଗ୍ରହ ଏବଂ ଲୁଚିବା ପାଇଁ ସ୍ଥାନ ବ୍ୟବସ୍ଥା କରିବାରେ ମଧ୍ୟ ଜଡ଼ିତ ଥିବା ଏନ୍‌ଆଇଏ ଅଭିଯୋଗ କରିଛି। ଜମ୍ମୁ-କଶ୍ମୀର ଏବଂ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳରେ ଏହି ଗୋଷ୍ଠୀର ସଦସ୍ୟମାନେ ବୈଠକ କରୁଥିଲେ ବୋଲି ତଦନ୍ତ ସଂସ୍ଥା କହିଛି। ଏହି ବୈଠକଗୁଡ଼ିକରେ ପ୍ରଶିକ୍ଷଣ ସହ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରସ୍ତୁତି ଚାଲିଥିବା ଅଭିଯୋଗ ହୋଇଛି।



## ତେଲଙ୍ଗାନା ବିଧାନସଭାରେ ହଙ୍ଗାମା; ୨୨ ବିଧାୟକ ନିଲମ୍ବିତ



ହାଇଦରାବାଦ, ୯।୯ (ଏଜେନ୍ସି): ତେଲଙ୍ଗାନା ବିଧାନସଭାରେ ବୁଧବାର ପ୍ରବଳ ହଟ୍ଟଗୋଳ ପରେ ବିଆରଏସ୍‌ର କାର୍ଯ୍ୟକାରୀ ସଭାପତି କେଟି ରାମା ରାଓଙ୍କ ସମେତ ୨୨ ଜଣ ବିଧାୟକଙ୍କୁ ଚଳିତ ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବିତ କରାଯାଇଛି। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତିର ଅବନତି ନେଇ ତୁରନ୍ତ ଆଲୋଚନା ଦାବି କରି ବିଆରଏସ୍ ବିଧାୟକମାନେ ବିଧାନସଭାରେ ସ୍ଲୋଗାନ ଦେବା ସହ ବାଚସ୍ପତିଙ୍କ ଆସନ ସମ୍ମୁଖରେ ଥିବା ଗୃହର ମଧ୍ୟଭାଗକୁ ଚାଲିଯାଇଥିଲେ। ବିଆରଏସ୍ ନେତା କେଟିଆର୍ ପୁଲିସ୍ ପକ୍ଷରୁ ମହିଳା ବିଧାୟକମାନଙ୍କ ପ୍ରତି କଥିତ ଦୁର୍ବ୍ୟବହାର ଏବଂ ଦଳର ମୁଖ୍ୟ ତଥା ବିରୋଧୀ ଦଳ ନେତା କେ ଚନ୍ଦ୍ରଶେଖର ରାଓଙ୍କୁ ମିଳୁଥିବା କଥିତ ହତ୍ୟା ଧମକ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଣିଥିଲେ। ବାଚସ୍ପତି ଗଦ୍ଦମ ପ୍ରସାଦ କୁମାର, ଉପମୁଖ୍ୟମନ୍ତ୍ରୀ ମଲ୍ଲଭଟ୍ଟି ବିକ୍ରମାର୍କା ଏବଂ ବିଧାନସଭା ବ୍ୟାପାର ମନ୍ତ୍ରୀ ଡି. ଶ୍ରୀଧର ବାବୁ ବିଧାୟକମାନଙ୍କୁ ନିଜ ଆସନକୁ ଫେରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ପରେ ମନ୍ତ୍ରୀ ଡି ଶ୍ରୀଧର ବାବୁ ନିଲମ୍ବନ ପ୍ରସ୍ତାବ ଆଣିଥିଲେ ଏବଂ ବାଚସ୍ପତି ୨୨ ଜଣ ବିଆରଏସ୍ ବିଧାୟକଙ୍କୁ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ନିଲମ୍ବନ ଘୋଷଣା କରିଥିଲେ।

## ଘରକୁ ଫେରିଲେ ରୁଷିଆରେ ଅଟକ ଭାରତୀୟ ଇଞ୍ଜିନିୟର



ମସ୍କୋ, ୯।୯ (ଏଜେନ୍ସି): ମଦ୍ୟପାନ କରିବା ଓ ଆମ୍ବୁଲାନ୍ସର କାଚ ଭାଙ୍ଗିବା ଅଭିଯୋଗରେ ରୁଷିଆର ମସ୍କୋରେ ଅଟକ ଥିବା ଭାରତୀୟ ଇଞ୍ଜିନିୟର ଚନ୍ଦନ ଗୁପ୍ତା ମୁକ୍ତ ହୋଇ ଶେଷରେ ଘରକୁ ଫେରିଛନ୍ତି। ତାଙ୍କ ପତ୍ନୀ ସ୍ନେହା ଗୁପ୍ତା ଏହି ସୂଚନା ଦେଇଛନ୍ତି। ଚନ୍ଦନଙ୍କ ନିଯୁକ୍ତିଦାତା ନୋଏଡାସ୍ଥିତ ଏକ କମ୍ପାନୀ ରୁଷିଆରେ ତାଙ୍କ ପାଇଁ ଆଇନଗତ ସହାୟତା ଯୋଗାଇଥିଲା। ଏହାର ଫଳରେ ଚନ୍ଦନ ମୁକ୍ତ ହୋଇଥିବା ସ୍ନେହା କହିଛନ୍ତି। ସେ କମ୍ପାନୀ ଓ ତାଙ୍କୁ ସହାୟତା କରିଥିବା ବିଜେପି ସାଂସଦ ସୀମା ଦ୍ୱିବେଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାନପୁରର ବାସିନ୍ଦା ଚନ୍ଦନ କାର୍ଯ୍ୟଭିସାରେ ପତ୍ନୀ ଓ ୧୦ ବର୍ଷର ପୁଅ ସହ ମସ୍କୋରେ ରହୁଥିଲେ।

# ଦିଲ୍ଲୀରେ ୪୫ ହଜାର କୋଟିର 'ପିଜି' ବେପାର

- ସତ୍ୟ ନିକେତନ ଦୁର୍ଘଟଣା ପରେ ବଢ଼ିଲା ଚିନ୍ତା
- ଛାତ୍ରଙ୍କ ପାଖରେ ବିକଳ୍ପ କମ୍
- ପେଇଂ ଗେଷ୍ଟ ବ୍ୟବସ୍ଥାକୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ପ୍ରତିବର୍ଷ ଲକ୍ଷାଧିକ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଓ ଚାକିରି ଆଶାରେ ଦିଲ୍ଲୀକୁ ଆସୁଛନ୍ତି। କିନ୍ତୁ ବିଶେଷକରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପର୍ଯ୍ୟାପ୍ତ ଛାତ୍ରାବାସ ନଥିବାରୁ ଅଧିକାଂଶଙ୍କୁ ବେସରକାରୀ ପେଇଂ ଗେଷ୍ଟ ଓ ଭଡ଼ାଘର ଉପରେ ନିର୍ଭର କରିବାକୁ ପଡୁଛି। ଏହା ଦିଲ୍ଲୀରେ ଏକ ବିଶାଳ ଛାତ୍ର ଆବାସ ଅର୍ଥନୀତି ସୃଷ୍ଟି କରିଛି। ମୁନିର୍କା, ସତ୍ୟ ନିକେତନ, କାଲୁ ସରାଇ ଓ ଲକ୍ଷ୍ମୀ ନଗର ଭଳି ଅଞ୍ଚଳରେ ଅନେକ ଘରକୁ ପେଇଂ ଗେଷ୍ଟ ଆବାସରେ ପରିଣତ କରାଯାଇଛି। ଛୋଟ ଘରେ ଏକାଧିକ ଶଯ୍ୟା, ସଂକୀର୍ଣ୍ଣ ସିଡ଼ି ଓ ଅଧିକ ଲୋକଙ୍କ ରହଣି ଏବେ ସାଧାରଣ ଦୃଶ୍ୟ। ଜଣେ ଛାତ୍ରଙ୍କୁ ବେଡ୍ ସେୟାର ଅର୍ଥାତ ଭାଗବଣ୍ଟା ଶଯ୍ୟା ପାଇଁ ମାସକୁ ପ୍ରାୟ ୮ ହଜାରରୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ରାଷ୍ଟ୍ରୀୟ ବାଣିଜ୍ୟ ମହାସଂଘର ଆକଳନ ଅନୁସାରେ, ଦିଲ୍ଲୀର ଭଡ଼ା ଆବାସରେ ରହୁଥିବା ଛାତ୍ରଛାତ୍ରୀମାନେ ପ୍ରାୟ ୪୫ ହଜାର କୋଟି ଟଙ୍କାର ଅର୍ଥନୈତିକ କାରବାର ସୃଷ୍ଟି କରୁଛନ୍ତି। ଏହି ବଜାର ଏବେ କେବଳ ଘରମାଲିକଙ୍କ ପାଇଁ ଅତିରିକ୍ତ ଆୟର ମାଧ୍ୟମ ନୁହେଁ, ବରଂ ଏକ ବଡ଼ ସମାନ୍ତରାଳ ଅର୍ଥନୀତିର ରୂପ ନେଇଛି। ସେପ୍ଟେମ୍ବର ୬ରେ ଦକ୍ଷିଣ ଦିଲ୍ଲୀର ସତ୍ୟ ନିକେତନରେ ଏକ ପାଞ୍ଚ ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ସେଠାରେ ଛାତ୍ରଙ୍କ ପାଇଁ ପେଇଂ ଗେଷ୍ଟ ଆବାସ ଚାଲୁଥିଲା। ଏହି ଦୁର୍ଘଟଣାରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ଅନେକ ଛାତ୍ର ନିଜେ ରହୁଥିବା ଘରର ସୁରକ୍ଷା ନେଇ ଚିନ୍ତିତ ହୋଇପଡ଼ିଛନ୍ତି। କାନ୍ଥରେ ଫାଟ, ଛାତରୁ ପାଣି ଝରିବା, ଦୁର୍ବଳ ସିଡ଼ି ଓ ଅନୁମୋଦନ ପରେ ଅବୈଧ ଭାବେ ଯୋଡ଼ାଯାଇଥିବା ଘର ଭଳି ସମସ୍ୟା ନେଇ ଛାତ୍ରମାନେ ଅଭିଯୋଗ କରିଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର କଲେଜଗୁଡ଼ିକରେ ଛାତ୍ରାବାସ ଆସନର ଅଭାବ ରହିଛି। ପ୍ରତିବର୍ଷ ବାହାର ରାଜ୍ୟରୁ ହଜାର ହଜାର ଛାତ୍ର ଦିଲ୍ଲୀ ଆସୁଥିବା ବେଳେ ତାଙ୍କ ମଧ୍ୟରୁ ଅଳ୍ପ କିଛିଙ୍କୁ ମାତ୍ର କ୍ୟାମ୍ପସ୍‌ରେ ରହିବାର ସୁଯୋଗ ମିଳୁଛି। କେତେକ ଛାତ୍ରାବାସ ମରାମତି ପାଇଁ ବନ୍ଦ ଥିବାରୁ ସମସ୍ୟା ଆହୁରି ବଢ଼ିଛି। ଫଳରେ ଛାତ୍ରମାନେ ବେସରକାରୀ ପେଇଂ ଗେଷ୍ଟ ବ୍ୟବସ୍ଥାକୁ ବାଧ୍ୟ ହେଉଛନ୍ତି। ଚାହିଦା ଅଧିକ ଓ ଯୋଗାଣ କମ୍ ଥିବାରୁ ଘରମାଲିକମାନେ ସୁରକ୍ଷା ବ୍ୟବସ୍ଥା ନେଇ ପ୍ରତିଯୋଗିତା କରିବା ପରିବର୍ତ୍ତେ ଅବସ୍ଥାନ ଓ ଭଡ଼ାକୁ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ସମ୍ପତ୍ତି ପରାମର୍ଶଦାତା ଦୀପେଶ ଗର୍ଗଙ୍କ ଅନୁସାରେ, ଦିଲ୍ଲୀରେ କେବଳ ପେଇଂ ଗେଷ୍ଟ ଭଡ଼ା ପାଇଁ ପ୍ରତିବର୍ଷ ପ୍ରାୟ ୧୧ରୁ ୧୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏବେ ଭଡ଼ାଟିଆମାନେ କେବଳ କଲେଜ ନିକଟତା ଓ କମ୍ ଭଡ଼ା ଦେଖୁନାହାନ୍ତି। କୋଠାର ଗୁଣବତ୍ତା, ବାୟୁ ଚଳାଚଳ, ସୁରକ୍ଷା, ରକ୍ଷଣାବେକ୍ଷଣ, ସୁବିଧା ଏବଂ ଆଇନଗତ ଅନୁମୋଦନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ସତ୍ୟ ନିକେତନ ଘଟଣା ପରେ ସରକାର ପେଇଂ ଗେଷ୍ଟ ବ୍ୟବସ୍ଥାକୁ ନିୟମିତ କରିବା ଦିଗରେ ପଦକ୍ଷେପ ନେବାକୁ ଯୋଜନା କରୁଛି। ପ୍ରସ୍ତାବିତ ନିୟମ ଅନୁସାରେ ପ୍ରତ୍ୟେକ ପେଇଂ ଗେଷ୍ଟ ପରିଚାଳକଙ୍କୁ ଲାଇସେନ୍ସ ନେବା ସହ ପୁଲିସ୍ ଓ ପୌରସଂସ୍ଥାର ଯାଞ୍ଚ କରାଇବାକୁ ପଡ଼ିପାରେ।



## ଏମ୍‌ଏମ୍‌ଡିଆର୍ ଆଇନ ପ୍ରତ୍ୟାହାର ଦାବିରେ ରାଜଧାନୀରେ ଗର୍ଜିଲା ବିଜେଡି






## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ରାଜଗାଙ୍ଗପୁର, ୯।୯ (ସମିସ): ରାଜଗାଙ୍ଗପୁର ଥାନା ଅଧୀନ ରାଜ୍ୟ ରାଜପଥ ନଂ.-୧୦ ଏଲ୍‌ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ନିକଟରେ ବୁଧବାର ଅପରାହ୍ନରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୃସିଂହ ଚରଣ ଦାସ ଓ ଜୀବନ ବଲ୍ଲଭ ଖଣ୍ଡୁଆଳ। ସୂଚନା ଅନୁଯାୟୀ, ୨ ଜଣ ଏକ ବାଇକ୍‌ରେ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇ ଘଟଣା ସ୍ଥଳରୁ ତୁରନ୍ତ ଫେରାର ହୋଇଯାଇଥିଲା। ଦୁଇ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାଜଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣା ଘଟାଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବାକୁ ପୁଲିସ ତନାଘନା ଆରମ୍ଭ କରିଛି।

### ପାରିବାରିକ କଳହର କରୁଣ ପରିଣତି

## ଛୁରୀ ଭୁସି ଏକମାତ୍ର ପୁଅକୁ ହତ୍ୟା କଲା ବାପା

ଭଦ୍ରକ, ୯।୯ (ସମିସ): ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ବାପା ତା' ନିଜ ପୁଅକୁ ତାଙ୍କ ବୋହୂ ସମ୍ମୁଖରେ ସାବତ ମାଆ ସହ ମିଶି ଛୁରୀ ଭୁସି ବୀଭତ୍ସ ହତ୍ୟା କରିଛି। ଏଭଳି ଅଭାବନୀୟ ଘଟଣା ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଚୁନିଦା ବଳଭଦ୍ରପୁର ଗାଁରେ ଘଟିଛି। ବୁଧବାର ସକାଳେ ଚୁନିଦା ଗାଁରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଉଛନ୍ତି ବିକାଶ କୁମାର ସାହୁ(୩୫)।

ମୃତ ବିକାଶଙ୍କ ପତ୍ନୀ ସ୍ମୃତିରେଖା ଦାସ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏନେଇ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ସକାଳ ପ୍ରାୟ ୮ଟା ୩୦ରେ ସ୍ମୃତିରେଖା ନିଜ ଘରେ ଝାଡୁ ମାରୁଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଶଶୁର ରବୀନ୍ଦ୍ର ସାହୁ(୬୫) ସ୍ୱାମୀ ବିକାଶଙ୍କ ପେଟକୁ ଏକ ଧାରୁଆ ଛୁରୀରେ ଭୁସି ଦେଇଥିଲେ। ଏହି ଆକ୍ରମଣବେଳେ ସେଠାରେ ଉପସ୍ଥିତ ସାବତ ଶାଶୂ ମମତା ସାହୁ ସ୍ମୃତିରେଖା(ବୋହୂ)ଙ୍କୁ ଜାବୁଡ଼ି ଧରିଥିଲେ। ପରେ ଅନ୍ୟ କେତେକ ସମ୍ପର୍କୀୟ ଏହି ଘଟଣାରେ ସହାୟତା କରୁଥିବା ମଧ୍ୟ ସେ ଦର୍ଶାଇଛନ୍ତି। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗ୍ରାମବାସୀମାନେ ବିକାଶଙ୍କୁ ଭର୍ତ୍ତି କରିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ହତ୍ୟା ଅଭିଯୁକ୍ତ ରବୀନ୍ଦ୍ରଙ୍କ ପ୍ରଥମ ପତ୍ନୀର ଏକମାତ୍ର ପୁତ୍ର ହେଉଛନ୍ତି ବିକାଶ। ବାପା ରବୀନ୍ଦ୍ର ଓ ସାବତ ମାଆ ମମତା ସାହୁଙ୍କ ସହ ବିକାଶଙ୍କର ଜମିଜମାକୁ କେନ୍ଦ୍ର କରି ପୂର୍ବରୁ ବିବାଦ ଲାଗି ରହିଥିଲା। ବିକାଶ ଗତ ମାର୍ଚ୍ଚ ୧୧ ତାରିଖରେ ବିବାହ କରିଥିଲେ। ଏହି ଘଟଣାରେ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଏକ ହତ୍ୟା ମାମଲା(ନଂ-୬୩୫/୨୬) ରୁଜୁ କରି ହତ୍ୟା ଅଭିଯୁକ୍ତ ବାପା ରବୀନ୍ଦ୍ର ଓ ସାବତ ମାଆ ମମତାଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।



ସାବତ ମାଆ ଓ ଅଭିଯୁକ୍ତ ବାପା ଅଟକ

## ଉପମୁଖ୍ୟମନ୍ତ୍ରୀଙ୍କ ପିଏ ପରିଚୟ ଦେଇ କୋଟିଏ ଠକେଇ

### ବିଭିନ୍ନ ମନ୍ତ୍ରୀ ଓ ନେତାଙ୍କ ସହ ଫଟୋ ଉଠାଇ ଲୋକଙ୍କୁ ଭୁଆଁ ବୁଲାଉଥିଲା

ଭଦ୍ରକ, ୯।୯ (ସମିସ): ଉପମୁଖ୍ୟମନ୍ତ୍ରୀଙ୍କ ପିଏ ପରିଚୟ ଦେଇ ଠକେଇ। କେବଳ ସେତିକି ନୁହେଁ ବିଭିନ୍ନ ମନ୍ତ୍ରୀ, ବିଧାୟକଙ୍କ ସହ ଫଟୋ ଉଠାଇ ଚାକିରିଦେବା ନାଁରେ ରାଜ୍ୟର ବିଭିନ୍ନ ଥାନାଞ୍ଚଳରୁ କୋଟିଏରୁ ଅଧିକ ଠକେଇ କରି ଫେରାର୍ ରହି ଶେଷରେ ଦୀଘା ଅଞ୍ଚଳରୁ ଭଦ୍ରକ ଟାଉନ୍ ପୁଲିସ ହାତରେ ଗିରଫ ହୋଇଥିବା ଠକ ଯୁବକ ଜଗନ୍ନାଥ ବାହାଲିଆ(୪୦)କୁ ବୁଧବାର ପୁଲିସ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ, ଓଡ଼ିଶାର ଉପମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ (ପିଏ) ଭାବରେ ନିଜକୁ ପରିଚୟ ଦେଇ ଚାକିରି ଆଶାୟୀଙ୍କଠାରୁ ପ୍ରାୟ ୧କୋଟି ଟଙ୍କା ଠକି ନେଇଥିବା ଏହି ଯୁବକକୁ ଟାଉନ ପୁଲିସ ଗତ ସୋମବାର କରିଥିଲେ। ଅଭିଯୁକ୍ତ ଜଗନ୍ନାଥ ବାହାଲିଆଙ୍କ ନିଜ ଘର ଭଦ୍ରକ ଜିଲ୍ଲା ଧାମନଗର ଥାନା ଚୂଡ଼ାକୁଟି ଅଞ୍ଚଳରେ। ସେ ରେଳବାଇ ଓ ବିଭିନ୍ନ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ବିଭାଗରେ ଚାକିରି କରାଇଦେବା ନାଁରେ ଭଦ୍ରକ, ବାଲେଶ୍ୱର, କଟକ, ପୁରୀ, ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରୁ ଗତ କିଛି ବର୍ଷ ହେବ କୋଟିଏରୁ ଅଧିକ ଟଙ୍କା ଠକି ନେଇଥିଲା। ପରେ ସେ ଭଦ୍ରକ ସହରର ବିଭିନ୍ନ ଅଞ୍ଚଳରେ ଭଡ଼ାଘରେ ସପରିବାରେ ରହୁଥିଲା। ତେବେ ସିମୁଳିଆ ଅଞ୍ଚଳର ଯୁବକ ସୌରଭ ମହାପାତ୍ରଙ୍କୁ ଠକ ଜଗନ୍ନାଥ ରେଳବାଇରେ ନିଯୁକ୍ତିର ପ୍ରଲୋଭନ ଦେଖାଇ ଗତ ୩ ମାସ ତଳେ ୧୫ଲକ୍ଷ ଟଙ୍କା ନେଇଯାଇଥିଲା। ସେ ନିଯୁକ୍ତି ଆଶାୟୀଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ପିଏ ବୋଲି ପରିଚୟ ଦେବା ସହ ଶାସକ ଦଳର ବିଭିନ୍ନ ମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ବିଧାୟକ ଓ ନେତାଙ୍କ ସହ ଉଠାଇଥିବା ଫଟୋକୁ ଦେଖାଇ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ଏଭଳି ଠକି ଆସୁଥିଲା। ତେବେ ସୌରଭଙ୍କୁ ନିଯୁକ୍ତି ନ ମିଳିବାରୁ ସେ ଦେଇଥିବା ଟଙ୍କା ଫେରସ୍ତ ମାଗିବାରୁ ଜଗନ୍ନାଥ ଫେରାର୍ ହୋଇ ପଶ୍ଚିମବଙ୍ଗ ଦୀଘା ଅଞ୍ଚଳରେ ଲୁଚି ରହିଥିଲା। ପରେ ଟାଉନ ଥାନାରେ ସୌରଭ ଏନେଇ ଏତଲା ଦେବା ପରେ ଟାଉନ ପୁଲିସ ଘଟଣାରେ ଏକ ମାମଲା(ନଂ-୫୪୪/୨୬) ରୁଜୁ କରି ଏକ ସ୍ୱତନ୍ତ୍ର ଟିମ୍ ପଠାଇ ଦୀଘାରୁ ଜଗନ୍ନାଥକୁ ଗିରଫ କରିଥିଲେ। ବୁଧବାର ତାକୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର କହିଛନ୍ତି।

ଧାମନଗର ଚୁଡ଼ାକୁଟି ଅଞ୍ଚଳର ଜଗନ୍ନାଥ ବାହାଲିଆ ଭଦ୍ରକ ଟାଉନ ଥାନା ଅଧୀନ ଜଗନ୍ନାଥପୁର ଅଞ୍ଚଳରେ ଭଡ଼ାଘରେ ରହି ନିଜର ଜାଲ ବିଛାଉଥିଲା। ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ସହ ଅନେକ ହାଇପ୍ରୋଫାଇଲ୍‌ଙ୍କ ସହ ନିଜର ଫଟୋ ଦେଖାଇ ଠକୁଥିଲା। ବଡ଼ ବଡ଼ ଲୋକଙ୍କ ସହ ସମ୍ପର୍କ ଥିବା କହି ଅନେକ ଚାକିରି ଆଶୀୟୀଙ୍କଠାରୁ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠିକିଥିଲା। ପୁଲିସ ତା' ଲୋକେସନ ଟ୍ରାକିଂ କରି ଶେଷରେ ତାକୁ ଦୀଘାରୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଠକ ଜଗନ୍ନାଥର ଠକାମୀର ଚେର ରାଜ୍ୟ ତମାମ ମାଡ଼ିଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ଟାଉନ ଥାନା ଆଇଆଇସି ଶ୍ରୀ ମିଶ୍ରଙ୍କ ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳ ସହ ବାଲେଶ୍ୱର, କଟକ, ଭୁବନେଶ୍ୱର, ପୁରୀ ଆଦି ବିଭିନ୍ନ ଥାନାରେ ଏହି ଠକାମୀ ଜନିତ ମାମଲା ରୁଜୁ ହୋଇଛି।



- ଦୀଘାରୁ ଠକକୁ ଗିରଫ କଲା ଭଦ୍ରକ ଟାଉନ ପୁଲିସ
- ରାଜ୍ୟର ବିଭିନ୍ନ ଥାନାରେ ଏକାଧିକ ମାମଲା ରୁଜୁ

### ଘରୋଇକରଣ ପରେ ବହୁଗୁଣା ହୋଇପାରେ ବିମାନବନ୍ଦର ସେବା ଦେୟ

## ୬୦ରୁ ୨୦୦ ଟଙ୍କା ହୋଇପାରେ ପାର୍କିଂ ଫି'

ଭୁବନେଶ୍ୱର, ୯।୯ (ସମିସ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର (ବିପିଆଇଏ)କୁ ଘରୋଇ ସଂସ୍ଥା ହାତକୁ ଟେକିଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରକ୍ରିୟା ଆଗକୁ ବଢ଼ିବା ପରେ ଏହାର ପ୍ରଭାବକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦେଶର ୧୧ଟି ବିମାନବନ୍ଦରକୁ ୫ଟି ଗ୍ରୁପ୍‌ରେ ବିଭକ୍ତ କରି ପିପିପି ମୋଡ୍‌ରେ ଦୀର୍ଘମିଆଦୀ ଲିଜ୍‌ରେ ଦେବା ପାଇଁ ଯୋଜନା ରହିଥିବାବେଳେ ଭୁବନେଶ୍ୱର ସହ ହୁବ୍‌ଲି ବିମାନବନ୍ଦରକୁ ଗୋଟିଏ ଗ୍ରୁପ୍‌ରେ ରଖାଯାଇଛି।

ତେବେ ଲାଭଜନକ ଭାବେ ପରିଚାଳିତ ହେଉଥିବା ଭୁବନେଶ୍ୱର ବିମାନବନ୍ଦରକୁ ଘରୋଇ ପରିଚାଳନାକୁ ଦେବା ପରେ ଏହାର ସିଧାସଳଖ ପ୍ରଭାବ ଯାତ୍ରୀଙ୍କ ଉପରେ ପଡ଼ିବା ଆଶଙ୍କା କରାଯାଉଛି। ବିଶେଷକରି ପାର୍କିଂ ଫି, ଲାଉଞ୍ଜ ସେବା, ଖାଦ୍ୟପେୟ ଏବଂ ବିମାନବନ୍ଦର ସହ ଜଡ଼ିତ ବିଭିନ୍ନ ଦେୟ ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। ହାଇଦରାବାଦ ବିମାନବନ୍ଦରରେ ଯାତ୍ରୀଙ୍କଠାରୁ ବହୁ ଅଧିକ 'ୟୁଜର ଡେଭଲପମେଣ୍ଟ ଫି' (ୟୁଡିଏଫ୍) ଆଦାୟ ହେଉଥିବାବେଳେ ଅନ୍ତର୍ଜାତୀୟ ଯାତ୍ରୀଙ୍କ କ୍ଷେତ୍ରରେ ଏହି ଦେୟ ଆହୁରି ଅଧିକ। ବର୍ତ୍ତମାନ ଭୁବନେଶ୍ୱରରେ ଗାଡ଼ି ପାର୍କିଂ ପାଇଁ ପ୍ରାୟ ୬୦ ଟଙ୍କା ଦେବାକୁ ପଡୁଥିବାବେଳେ ହାଇଦରାବାଦରେ ଏହା ପ୍ରାୟ ୨୫୦ ଟଙ୍କା ଥିବା ଉଦାହରଣ ଦିଆଯାଉଛି। ତେଣୁ ଘରୋଇ ପରିଚାଳନାକୁ ଯିବା ପରେ ଭୁବନେଶ୍ୱରରେ ମଧ୍ୟ ପାର୍କିଂ ଫି ବଢ଼ିବା ନେଇ ଆଶଙ୍କା ରହିଛି। ସେହିପରି ବିମାନବନ୍ଦର ଲାଉଞ୍ଜରେ ମିଳୁଥିବା ଖାଦ୍ୟପେୟ ଓ ଅନ୍ୟାନ୍ୟ ସେବାର ମୂଲ୍ୟକୁ ନେଇ ମଧ୍ୟ ଯାତ୍ରୀଙ୍କ ଚିନ୍ତା ବଢ଼ିଛି।

ଭୁବନେଶ୍ୱର ବିମାନବନ୍ଦରର ଭିତ୍ତିଭୂମି ବିକାଶରେ ବର୍ଷ ବର୍ଷ ଧରି ସରକାରୀ ଅର୍ଥ ବ୍ୟୟ ହୋଇଛି। ନୂଆ ଟର୍ମିନାଲ, ରନ୍‌ୱେ, ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ଭିତ୍ତିଭୂମି ପାଇଁ ବିପୁଳ ସରକାରୀ ନିବେଶ ହୋଇଥିବାବେଳେ ଏବେ ଏହାକୁ ଦୀର୍ଘମିଆଦୀ ଲିଜ୍‌ରେ ଘରୋଇ ଅପରେଟରଙ୍କୁ ଦେବାର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠିଛି। ଘରୋଇକରଣରୁ କେନ୍ଦ୍ର ସରକାର କେତେ ରାଜସ୍ୱ ପାଇବେ ଏବଂ ଭବିଷ୍ୟତରେ ଯାତ୍ରୀଙ୍କଠାରୁ କେତେ ଅଧିକ ଦେୟ ଆଦାୟ ହେବ ଆଦି ଦୁଇଟି ପ୍ରଶ୍ନ ଏବେ ଗୁରୁତ୍ୱ ବହନ କରୁଛି। ଏହାଛଡ଼ା ବିମାନବନ୍ଦରର ଭବିଷ୍ୟତ ବିକାଶର ଖର୍ଚ୍ଚ କିଏ ବହନ କରିବ ଏବଂ ତାହାର ଆର୍ଥିକ ଭାର ଶେଷରେ ଯାତ୍ରୀଙ୍କ ଉପରେ ପଡ଼ିବ କି ନାହିଁ, ସେ ନେଇ ମଧ୍ୟ ସ୍ୱଚ୍ଛତା ଆବଶ୍ୟକ। ଭୁବନେଶ୍ୱର ବିମାନବନ୍ଦରର ଯାତ୍ରୀ ଚାହିଦା ବଢୁଥିବାରୁ ନୂଆ ଟର୍ମିନାଲ ନିର୍ମାଣର ଆବଶ୍ୟକତା ରହିଛି। ଏୟାରପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ପକ୍ଷରୁ ଟର୍ମିନାଲ-୩ ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ଜଣାପଡ଼ିଛି। ଏପରି ସମୟରେ ବିମାନବନ୍ଦରକୁ ପ୍ରାୟ ୫୦ ବର୍ଷ ପାଇଁ ଘରୋଇ ସଂସ୍ଥାକୁ ଲିଜ୍ ଦେବା ଯୋଜନା କାହିଁକି ଆବଶ୍ୟକ ହେଲା, ତାହା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଭୁବନେଶ୍ୱର ବିମାନବନ୍ଦର ଓଡ଼ିଶାର ବିମାନ ସଂଯୋଗର ପ୍ରମୁଖ ଦ୍ୱାର। ତେଣୁ ଏହାର ଘରୋଇକରଣ କେବଳ ଏକ ବାଣିଜ୍ୟିକ ନିଷ୍ପତ୍ତି ନୁହେଁ; ଏହାର ପ୍ରଭାବ ଯାତ୍ରୀଙ୍କ ଖର୍ଚ୍ଚ, ରାଜ୍ୟର ସଂଯୋଗ, ନିବେଶ ଓ ଭବିଷ୍ୟତ ବିକାଶ ଉପରେ ପଡ଼ିବ। ତେଣୁ ଲିଜ୍ ଚୁକ୍ତିରେ ଯାତ୍ରୀ ସ୍ୱାର୍ଥ ସୁରକ୍ଷା, ଫି ନିୟନ୍ତ୍ରଣ ଓ ସେବାର ମାନ ସମ୍ପର୍କରେ କେଉଁ ସର୍ତ୍ତ ରହିବ, ତାହା ସ୍ପଷ୍ଟ କରିବାକୁ ଦାବି ଜୋର ଧରିଛି।



- ବଢ଼ିପାରେ ଲାଉଞ୍ଜରେ ଖାଦ୍ୟ ସାମଗ୍ରୀର ମୂଲ୍ୟ
- ୫୦ ବର୍ଷିଆ ଲିଜ୍‌କୁ ନେଇ ସାଧାରଣରେ ପ୍ରଶ୍ନ

### ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

## ପତ୍ନୀ ବିଦ୍ୟାଭାରତୀଙ୍କ ଦୁଇ ଆବେଦନ ଖାରଜ

କଟକ, ୯।୯ (ସମିସ): ବହୁଚର୍ଚ୍ଚିତ ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଂଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ପତ୍ନୀ ବିଦ୍ୟାଭରତୀ ପଣ୍ଡାଙ୍କ ପାଇଁ ଅଡୁଆ ବଢ଼ିଛି। ଆଜି ବିଦ୍ୟାଭାରତୀଙ୍କ ପକ୍ଷରୁ ରୁଜୁ ହୋଇଥିବା ଦୁଇଟି ଆବେଦନକୁ ଖାରଜ କରିଦେଇଛନ୍ତି। ଗତ ୩ତାରିଖରେ ଜଷ୍ଟିସ ଶିବଶଙ୍କର ମିଶ୍ର ଏହି ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିବା ବେଳେ ଆଜି ରାୟ ପ୍ରକାଶ ପାଇଛି। ମାମଲା ଖାରଜ ହୋଇଯିବା କାରଣରୁ ପୂର୍ବରୁ ବିଦ୍ୟାଭାରତୀଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ହଟିଛି। ସିଆରପିସିର ଧାରା ୨୦୫ରେ ବିଦ୍ୟାଭାରତୀଙ୍କ ଆବେଦନକୁ ଖାରଜ କରି ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ଗତ ୨୦୨୩ ଜୁନ ୨୩ ଓ ୨୦୨୪ ମାର୍ଚ୍ଚ୧୧ରେ ପ୍ରଦାନ କରିଥିବା ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି ହାଇକୋର୍ଟ। ଆବେଦନକାରୀ ଆସନ୍ତା ଅକ୍ଟୋବର ୧ସୁଦ୍ଧା ଏସଡିଜେଏମଙ୍କ ଅଦାଲତରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ହାଜର ବେଳେ ତାଙ୍କୁ ହେପାଜତକୁ ନିଆଯାଇପାରେ ବୋଲି ଆବେଦନକାରୀ ଦର୍ଶାଇବାରୁ ସେ ନିମ୍ନ ଅଦାଲତରେ ଜାମିନ ପାଇଁ ଆବେଦନ କରିପାରିବେ ବୋଲି କହିଛନ୍ତି ହାଇକୋର୍ଟ।

ପ୍ରକାଶଥାଉକି, ଏହି ଘଟଣାରେ ତତ୍କାଳୀନ ପାରଳାଖେମୁଣ୍ଡି ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଗିରଫ ହୋଇଥିଲେ। ଦୌରା ଅଦାଲତରେ ଜାମିନ ଖାରଜ ହେବାପରେ ଜେଲରେ ଅଛନ୍ତି ବୋଲି ଦର୍ଶାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଓ ଏତଲାକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧, ଜୁଲାଇ ୧୨ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ ବାସଭବନରେ ଏସିଏଫ୍ ସୌମ୍ୟରଞ୍ଜନ ସନ୍ଦେହଜନକ ଅବସ୍ଥାରେ ପୋଡି ହୋଇ ଗୁରୁତର ହୋଇଥିଲେ। ପର ଦିନ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ସୌମ୍ୟରଂଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନର ଶୁଣାଣି କରି ଗତ ୨୦୨୩, ଏପ୍ରିଲ ୧୨ରେ ପାରଳାଖେମୁଣ୍ଡି ଏସଡିଜେଏମ ଅଦାଲତ ବିଦ୍ୟାଭାରତୀ, ତତ୍କାଳୀନ ଡିଏଫଓ ଶ୍ରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୋଧରେ ଆଇପିସିର ଦଫା ୩୦୨ ଓ ୧୨୦-ଖ'ରେ କଗନିଜାନ୍ସ ଗ୍ରହଣ କରିଥିଲେ। ଏସଡିଜେଏମ ଅଦାଲତରେ ବିଚାରାଧୀନ ମାମଲାକୁ ରଦ୍ଦ କରାଯାଉ ପ୍ରାର୍ଥନା କରିଥିଲେ ବି ଏହାକୁ ନିମ୍ନ ଅଦାଲତ ଖାରଜ କରିବାରୁ ବିଦ୍ୟାଭାରତୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

**ଅକ୍ଟୋବର ୧ ସୁଦ୍ଧା ଏସଡିଜେଏମ ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ**

### ଚୁଲିକୁ ଗଲାଣି ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣ

## ମିଳୁନି ପାଣି; ଶୁଖୁଛି ଭକ୍ତର ତଣ୍ଟି

ପୁରୀ, ୯।୯ (ସମିସ): ଶ୍ରୀମନ୍ଦିରର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ଦେଶବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଅତ୍ୟାବଶ୍ୟକ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ନିର୍ମିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ତା'ର ପୂର୍ବ ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ଗଛ ମରିଯାଉଥିବା ବେଳେ ଘାସ ଓ ଆବର୍ଜନା ଠିକ୍ ଭାବେ ସଫା ହେଉନାହିଁ। ତେବେ ସବୁଠାରୁ ବଡ଼ ସମସ୍ୟା ଏବେ ଭକ୍ତଙ୍କ ପାଇଁ ପାନୀୟ ଜଳ। ଶ୍ରଦ୍ଧାଳୁଙ୍କ ଶୋଷ ମେଣ୍ଟାଇବା ପାଇଁ ପରିକ୍ରମା ମାର୍ଗରେ ରହିଥିବା 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ଷ୍ଟାଣ୍ଡ ପୋଷ୍ଟଗୁଡ଼ିକ ମଧ୍ୟରୁ ଅଧାରୁ ଅଧିକ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ତୀବ୍ର ଖରା ଓ ଗହଳି ସମୟରେ ଭକ୍ତମାନେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ପାଣି ବୋତଲ ଧରି ଟ୍ୟାପ୍ ନିକଟକୁ ଯାଉଥିବା ଭକ୍ତ ଅନେକ ସମୟରେ ଖାଲି ହାତରେ ଫେରୁଛନ୍ତି।

ଚାରିଦ୍ୱାର ପାର୍ଶ୍ୱରେ ପ୍ରାୟ ୯ଟି ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଷ୍ଟାଣ୍ଡ ପୋଷ୍ଟ ରହିଥିବାବେଳେ ସେଥିମଧ୍ୟରୁ ୫ଟି ଅଚଳ ହୋଇପଡ଼ିଛି। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଦକ୍ଷିଣ ଦ୍ୱାର ପାର୍ଶ୍ୱର ସ୍ଥିତି ସବୁଠୁ ଦୟନୀୟ ବୋଲି ଭକ୍ତମାନେ କହିଛନ୍ତି। ଏଠାରେ ଥିବା ଷ୍ଟାଣ୍ଡପୋଷ୍ଟଗୁଡ଼ିକ ଅଚଳ ହୋଇପଡ଼ିଥିବାରୁ ଶ୍ରଦ୍ଧାଳୁଙ୍କୁ ପାଣି ମୁନ୍ଦିଏ ମିଳୁନାହିଁ। କେଉଁଠି ଟ୍ୟାପ୍ ଭାଙ୍ଗିଯାଇଛି ତ ଆଉ କେଉଁଠି ଷ୍ଟାଣ୍ଡପୋଷ୍ଟକୁ ଉଠାଇ ଦିଆଯାଇଛି। କିଛି ଜାଗାରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆର୍‌ଓ୍ୟୁଭି ପ୍ରକ୍ରିୟାକୃତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଛୋଟ ଟ୍ୟାଙ୍କ ମଧ୍ୟ ରହିଛି। କିନ୍ତୁ ସେଠାରେ ମଧ୍ୟ ନିୟମିତ ପାଣି ଉପଲବ୍ଧ ନ ଥିବା ନେଇ ଭକ୍ତମାନେ ଅଭିଯୋଗ କରିଛନ୍ତି।

### ସୌନ୍ଦର୍ଯ୍ୟକରଣ ପାଇଁ ଲାଗିଥିବା ଗଛ ମରୁଛି

ଗତ ସୋମବାର କାଳୀୟଦଳନ ଏକାଦଶୀରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମନ୍ଦିର ଭିତର ସମେତ ପରିକ୍ରମା ମାର୍ଗ ମଧ୍ୟ ଗହଳିରେ ଭରିଯାଇଥିଲା। ସନ୍ଧ୍ୟାରେ ଦକ୍ଷିଣ ଦ୍ୱାର ପେଜନଳା ନିକଟରେ କିଛି ଶ୍ରଦ୍ଧାଳୁ ଏକାଦଶୀ ମହାଦୀପ ଦର୍ଶନ ପାଇଁ ବସିଥିଲେ। ଏହି ସମୟରେ ଶୋଷ ଲାଗିବାରୁ କେତେଜଣ ଭକ୍ତ ପାଣି ପାଇଁ ନିକଟସ୍ଥ ଷ୍ଟାଣ୍ଡପୋଷ୍ଟ ନିକଟକୁ ଯାଇଥିଲେ। ହେଲେ ସବୁ ପୋଷ୍ଟ ଅଚଳ ଥିବାରୁ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଶେଷରେ ଏକ ଛୋଟ ଆର୍‌ଓ୍ୟୁଭି ଟ୍ୟାଙ୍କ ନିକଟରେ ପାଣି ପାଇଁ ପ୍ରାୟ ୧୫ରୁ ୨୦ ଜଣ ଭକ୍ତ ଧାଡ଼ିରେ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଯେଉଁ ପରିକ୍ରମା ପ୍ରକଳ୍ପ ଭକ୍ତଙ୍କ ସୁବିଧା ପାଇଁ ନିର୍ମିତ, ସେଠାରେ ସାମାନ୍ୟ ପାଣି ପାଇଁ ଏଭଳି ଅବସ୍ଥା ଭକ୍ତଙ୍କ ମଧ୍ୟରେ କ୍ଷୋଭ ସୃଷ୍ଟି କରିଛି।

କେବଳ ପାନୀୟ ଜଳ ନୁହେଁ, ପରିକ୍ରମା ମାର୍ଗର ରକ୍ଷଣାବେକ୍ଷଣକୁ ନେଇ ମଧ୍ୟ ଅଭିଯୋଗ ରହିଛି। ବିଭିନ୍ନ ସ୍ଥାନରେ ଘାସ ଉଠି ପରିବେଶ ଅପରିଷ୍କାର ଦେଖାଯାଉଛି। ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା କେତେକ ଗଛ ମଧ୍ୟ ଉପଯୁକ୍ତ ଯତ୍ନ ଅଭାବରୁ ମରିଯାଉଛି। ଏ ନେଇ ପୂର୍ବରୁ ଏକାଧିକଥର ଅଭିଯୋଗ ହୋଇଥିଲେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଉ ନାହିଁ। ସଞ୍ଜ ନଇଁଲେ ପରିକ୍ରମା ମାର୍ଗର ବିଭିନ୍ନ ସ୍ଥାନରେ ଭକ୍ତମାନେ ବସି ଶ୍ରୀମନ୍ଦିରର ଆଧ୍ୟାତ୍ମିକ ପରିବେଶକୁ ଅନୁଭବ କରନ୍ତି। ଅନେକ ପରିବାର ପିଲାଛୁଆଙ୍କୁ ନେଇ ସେଠାରେ କିଛି ସମୟ ବିତାଇଥା'ନ୍ତି। ଏଭଳି ସମୟରେ ପାଣିର ଆବଶ୍ୟକତା ଅଧିକ ରହୁଥିବାବେଳେ ଟ୍ୟାପ୍‌ଗୁଡ଼ିକ ଅଚଳ ରହିବା ଭକ୍ତଙ୍କ ଅସୁବିଧାକୁ ବଢ଼ାଇ ଦେଉଛି।

ଏହି ଅବ୍ୟବସ୍ଥାକୁ ନେଇ ଭକ୍ତମାନେ ପ୍ରଶ୍ନ ଉଠାଇଛନ୍ତି। ବାଲେଶ୍ୱର ଭୋଗରାଇର ସନ୍ଦୀପ ସାହୁ କହିଛନ୍ତି, 'ଭକ୍ତଙ୍କ ସୁବିଧା ପାଇଁ ଏତେ ବଡ଼ ପ୍ରକଳ୍ପ କରାଯାଇଛି। ଏବେ ଏହାର ରକ୍ଷଣାବେକ୍ଷଣ କାହିଁକି ଠିକ୍ ଭାବେ ହେଉନାହିଁ? ପୂର୍ବ ସରକାର ଏହି ପ୍ରକଳ୍ପ କରିଥିବାରୁ ବର୍ତ୍ତମାନ ସରକାର ଏହାର ଯତ୍ନ ନେଉନାହାନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ନୟାଗଡ଼ ରଣପୁରର ସୁମିତ୍ ନାୟକ କହିଛନ୍ତି, 'ଶ୍ରୀମନ୍ଦିର ହୁଣ୍ଡିରୁ ପ୍ରତିଦିନ ବହୁ ଅର୍ଥ ଆୟ ହେଉଛି। ଭକ୍ତଙ୍କ ସୁବିଧା ପାଇଁ ଅନ୍ତତଃ କିଛି ଅର୍ଥ ବିନିଯୋଗ କରାଯାଇପାରନ୍ତା। ଯଦି ଭକ୍ତଙ୍କୁ ସାମାନ୍ୟ ପାଣି ମୁନ୍ଦିଏ ମିଳୁନାହିଁ, ତେବେ 'ଅତିଥି ଦେବୋ ଭବଃ' କହିବାର ଅର୍ଥ କ'ଣ?' ଭକ୍ତଙ୍କ ଏହି ଅଭିଯୋଗ ଓ କ୍ଷୋଭ ମଧ୍ୟରେ ଏବେ ବଡ଼ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଐତିହାସିକ ପରିକ୍ରମା ପ୍ରକଳ୍ପର ରକ୍ଷଣାବେକ୍ଷଣ ପାଇଁ ଦାୟୀ କିଏ? ଭକ୍ତଙ୍କ ସୁବିଧା ଓ ଶ୍ରୀକ୍ଷେତ୍ରର ମର୍ଯ୍ୟାଦା ଦୃଷ୍ଟିରୁ ଅଚଳ ଷ୍ଟାଣ୍ଡପୋଷ୍ଟଗୁଡ଼ିକର ତୁରନ୍ତ ମରାମତି, ନିୟମିତ ପାନୀୟ ଜଳ ଯୋଗାଣ ସହ ପରିକ୍ରମା ମାର୍ଗର ସଫେଇ ଓ ଉଦ୍ୟାନର ରକ୍ଷଣାବେକ୍ଷଣ ଉପରେ ତୁରନ୍ତ ଗୁରୁତ୍ୱ ଦେବାକୁ ଭକ୍ତମାନେ ଦାବି କରିଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2026-27/15 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ବାଣିଜ୍ୟ ଆର୍ଥିକ ଅଧିକାରୀ - ଆଇବିଜି - (ଟିଏଫ୍‌ଓ -ଆଇବିଜି) - ଜେଏମ୍‌ଜିଏସ୍-1 | 14 | 21 | 30 |
| ବାଣିଜ୍ୟ ଆର୍ଥିକ ଅଧିକାରୀ - ଆଇବିଜି - (ଟିଏଫ୍‌ଓ -ଆଇବିଜି) - ଏମ୍‌ଏମ୍‌ଜିଏସ୍-II | 21 | 23 | 32 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ ପ୍ରୋଫାଇଲ୍ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ, ଅନଲାଇନ ଆପ୍ଲିକେସନ ଜମା ଏବଂ ଅନଲାଇନ ଆପ୍ଲିକେସନ ଫିସ୍ ଦେୟ ପାଇଁ ବ୍ୟାଙ୍କର ୱେବସାଇଟ **https://sbi.bank.in/web/careers/current-openings** ଲିଙ୍କ୍ ସହିତ ଲଗ ଇନ କରନ୍ତୁ । ଆବେଦନ ଏବଂ ଫି ପଠେଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 29.08.2026 ରୁ 19.09.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 29.08.2026

**ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)**

## ବାଲି ପାଇଁ ବୈତରଣୀ ବନ୍ଧ ଭାଙ୍ଗିଦେଲେ

# ନପଙ୍ଗାରୁ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଲୁଟ୍

▶▶ ସୁଆଁପଦା-ନପଙ୍ଗା ରାସ୍ତା ଆଣ୍ଠୁଏ ଖାଲ ▶▶ ହାଇୱା ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ ଓ ସେତୁବାଡ଼

ଆନନ୍ଦପୁର, ୯।୯ (ସମିସ)







କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ୍ ଘଟଣା ଉଦବେଗଜନକ ସ୍ଥିତିରେ ପହଞ୍ଚିଛି। ବାଲି ଲୁଟ୍ ପାଇଁ ମାଫିଆ ବୈତରଣୀ ନଦୀର ସୁରକ୍ଷା ବନ୍ଧକୁ କାଟି ଭାଙ୍ଗି ଦେଇ ନଦୀରେ ପ୍ରବଳ ପାଣି ଥିବା ସତ୍ତ୍ୱେ ଶାଳଦେଇ ପଞ୍ଚାୟତର ନପଙ୍ଗାଠାରେ ବାଲି ମାଫିଆମାନେ କିଛି ଅସାମାଜିକ ତତ୍ତ୍ୱଙ୍କୁ ଧରି ଏଭଳି ବାଲି ଲୁଟ୍ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଗ୍ରାମବାସୀ ଆଜି ଆନନ୍ଦପୁର ଏସଡିପିଓଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ହାଟଡିହି ଅଞ୍ଚଳର ଜଣେ ଯୁବକ ଗତ ୩ ମାସ ହେବ ବିଭିନ୍ନ ସ୍ଥାନରୁ ଅସାମାଜିକ ଯୁବକଙ୍କୁ ୫ରୁ ଅଧିକ ଗାଡ଼ିରେ ଧରି ଏଠାରେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ବାଲି ମାଫିଆଙ୍କ ଆକ୍ରମଣରେ ମଲ୍ଲି ଜେନା ନାମକ ବୃଦ୍ଧାଙ୍କ ହତ୍ୟା ପରେ ସାଢେ ୩ ବର୍ଷ ହେବ ଏଠାରେ ବାଲି ଉତ୍ତୋଳନ ଓ ପରିବହନ ବନ୍ଦ ଥିଲା। ହେଲେ କୌଣସି ଲିଜ ନଥାଇ ମୌସୁମୀ ସମୟରେ ଜୁଲାଇ ୨ ତାରିଖରୁ ହାଟଡିହି ଅଞ୍ଚଳର ସମ୍ପୃକ୍ତ ଯୁବକ ନଦୀରୁ ବାଲି ଉତ୍ତୋଳନ ସହ ବଡ ବଡ ହାଇୱା ଯୋଗେ ପରିବହନ କରୁଥିଲେ। ଏହି ସମୟରେ ନଦୀ ପାର୍ଶ୍ୱରେ ମଧ କିଛି ବାଲି ଗଚ୍ଛିତ କରି ରଖିଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ଖଣି ବିଭାଗକୁ ଅବଗତ କରାଇବା ପରେ ଖଣି ବିଭାଗ ଏହି ଗଚ୍ଛିତ ବାଲିକୁ ଜବତ କରି ନିଲାମ କରିଥିଲା। ନିଲାମ ବାଲିକୁ ଦେଖାଇ ବାଲି ମାଫିଆମାନେ ନଦୀରୁ ବେଧଡକ ବାଲି ଉତ୍ତୋଳନ କରିବା ସହ ନଦୀବନ୍ଧକୁ ତାଡ଼ି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ପ୍ରତିଦିନ ଶହ ଶହ ସଂଖ୍ୟାରେ ୧୪, ୧୬ ଚକିଆ ହାଇୱାରେ ବାଲି ପରିବହନ ହେବା ଯୋଗୁ ସୁଆଁପଦା-ନପଙ୍ଗା ରାସ୍ତାରେ ଅଣ୍ଟାଏ ଉଚ୍ଚର ଖାଲ ହେବା ସହ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାଲିବୋଝେଇ ହାଇୱା ଧକ୍କାରେ ଶାଳଦେଇ ଅଞ୍ଚଳର ଏକ ସେତୁ ବାଡ଼ା ଭାଙ୍ଗିଯାଇଥିବା ଓ ଏକ ଟ୍ରାନସଫର୍ମର ଖୁଣ୍ଟକୁ ମଧ ବାଲି ବୋଝେଇ ହାଇୱା ଧକ୍କା ଦେଇ ଭାଙ୍ଗିଦେଇଥିବା ଗ୍ରାମବାସୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତିଦିନ ୫ଟି ବଡ ବଡ ମେସିନ୍ ସାହାଯ୍ୟରେ ବୈତରଣୀ ନଦୀରୁ ଶହ ଶହ ସଂଖ୍ୟାରେ ବାଲି ହାଇୱାକୁ ଏଠାରେ ଲୋଡ୍ ଦିଆଯାଉଥିବା ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଆମେ ପ୍ରଶାସନକୁ ହାତରେ ରଖିଛୁ। ଆମେ ମାସିକିଆ ଦେଇ ବାଲି ବୋହୁଛୁ ବୋଲି ମାଫିଆମାନେ ନିରୀହ ଗ୍ରାମବାସୀଙ୍କୁ କହି ଧମକ ଦେଉଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ମୌସୁମୀ ସମୟରେ ବିନା ଲିଜରେ କିଭଳି ବୈତରଣୀ ନଦୀର ଏହି ନପଙ୍ଗା ଘାଟରୁ ବାଲି ଉତ୍ତୋଳନ ଓ ପରିବହନ ହେଉଛି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ତୁରନ୍ତ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାପାଙ୍କୁ ଠେଙ୍ଗାରେ ପିଟି ହତ୍ୟା; ପୁଅ-ବୋହୂ ଗିରଫ

ତୁରୁମୁଙ୍ଗା, ୯।୯ (ସମିସ): ପାରିବାରିକ କଳହକୁ କେନ୍ଦ୍ରକରି ବାପାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କରିବା ଅଭିଯୋଗରେ ପୁଅ ଓ ବୋହୂଙ୍କୁ ଗିରଫ କରିଛି ତୁରୁମୁଙ୍ଗା ପୁଲିସ। ଏଭଳି ଅଭାବନୀୟ ହତ୍ୟାକାଣ୍ଡ ଘଟିଛି କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ନୂଆଖମଣ ଗ୍ରାମରେ। ମୃତକ ହେଲେ ପୂର୍ଣ୍ଣଚନ୍ଦ୍ର ମୁଣ୍ଡା(୫୨)। ପୁଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳୁ ଚକଲେଟ କିଣିବା ପାଇଁ ବୋହୂ ଛବିରାଣୀ ମୁଣ୍ଡାଙ୍କ ଛୁଆ ଟଙ୍କା ମାଗିଥିଲା। ମା' ଟଙ୍କା ନଦେବାରୁ ଶଶୁର ପୂର୍ଣ୍ଣଚନ୍ଦ୍ର ଏନେଇ ବୋହୂଙ୍କୁ ପଚାରିଥିଲେ। ଏହାକୁ ନେଇ ଶଶୁର-ବୋହୂଙ୍କ ମଧ୍ୟରେ ବଚସା ସହ ମାରପିଟ ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣଚନ୍ଦ୍ରଙ୍କ ପୁଅ ଶ୍ରୀକାନ୍ତ ମୁଣ୍ଡା କାମରୁ ଘରକୁ ଫେରିବା ପରେ ଘଟଣା ଉଗ୍ରରୂପ ନେଇଥିଲା। ସ୍ତ୍ରୀଙ୍କୁ କାହିଁକି ମାଡ଼ ମାରିଲେ ବୋଲି ବାପାଙ୍କୁ ପଚାରିବା ପରେ ଶ୍ରୀକାନ୍ତ ଉତ୍ତ୍ୟକ୍ତ ହୋଇ ଏକ ଠେଙ୍ଗାରେ ପୂର୍ଣ୍ଣଚନ୍ଦ୍ରଙ୍କୁ ମାଡ଼ ମାରିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ପୁଅ ଶ୍ରୀକାନ୍ତ ତୁରୁମୁଙ୍ଗା ଥାନାରେ ଆତ୍ମସମର୍ପଣ କରିବା ପରେ ଘଟଣାସ୍ଥଳରେ ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ ଓ



ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ଶ୍ରୀକାନ୍ତ ମୁଣ୍ଡା (୨୮) ଓ ତାଙ୍କ ସ୍ତ୍ରୀ ଛବିରାଣୀ ମୁଣ୍ଡା (୨୫)ଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ମୃତକଙ୍କ ସ୍ତ୍ରୀ ବନିତା ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ତୁରୁମୁଙ୍ଗା ଥାନାରେ ୨୩୫/୨୬ରେ ମାମଲା ରୁଜୁ ହୋଇଛି। ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ ଘଟଣାର ତଦନ୍ତ କରୁଛନ୍ତି।

▶▶ ପ୍ରଯୁକ୍ତିବିଦ୍ୟା ଓ ଗୁଣାତ୍ମକ ଶିକ୍ଷାର ନୂଆ ଅଧ୍ୟାୟ

## 'ଷ୍ଟାର୍ସ' ମାଧ୍ୟମରେ ସୁଦୃଢ଼ ହେଉଛି ଶିକ୍ଷା ଭିତ୍ତିଭୂମି

କେନ୍ଦୁଝର, ୯।୯ (ସମିସ): କେନ୍ଦୁଝର ଗ୍ରାମାଞ୍ଚଳର ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାଦାନର ଶୈଳୀ ସମ୍ପୂର୍ଣ୍ଣ ବଦଳିବାରେ ଲାଗିଛି। ଜିଲ୍ଲାରେ 'ଷ୍ଟାର୍ସ' ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତା ଯୋଗୁଁ ଏହି ସକାରାତ୍ମକ ପରିବର୍ତ୍ତନ ସମ୍ଭବ ହୋଇପାରିଛି। ଘୋଷାପାଠ ଓ ପରୀକ୍ଷା କେନ୍ଦ୍ରିକ ସଂକୁଚିତ ଶିକ୍ଷା ପଦ୍ଧତିକୁ ଏଡ଼ାଇ ପିଲାଙ୍କ ମୌଳିକ ସୃଜନଶୀଳତା ଓ ବ୍ୟାବହାରିକ ଜ୍ଞାନର ବିକାଶ ପାଇଁ ଏହି ଯୋଜନା ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଉଛି। ଜିଲ୍ଲା ଓ ବ୍ଲକ୍ ସ୍ତରରେ ଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଶେଷ ତାଲିମ ପ୍ରଦାନ କରାଯାଉଛି, ଯାହା ଦ୍ୱାରା ଶ୍ରେଣୀଗୃହ ପାଠପଢ଼ା ଆହୁରି ଜୀବନ୍ତ ହୋଇପାରିଛି। ନିୟମିତ ଆକାଡେମିକ୍ ମନିଟରିଂ ମାଧ୍ୟମରେ ଦୁର୍ବଳ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କ ଶିକ୍ଷଣ ସ୍ତରରେ ସୁଧାର ଅଣାଯାଉଛି। ଏହି ପ୍ରକଳ୍ପ ମାଧ୍ୟମରେ ଗ୍ରାମାଞ୍ଚଳର ପିଲାଙ୍କୁ ବୈଜ୍ଞାନିକ ମନୋଭାବ ଓ କମ୍ପ୍ୟୁଟର ଶିକ୍ଷା ସହ ଯୋଡ଼ାଯାଉଛି। ସ୍କୁଲଗୁଡ଼ିକରେ ପାଠାଗାର, ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ଓ ଖେଳପଡ଼ିଆ ଭଳି ଆବଶ୍ୟକୀୟ ସୁବିଧା ସୁନିଶ୍ଚିତ କରାଯାଉଛି। କେବଳ ନମ୍ବର ରଖିବା ଅପେକ୍ଷା ପିଲାଙ୍କ ମଧ୍ୟରେ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଜୀବନ ଗଠନର ଶିକ୍ଷା ଭରିବା ଉପରେ ଗୁରୁତ୍ୱ ଦିଆଯାଉଛି।



ଆଜି କେନ୍ଦୁଝରର ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷକଙ୍କ ନୂଆ ଉତ୍ସାହ ଓ ପିଲାଙ୍କ ଆଖିରେ ଭବିଷ୍ୟତର ଆଶା ସ୍ପଷ୍ଟ ବାରିହୋଇପଡୁଛି। ସ୍ୱତନ୍ତ୍ର ଶିକ୍ଷାର ସଫଳ ରୂପାୟନ ପାଇଁ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ବିଶେଷ ତାଲିମ ମଧ ପ୍ରଦାନ କରାଯାଉଛି। 'ଷ୍ଟାର୍ସ' ପ୍ରକଳ୍ପ ଓ ସରକାରଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଆଗାମୀ ଦିନରେ କେନ୍ଦୁଝରକୁ ଶିକ୍ଷା କ୍ଷେତ୍ରରେ ରାଜ୍ୟର ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପୀଡ଼ିତ ପରିବାରକୁ ନିଖିଳ ବିଶ୍ୱକର୍ମା ସମିତିର ସହାୟତା

ଆନନ୍ଦପୁର, ୯।୯ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଟୋଲଙ୍କପଡା ଗ୍ରାମର ହରେକୃଷ୍ଣ ମହାରଣା ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡିତ ଥିଲେ। ପରିବାର ଲୋକେ ପ୍ରଥମେ କଟକ ବଡ଼ ମେଡିକାଲ ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନଆସିବାରୁ ଏକ ଘରୋଇ ମେଡିକାଲରେ ଚିକିତ୍ସା କରିଥିଲେ। ଧୀରେ ଧୀରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଗତ କିଛି ଦିନ ତଳେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଥିବା ସତ୍ତ୍ୱେ ପରିବାର ଲୋକ ଅନେକ ଲୋକଙ୍କଠାରୁ ଧାର କରଜ କରି ତାଙ୍କର ଚିକିତ୍ସା ଜାରି ରଖି ସର୍ବସ୍ୱାନ୍ତ ହୋଇଯାଇଥିଲେ। ଖବର ପାଇ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ସଦସ୍ୟମାନେ ପହଞ୍ଚି ପରିବାର ଲୋକଙ୍କୁ ଆର୍ଥିକ ସାହାଯ୍ୟ କରିଥିଲେ। ସଭାପତି କୃପାସିନ୍ଧୁ ଓଝା, ସମ୍ପାଦକ ନରେନ୍ଦ୍ର ସୁତାର, ଧ୍ରୁବଚରଣ ବିନ୍ଧାଣି, ହରିହର ସୁତାର, ଉଦ୍ଧବ ଓଝା, ରବୀନ୍ଦ୍ର ମହାରଣା, ଶରତ ମହାରଣା, ବସନ୍ତ ମହାରଣା, ମଙ୍ଗୁଳି ମହାରଣା, ନିରୋଦ ମହାରଣା, କାଳିଆ ମହାରଣା, ପବିତ୍ର ଓଝା, ସୁଦର୍ଶନ ଓଝା ପ୍ରମୁଖ ଉପସ୍ଥିତ ଥିଲେ।



## ପରିବେଶ ସଚେତନତା ପାଇଁ ପ୍ରସ୍ତୁତି

କେନ୍ଦୁଝର, ୯।୯ (ସମିସ): କେନ୍ଦୁଝରଗଡ଼ ପୌରପାଳିକା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରର ମିଳିତ ସହଯୋଗରେ 'ପରିବେଶ ସଚେତନତା ଅଭିଯାନ-୨୦୨୬' ଅଧୀନରେ ୧୧ ତାରିଖ ୩ଟାରେ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ "ଆମ ଖାଦ୍ୟ, ଆମ ସଂସ୍କୃତି' ଅବସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କାର୍ଯ୍ୟକ୍ରମର ସଫଳ ଆୟୋଜନ, ବିଭିନ୍ନ ବିଭାଗର ସମନ୍ୱୟ, ଜନସଚେତନତା ସୃଷ୍ଟି, ସ୍ଥାନୀୟ ଖାଦ୍ୟ ଓ ଫସଲର ପ୍ରଚାର-ପ୍ରସାର, ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ ଏବଂ ପରିବେଶ ଅନୁକୂଳ ଜୀବନଶୈଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସୁସ୍ଥ ଜୀବନ ପାଇଁ ସ୍ୱାସ୍ଥ୍ୟକର ଖାଦ୍ୟ, ସୁସ୍ଥ ଜୀବନ, ପୁଷ୍ଟି ଓ ଏକାଗ୍ରତା, ଶକ୍ତି ଓ କାର୍ଯ୍ୟଦକ୍ଷତା ଏବଂ ସକାରାତ୍ମକ ମାନସିକ ସୁସ୍ଥତା ଉପରେ ଗୁରୁତ୍ୱ ଦେବା ସହିତ ସ୍ଥାନୀୟ ଓ ପାରମ୍ପରିକ ଖାଦ୍ୟକୁ ଦୈନନ୍ଦିନ ଜୀବନରେ ଅଧିକ ଗ୍ରହଣ କରିବାକୁ ସଚେତନତା ସୃଷ୍ଟି କରିବା ନେଇ ବୈଠକରେ ମତ ପ୍ରକାଶ ପାଇଥିଲା। ଏହି ଅଭିଯାନ ମାଧ୍ୟମରେ 'ପୋଷଣ ପରିବେଶର ବଡ଼ ପରିବର୍ତ୍ତନ' ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ସ୍ଥାନୀୟ ଚାଷୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଅଭିଯାନରେ ସାମିଲ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ କାର୍ଯ୍ୟକ୍ରମର ବିଭିନ୍ନ ଦାୟିତ୍ୱ ବଣ୍ଟନ, ମଞ୍ଚ ପରିଚାଳନା, ପ୍ରଚାର-ପ୍ରସାର, ପ୍ରଦର୍ଶନୀ ଓ ସ୍ଥାନୀୟ ଖାଦ୍ୟ ସାମଗ୍ରୀର ଷ୍ଟଲ୍, ସ୍ୱଚ୍ଛତା ବ୍ୟବସ୍ଥା ଏବଂ ଅତିଥିମାନଙ୍କ ଅଂଶଗ୍ରହଣ ସମ୍ପର୍କରେ ମଧ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଖାଦ୍ୟ ଗ୍ରହଣ କରିବା, ପୁଷ୍ଟିକର ଜୀବନ ଆପଣାଇବା ଏବଂ ପରିବେଶ ସୁରକ୍ଷାରେ ସମସ୍ତଙ୍କ ଭାଗୀଦାରି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ସଫଳ ଓ ଜନଭାଗୀଦାରିମୂଳକ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

## ଶଙ୍କରପୁରରେ ଖୁଦୁରୁକୁଣୀ ଓଷା

ଆନନ୍ଦପୁର, ୯।୯ (ସମିସ): ଘସିପୁରା ବ୍ଲକ ଶାଳଦେଇ ପଞ୍ଚାୟତ ଅନ୍ତର୍ଗତ ପଦନପୁର (ଶଙ୍କରପୁର) ଗ୍ରାମରେ ମା' ଖୁଦୁରୁକୁଣୀ ଓଷା ସମାପନ ହୋଇଯାଇଛି। ଏହି ଓଷା ଉପଲକ୍ଷେ ସସ୍ମିତା ବିଶ୍ୱାଳ, ସରସ୍ୱତୀ ରାଉତ, ମାମାଲି ରାଉତ, ଶୁଭଶ୍ରୀ ସା, ଅର୍ପିତା ରାଉତ, ସୋନିଆ ବିଶ୍ୱାଳ, ରଶ୍ମିରଞ୍ଜିତା ବିଶ୍ୱାଳ, ଅର୍ଚ୍ଚିତା ରାଉତ, ସୁଭଦ୍ରା ରାଉତ, ଅନିତା ରାଉତ, ଅଙ୍କିତା ରାଉତ ଓ ପଦ୍ମିନୀ ବିଶ୍ୱାଳ ମିଳିତ ଭାବେ ଗହ୍ମାପୂର୍ଣ୍ଣିମାରୁ ମାଟି ସଂଗ୍ରହ କରି ମା ଖୁଦୁରୁକୁଣୀଙ୍କ ମୂର୍ତ୍ତି ନିର୍ମାଣ କରି ଗାଁ ପୂଜା ମଣ୍ଡପରେ ପ୍ରଥମ ପାଳି ରବିବାର ପୂଜା ଆରମ୍ଭ କରିଥିଲେ। ଦ୍ୱିତୀୟ ପାଳି ରବିବାର ପ୍ରଭାତରୁ ସମସ୍ତେ ଏକତ୍ରିତ ହୋଇ ଗ୍ରାମ୍ୟ ନଦୀ ପଠା ଜଙ୍ଗଲରୁ ପୁଷ୍ପ ସଂଗ୍ରହ କରି ମଣ୍ଡପକୁ ସାଜସଜ୍ଜା କରିଥିଲେ। ସନ୍ଧ୍ୟା ପରଠାରୁ ମାଙ୍କ ପାଖରେ ଭୋଗ ଲଗାଇ ଓଷା ବହି ପଢି ପୂଜା ସମାପନ ପରେ ସମସ୍ତଙ୍କୁ ଅନ୍ନଖେଚୁଡ଼ି ବଣ୍ଟନ କରିଥିଲେ। ସୋମବାର ନାମ ସଂକୀର୍ତ୍ତନ ସହିତ ମା'ଙ୍କ ମୂର୍ତ୍ତିକୁ ଗାଁ ପରିକ୍ରମା କରାଇ ବୈତରଣୀ ନଦୀରେ ବିସର୍ଜନ ଦେଇଥିଲେ।

## ଆନନ୍ଦପୁର ଲେଖକ ସମବାୟ ସମିତିର ସ୍ୱନକ୍ଷତ୍ର ଦିବସ

ଆନନ୍ଦପୁର, ୯।୯ (ସମିସ): ଆନନ୍ଦପୁର ଲେଖକ ସମବାୟ ସମିତିର ଚତୁର୍ଦ୍ଦଶ ସ୍ୱନକ୍ଷତ୍ର ଦିବସ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି। ଆନନ୍ଦଭବନରେ ଅନୁଷ୍ଠିତ ଏ ପବିତ୍ର କାର୍ଯ୍ୟକ୍ରମରେ ସମିତିର ବରିଷ୍ଠ ଉପଦେଷ୍ଟା ଡକ୍ଟର ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ବରିଷ୍ଠ କାର୍ଯ୍ୟକାରୀ କମିଟି ସଦସ୍ୟ ଡକ୍ଟର ପ୍ରଦୀପ ମହାନ୍ତି, କବି କୀର୍ତ୍ତନ ସାହୁ, ପ୍ରାବନ୍ଧିକ ରମାକାନ୍ତ ନାୟକ, କବି ଚତୁର୍ଭୁଜ ଜେନା, ସାବିତ୍ରୀ ଦାସ, କବି ନିତ୍ୟାନନ୍ଦ ବେହେରା, ସମାଜସେବୀ ରାମଚନ୍ଦ୍ର ଜେନା ଓ ଲଲାଟେନ୍ଦୁ ଧୀର, ନିରାକାର ଦଳେଇ ପ୍ରମୁଖ ସେମାନଙ୍କ ଅନୁଭୂତି ଓ ଅନୁଭବକୁ ତାଙ୍କ ଭାଷଣ ମାଧ୍ୟମରେ ପ୍ରକାଶ କରିଥିଲେ। ସଂପାଦକ ରତ୍ନାକର ଦାସ ସମିତିର ଆବଶ୍ୟକତାକୁ ପୂରଣ କରିବା ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ନେଇ ପ୍ରସ୍ତାବ ରଖିଥିଲେ। କୋଷାଧ୍ୟକ୍ଷ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଷ୍ଟାଇପେଣ୍ଡ ଟଙ୍କା ନଦେଇ ପ୍ରମୋସନ୍‌ରେ ପ୍ରଧାନଶିକ୍ଷକ

ଆନନ୍ଦପୁର, ୯।୯ (ସମିସ): କେନ୍ଦୁଝର ଜିଲ୍ଲାର ଘଷିପୁରା ବ୍ଲକ୍ ଅନ୍ତର୍ଗତ ମଦନପୁର ପଞ୍ଚାୟତସ୍ଥିତ ବାମ୍ଫିଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ଶିକ୍ଷକ ଉମାକାନ୍ତ ଜେନାଙ୍କ ବିରୋଧରେ ଗରିବ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ଦୀର୍ଘ ପାଞ୍ଚ ବର୍ଷ ଧରି ଦିଆଯାଇ ନଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀମାନେ ନିଜ ଷ୍ଟାଇପେଣ୍ଡ ଟଙ୍କା ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏନେଇ ଗ୍ରାମବାସୀ ଓ ଅଭିଭାବକ ଅସନ୍ତୋଷ ପ୍ରକାଶ କରିବା ସହ ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଘଷିପୁରା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କୁ ଶୀଘ୍ର ଛାତ୍ରଛାତ୍ରୀଙ୍କ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଷ୍ଟାଇପେଣ୍ଡ ଟଙ୍କା ପ୍ରଦାନ ପାଇଁ ଶିକ୍ଷକଙ୍କୁ ପ୍ରାୟ ଦେଢ଼ ମାସ ସମୟ ଦିଆଯାଇଥିଲା; କିନ୍ତୁ ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜ ଷ୍ଟାଇପେଣ୍ଡ ଟଙ୍କା ପାଇ ନଥିବା ଅଭିଯୋଗ କରିଛନ୍ତି। ଏପଟେ ସମ୍ପୃକ୍ତ ଶିକ୍ଷକ ଉମାକାନ୍ତ ଜେନା ପ୍ରମୋସନ୍ ହୋଇ ତେଲକୋଇ ବ୍ଲକ୍‌କୁ ବଦଳି ହୋଇଥିବା ସୂଚନା ମିଳିଛି। ପ୍ରଶ୍ନ ଉଠୁଛି, ଗରିବ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ଏତେ ବର୍ଷ ଧରି କାହିଁକି ଦିଆଯାଇ ନଥିଲା? ଟଙ୍କା ପ୍ରଦାନରେ ବିଳମ୍ବ ପଛରେ କାହାର ଦାୟିତ୍ୱ ରହିଛି? ଏହି ଘଟଣାରେ ଆଉ କେହି ସହଯୋଗ କରିଥିଲେ କି? ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହିତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ବକେୟା ଷ୍ଟାଇପେଣ୍ଡ ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି।




## ଆଦର୍ଶ ବିଦ୍ୟାଳୟରେ ସ୍ୱାର୍କ ଉତ୍ସବ



ତେଲକୋଇ, ୯।୯ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ ଓରିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ସ୍ୱାର୍କ କାର୍ଯ୍ୟକ୍ରମ ଅତି ଉତ୍ସାହର ସହ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ନିର୍ମଳଚନ୍ଦ୍ର ମହାନ୍ତ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ପରିଡା କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଚାରକମଣ୍ଡଳୀ, ଶିକ୍ଷକଶିକ୍ଷୟିତ୍ରୀବୃନ୍ଦ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉତ୍ସବରେ ପିଲାମାନେ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍, ପ୍ରବନ୍ଧ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଚାରକମଣ୍ଡଳୀରେ ରଞ୍ଜନା ଖରିଦା ଏବଂ ବିଜୟ ଆନନ୍ଦ ସାହୁ ଦାୟିତ୍ୱ ତୁଲାଇଥିଲେ। ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତାରେ ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ତିନିଜଣ ଛାତ୍ରଙ୍କୁ ବାଛି ପୁରସ୍କୃତ କରିବା ପାଇଁ ମନୋନୀତ କରିଥିଲେ। ସେଥିମଧ୍ୟରୁ ୧୧ଟି ବିଭାଗରୁ ୪୨ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ସ୍ୱାର୍କ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି।

## ମୌଳିକ ସୁବିଧାରୁ ବଞ୍ଚିତ ଚୈତନ୍ୟଙ୍କୁ ସହାୟତାର ପ୍ରତିଶ୍ରୁତି

ଚମ୍ପୁଆ, ୯।୯ (ସମିସ): ନା ଅଛି ନିଜର ଘର, ନା ଅଛି ଆଧାର କାର୍ଡ। ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ମଧ ମିଳିନାହିଁ। ବୟସ ୬୫ ଟପିଥିଲେ ମଧ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ଚୈତନ୍ୟ। ଶାରୀରିକ ପରିଶ୍ରମ କରିବାକୁ ଅସମର୍ଥ ହୋଇ ଗାଁରେ ଏଠିସେଠି ମାଗିଯାଚି ଜୀବନ କାଟୁଛନ୍ତି ଏହି ଅସହାୟ ଚୈତନ୍ୟ ମୁଣ୍ଡା। ଚମ୍ପୁଆ ବ୍ଲକ ସଡ଼ଙ୍ଗୀ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମର ରୁଗୁଡ଼ି ସାହିରେ ଦେଖିବାକୁ ମିଳିଛି ଘଟଣା। ଚୈତନ୍ୟଙ୍କ ପିତା ଟସେ ମୁଣ୍ଡାଙ୍କର ବହୁବର୍ଷ ପୂର୍ବରୁ ଦେହାନ୍ତ ହୋଇଥିବାବେଳେ ସେ ଅବିବାହିତ। ତାଙ୍କର କେହି ସାହାଭରସା ନାହାନ୍ତି। ଖବରପାଇ ପାଟଣା ବିଧାୟକଙ୍କ ଚମ୍ପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଖୁଣ୍ଟାପଡ଼ା ଗ୍ରାମରେ ପହଞ୍ଚି ଚୈତନ୍ୟଙ୍କୁ ଭେଟିଥିଲେ। ତାଙ୍କର ପରିସ୍ଥିତି ସମ୍ପର୍କରେ ଅବଗତ ହୋଇ ସହାୟତା ପାଇଁ ଆଶ୍ୱାସନା ଦେଇଥିଲେ। ଏଥିସହ ତାଙ୍କୁ କିଛି ଆର୍ଥିକ ସହାୟତା ମଧ ପ୍ରଦାନ କରିଥିଲେ। ଚୈତନ୍ୟଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଡେପୁଟି ସବ୍‌କଲେକ୍ଟର ଚନ୍ଦନ ମଣ୍ଡଳ, ତହସିଲଦାର ସତ୍ୟବ୍ରତ ସାହୁ ଏବଂ ସଡ଼ଙ୍ଗୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ନାଏକଙ୍କୁ ତାଙ୍କ ସମ୍ପର୍କରେ ଅବଗତ କରାଯାଇଥିବା ଜଣାପଡ଼ିଛି। ଖୁବଶୀଘ୍ର ଚୈତନ୍ୟଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା କୁହାଯାଇଛି।



# ଜମା କରିବାର ୫୪ ବର୍ଷ ପରେ ବି ମିଳୁନି ଟଙ୍କା

ଆନନ୍ଦପୁର, ୯।୯ (ସମିସ): ନିଜ ପରିବାରର ସୁନ୍ଦର ଭବିଷ୍ୟତ ପାଇଁ ବ୍ୟାଙ୍କରେ ଟଙ୍କା ଜମା କଲେ। ଯେଉଁ ସମୟରେ କୁଶଳୀ ଶ୍ରମିକର ଦୈନିକ ମଜୁରୀ ୫ ଟଙ୍କା ସେହି ସମୟରେ ମାସିକ ଜଣକା ୧୦ ଟଙ୍କା ଲେଖାଏଁ ଜମା କଲେ। ୧୯୭୩-୭୪ ମସିହାରୁ ଟଙ୍କା ଜମା ହୋଇଛି। ଜମା ଟଙ୍କା ରଖିବା ୫୪ ବର୍ଷ ହେଲାଣି। ହେଲେ ଏହାକୁ ଉଠାଇ ପାରୁ ନାହିଁ ପଞ୍ଚାୟତ ବିଶ୍ୱକର୍ମା କାର୍ପେଣ୍ଟର ସୋସାଇଟି। ଅର୍ଥ ଅଭାବରୁ ପିଲାଙ୍କ ବାହାଘର କି ଘର ସମ୍ପୂର୍ଣ୍ଣ କରିବାର ସ୍ୱପ୍ନ ଅଧୁରା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ବାରମ୍ବାର ଭେଟି ଜଣାଇଥିଲେ ମଧ କୌଣସି ସୁଫଳ ପାଇ ପରି ନାହାନ୍ତି ଜମାକାରୀ। ଫଳରେ ହାତରେ ପେଟ୍ରୋଲ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବାକୁ ଯିବା ରାସ୍ତାରେ ଯୁବ ସମାଜସେବୀ ଯଜ୍ଞପ୍ରସାଦ ସାହୁ ତାଙ୍କୁ ବୁଝାସୁଝା କରିଥିବା ଜଣାପଡ଼ିଛି। ୧୯୬୪ ମସିହାରେ ଘଷିପୁରା ପଞ୍ଚାୟତ ଶିଳ୍ପକେନ୍ଦ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ଏକ ସୋସାଇଟି ଗଠନ କରିଥିଲେ। ଏଥିରେ ମୋଟ ୧୦ ଜଣ ସଦସ୍ୟ ରହିଥିଲେ। ଘଷିପୁରା ବ୍ଲକ୍ ପଦନପୁର ଗ୍ରାମର ମାର୍କଣ୍ଡ ମହାରଣା, ଚିନ୍ତାମଣି ମହାରଣା, ଧରଣୀଧର ମହାରଣା, ରବୀନ୍ଦ୍ର ସାହୁ, ରତ୍ନାକର ମହାରଣା, ଘଷିପୁରାର ନନ୍ଦକିଶୋର ସାହୁ, ଆନନ୍ଦପୁର ବ୍ଲକ୍ ଭାଟିଶିରାର ରଙ୍କନାଥ ଓଝା, ଅନିରୁଦ୍ଧ ଓଝା, ଭରତଚନ୍ଦ୍ର ଓଝା, ଦୁର୍ଯ୍ୟୋଧନ ଓଝା ପ୍ରମୁଖ ସଦସ୍ୟ ଥିଲେ। ତେବେ ଏମାନଙ୍କ ମଧ୍ୟରୁ ମାର୍କଣ୍ଡ ମହାରଣା, ଚିନ୍ତାମଣି ମହାରଣା, ରଙ୍କନାଥ ଓଝା, ଅନିରୁଦ୍ଧ ଓଝା ଓ ନନ୍ଦକିଶୋର ସାହୁ ୧୯୭୩ରୁ ଜଣକା ମାସିକ ୧୦ ଟଙ୍କା ଜମା କରୁଥିଲେ। ୨୦୦୦ ମସିହା ପର୍ଯ୍ୟନ୍ତ ଟଙ୍କା ଜମା ଜାରି ରହିଥିଲା। ତେବେ ଜମାକାରୀଙ୍କ ମଧ୍ୟରୁ କେବଳ ନନ୍ଦକିଶୋର ସାହୁଙ୍କ ଦେହାନ୍ତ ହୋଇଛି। ଅନ୍ୟ ୪ ଜଣ ନିଜ ପିଲାଙ୍କ ବିବାହ ଓ ନିର୍ମାଣାଧୀନ ଘର ଶେଷ କରିବା ପାଇଁ ଏହି ଟଙ୍କାକୁ ଚାହିଁ ରହିଛନ୍ତି। କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଘଷିପୁରା ଶାଖାକୁ ବାରମ୍ବାର ଜମା ଟଙ୍କା ଉଠାଣ ପାଇଁ ଯାଇ ନିରାଶ ହେବା ପରେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଘଷିପୁରା ବ୍ଲକ୍ ଶିଳ୍ପ ଅଧିକାରୀ, ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ବାରମ୍ବାର ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ ମଧ କୌଣସି ସୁଫଳ ପାଇନାହାନ୍ତି। ପରେ କେନ୍ଦୁଝର ଜିଲ୍ଲାପାଳଙ୍କୁ ମଧ ଘଟଣା ସମ୍ପର୍କରେ ଭେଟି ୨ ଥର ଜଣାଇଥିଲେ। ତଥାପି ସମସ୍ୟା ସମାଧାନ ହୋଇ ପାରି ନଥିବା ଜମାକାରୀ କହିଛନ୍ତି। ଗତ ଜୁନ୍ ମାସ ୧ ତାରିଖରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏ ସମ୍ପର୍କରେ ଅଭିଯୋଗ କରାଯାଇଥିଲେ ମଧ ଜମା ଟଙ୍କା ମିଳିପାରିନାହିଁ। ସବୁ ଦିଗରୁ ତଥା ପ୍ରଶାସନର ଖାମଖିଆଲ ନୀତିରେ ଅସନ୍ତୁଷ୍ଟ ହୋଇ ଆତ୍ମାହୁତି ପାଇଁ ଉଦ୍ୟମ କରିଥିବା ଜଣାପଡ଼ିଛି। ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁ ସେମାନଙ୍କୁ ବୁଝାସୁଝା କରିବା ପରେ ପ୍ରଶାସନ ସହ ଆଲୋଚନା କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଅର୍ଥ ପ୍ରଦାନ କରାଯିବାର ବ୍ୟବସ୍ଥା ହେବ ବୋଲି ଆଇପିଓ ଅତିସ୍ ରାଉତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ବ୍ୟାଙ୍କରୁ ଟଙ୍କା ଉଠାଣ ପାଇଁ କଙ୍କାଳ ବୋହିବା ଘଟଣା ମନରୁ ଲିଭି ନଥିବା ବେଳେ ଘଷିପୁରାର ଏହି ଘଟଣା ପ୍ରଶାସନିକ ଦକ୍ଷତାକୁ ପଦାରେ ପକାଇଛି।



▶▶ ଜମା କରିଥିଲା ବିଶ୍ୱକର୍ମା କାର୍ପେଣ୍ଟର ସୋସାଇଟି
▶▶ ଅର୍ଥ ଅଭାବରୁ ବିବାହ ଓ ଘର ସ୍ୱପ୍ନ ଅଧୁରା
▶▶ ଆତ୍ମଦାହ ଉଦ୍ୟମରୁ ବିରତ କଲେ ସମାଜସେବୀ

## ଋଣ ପରିଶୋଧ ନ କରିବାରୁ ଘର ସିଲ୍ କଲା ବ୍ୟାଙ୍କ

ନୀଳଗିରି, ୯।୯ (ସମିସ): ଏକ ଘରୋଇ ଫାଇନାନ୍ସ କମ୍ପାନୀରୁ ଘର ତିଆରି ପାଇଁ ଲୋନ୍ ଆଣି ପରିଶୋଧ ନ କରିବାରୁ ଶେଷରେ ବ୍ୟାଙ୍କ ତାଙ୍କର ଘରକୁ ସିଲ୍ କରିଛି। ନୀଳଗିରି ଥାନା ଅନ୍ତର୍ଗତ ବଉଳଗଡ଼ିଆ ଗ୍ରାମର ଫଁଗ୍ରୁମାନ ମହାନ୍ତିଙ୍କ ସ୍ତ୍ରୀ ଶୁଭଶ୍ରୀ ମହାନ୍ତି ୨୦୧୭ ମସିହାରେ ଆଧାର ହାଉସିଙ୍ଗ ଫାଇନାନ୍ସ ବ୍ୟାଙ୍କରୁ ସାତ ଲକ୍ଷ ବତିଶି ହଜାର ଟଙ୍କା ଋଣ ଆଣିଥିଲେ।



୨୦୧୯ ମସିହା ଠାରୁ ଏଯାବତ୍ ବାରମ୍ବାର ନୋଟିସ୍ ଦେବା ପରେ ବି ଋଣ ପରିଶୋଧ କରି ନଥିଲେ। ୨୦୨୬ ସେପ୍ଟେମ୍ବର ମାସ ସୁଦ୍ଧା ମୋଟ ୨୩, ୭୧, ୮୫୦ଟଙ୍କା ହୋଇଥିବା ବେଳେ ପରିଶୋଧ ନ କରିବାରୁ ଶେଷରେ ଉକ୍ତ ଫାଇନାନ୍ସ କମ୍ପାନୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓ ପୁଲିସ ସହାୟତାରେ ଘରର ମୁଖ୍ୟ ଦ୍ୱାର, ମୁଖ୍ୟ ଗେଟରେ ସିଲ୍ କରାଯାଇଛି। ଏହି ଅବସରରେ ନୀଳଗିରିର ସହକାରୀ ଜିଲ୍ଲାପାଳ ପ୍ରଦୀପ କୁମାର ଦାସ ମାଜିଷ୍ଟ୍ରେଟ ଥିବା ବେଳେ ନୀଳଗିରି ଥାନାର ଥାନା ଅଧିକାରୀ ଏସ ଆଇ ସି ଗୋବର୍ଦ୍ଧନ ନାୟକ, ଏ ଏସ ଆଇ, ଶ୍ରୀନିବାସ ରାଉତ, ସମେତ ପୋଲିସ୍ ଫୋର୍ସ ମୁତୟନ ହୋଇଥିଲେ। ଫାଇନାନ୍ସ କମ୍ପାନୀର ସମସ୍ତ ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

## ସ୍କୁଟି-ବାଇକ୍ ଧକ୍କା; ଜଣେ ମୃତ, ଜଣେ ଗୁରୁତର

ଚନ୍ଦନେଶ୍ୱର, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ଭୋଗରାଇ ଥାନା ଅନ୍ତର୍ଗତ ନେଗୁଆଁ ଛକ ନିକଟରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ନେଗୁଆଁ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ଓ ହୋଣ୍ଡା ବାଇକ୍ ମଧ୍ୟରେ ହଠାତ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଉଭୟ ଚାଳକ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଚନ୍ଦନେଶ୍ୱର ପଟୁ ଏକ ବାଇକ୍‌ରେ ଯାଉଥିବା ସାହାବାଜିପୁର ଗ୍ରାମର ରଞ୍ଜନ ଦଳପତିଙ୍କ ପୁଅ ଜଗନ୍ନ ଦଳପତି (୨୧) ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚନ୍ଦନେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଦୁର୍ଘଟଣାରେ ମନ୍ଦାରୀ ଗ୍ରାମର ସୁକୁମାର ଦାସ (୪୮) ଗୁରୁତର ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଚନ୍ଦନେଶ୍ୱର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି।

## ବିପୁଳ ମଦ ଜବତ, ଦୁଇ ଗିରଫ

ବାଲିଆପାଳ, ୯।୯ (ସମିସ): ଏହି ବ୍ଲକରେ ବୁଧବାର ବାଲେଶ୍ୱର ମୋବାଇଲ ଟିମ ସ୍କ୍ୱାଡ୍ ଏବଂ ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ସିମୁଳିଆ ରାଜାରାଣୀ ଛକ ନିକଟରେ ଚୋରା ମଦ ବେପାରୀ ସପନ ମଣ୍ଡଳ (ଝୁନା) ମଣ୍ଡଳଙ୍କ ଘରେ ଚଢ଼ଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ବେପାରୀଙ୍କୁ ଗିରଫ କରି ବସ୍ତା ଅବକାରୀ ଥାନାକୁ ନିଆଯାଇଛି। ସେହିପରି ନଗାଛକ ଏବଂ ଇଙ୍ଗଳେଶ୍ୱର ଠାରେ ଥିବା ଦାସ୍ ଦିନରୁ ଚୋରା ମଦ ବେପାରୀ ବିଜୟ ନାୟକଙ୍କ ଘରେ ଚଢ଼ଉ କରିବା ସହିତ ଗିରଫ କରିଛି ଅବକାରୀ ବିଭାଗ। ଏହି ତିନି ଜାଗା ଚଢ଼ାଉ ସର୍ବ ମୋଟ ୨୬୦ ଲିଟର ଦେଶୀ ମହୁଲି, ୬.୨୦୦ ଲିଟର ବିଦେଶ ଏବଂ ୯ ୧୦୦ ଲିଟର ବିୟର ଜବତ କରାଯାଇଛି। ଚଢ଼ାଉ ସମୟରେ ବାଲେଶ୍ୱର ଭ୍ରାମ୍ୟମାଣ ସଂସ୍ଥାର ଅବକାରୀ ନିରୀକ୍ଷକ ଅଭିରାମ ସାହୁ, ବସ୍ତା ଅବକାରୀ ନିରୀକ୍ଷକ ଜଗନ୍ନାଥ ଭିତିରିଆ, ଜଳେଶ୍ୱର ଅବକାରୀ ଉପ ଅଧିକ୍ଷକ ଶ୍ରୀକାନ୍ତ ଦାସ, ପ୍ରଭାକର ସେଠୀ, ବାଲିଆପାଳ ଉପଅଧିକ୍ଷକ ସୁନୀଲ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗଛରେ ପିଟି ହୋଇ ଜଣେ ମୃତ, ଜଣେ ଗୁରୁତର

ନୀଳଗିରି, ୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ନିକଟସ୍ଥ ଟାଙ୍ଗିରିଆ ଗ୍ରାମର ବୁଦ୍ଧିରାମ କିସ୍କୁ ଦୁଇପୁଅ ଫାଦୁ କିସ୍କୁ(୨୦) ଏବଂ ବୁଦ୍ଧିରାମ କିସ୍କୁ(୨୫) ଏକ ମଟରସାଇକେଲରେ ନୀଳଗିରି ଅଭିମୁଖେ ଆସୁଥିବା ବେଳେ ଦିନ ପ୍ରାୟ ୧୨.୩୦ମିନିଟ ସମୟରେ ୧୯ନଂ ରାଜ୍ୟ ରାଜପଥ ଭାଲୁକାଶୁଣି ନିକଟବର୍ତ୍ତୀ ଦେବଯାନୀ ଛକ ନିକଟରେ ଏକ ଗଛକୁ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ଫାଦୁ କିସ୍କୁର ମୃତ୍ୟୁ ହୋଇଥିବା ବେଳେ ବୁଦ୍ଧିରାମ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ହସ୍ପିଟାଲକୁ ଅଣାଯାଇଥିଲେ ହେଁ ଫାଦୁଙ୍କୁ ଡାକ୍ତର ମୃତଘୋଷଣା କରିଥିବାବେଳେ ବୁଦ୍ଧିରାମଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ପ୍ରତିବନ୍ଧିତ ସାମଗ୍ରୀ ବିକ୍ରି, ଗଚ୍ଛିତ ଉପରେ ଚଢ଼ଉ

ଜଳେଶ୍ୱର, ୯।୯(ସମିସ): ଜଳେଶ୍ୱର ସହର ପଶ୍ଚିମବଂଗ ସୀମାକୁ ଲାଗି ରହିଥିବାରୁ ସହରରେ ନକଲି ସାମଗ୍ରୀ ବିକ୍ରି, ବେଆଇନ୍ ଗଚ୍ଛିତ, ପ୍ରତିବନ୍ଧିତ ଉତ୍ପାଦନ ଇତ୍ୟାଦି କାର୍ଯ୍ୟ ବଢ଼ି ବଢ଼ି ଚାଲିଛି। ଲଗାତାର ବନ୍ୟା ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ନିଅଣ୍ଟ ହେବାରୁ କେତେକ ଅସାଧୁ ବ୍ୟବସାୟୀ ଲାଭଖୋର ମନୋଭାବ ଚଳାଇଛନ୍ତି। ଜଳେଶ୍ୱର ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂଙ୍କ ନେତୃତ୍ୱରେ ବୁଧବାର ସଂଧ୍ୟାରେ ବିଭିନ୍ନ ପ୍ରତିଷ୍ଠାନ ଓ ଉପରେ ଚଢ଼ାଉ ହୋଇଥିଲା। ବିଭିନ୍ନ ରିଟେଲର, ଡିଷ୍ଟ୍ରିବ୍ୟୁଟର ଓ ଦୋକାନ ମାନଙ୍କରେ ବେଆଇନ୍ ଭାବରେ ଉତ୍ପାଦନ, ଗଚ୍ଛିତ, ଯୋଗାଣ ତଥା ବ୍ୟବହାର ଉପରେ ରୋକ ଲଗାଇବା ପାଇଁ ଅଭିଯାନ ଚଳାଇଥିବା କହିଛନ୍ତି। ରିଟେଲର ଓ ଡିଷ୍ଟ୍ରିବ୍ୟୁଟର ମାନଙ୍କଠାରୁ ବିପୁଳ ପରିମାଣର ସରକାରଙ୍କ ଦ୍ୱାରା ନିଷିଦ୍ଧ ପଲିଥିନ୍ ଓ ଜରି ଇତ୍ୟାଦି ପଦାର୍ଥ ଜବତ କରି ଜୋରିମାନା ଆଦାୟ କରାଯାଇଛି। ଚଢାଉରେ ଜଳେଶ୍ୱର ପୁଲିସ୍, ଖାଦ୍ୟ ନିରାପତ୍ତା ଅଧିକାରୀ ଶଶୀକାନ୍ତ ବେହେରା, ସ୍ମୃତିରେଖା ଦେହୁରୀ, ପଦ୍ମଲୋଚନ ବେହେରା, ସୁବଲ ସାହୁ, ଭରତ ମହାନ୍ତି, ଯୁଗଳ ପଟ୍ଟନାୟକ, ଚନ୍ଦନ ଦତ୍ତ ପ୍ରଭୃତି କର୍ମଚାରୀ ସାମିଲ୍ ଥିଲେ।

# ବାଲେଶ୍ୱରରେ ଚୋରା ବାଇକ୍‌ର 'ସିଣ୍ଡିକେଟ୍'

ବାଲେଶ୍ୱର, ୯।୯ (ସମିସ)



**● ୪ ଗିରଫ, ୧୦ ଚୋରା ବାଇକ୍ ଜବତ**
**● ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ୨୦ ମାମଲା**

ବାଲେଶ୍ୱର ସହରରେ ଚୋରା ବାଇକ୍ କାରବାର ବିରୋଧରେ ବାଲେଶ୍ୱର ଜିଲ୍ଲା ସଦର ଥାନା ପୁଲିସର ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ। ଗତଗଡ଼ିଆ ଛକ ଅଞ୍ଚଳରେ ଆଇଆଇସି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ରାତିଥିଆ ଯାଞ୍ଚ ବେଳେ ସନ୍ଦେହଜନକ ଭାବେ ଯାଉଥିବା ବ୍ୟକ୍ତିଙ୍କୁ ଧରି ପଚରାଉଚରା ପରେ ଚୋରା ବାଇକ କାରବାରର ସୁରାକ୍ ପାଇଥିଲା ଟାଉନ ଥାନା ପୁଲିସ। ଏହାପରେ ପୁଲିସ ଚଢ଼ଉ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୦ଟି ବାଇକ୍ ଜବତ କରିଛି। ବାଲେଶ୍ୱର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶେଷ ରାଉତ ଏହି ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ଅଧୀନ ପାତ୍ରପଡ଼ା ଗ୍ରାମର ମନୋଜ ବେହେରାଙ୍କ ପୁଅ ଧୀରଜ ବେହେରା ଓରଫ ଦାଦା (୨୦), ଟାଉନ ଥାନା ଅଧୀନ ପତ୍ରପଡ଼ା ଗ୍ରାମର ସନ୍ୟାସୀ ମାଝୀଙ୍କ ପୁଅ ଉମେଶ ଚନ୍ଦ୍ର ମାଝୀ ଓରଫ ବାଦଲ (୨୬), ଟାଉନ ଥାନା ଅଧୀନ ପୁରୁଣା ବାଲେଶ୍ୱରର ଅରୁଣ ମାଝୀଙ୍କ ପୁଅ ପିତାମ୍ବର ମାଝୀ ଏବଂ ଟାଉନ ଥାନା ଅଧୀନ ତୁଳସୀପଡ଼ା, ପୁରୁଣାବାଲେଶ୍ୱର ଅଞ୍ଚଳର ମୃତ ତାରାଚାନ୍ଦ ତରେଇଙ୍କ ପୁଅ ସବତା ତରେଇ (୪୯)। ଏହି ମାମଲାର ସବୁଠାରୁ ସାଂଘାତିକ ଦିଗ ହେଉଛି ଗିରଫ ୪ ଅଭିଯୁକ୍ତଙ୍କ ଅପରାଧିକ ରେକର୍ଡ। ପୁଲିସ ରେକର୍ଡ ଅନୁଯାୟୀ, ଏହି ୪ ଜଣଙ୍କ ନାମରେ ପୂର୍ବରୁ ମୋଟ ୨୦ଟି ମାମଲା ରହିଛି। ଏକାଧିକ ଥାନାରେ ଚୋରି, ଅପରାଧିକ କାର୍ଯ୍ୟକଳାପ, ନିଶା କାରବାର, ଆର୍ମସ ଆକ୍ଟ ସମ୍ପର୍କିତ ମାମଲା ରହିଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି। ଧୀରଜ ବେହେରାଙ୍କ ନାମରେ ବାଲେଶ୍ୱର ଟାଉନ, ସହଦେବଖୁଣ୍ଟା, ଗୋପାଳପୁର ଓ ନୀଳଗିରି ଥାନାରେ ୯ଟି ମାମଲା ଥିବା ବେଳେ ଉମେଶ ମାଝୀଙ୍କ ନାମରେ ୪ଟି, ପିତାମ୍ବର ମାଝୀଙ୍କ ନାମରେ ୩ଟି ଏବଂ ସବତା ତରେଇଙ୍କ ନାମରେ ୪ଟି ମାମଲା ରହିଛି। ଅର୍ଥାତ୍, ପୁଲିସ ହାତରେ ଧରାପଡ଼ିଥିବା ଏହି ୪ ଜଣଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲାର ଲମ୍ବା ତାଲିକା ରହିଛି। ଏବେ ପ୍ରଶ୍ନ ଉଠୁଛି ଏତେ ମାମଲାରେ ସମ୍ପୃକ୍ତ ଥିବା ସତ୍ତ୍ୱେ ଏମାନେ କିପରି ପୁଣି ଚୋରା ବାଇକ୍ କାରବାର ଚଳାଉଥିଲେ? ଚୋରା ଗାଡ଼ି କେଉଁଠାରୁ ଆସୁଥିଲା, କିଏ ଚୋରି କରୁଥିଲା, କିଏ ଏହାକୁ ଲୁଚାଇ ରଖୁଥିଲା ଏବଂ ଶେଷରେ କାହାକୁ ବିକ୍ରି କରାଯାଉଥିଲା ? ଜବତ ୧୦ଟି ବାଇକ୍ ମଧ୍ୟରୁ କିଛିର ନମ୍ବର ପ୍ଲେଟ୍ ନଥିବାରୁ ଗାଡ଼ିଗୁଡ଼ିକର ପ୍ରକୃତ ମାଲିକାନା ଓ ଚୋରି ମାମଲା ସହ ସମ୍ପର୍କ ଯାଞ୍ଚ କରୁଛି ପୁଲିସ। ଏହା କେବଳ ଏହି ୪ ଜଣଙ୍କ ମଧ୍ୟରେ ସୀମିତ ଥିଲା ନା ଏହା ପଛରେ ଆଉ ଏକ ବଡ଼ ନେଟୱର୍କ କାମ କରୁଛି, ତାହା ତଦନ୍ତର ପ୍ରମୁଖ ଦିଗ ପାଲଟିଛି। ଚୋରା ବାଇକ୍‌ର ମୂଳ ଉତ୍ସରୁ ଆରମ୍ଭ କରି ଏହାର ଚୋରା ଗାଡ଼ି କିଣୁଥିବା କ୍ରେତା ପର୍ଯ୍ୟନ୍ତ ପୂରା ଚେନ୍ ଖୋଲିବା ପାଇଁ ପୁଲିସ ଖୋଳତାଡ଼ ଆରମ୍ଭ କରିଛି। ଏହି ଘଟଣାରେ ଟାଉନ ଥାନାରେ କେସ୍ ନମ୍ବର ଏକ ମାମଲା ରୁଜୁ ହୋଇଥିବା ବେଳେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ସହ ମୋଟରଯାନ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଗିରଫ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେପଟେ ଏହି ଚୋରା ଗାଡ଼ି ବିଶେଷ କରି ଚୋରା ମଦ ଚାଲାଣ ପାଇଁ ବ୍ୟବହାର କରାଯାଉଥିବା ନେଇ ପୋଲିସ ତଦନ୍ତରେ ଜାଣିବାକୁ ପାଇଛି।

## ଜଳେଶ୍ୱରରୁ ହାୱଡା ମେମୁ ଟ୍ରେନ ପୁନଃ ଚଳାଚଳ ଦାବି

ଜଳେଶ୍ୱର, ୯।୯ (ସମିସ): କରୋନା ମହାମାରୀ ପାଖରୁ ଆଜି ପର୍ଯ୍ୟନ୍ତ ପୂର୍ବରୁ ଚଳାଚଳ କରୁଥିବା ସମସ୍ତ ଟ୍ରେନ୍ ସୂଚାରୁରୂପେ ଚାଲି ପାରିଲା ନାହିଁ। ବହୁ ଟ୍ରେନ୍ ସମୟ ପରିବର୍ତ୍ତନ ସହିତ କେତେକ ଟ୍ରେନ୍‌କୁ ବାତିଲ କରାଯାଉଛି। ଲୋକାଲ ଟ୍ରେନ୍‌ରୁ ଏକ୍ସପ୍ରେସ ଭଡ଼ା ନେବା ସହିତ ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମ ଯାତ୍ରୀମାନଙ୍କୁ ପୂର୍ବଭଳି ସୁବିଧା ଯୋଗାଇ ଦିଆଯାଉନାହିଁ। ରେଳପଥ ମରାମତି ନାଁରେ ଯାତାୟାତ ବାଧାପ୍ରାପ୍ତ ହେବା ଏବଂ ଜଳେଶ୍ୱର ଷ୍ଟେସନର ଓଭର ବ୍ରିଜ ଖୋଲି ଦେବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଜଳେଶ୍ୱରରୁ ହାଉଡା ଏବଂ ହାଉଡା ରୁ ଜଳେଶ୍ୱର ମେମୁ ଟ୍ରେନର ପୁନଃ ଚଳାଚଳ ପାଇଁ ଜଳେଶ୍ୱର ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଜଳେଶ୍ୱର ଏକ ଅର୍ଥନୈତିକ ପେଣ୍ଠସ୍ଥଳୀ ହୋଇଥିବାରୁ ବ୍ୟବସାୟୀ ମାନଙ୍କ ନିୟମିତ ଯିବା ଆସିବାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଫଳରେ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀ ନିଅଣ୍ଟ ହେବା ସହ କ୍ରେତାମାନଙ୍କୁ ଅଧିକ ମୂଲ୍ୟ ଦେବାକୁ ପଡ଼ୁଛି। ଉକ୍ତ ମେମୁ ଟ୍ରେନଟି ଅଞ୍ଚଳବାସୀଙ୍କ ପାଇଁ ଲାଇଫ ଲାଇନ୍ ହୋଇଥିବା ବେଳେ ଏନ୍ ଆଇ କାର୍ଯ୍ୟ ପାଇଁ ବେଲଦା ଷ୍ଟେସନକୁ ସିଫ୍ଟ ପାଇଁ ରେଳ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଜଳେଶ୍ୱରରୁ ଅତି ଶୀଘ୍ର ଟ୍ରେନଟିକୁ ପୁନଃ ଚଳାଇବା ଲାଗି ସମାଜ କଲ୍ୟାଣ ପରିଷଦ ପକ୍ଷରୁ ଦାବି କରାଯାଇଛି। ନଚେତ୍ ପରିଷଦ ଆନୁକୂଲ୍ୟରେ ଜଳେଶ୍ୱର ବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜେନେରାଲ ମ୍ୟାନେଜର ଗାଡେର୍ନ ରିଚ୍, କଲିକତା ଡିଆରଏମ, ଖଡ଼ଗପୁର ଓପେରିଟିଙ୍ଗ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ପରିଷଦର ଉପସଭାପତି ଅଜିତ କୁମାର ମହାନ୍ତି, କପିଳେଶ୍ୱର ମହାନ୍ତି, ବନମାଳୀ ଧଳ, ଶରତ ଚନ୍ଦ୍ର ପରିଡ଼ା, ମୂରଲୀ ମୋହନ ପ୍ରଧାନ, ଶଶୀକାନ୍ତ ପ୍ରଧାନ ପ୍ରମୁଖ ଷ୍ଟେସନ ମ୍ୟାନେଜର ଚନ୍ଦନ ସିଂଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

## ଶକୁନ୍ତଳା ଉଚ୍ଚ ବିଦ୍ୟାଳୟରେ ବିଏଡିସି ପକ୍ଷରୁ କର୍ମଶାଳା

ବାଲେଶ୍ୱର, ୯।୯ (ସମିସ): ସମାଜକୁ ବାଲ୍ୟବିବାହ ମୁକ୍ତ କରିବା ପାଇଁ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଦ୍ୟାଳୟ ସ୍ତରରୁ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ଅବଗତ କରାଇବା ଏବଂ ଏଭଳି ଘଟଣା ସମ୍ପର୍କରେ ପ୍ରଶାସନକୁ




ସୂଚନା ଦେବାରେ ଶିକ୍ଷକମାନେ ଗୁରୁଦାୟିତ୍ୱ ନିଭାଇପାରିବେ। ଏହି ଉଦ୍ଦେଶ୍ୟରେ ଗୁରୁଦିବସ ଅବସରରେ ବାଲେଶ୍ୱର ସହରସ୍ଥିତ ଶକୁନ୍ତଳା ଉଚ୍ଚ ବିଦ୍ୟାଳୟ ପରିସରରେ ବସ୍ତି ଏରିଆ ଡେଭେଲପମେଣ୍ଟ କାଉନସିଲ (ବିଏଡିସି) ପକ୍ଷରୁ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଛି। କର୍ମଶାଳାରେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଫେସର ଶତ୍ରୁଘନ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ଶିଶୁ ମଙ୍ଗଳ କମିଟି ସଦସ୍ୟ ପ୍ରିୟରଞ୍ଜନ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଶକୁନ୍ତଳା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁମତି ମଣ୍ଡଳଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କର୍ମଶାଳାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଏଡିସିର ସମ୍ପାଦକ ତଥା ସାମାଜିକ କର୍ମୀ ଗୋପାଳକୃଷ୍ଣ କର ବାଲ୍ୟ ବିବାହ ରୋକିବାରେ ଶିକ୍ଷକମାନଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଯୋଗଦେଇ ବାଲ୍ୟ ବିବାହ ବିରୋଧୀ ସଚେତନତା ବାର୍ତ୍ତା ଗ୍ରହଣ କରିଥିଲେ। ଏହି ଅବସରରେ ବାଲ୍ୟ ବିବାହ ବିରୋଧୀ ଆନ୍ଦୋଳନକୁ ଆହୁରି ଦୃଢ଼ କରିବା ଏବଂ ଜନସଚେତନତା ସୃଷ୍ଟିରେ ସାମ୍ବାଦିକମାନଙ୍କ ଭୂମିକା ଉପରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ପାଇଁ ଶିକ୍ଷକ, ସାମ୍ବାଦିକ ଓ ଜିଲ୍ଲା ପ୍ରଶାସନର ସମନ୍ୱିତ ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ବିଏଡିସି ସମ୍ପାଦକ ଗୋପାଳକୃଷ୍ଣ କର ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲାର ଜେଆରସି କର୍ମଚାରୀମାନେ ପରିଚାଳନା କରିଥିଲେ।

## ଭୋଗରାଇ ପୂର୍ବାଞ୍ଚଳ ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାଲେଶ୍ୱର(ଉତ୍ତର), ୯।୯(ସମିସ): ଭୋଗରାଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି କ୍ରମରେ ଆଜି ଗୋପୀନାଥପୁର ସ୍ୱାମୀ ସ୍ୱରୂପାନନ୍ଦ ନୋଡାଲ ହାଇସ୍କୁଲ ପଡ଼ିଆରେ ପୂର୍ବାଞ୍ଚଳ ଜୋନ ଅନ୍ତର୍ଗତ ଏହି ବ୍ଲକର ୪୬ଟି ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପଣ୍ଡା ଯୋଗ ଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟବ୍ୟକ୍ତା ଭାବେ ବିଦ୍ୟାଳୟ ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଆଲୁମନି କମିଟି ସଭାପତି ପଙ୍କଜାକ୍ଷ ପଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ପାଠ ପଢ଼ା ସହିତ ଶାରୀରିକ ଓ ମାନସିକ ସୁସ୍ଥ ପାଇଁ ଖେଳ କୁଦର ଆବଶ୍ୟକତା ରହିଛି ବୋଲି କହିଥିଲେ। ଆୟୋଜିତ ବିଭିନ୍ନ ବିଭାଗରେ ଉଭୟ ସିନିୟର ବାଳକ, ଜୁନିୟର ବାଳକ, ସିନିୟର ବାଳିକା, ଜୁନିୟର ବାଳିକା ବିଭାଗରେ ଛାତ୍ରଛାତ୍ରୀ ଭାଗନେଇ ଥିଲେ। ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଜେନା, ସ୍ୱପ୍ନନ୍ଦୁ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ପାତ୍ର, ଚକ୍ରଧର ମହାନ୍ତି, ମନୋଜ କୁମାର ସାହୁ, ସୁକୁମାର ବେହେରା, ସଞ୍ଜୀବ କୁମାର ପଣ୍ଡା, ଶ୍ରୀକାନ୍ତ ଜେନା, ଉତ୍ତମ ଜେନା, ଆଶିଷ ବେହେରା, ଜୟନ୍ତ ଗିରି, ଶ୍ରାବଣୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଏସ ଏସ ନୋଡାଲ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ଅର୍ଚ୍ଚନା ସିଟ, ଶିକ୍ଷକ କ୍ଷିତିଶ ମାଝୀ, ଅନନ୍ତ ସରେନ, ଜୟକୃଷ୍ଣ ସେଠୀ, ନାରାୟଣ ଘୋଷ, ରବୀନ୍ଦ୍ର ଗିରି, ଅରୁଣ କୁମାର ଜେନା, ଶିକ୍ଷୟିତ୍ରୀ ସୂଚନା ସିଂ, ସୁସ୍ମିତା ଦିଣ୍ଡାଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ଓ ସଦସ୍ୟ, ସଦସ୍ୟା ମାନେ ପରିଚାଳନାରେ ସହାୟତା କରିଥିଲେ।

**● ଶାନ୍ତିଲତା ଉପ୍ରା ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ବଦଳି**

## ୨ୟ ଦିନରେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଧାରଣା

ଖଇରା, ୯।୯ (ସମିସ): ଅର୍ଦ୍ଧବାର୍ଷିକ ପରୀକ୍ଷାକୁ ଆଉ ମାତ୍ର ୨୦ଦିନ ଥିବା ବେଳେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବାଉଁଶଗଡ଼ିଆ ପଞ୍ଚାୟତ ଅଧୀନ ବରପଦାସ୍ଥିତ ଶାନ୍ତିଲତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟତ୍ରୀ ତମାଳ ବାରିକଙ୍କୁ ବଦଳୀ କରାଯିବାକୁ ନେଇ ପରିଚାଳନା କମିଟି, ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା



ଧାରଣା ଅବ୍ୟାହତ ରହିଛି। ବୁଧବାର ପରିଚାଳନା କମିଟି ସଭାପତି କାହ୍ନୁ ଚରଣ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଫାଟକରେ ତାଲା ଦେଇ ୪ଟା ପର୍ଯ୍ୟନ୍ତ ଧାରଣାରେ ବସିରହିଥିଲେ। ତେବେ ଗୋଷ୍ଠୀ ଶିକ୍ଷାଧିକାରୀଣୀଙ୍କ କାର୍ଯ୍ୟାଳୟରୁ କୌଣସୀ ଅଧିକାରୀ ଧାରଣାସ୍ଥଳକୁ ଯାଇ ନ ଥିବାରୁ ଗ୍ରାମବାସୀ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ ଉପରେ ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖଇରା ପୁଲିସ ଘଟଣାସ୍ଥଳକୁ ଯାଇ ବୁଝାସୁଝା କରିଥିଲେ ହେଁ ଯେତେଦିନ ପର୍ଯ୍ୟନ୍ତ ବିଇଓ କିମ୍ବା ଡିଇଓ ଆଲୋଚନାକୁ ଯାଇ ନାହାଁନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ଧାରଣା ଚାଲୁରହିବ ବୋଲି ଛାତ୍ରୀଛାତ୍ର କହିଛନ୍ତି। ବିଦ୍ୟାଳୟରେ ୧୮୦ ପିଲା ପଢୁଥିବା ବେଳେ ମେ ମାସରେ ଜଣେ ଶିକ୍ଷୟିତ୍ରୀ ଓ ପୁନଶ୍ଚ ସେପ୍ଟେମ୍ବର ୫ତାରିଖରେ ସବୁପ୍ରକାର ଗାଇଡଲାଇନକୁ ଉଲ୍ଲଂଘନ କରି ଜନଗଣନା ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ତମାଳ ବାରିକଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଧାରଣାକୁ ଓହ୍ଲାଇଛନ୍ତି। ଯଦି ବୁଧବାର କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଯାଆନ୍ତି ତେବେ ନିଜ ଅଭିଭାବକଙ୍କ ସହ ବାଲେଶ୍ୱର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବାକୁ ସମ୍ପୃକ୍ତ ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି।

## ବ୍ଲକସ୍ତରୀୟ ଖେଳ ଓ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



ଖଇରା, ୯।୯ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନୀଳସୁନ୍ଦର ଜୀଉ ହାଇସ୍କୁଲ ପଡ଼ିଆରେ ୨ଦିନିଆ ବ୍ଲକସ୍ତରୀୟ ଖେଳ ଓ କ୍ରୀଡା ପ୍ରତିଯୋଗିତା ବୁଧବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି। ଖଇରା ଗୋଷ୍ଠୀ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ ମୁଖ୍ୟବକ୍ତା, ସରପଞ୍ଚ ମମତାରାଣୀ ବେହେରା, ପ୍ରଧାନଶିକ୍ଷକ ଯଶୋବନ୍ତ ନାଇକ, ସିଆରସିସି ଦାମୋଦର ମହାନ୍ତି ତଥା ପରିଚାଳନା କମିଟି ସଭାପତି ରାଜୀବ ରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶାନ୍ତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ କୁମାର ମହାପାତ୍ର ଓ ସୁବାଷ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମଦିନ ଖୋଖୋ, ଭଲିବଲ, କବାଡି, ବ୍ୟାଡମିଟନ, ଫୁଟବଲ, ଚେସ ଓ ଯୋଗରେ ମୋଟ ୧୫୩ ବିଦ୍ୟାଳୟରୁ ୩୫୧ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଅଶୋକ କୁମାର ମହାନ୍ତି, ଖୁକନ ସେଠୀ, ବିଦ୍ୟାଧର ଦାସ, ସୁଶାନ୍ତ କୁମାର ନାୟକ, କମଳାକାନ୍ତ ଶିଅଳ, ମନୋଜ ମହାପାତ୍ର, ଭାଗିରଥି ନାୟକ ଓ ଦେବାଶିଷ ରାଉତ ତଥା ସମସ୍ତ ସିଆରସିସି, ଖେଳଶିକ୍ଷକ ସହଯୋଗ କରିଥିଲେ। ଗୁରୁବାର ଉଦଯାପନୀ ଦିବସରେ ଡିଆଁ, ଦୌଡ ଇତ୍ୟାଦି ଖେଳ ଅନୁଷ୍ଠିତ ହେବ।

# ଏସ୍‌ଆଇଆର୍ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ନେଇ ଅଭିଯୋଗ ଆଣିଲା ଇଣ୍ଡିଆ ମେଣ୍ଟ

ଜଳେଶ୍ୱର, ୯।୯ (ସମିସ)




ଦେଶରେ ଚାଲିଥିବା ଏସ୍‌ଆଇଆର ସଂଶୋଧନ ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ଭାବରେ ଚାଲିଛି। ରାଜ୍ୟରେ ବିଭିନ୍ନ ଅଞ୍ଚଳରେ ନିଶ୍ଚିତ ଭୋଟର ମାନଙ୍କୁ ଚଞ୍ଚକତା କରି ତାଲିକାରୁ ବାଦ ଦିଆଯାଉଛି ବୋଲି ଜଳେଶ୍ୱର ନୂଆ ବଜାର ଶୋଭାକଲ୍ୟାଣ ମଣ୍ଡପ ପରିସରରେ ଇଣ୍ଡିଆ ମେଣ୍ଟ ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଦଳର ପ୍ରବକ୍ତା ମାନେ ଅଭିଯୋଗ କରିବା ସହିତ ଦୃଢ ନିନ୍ଦା କରିଛନ୍ତି। ଭାରତର ବିଭିନ୍ନ ରାଜ୍ୟରେ ଏସଆଇଆର ସଂଶୋଧନ ନାମରେ ବହୁ ନିଶ୍ଚିତ ଭୋଟରଙ୍କୁ ବାଦ ଦେଇ କେନ୍ଦ୍ର ସରକାର ଶାସନ ହାତେଇଛି। ଓଡ଼ିଶାରେ ମଧ୍ୟ ଲାଗୁ କରିବାକୁ ଚାହୁଁଛି ବୋଲି କଂଗ୍ରେସ ଦଳର ପ୍ରବକ୍ତା ସୁଦର୍ଶନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ମେଣ୍ଟର ସି.ପି.ଏମ ଦଳର ରାଜ୍ୟ ନେତା ଶିଶିର ହୁଇ, କଂଗ୍ରେସ ଦଳର ରାଜ୍ୟ ନେତା ମଧୁସୂଦନ ଦାସ, ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଟାଉନ ସଭାପତି ଜଗଦୀଶ ନନ୍ଦୀ, ସୁଦାମ ଚରଣ ପାତ୍ର, ସିପିଏମ ନେତା ସିତାଂଶୁ ସେନାପତି, ଦୀପ୍ତିମାନ ଆଚାର୍ଯ୍ୟ, ଦିଲ୍ଲୀପ କୁମାର ପରିଡ଼ା, ରବୀନ୍ଦ୍ର ବାରିକ, କଂଗ୍ରେସ ଦଳର ପଦ୍ମଲୋଚନ ବେହେରା, ବିଜେଡି ଯୁବ ନେତା ସେକ ଇସରାଇଲ ପ୍ରମୁଖ ମତ ବ୍ୟକ୍ତ କରିବା ସହିତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ନିଶ୍ଚିତ ଭୋଟରଙ୍କ ନାମ କଟାଯାଇ ଥିବାର ଲିଷ୍ଟ ଦେଇଥିଲେ। ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଳେଶ୍ୱର ବ୍ଲକର ରାଜପୁର ପଞ୍ଚାୟତରେ ୧୦୨ନଂ ବୁଥର ୬୩ଜଣ ମୁସଲିମ ଭୋଟରଙ୍କ ନାମ କଟାଯାଇଥିବା ବେଳେ ପ୍ରଭାବିତ ଭୋଟରମାନେ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ତଥା ଜଳେଶ୍ୱର ବିଡିଓଙ୍କ ପାଖରେ ଦୃଢ ଦାବୀ ପରେ ପୁଣି ଯୋଡି ଦେବାକୁ ନେଇ ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଛି। ସେହିପରି କିଛିଦିନ ପୂର୍ବରୁ କାଦରାୟାଁ, ଦେଭୋଗ ଓ ଗୋପିନାଥପୁର ଗ୍ରାମରେ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟାରେ ୬ଟି ବୁଥର ୪୧୯ଜଣ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ ପଡ଼ିବାକୁ ନେଇ ପ୍ରଭାବିତ ଭୋଟରମାନେ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରଭାବିତ ଭୋଟର ମାନଙ୍କର ଉକ୍ତ ପଞ୍ଚାୟତ ଗୁଡିକରେ ଏସ୍‌ଆଇଆର୍-୨୦୨୬ ଯାଞ୍ଚ ପ୍ରକ୍ରିୟା ପ୍ରାରମ୍ଭରେ ଜୁଲାଇ ୧୯ରେ ହୋଇଥିବା ଯାଞ୍ଚରେ ଓ ପରେ ଜୁଲାଇ ୨୮ ରୁ ୩୧ ତାରିଖ ପର୍ଯ୍ୟନ୍ତ ଆପତି ଓ ଅଭିଯୋଗ ଶୁଣାଣି ପରେ ସମସ୍ତଙ୍କର ନାମ ରହିଥିବା ଲିଷ୍ଟ ପ୍ରକାଶ ପାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ନାମ ତାଲିକାରେ ନଥିବାର ଦେଖିବାକୁ ମିଳିଛି। ଏହାର ସ୍ୱଷ୍ଟୀକରଣ ପାଇଁ ଇଣ୍ଡିଆ ମେଣ୍ଟ ତରଫରୁ ଦାବୀ କରିବା ସହିତ ସମ୍ପୃକ୍ତ ଥିବା ପଞ୍ଚାୟତର ଅଧିକାରୀ, ରାଜନୈତିକ ବ୍ୟକ୍ତି, ବ୍ଲକ କର୍ମଚାରୀମାନଙ୍କୁ ଓ ଚଞ୍ଚକତା କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବୀ କରିଛନ୍ତି। ଏଥିନେଇ ଜଳେଶ୍ୱର ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ତଥା ଜଳେଶ୍ୱର ବିଡିଓଙ୍କୁ ଦାବୀ ପତ୍ର ଦେବା ସହିତ ରାଜ୍ୟ ନିର୍ବାଚନ କମିସନରଙ୍କ ପାଖରେ ଦାବୀ ପତ୍ର ଦିଆଯିବ ବୋଲି କୁହାଯାଇଛି। ଆସନ୍ତା ସମୟରେ ମେଣ୍ଟ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

# ବାଲେଶ୍ୱର ଟିଭିଏସ୍‌ର ଏକବର୍ଷ ପୂର୍ତ୍ତିରେ 'ମହାପର୍ବ' ଆରମ୍ଭ

ବାଲେଶ୍ୱର, ୯।୯ (ସମିସ): ବାଲେଶ୍ୱର ଟିଭିଏସର ଏକବର୍ଷ ପୂର୍ତ୍ତି ଅବସରରେ ବୁଧବାରଠାରୁ ଆରମ୍ଭ ହୋଇଛି 'ଟିଭିଏସ ମହାପର୍ବ'। ଆଜିଠାରୁ ଆସନ୍ତା ଦୀପାବଳି ପର୍ଯ୍ୟନ୍ତ ଏହି ଅଫର୍ ଜାରି ରହିବ। ଏ ନେଇ ସହରର ତାମୁଲିଆସ୍ଥିତ ବାଲେଶ୍ୱର ଟିଭିଏସ ସୋ'ରୁମ୍ ପରିସରରେ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଟିଭିଏସ କମ୍ପାନୀର ରିଜିଓନାଲ ମ୍ୟାନେଜର, ଇଷ୍ଟକୋଷ୍ଟ ବିବେକ ଜେନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ 'ଟିଭିଏସ ମହାପର୍ବ'ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ ଦେଶର ଅଗ୍ରଣୀ ଦୁଇଚକିଆ ଯାନ ନିର୍ମାତା ଟିଭିଏସର ସଫଳତା ଓ ଗ୍ରାହକଙ୍କ ମଧ୍ୟରେ ଏହାର ଗ୍ରହଣୀୟତା ସମ୍ପର୍କରେ ଆଲୋଚନା କରିଥିଲେ। ଏରିଆ ସେଲ୍ସ ମ୍ୟାନେଜର ଦୀପକ କୁମାର ମହାପାତ୍ର ଓ ଟେରିଟରି ମ୍ୟାନେଜର ରବିକାନ୍ତ ଆନନ୍ଦ ପ୍ରମୁଖ ଯୋଗଦେଇ ବାଲେଶ୍ୱର ଟିଭିଏସର ସଫଳତା କାମନା କରିଥିଲେ। ବାଲେଶ୍ୱର ଟିଭିଏସର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଲକ୍ଷ୍ମୀନାରାୟଣ ମହାନ୍ତି କାର୍ଯ୍ୟକ୍ରମରେ




ଅଧ୍ୟକ୍ଷତା କରି ଏକବର୍ଷ ମଧ୍ୟରେ ଅନୁଷ୍ଠାନ ହାସଲ କରିଥିବା ସଫଳତା ଉପରେ ଆଲୋକପାତ କରିଥିଲେ। 'ଟିଭିଏସ ମହାପର୍ବ' ଅବସରରେ ପ୍ରତ୍ୟେକ ଗାଡ଼ି କ୍ରୟ ଉପରେ ଆକର୍ଷଣୀୟ ପୁରସ୍କାର ରହିଛି। ଲକି ଡ୍ର' ମାଧ୍ୟମରେ ପ୍ରଥମ ପୁରସ୍କାର ଭାବେ କାର୍, ଦ୍ୱିତୀୟ ପୁରସ୍କାର ଆପାଚି, ତୃତୀୟ ପୁରସ୍କାର ରାଡନ୍, ଚତୁର୍ଥ ପୁରସ୍କାର ଅର୍ବିଟର, ପଞ୍ଚମ ପୁରସ୍କାର ଏନଟର୍କ, ଷଷ୍ଠ ପୁରସ୍କାର ଜୁପିଟର, ସପ୍ତମ ପୁରସ୍କାର ରାଡନ୍, ଅଷ୍ଟମ ପୁରସ୍କାର ଜେଷ୍ଟ ୧୧୦, ନବମ ପୁରସ୍କାର ସ୍ମାର୍ଟ ଏବଂ ଦଶମ ପୁରସ୍କାର ଭାବେ ଏକ୍ସଏଲ୍ ୧୦୦ ରଖାଯାଇଛି। ଏହି ଅବସରରେ ଉଲ୍ଲେଖନୀୟ ସଫଳତା ଓ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବାଲେଶ୍ୱର ଟିଭିଏସର ନିର୍ଦ୍ଦେଶକ ଦିବ୍ୟ ଜ୍ୟୋତି ମହାନ୍ତି ଓ ଜ୍ୟୋତିରାଦିତ୍ୟ ମହାନ୍ତି କାର୍ଯ୍ୟକ୍ରମର ରୂପରେଖ ଓ ମହାପର୍ବର ବିଭିନ୍ନ ଅଫର୍ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଟିଭିଏସ ସବ୍‌ଡିଲର୍ ଏଥିରେ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା କେକ୍ କଟାଯାଇ 'ଟିଭିଏସ ମହାପର୍ବ'ର ଶୁଭାରମ୍ଭ କରାଯିବା ସହ ଟିଭିଏସର ନୂତନ ଆଇକ୍ୟୁବ୍ ଇଭି ସ୍କୁଟର ଲଞ୍ଚ କରାଯାଇଥିଲା। ଏଥିସହ ନୂତନ ଗ୍ରାହକଙ୍କୁ ଗାଡ଼ିର ଚାବି ହସ୍ତାନ୍ତର କରାଯାଇଥିଲା। ଶେଷରେ ସୋ'ରୁମ୍ ନିକଟରୁ ଏକ ବାଇକ୍ ରାଲି ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ପୁଣି ସୋ'ରୁମ୍ ନିକଟରେ ପହଞ୍ଚିଥିଲା।

THE SAKALA

# ସବୁଜ ଇନ୍ଧନର ଆହ୍ୱାନ

ଭାରତର ବାଣିଜ୍ୟ-ଅର୍ଥନୀତିର ମୁଖ୍ୟ ଆହ୍ୱାନ ହେଉଛି ଇନ୍ଧନ। ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଏହି ଦେଶର ଇନ୍ଧନ ଚାହିଦା ବଢ଼ିଚାଲିଥିବା ବେଳେ ଏଥିରେ ଜୀବାଶ୍ମ ଇନ୍ଧନର ସିଂହଭାଗ ଅବଦାନ ରହୁଛି ଏବଂ ତୈଳ ଚାହିଦାର ୮୦% ପର୍ଯ୍ୟନ୍ତ ଭାରତକୁ ଆମଦାନୀ ଉପରେ ନିର୍ଭର କରିବାକୁ ପଡୁଛି। ଏହାଦ୍ୱାରା ଚାଲୁ ଖାତା ନିଅଣ୍ଟ(କରେଣ୍ଟ ଆକାଉଣ୍ଟ ଡେଫିସିଟ୍) ସହିତ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏପରିକି ସାମ୍ପ୍ରତିକ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟ ତିକ୍ତତାକୁ ଇନ୍ଧନ ଯୋଗାଇଛି ରୁଷ୍‌ରୁ ଭାରତର ବହୁଳ ଇନ୍ଧନ ଆମଦାନୀ। ଏହି ପୃଷ୍ଠଭୂମିରେ ସୁଖର କଥା ଭାରତ ସ୍ୱଚ୍ଛ ଓ ସବୁଜ ଇନ୍ଧନ ନିର୍ଭରଶୀଳତା ଧାର୍ଯ୍ୟ ଲକ୍ଷ୍ୟର ବହୁପୂର୍ବରୁ ହାସଲ କରିବାକୁ ଯାଉଛି। ଏହାଫଳରେ ଇନ୍ଧନ ପାଇଁ ଆମଦାନୀ ଉପରେ ନିର୍ଭରଶୀଳତା ବହୁ ପରିମାଣରେ ହ୍ରାସ ପାଇବାର ଆଶା ସଞ୍ଚାର ହୋଇଛି।


ଗତ ଜୁନ୍ ଶେଷ ସୁଦ୍ଧା ଦେଶର ମୋଟ ଶକ୍ତି ଯୋଗାଣ ୪୮୪.୮୨ ଗିଗାୱାଟ୍ ହୋଇଥିବା ବେଳେ ସେଥିରୁ ପ୍ରାୟ ଅଧା ଅର୍ଥାତ୍ ୨୨.୭୮ ଗିଗାୱାଟ୍‌ର ଉତ୍ସ ଥିଲା ଜଳବିଦ୍ୟୁତ୍, ଆଣବିକ, ସୌର ଓ ପବନ ଶକ୍ତି। ୨୦୩୦ ସୁଦ୍ଧା ଦେଶର ମୋଟ ଶକ୍ତି ଚାହିଦାର ୫୦% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା କରିବା ପାଇଁ ଭାରତ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ସ୍ୱାକ୍ଷର କରିଥିବା ବେଳେ ତାହାର ପାଞ୍ଚ ବର୍ଷ ପୂର୍ବରୁ ଏହି ଲକ୍ଷ୍ୟ ହାସଲ କରିବା ପରିବେଶ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି। ଏଥିସହିତ ଜୀବାଶ୍ମ ଇନ୍ଧନ ଆମଦାନୀ ଜନିତ ଅର୍ଥନୈତିକ ବୋଝ ହ୍ରାସ କରିବା ଦିଗରେ ଏକ ଶୁଭସଙ୍କେତ ଦେଇଛି। ଏହି ସଫଳତା ପଛରେ ସୌରଶକ୍ତିର ଅବଦାନ ଉଲ୍ଲେଖନୀୟ ନ ହେଲେ ମଧ୍ୟ ଉତ୍ସାହଜନକ ଓ ପ୍ରେରଣାପ୍ରଦ। ୨୦୩୦ ସୁଦ୍ଧା ଭାରତ ୫୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ବିଗତ ଦୁଇବର୍ଷ ମଧ୍ୟରେ ୨୪ଗିଗାୱାଟ୍ ଉତ୍ପାଦନ କରିପାରିଛି। ନିର୍ମାଣାଧୀନ ଅନେକ ପ୍ରକଳ୍ପ ଆଗାମୀ ବର୍ଷେ/ଦୁଇବର୍ଷ ଭିତରେ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ସବୁଜ ଶକ୍ତିରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିପାରିବ ବୋଲି ଆଶା ସୃଷ୍ଟି ହେବା ସ୍ୱାଭାବିକ। ଏହାଛଡ଼ା ଭାରତ ଦଶଟି ଆଣବିକ ଶକ୍ତି ଉତ୍ପାଦନ ପ୍ରକଳ୍ପ(ଭାରତ ସ୍ମଲ୍ ମଡୁଲାର ରିଆକ୍ଟର) କାର୍ଯ୍ୟ ତ୍ୱରିତ୍ ଗତିରେ ଚାଲୁଛି। ଏବେ ଆଣବିକ ଶକ୍ତି ଯୋଗାଣ ୧୭ ଗିଗାୱାଟ୍ ଥିବା ବେଳେ ୨୦୩୦ ସୁଦ୍ଧା ଏହାକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି।

ଅଣ-ଜୀବାଶ୍ମ ଇନ୍ଧନରେ ଭାରତର ଏହି ସଫଳତା ଉଲ୍ଲେଖନୀୟ ଓ ଉତ୍ସାହପ୍ରଦ ହେଲେ ମଧ୍ୟ ଆହୁରି ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ପଡ଼ିବ। ଏବେ ସବୁଜ ଶକ୍ତି ବା ଅଣ-ଜୀବାଶ୍ମ ଇନ୍ଧନ ଶକ୍ତିରେ ଜଳବିଦ୍ୟୁତ୍ ଶକ୍ତିର ଅବଦାନ ସିଂହଭାଗ ଥିବା ବେଳେ ତା'ପଛକୁ ରହିଛି ସୌରଶକ୍ତି ପ୍ରକଳ୍ପ। କିନ୍ତୁ ଏ ଦୁଇଟି ସମ୍ପୂର୍ଣ୍ଣ ରୂପେ ଜଳବାୟୁ ଓ ପାଣିପାଗ ଉପରେ ନିର୍ଭରଶୀଳ। ଅନେକ ଜଳବିଦ୍ୟୁତ୍ ପ୍ରକଳ୍ପ ଜଙ୍ଗଲ ଓ ପରିବେଶ ମଞ୍ଜୁରୀ ବିନା ଅଧପନ୍ତରିଆ ରହିଛି। ତେଣୁ ଭାରତକୁ ଆଣବିକ ଇନ୍ଧନ ଓ ସବୁଜ ଉଦ୍‌ଜାନ ଶକ୍ତି ଉତ୍ପାଦନରେ ଅଧିକ ପୁଞ୍ଜିନିବେଶ କରିବା ଆବଶ୍ୟକ। ଏଥିସହିତ ବିଦ୍ୟୁତ୍ ଚାଳିତ ଯାନ(ଇଭି) ଉତ୍ପାଦନ ଓ ବ୍ୟବହାରକୁ ଭାରତ ଯେତେଶୀଘ୍ର ତ୍ୱରାନ୍ୱିତ କରିବ ଜୀବାଶ୍ମ ଇନ୍ଧନ ଜନିତ ଜଞ୍ଜାଳରୁ ସେତେଶୀଘ୍ର ମୁକ୍ତି ମିଳିବ। ସେହିପରି ଭାରତର ମୋଟ୍ ବିଦ୍ୟୁତ୍ ଚାହିଦାର ମାତ୍ର ୨୮% ଅଣ-ଜୀବାଶ୍ମ ଇନ୍ଧନରୁ ଭରଣା ହୋଇପାରୁଥିବା ବେଳେ ବାକି ଅଂଶ ପାଇଁ ଆମେ ସମ୍ପୂର୍ଣ୍ଣ ରୂପେ କୋଇଲା, ଜୀବାଶ୍ମ ତୈଳ ଓ ପ୍ରାକୃତିକ ବାଷ୍ପ ଉପରେ ନିର୍ଭର କରୁଛୁ। ଶକ୍ତି ନିର୍ଭରଶୀଳତାକୁ କ୍ରମଶଃ କୋଇଲା ବା ତାପଜ ବିଦ୍ୟୁତ୍‌ରୁ ସବୁଜ ବିଦ୍ୟୁତ୍‌କୁ ରୂପାନ୍ତରିତ କରିବାକୁ ପଡ଼ିବ।

ସବୁଜ ଇନ୍ଧନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଯେଉଁ କେତେକ ପ୍ରତିବନ୍ଧକ ରହିଛି ସେଥିରେ ମୁଖ୍ୟ ହେଉଛି ଶକ୍ତି ଭଣ୍ଡାରଣ। ୨୦୨୪ ଶେଷ ସୁଦ୍ଧା ଭାରତର ସବୁଜ ଶକ୍ତି ଭଣ୍ଡାରଣ କ୍ଷମତା ୫ ଗିଗାୱାଟ୍‌ରୁ ମଧ୍ୟ କମ୍ ଥିବା ବେଳେ ବ୍ୟାଟେରି ଭଣ୍ଡାରଣ ପରିମାଣ ଥିଲା ମାତ୍ର ୧୧୦ ମେଗାୱାଟ୍। ଉତ୍ପାଦିତ ଶକ୍ତିକୁ ଗଚ୍ଛିତ କରି ରଖି ତିରୋଟ ସମୟରେ ବିତରଣରେ ସମତୁଲତା ପାଇଁ ସମ୍ପୂର୍ଣ୍ଣ ଦକ୍ଷତା ଆହରଣ କରିପାରିଲେ ଶକ୍ତି ଚାହିଦା-ଯୋଗାଣ ଆହ୍ୱାନକୁ ସଫଳ ମୁକାବିଲା କରିହେବ। କିନ୍ତୁ ସବୁଜ ଶକ୍ତି ଭଣ୍ଡାରଣ ଭିତ୍ତିଭୂମି ନିର୍ମାଣ ବ୍ୟୟ ଓ ସମୟସାପେକ୍ଷ। ଏହି ସମସ୍ୟା ଦୂର କରିବା ପାଇଁ 'ଏକ ଦେଶ ଏକ ଗ୍ରୀଡ୍' ଭଳି ଅଭିନବ ଯୋଜନାକୁ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ କାର୍ଯ୍ୟକାରୀ କରାଯାଇପାରେ। ଉଦାହରଣସ୍ୱରୂପ ପଶ୍ଚିମ ଭାରତ ତୁଳନାରେ ସୌରଶକ୍ତିର ଉପଲବ୍ଧତା ଉତ୍ତର-ପୂର୍ବ ଭାରତରେ ବହୁତ କମ୍ ଏବଂ ମଧ୍ୟ-ଭାରତ, ଦକ୍ଷିଣ-ଭାରତ ଓ ପୂର୍ବ-ଭାରତର ଜଳବିଦ୍ୟୁତ୍ ଉତ୍ପାଦନ କ୍ଷମତା ପଶ୍ଚିମ ଭାରତ ତୁଳନାରେ ବହୁ ଅଧିକ। ସେହିପରି ଉପକୂଳ ଭାରତରେ ପବନ ଶକ୍ତିର ଉପଲବ୍ଧତା ଆଭ୍ୟନ୍ତରୀଣ ଭାରତ ତୁଳନାରେ ପର୍ଯ୍ୟାପ୍ତ। 'ଏକ ଦେଶ ଏକ ଗ୍ରୀଡ୍'ରେ ସମନ୍ୱୟ ରକ୍ଷା ହୋଇପାରିଲେ ଗ୍ରୀଷ୍ମଋତୁରେ ଉତ୍ତର-ପୂର୍ବ ଓ ପୂର୍ବ ଭାରତ ପଶ୍ଚିମ ଭାରତରୁ ସୌରଶକ୍ତି ଏବଂ ବର୍ଷା ଋତୁରେ ପଶ୍ଚିମ ଭାରତ ଅବଶିଷ୍ଟ ଭାରତରୁ ଜଳବିଦ୍ୟୁତ ଶକ୍ତି ପାଇପାରିବ। କିନ୍ତୁ ରାଜ୍ୟମାନଙ୍କର ଉଦାସୀନତା କାରଣରୁ ଏହା ସଫଳ ହୋଇପାରିନଥିବାରୁ ଧାର୍ଯ୍ୟ ସମୟ ସୀମାକୁ ଇତିମଧ୍ୟରେ ବୃଦ୍ଧି କରାଯାଇଛି। କେତେକ ସ୍ଥାନରେ ଜଙ୍ଗଲ ଓ ପରିବେଶ ମଞ୍ଜୁରୀଗତ ବିଳମ୍ବ କାରଣରୁ ଆନ୍ତଃରାଜ୍ୟ ଗ୍ରୀଡ୍ ସଂଯୋଗ ପ୍ରକଳ୍ପ ଅଟକି ଯାଇଛି। ଏଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ।

ଅପରପକ୍ଷରେ ଶକ୍ତି ମନ୍ତ୍ରଣାଳୟ ବ୍ୟାଟେରି ଭଣ୍ଡାରଣ କ୍ଷମତାକୁ ୫୪୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦ ଗିଗାୱାଟ୍ ଆୱାର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଯୋଜନା ଚୂଡ଼ାନ୍ତ କରିଛି। ୨୦୩୨ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ଏ ଦିଗରେ ମଧ୍ୟ ମୁଖ୍ୟ ବାଧକ ସାଜିଛି ଚୀନ୍। ଏବେ ବ୍ୟାଟେରି ଭଣ୍ଡାରଣ ଉପକରଣ ଓ ଜ୍ଞାନକୌଶଳରେ ଚୀନ୍ ବିଶ୍ୱର ସିଂହଭାଗ ଦଖଲ କରିଥିବା ବେଳେ ଭାରତକୁ ବିରଳ ମୃତ୍ତିକା ରପ୍ତାନି କାଣ୍ଟଛାଣ୍ଟ କରିଛି। ତେଣୁ ଧାର୍ଯ୍ୟ ସମୟ ମଧ୍ୟରେ ଲକ୍ଷ୍ୟ ପୂରଣ ହୋଇପାରିବ କି ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଶା ସଦ୍ୟ ସମାପ୍ତ ଏସ୍‌ସିଓ ବୈଠକରେ ଭାରତ ଏ ପ୍ରସଙ୍ଗ ଚୀନ୍ ଆଗରେ ଉପସ୍ଥାପନ କରିଥିବେ।

# ସମ୍ପାଦକୀୟ



ଜୀବନରେ ଆନନ୍ଦ ପାଇବାକୁ ହେଲେ ଜନାସକ୍ତ ଓ ବିଷୟାସକ୍ତ ନ ହୋଇ ଏକ ମହତ୍ ଲକ୍ଷ୍ୟ ସହିତ ଚୁକ୍ତି କର।

-ଆଲବର୍ଟ ଆଇନଷ୍ଟାଇନ୍

# ଖାଦ୍ୟ ସାକ୍ଷରତା

ଡ.ଅନ୍ତର୍ଜିତା ନାୟକ

ଆଜିକା ପିଲାଙ୍କୁ ଯଦି ଚିପ୍ସ, କୋଲ୍ଡଡ୍ରିଙ୍କ୍ କିମ୍ବା ନୁଡୁଲ୍ସର ବ୍ରାଣ୍ଡ ଚିହ୍ନିବାକୁ କୁହାଯାଏ, ତେବେ ଉତ୍ତର ମୁହୂର୍ତ୍ତକରେ ମିଳିଯିବ। ପ୍ୟାକେଟ୍‌ର ରଙ୍ଗ, ଲୋଗୋ, ସ୍ଲୋଗାନ୍, ଏପରିକି ଜିଙ୍ଗଲ୍ ପର୍ଯ୍ୟନ୍ତ ଅନେକ ପିଲାଙ୍କ ମୁହଁରେ ଥିବ। କିନ୍ତୁ ସେଇ ପିଲାଙ୍କୁ ଯଦି ପଚରାଯାଏ 'କେଉଁ କେଉଁ ପ୍ରକାରର ମିଲେଟ୍ ଅଛି? ଡାଲି କେତେ ପ୍ରକାରର? କେଉଁ ପନିପରିବା କେଉଁ ଋତୁରେ ସ୍ୱାଭାବିକ ଭାବେ ମିଳେ?', ତା'ହେଲେ ଉତ୍ତର ହୁଏତ ଏତେ ନିଶ୍ଚିତ ଭାବେ ମିଳିବ ନାହିଁ। ଏହାକୁ କେବଳ ପିଲାମାନଙ୍କ ସାଧାରଣ ଜ୍ଞାନର ଅଭାବ ବୋଲି କହିବା ଠିକ ହେବ ନାହିଁ, ବରଂ ଏହା ଆମର ଖାଦ୍ୟ ସହିତ ସମ୍ପର୍କରେ ଘଟୁଥିବା ଏକ ବଡ଼ ପରିବର୍ତ୍ତନର ସଙ୍କେତ। ପିଲା କେବଳ ସେଇ ଖାଦ୍ୟକୁ ଚିହ୍ନି ପାରୁଛନ୍ତି, ଯାହା ବିଜ୍ଞାପନ, ବ୍ରାଣ୍ଡିଙ୍ଗ୍, ସାମାଜିକ ଗଣମାଧ୍ୟମରେ ସେମାନଙ୍କୁ ଦେଖା ହେଉଛି। ଏହି ପରିବର୍ତ୍ତନ ଆମକୁ 'ଖାଦ୍ୟ ସାକ୍ଷରତା' ବିଷୟରେ ଚିନ୍ତା କରିବାକୁ ବାଧ୍ୟ କରେ।

'ଖାଦ୍ୟ ସାକ୍ଷରତା'ର ଅର୍ଥ କେବଳ କେଉଁ ଖାଦ୍ୟ ସ୍ୱାସ୍ଥ୍ୟକର ବା କେଉଁଟା ଅସ୍ୱାସ୍ଥ୍ୟକର, ଏତିକି ଜାଣିବା ନୁହେଁ; ଏହାର ଅର୍ଥ ହେଉଛି ଆମେ ଯାହା ଖାଉଛୁ, ତାହା କେଉଁଠାରୁ ଆସୁଛି, କିପରି ଉତ୍ପାଦିତ ହେଉଛି, କିପରି ସଂରକ୍ଷଣ ଓ ପ୍ରକ୍ରିୟାକରଣ ହେଉଛି, ତାହାର ଉପକାରିତା କ'ଣ, ପ୍ୟାକେଟରେ ଥିବା ଖାଦ୍ୟ କେତେ ଭଲ କେତେ ଖରାପ ଏବଂ ଆମ ଖାଦ୍ୟ, କୃଷି, ପରିବେଶ, ଅର୍ଥନୀତି, ସଂସ୍କୃତି ଓ ସ୍ୱାସ୍ଥ୍ୟ ସହିତ କିପରି ଜଡ଼ିତ ସେସବୁକୁ ବୁଝିବା। ଭାରତ ଭଳି ଦେଶର ଅର୍ଥନୀତି, ସଂସ୍କୃତି ଓ ଜୀବନଧାରା ଯେତେବେଳେ କୃଷି ସହିତ ଏତେ ଗଭୀର ଭାବେ ଜଡ଼ିତ, ସେତେବେଳେ ଯଦି ଆମ ପିଲାମାନେ ନିଜ ଖାଦ୍ୟର ଉତ୍ସକୁ ଭୁଲିଯାଆନ୍ତି, ତେବେ ତାହା କେବଳ ଖାଦ୍ୟ ଅଭ୍ୟାସର ପରିବର୍ତ୍ତନ ନୁହେଁ, ବରଂ ମାଟି, କୃଷକ, ପ୍ରକୃତି, ପରମ୍ପରା ଓ ନିଜ ଖାଦ୍ୟ ସଂସ୍କୃତି ସହିତ ସମ୍ପର୍କରେ ଆସୁଥିବା ଏକ ଦୂରତାର ସଙ୍କେତ। ସେଥିପାଇଁ ପିଲାଙ୍କୁ କେବଳ 'ଭଲ ଖାଅ' ବୋଲି କହିଦେଲେ ହେବ ନାହିଁ। ସେମାନଙ୍କୁ ଖାଦ୍ୟର କାହାଣୀ ମଧ୍ୟ ଶିଖାଇବାକୁ ପଡ଼ିବ।

ଦୀର୍ଘ ସମୟ ଧରି ଭାରତରେ, ଖାଦ୍ୟ ଜ୍ଞାନ କୌଣସି ବହି କିମ୍ବା ଶ୍ରେଣୀରୁ ମିଳୁନଥିଲା କି ଦିଆଯାଉନଥିଲା। ଏହା ଜୀବନର ଅଂଶ ହୋଇ ନିଜେ ନିଜେ ଶିଖାଯାଉଥିଲା। ଗାଁରେ ବଢୁଥିବା ଗୋଟିଏ ପିଲା ଦେଖୁଥିଲା କିପରି ଜମିରେ ଫସଲ ହେଉଛି, କିପରି ତାହା ଅମଳ ହେଉଛି, ଶୁଖାଯାଉଛି ଏବଂ ବର୍ଷସାରା ପାଇଁ ସାଇତି ରଖାଯାଉଛି। ଋତୁ ବଦଳିଲେ ଘରର ରୋଷେଇ ମଧ୍ୟ ବଦଳୁଥିଲା। ଗାଁର ହାଟ ଏକପ୍ରକାରର ଖୋଲା ପାଠଶାଳା ଥିଲା। ସେଠାରେ ନିଜ ଅଞ୍ଚଳର ବିଭିନ୍ନ ପ୍ରକାର ଧାନ, ଡାଲି, ପନିପରିବା, ଫଳ, ଶାଗ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଦେଖି ପିଲାମାନେ ଜାଣୁଥିଲେ ଯେ ଆମ ଖାଦ୍ୟ କେତେ ବିବିଧ। ଜେଜେବାପା-ଜେଜେମାଆମାନେ ମଧ୍ୟ ଏହି ଜ୍ଞାନର ବଡ଼ ଭଣ୍ଡାର ଥିଲେ। କେଉଁ ଶସ୍ୟ କିପରି ରାନ୍ଧିବା, କେଉଁ ପତ୍ର କେମିତି ଖାଇବା, କେଉଁ ମୂଳ କିମ୍ବା ପନିପରିବା କେଉଁ ଋତୁରେ ଭଲ ମିଳେ, ଖାଦ୍ୟକୁ କିପରି ସାଇତି ରଖିବା ଏସବୁ ଜ୍ଞାନ ପିଢ଼ିରୁ ପିଢ଼ିକୁ ଯାଉଥିଲା। କେବଳ ଗାଁର ପିଲା ନୁହେଁ, ସହରର ପିଲାମାନେ ମଧ୍ୟ ଖାଦ୍ୟ ସହିତ ଏକ ନିକଟ ସମ୍ପର୍କରେ ବଢୁଥିଲେ। ହୁଏତ ସେମାନେ ଚାଷ ଜମି ଦେଖୁ ନ ଥିଲେ, କିନ୍ତୁ ଘରେ ମୌଳିକ ସାମଗ୍ରୀରୁ ଖାଦ୍ୟ ପ୍ରସ୍ତୁତ ହେଉଥିବାର ଦେଖୁଥିଲେ। ରୋଷେଇଘର ଏକ ଛୋଟ ପାଠଶାଳା ଥିଲା। ସେଇଠି କେତେବେଳେ ଗହମ ପେସା ହୋଇ ଅଟା ହେଉଥିଲା ତ କେତେବେଳେ ଜିରା, ଧଣିଆ, ସୋରିଷ, ଲଙ୍କା ଶୁଖାହୋଇ ମସଲା ପ୍ରସ୍ତୁତ ହେଉଥିଲା। କିନ୍ତୁ ଆଜି ସହରୀକରଣ, ଆଧୁନିକୀକରଣ, ଚାକିରି ପାଇଁ ସ୍ଥାନାନ୍ତରଣ, ଛୋଟ ପରିବାର, କର୍ମଜୀବୀ ପିତାମାତା, ବଢୁଥିବା ଆୟ, ସମୟର ଅଭାବ ଏବଂ ଖାଦ୍ୟ ବଜାରର ବିସ୍ତାର ଆଦି ଆମ 'ଖାଦ୍ୟ ସାକ୍ଷରତା'କୁ ପ୍ରଭାବିତ କରୁଛି। ଏହି ପରିବର୍ତ୍ତନ ଆମ ଖାଦ୍ୟ ଖର୍ଚ୍ଚରେ ମଧ୍ୟ ସ୍ପଷ୍ଟ ଦେଖାଯାଉଛି।

ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ-୨୦୨୩-୨୪ଅନୁସାରେ, ପାନୀୟ, ଜଳଖିଆ ଓ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ଖର୍ଚ୍ଚ, ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ବଢ଼ିବାରେ ଲାଗିଛି। ଏହାପଛରେ ଅନେକ କାରଣ ରହିଛି। ଅଫିସ୍‌ରୁ ବିଳମ୍ବରେ ଫେରୁଥିବା ଜଣେ ମା' କିମ୍ବା ବାପାଙ୍କ ପାଖରେ ପ୍ରତିଦିନ ପାରମ୍ପରିକ ଭାବେ ଖାଦ୍ୟ ରାନ୍ଧିବା ପାଇଁ ସମୟ ନଥାଇପାରେ। ପିଲାମାନେ ମଧ୍ୟ ସ୍କୁଲ୍, ଟ୍ୟୁସନ୍, ଖେଳ ଓ ଅନ୍ୟାନ୍ୟ କାମରେ ବ୍ୟସ୍ତ। ଏପରି ସ୍ଥିତିରେ ଶୀଘ୍ର ମିଳୁଥିବା ଖାଦ୍ୟ ଏକ ସହଜ ବିକଳ୍ପ ହୋଇଯିବା ସ୍ୱାଭାବିକ। ତେଣୁ ପ୍ୟାକେଟ୍ ଓ ପ୍ରକ୍ରିୟାକୃତ ଖାଦ୍ୟର ବଢୁଥିବା ବ୍ୟବହାରକୁ କେବଳ ଲୋକଙ୍କ ଅସାବଧାନତା କିମ୍ବା 'ଖରାପ ଖାଇବା ଅଭ୍ୟାସ' ବୋଲି କହିଦେଲେ ସମସ୍ୟାର ସମ୍ପୂର୍ଣ୍ଣ ଚିତ୍ରଟି ବଖାଣି ହେବ ନାହିଁ। ପ୍ରକୃତ ସମସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ସେଇ ସୁବିଧା ଧୀରେ-ଧୀରେ ଖାଦ୍ୟ ସହିତ ଆମର ସମ୍ପର୍କକୁ ବଦଳାଇ ଦିଏ। ସମାସ୍ୟା ସେତେବେଳେ ଆରମ୍ଭ ହୁଏ, ଯେତେବେଳେ ରୋଷେଇଘରୁ ମିଳୁଥିବା ଖାଦ୍ୟ ଜ୍ଞାନ ହ୍ରାସ ପାଏ ଏବଂ ତା' ସ୍ଥାନରେ ପ୍ୟାକେଟ୍, ବିଜ୍ଞାପନ ଓ ବ୍ରାଣ୍ଡ ଖାଦ୍ୟକୁ ଚିହ୍ନିବାର ନୂଆ 'ପାଠଶାଳା' ତିଆରି ହୋଇଯାଏ।

ଏବେ ଆମକୁ ସୁବିଧା ଓ ପରମ୍ପରା ମଧ୍ୟରେ ଗୋଟିଏ ସନ୍ତୁଳନ ଖୋଜିବାକୁ ପଡ଼ିବ। ଆମ ପିଲାମାନେ ପ୍ୟାକେଟ୍ ଖାଦ୍ୟକୁ ଚିହ୍ନନ୍ତୁ। କିନ୍ତୁ ତା' ସହିତ ଧାନ, ଡାଲି, ମିଲେଟ୍, ଶାଗ, ପନିପରିବା ଓ ଫଳର କାହାଣୀ ମଧ୍ୟ ଜାଣନ୍ତୁ। କାରଣ ଖାଦ୍ୟ କେବଳ ପେଟ ଭରିବାର ଜିନିଷ ନୁହେଁ; ଏହା ଆମ ସମାଜ, କୃଷି, ସଂସ୍କୃତି ଓ ଆମ ଜୀବନର ଏକ ଅଂଶ। ଖାଦ୍ୟ ସହିତ ବଦଳୁଥିବା ଆମ ସମ୍ପର୍କକୁ ନଜରରେ ରଖି, ଭାରତରେ ଦେଖାଦେଉଥିବା ପୋଷଣ ସମସ୍ୟାକୁ ବିଶ୍ଳେଷଣ କରିବାର ଆମ ଦୃଷ୍ଟିଭଙ୍ଗୀକୁ ବଦଳାଇବାକୁ ହେବ। ପିଲା ଜାଣିବା ଦରକାର ଯେ, ଚାଉଳ ସୁପରମାର୍କେଟ୍‌ରୁ ଜନ୍ମ ନିଏ ନାହିଁ; ତାହାର ଆରମ୍ଭ ଧାନ କ୍ଷେତରୁ। କ୍ଷୀର ଟେଟ୍ରା ପ୍ୟାକ୍‌ରୁ ଆସେ ନାହିଁ; ତା' ପଛରେ ଅଛି ଗାଈ କିମ୍ବା ମଇଁଷି, ଦୁଗ୍ଧ ଚାଷୀ ଏବଂ ଏକ ସମ୍ପୂର୍ଣ୍ଣ ଦୁଗ୍ଧ ବ୍ୟବସ୍ଥା।

ବିଦ୍ୟାଳୟରେ ପୋଷଣ ବଗିଚା ପିଲାମାନଙ୍କ ପାଇଁ ଜୀବନ୍ତ ପାଠଶାଳା ହୋଇପାରେ। ପିଲାମାନେ ନିଜେ ମାଟିରେ ବୀଜ ପୋତିପାରିବେ ଏବଂ ଗଛ ବଢ଼ିବାର ପ୍ରତ୍ୟେକ ପର୍ଯ୍ୟାୟକୁ ଦେଖିପାରିବେ। ମାଟି, ପାଣି, ଆଲୋକ ଓ ପବନ ଗଛ ପାଇଁ କାହିଁକି ଜରୁରୀ, ତାହା ସେମାନେ କେବଳ ବହିରୁ ପଢ଼ିବେ ନାହିଁ; ନିଜେ କରି ଓ ଦେଖି ଶିଖିବେ। ବଗିଚାରେ କିଛି ଉତ୍ପାଦନ କରିବାର ଖର୍ଚ୍ଚ କେତେ ଏବଂ ବଜାରରେ ତାହା କେତେ ଦାମରେ ବିକ୍ରି ହେଉଛି, ତାହାର ହିସାବ କରି ପିଲାମାନେ ଅର୍ଥନୀତିର ଏକ ଛୋଟ ପାଠ ମଧ୍ୟ ଶିଖିପାରିବେ। ଖାଦ୍ୟ ବିଷୟରେ ପିଲା ଯେତେ ଜାଣିବେ, ସେମାନେ 'ଭଲ' କିମ୍ବା 'ଖରାପ' ଖାଦ୍ୟ ମଧ୍ୟରେ ତଫାତ ସେତେ ଜାଣିପାରିବେ।

ଭାରତ ଆଜି ଦୁଇପ୍ରକାରର ପୋଷଣ ସମସ୍ୟା ସହ ଲଢୁଛି। ଗୋଟିଏ ପଟେ ଅପପୋଷଣ, କମ୍ ଓଜନ ଓ ସୂକ୍ଷ୍ମ ପୋଷକତତ୍ତ୍ୱର ଅଭାବ ଭଳି ସମସ୍ୟା ରହିଛି ଏବଂ ଅନ୍ୟପଟେ ଅଧିକ ଓଜନ ଓ ମେଦବହୁଳତା ମଧ୍ୟ ଚିନ୍ତାର ବିଷୟ। ଏଭଳି ପରିସ୍ଥିତିରେ ପିଲାମାନଙ୍କୁ ଖାଦ୍ୟକୁ ବୁଝିବା ଏବଂ ନିଜେ ସଚେତନ ଭାବେ ଖାଦ୍ୟ ବାଛିବା ଅତ୍ୟନ୍ତ ଜରୁରୀ। ଏହି କାମରେ ପ୍ରଯୁକ୍ତି ବିଦ୍ୟାକୁ ମଧ୍ୟ ସହଜରେ ଯୋଡ଼ାଯାଇପାରେ। ପିଲାମାନେ ମୋବାଇଲ୍ କିମ୍ବା ଅନ୍ୟ ଡିଜିଟାଲ୍ ଉପକରଣରେ ନିଜ ଅଞ୍ଚଳର କୃଷକଙ୍କ ସାକ୍ଷାତକାର ରେକର୍ଡ କରିପାରନ୍ତି, 'କ୍ଷେତରୁ ଥାଳି' ପର୍ଯ୍ୟନ୍ତ ଖାଦ୍ୟର ଯାତ୍ରା ଉପରେ ଛୋଟ ଭିଡିଓ ପ୍ରସ୍ତୁତ କରିପାରନ୍ତି କିମ୍ବା ନିଜ ଜିଲ୍ଲାର ପାରମ୍ପରିକ ଖାଦ୍ୟ ଓ ରନ୍ଧନ ପ୍ରଣାଳୀର ଏକ ଡିଜିଟାଲ୍ ସଂଗ୍ରହ ତିଆରି କରିପାରନ୍ତି।

ଆଧୁନିକ ଶିକ୍ଷାର ଅର୍ଥ ପାରମ୍ପରିକ ଜ୍ଞାନକୁ ଛାଡ଼ି କେବଳ ନୂଆ ଜ୍ଞାନ ଆଡ଼କୁ ଦୌଡ଼ିବା ନୁହେଁ। ଜଣେ ପିଲା କୋଡିଂ ଶିଖିପାରେ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବୁଝିପାରେ, ରୋବୋଟ୍ ତିଆରି କରିପାରେ। କିନ୍ତୁ ତା'ସହିତ ମଞ୍ଜିରୁ କିପରି ଗଛ ହୁଏ, ଫସଲ କିପରି ଅମଳ ହୁଏ, କ୍ଷେତରୁ ଥାଳି ପର୍ଯ୍ୟନ୍ତ ଖାଦ୍ୟ କିଭଳି ଯାତ୍ରା କରେ, ଏସବୁ ମଧ୍ୟ ଜାଣିବା ଆବଶ୍ୟକ। ଭାରତର ପୋଷଣ ଭବିଷ୍ୟତ ଶିଶୁର ଥାଳିରେ କ'ଣ ପରଷା ଯାଉଛି, ତାହା ଉପରେ ଯେତିକି ନିର୍ଭର କରେ, ସେତିକି ନିର୍ଭର କରେ ଶିଶୁର ମନରେ ଖାଦ୍ୟ ବିଷୟରେ କି କାହାଣୀ ବୁଣାହେଉଛି।

ରାଉରକେଲା, ମୋ: ୬୩୭୦୯୦୫୯୪୭

# ରାଷ୍ଟ୍ରଶକ୍ତିର ନୂଆ ଇନ୍ଧନ ଯୁବଶକ୍ତି

ସମୀର ବିଶ୍ୱାଳ

ଭାରତର ବିଶାଳ ଯୁବ ଜନସଂଖ୍ୟା ଦେଶ ପାଇଁ ଏକ ବଡ଼ ଶକ୍ତି। ଯୁବକମାନଙ୍କ ପାଖରେ ସୃଜନଶୀଳତା, ନୂଆ ଚିନ୍ତାଧାରା, ପ୍ରଯୁକ୍ତି ଜ୍ଞାନ ଏବଂ ପରିବର୍ତ୍ତନ ଆଣିବାର ଇଚ୍ଛା ରହିଛି। ସମାଜକୁ ଗଠନମୂଳକ ପରିବର୍ତ୍ତନ କରିବାର ସବୁଠାରୁ ବଡ଼ ଶକ୍ତି ହେଉଛନ୍ତି ଯୁବକମାନେ। ସାକ୍ଷରତା ବୃଦ୍ଧି, ନିଶା ନିବାରଣ, ମହିଳା ସଶକ୍ତୀକରଣ, ରକ୍ତଦାନ, ସ୍ୱାସ୍ଥ୍ୟ ସଚେତନତା, ଗ୍ରାମୀଣ ବିକାଶ ଓ ଆର୍ଥିକ ଅନଗ୍ରସର ଅଞ୍ଚଳର ସହାୟତା ଭଳି କାର୍ଯ୍ୟରେ ଯୁବମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତେଣୁ ଯୁବକମାନେ କେବଳ ନିର୍ବାଚନ ସମୟରେ ଭୋଟ ଦେବାରେ ସୀମିତ ନ ରହି ସରକାରୀ ନୀତି, ଆଇନ, ଜନସମସ୍ୟା ଓ ପ୍ରଶାସନର ସହାୟତାରେ ସକ୍ରିୟ ଅଂଶଗ୍ରହଣ କରି ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଇବା ଆବଶ୍ୟକ। ଦୁର୍ନୀତି, ପ୍ରଶାସନର ବିରୋଧରେ ସ୍ୱର ଉଠାଇବା, ନୀତି ନିର୍ମାଣରେ ଯୋଗଦେବା ଏବଂ ସ୍ଥାନୀୟ ସମସ୍ୟାର ସମାଧାନ ପାଇଁ ଆଗକୁ ଆସିବା ଯୁବମାନଙ୍କ ଗଣତାନ୍ତ୍ରିକ କର୍ତ୍ତବ୍ୟ। ଶିକ୍ଷିତ ଯୁବକମାନେ ରାଜନୀତିକୁ ଆସିଲେ ରାଜନୀତି କେବଳ କ୍ଷମତା ଦଖଲର ମାଧ୍ୟମ ନ ହୋଇ ଶିକ୍ଷା, ରୋଜଗାର, ଦୁର୍ନୀତି, କୃଷି, ପରିବେଶ, ସାମାଜିକ ନ୍ୟାୟ ଭଳି ପ୍ରସଙ୍ଗରେ ନିର୍ଣ୍ଣାୟକ ହେବ।

ଆମ ଦେଶର ଅର୍ଥନୈତିକ ଅଗ୍ରଗତିରେ ଯୁବକମାନଙ୍କ ଅବଦାନ ଅତ୍ୟନ୍ତ ସକ୍ରିୟ। ଷ୍ଟାର୍ଟଅପ୍, ଡିଜିଟାଲ ବ୍ୟବସାୟ, କୃଷି ଉଦ୍ୟୋଗ, ଇ-କମର୍ସ, ଫିନଟେକ୍, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ ଓ ନୂଆ ପ୍ରଯୁକ୍ତି କ୍ଷେତ୍ରରେ ଯୁବକମାନେ ନୂଆ ରୋଜଗାର ସୃଷ୍ଟି କରୁଛନ୍ତି। କେବଳ ଚାକିରି ପଛରେ ନ ଗୋଡ଼ାଇ ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ଯୁବକ ହିସାବରେ ସମାଜରେ ଅନ୍ୟକୁ ରୋଜଗାର ଦେଉଛନ୍ତି। ଗ୍ରାମାଞ୍ଚଳର ଯୁବକମାନେ କୃଷି ସହିତ ପ୍ରସେସିଂ, ପ୍ୟାକେଜିଂ, ଡିଜିଟାଲ ମାର୍କେଟିଂ ଓ କୃଷି-ପର୍ଯ୍ୟଟନକୁ ଯୋଡ଼ିଲେ ଗ୍ରାମୀଣ ଅର୍ଥନୀତି ଆହୁରି ଶକ୍ତିଶାଳୀ ହୋଇପାରିବ। ଆଜିର ଯୁବପିଢ଼ି କେବଳ ଡିଗ୍ରୀ ପାଇବାରେ ସୀମିତ ନ ରହି ଦକ୍ଷତା, ଗବେଷଣା, ସୃଜନଶୀଳତା ଓ ନୂଆ ପ୍ରଯୁକ୍ତି ଶିଖିବା ଆବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, ରୋବୋଟିକ୍ସ, ସାଇବର ସୁରକ୍ଷା, ଡିଜିଟାଲ ମିଡିଆ ଓ ନୂଆ ଶିଳ୍ପ ଦକ୍ଷତାରେ ଯୁବମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ଏହାସହିତ ମାନବିକ ମୂଲ୍ୟବୋଧ, ନୈତିକତା, ସମାଜ ପ୍ରତି ଦାୟିତ୍ୱ ଓ ସମାଲୋଚନାତ୍ମକ ଚିନ୍ତା ମଧ୍ୟ ଶିକ୍ଷାର ଅଂଶ ହେବା ଉଚିତ। ଯୁବକମାନେ ନିଜେ ଶିକ୍ଷିତ ହେବା ସହିତ ନିଜ ଅଞ୍ଚଳର ଶିକ୍ଷାରୁ ମୁହଁ ଫେରାଉଥିବା ଲୋକଙ୍କୁ ସଠିକ୍ ଦିଗରେ ଶିକ୍ଷାଲାଭ କରିବାରେ ସହଯୋଗ କରିବା ଦରକାର।

ଭାରତର ଆତ୍ମା ଗ୍ରାମରେ ରହିଛି। ଜଣେ ଶିକ୍ଷିତ ଯୁବକ ଯଦି ନିଜ ଗାଁର ଦଶଜଣ ଛାତ୍ରଙ୍କୁ ମାର୍ଗଦର୍ଶନ କରନ୍ତି, ତେବେ ତାହା ଏକ ବଡ଼ ସାମାଜିକ ପରିବର୍ତ୍ତନର ଆରମ୍ଭ କରିପାରେ। ଗ୍ରାମୀଣ ଯୁବକମାନେ ନିଜ ଅଞ୍ଚଳର ବିକାଶରେ ସହଭାଗିତା ହୋଇ ପ୍ରଶାସନକୁ ସାହାଯ୍ୟ କରିବା ଦରକାର। କୃଷି ଉଦ୍ୟୋଗ, ଦୁଗ୍ଧ ଉତ୍ପାଦନ, ପଶୁପାଳନ, ମାଛଚାଷ, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ ଓ ଗ୍ରାମୀଣ ପର୍ଯ୍ୟଟନ ଭଳି କ୍ଷେତ୍ରରେ ଯୁବ ଉଦ୍ୟୋଗୀମାନେ ନୂଆ ସୁଯୋଗ ସୃଷ୍ଟି କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ନିଜର ପାରଦର୍ଶିତା ହାସଲ କରିବା ପାଇଁ ଆମ ଦେଶ ରାଜ୍ୟର ବିଭିନ୍ନ ଗାଁ, ଦୁର୍ଗମ ପାହାଡ଼ ଆଦିବାସୀ ଅଞ୍ଚଳରେ ଅନେକ ପ୍ରତିଭା ଯଥୋଚିତ ସୁଯୋଗ ଅପେକ୍ଷାରେ ରହିଛନ୍ତି। ଜଳବାୟୁ ପରିବର୍ତ୍ତନ ଆଜି ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା। ବନ୍ୟା, ମରୁଡ଼ି, ଅତ୍ୟଧିକ ତାପମାତ୍ରା, ଜଙ୍ଗଲ ନଷ୍ଟ, ଜଳ ପ୍ରଦୂଷଣ ଓ ପ୍ଲାଷ୍ଟିକ୍ ପ୍ରଦୂଷଣ ଭଳି ସମସ୍ୟାର ପ୍ରଭାବ ଯୁବପିଢ଼ିର ଭବିଷ୍ୟତ ଉପରେ ପଡ଼ିବ। ତେଣୁ ଯୁବକମାନେ ପରିବେଶ ସୁରକ୍ଷାର ନେତୃତ୍ୱ ନେବା ଆବଶ୍ୟକ। ବୃକ୍ଷରୋପଣ, ଜଳ ସଂରକ୍ଷଣ, ପ୍ଲାଷ୍ଟିକ୍ ବ୍ୟବହାର କମାଇବା, ଆବର୍ଜନା ପରିଚାଳନା, ସୌର ଶକ୍ତି ଓ ଅନ୍ୟାନ୍ୟ ସ୍ୱଚ୍ଛ ଶକ୍ତିର ପ୍ରଚାର ଭଳି କାର୍ଯ୍ୟରେ ଯୁବମାନେ ଆଗକୁ ଆସିବା ଦରକାର।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ହେଉଛି ବିକାଶର ମୁଖ୍ୟ ଚାବିକାଠି। ଆମଦେଶର ଯୁବକମାନେ ନୂଆ ଆବିଷ୍କାର, ଷ୍ଟାର୍ଟଅପ୍ ମାଧ୍ୟମରେ ଦେଶର ବିକାଶକୁ ଦ୍ରୁତ କରିପାରିବେ। କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ପରିବହନ, ଶାସନ ଓ ପରିବେଶ ଭଳି କ୍ଷେତ୍ରର ସମସ୍ୟାର ସମାଧାନ ପାଇଁ ଯୁବକମାନେ ପ୍ରଯୁକ୍ତିଭିତ୍ତିକ ନୂଆ ମଡେଲ ତିଆରି କରିପାରିବେ। ତେଣୁ ଯୁବଶକ୍ତି ଠିକ୍ ଦିଗରେ ଅଗ୍ରସର ହେଲେ ଭାରତ ଅର୍ଥନୀତି, ଶିକ୍ଷାନୀତି, ବିଜ୍ଞାନ ଓ ପ୍ରଯୁକ୍ତି, କ୍ରୀଡ଼ା, ରାଜନୀତି, ପରିବେଶ ଓ ସାମାଜିକ ବିକାଶରେ ବିଶ୍ୱର ଅଗ୍ରଣୀ ଦେଶ ହୋଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଆତ୍ମବିଶ୍ୱାସ, ଭଗତ ସିଂହଙ୍କ ସାହସ ଏବଂ ଆଜିର ଅନେକ ବୈଜ୍ଞାନିକ, କ୍ରୀଡ଼ାବିତ୍, ଉଦ୍ୟୋଗୀ ଓ ସମାଜସେବୀଙ୍କ କର୍ମନିଷ୍ଠା ଯୁବପିଢ଼ି ପାଇଁ ପ୍ରେରଣା। କିନ୍ତୁ ଆଦର୍ଶ ଯୁବକ ହେବା ପାଇଁ ପ୍ରସିଦ୍ଧ ହେବା ଆବଶ୍ୟକ ନୁହେଁ। ଗାଁର ଜଣେ ଶିକ୍ଷକ, ନୂଆ ପଦ୍ଧତି ଗ୍ରହଣ କରି ଚାଷ କରୁଥିବା କୃଷକ, ଗରିବ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ପଢ଼ାଉଥିବା ଯୁବକ କିମ୍ବା ଦାରିଦ୍ର୍ୟତା ସହ ଲଢ଼େଇ କରୁଥିବା ଲୋକଙ୍କୁ ରୋଜଗାର ଦେଉଥିବା ଜଣେ ଉଦ୍ୟୋଗୀ - ସମସ୍ତେ ଯୁବ ଭାରତର ନିରବ ନିର୍ମାତା। ବେକାରୀ, ଦକ୍ଷତା ଅଭାବ, ନିଶାସକ୍ତି, ଡିଜିଟାଲ ଆସକ୍ତି, ମାନସିକ ଚାପ, ସୁଯୋଗର ଅଭାବ ଓ ଭୁଲ ମାର୍ଗଦର୍ଶନ ଭଳି ସମସ୍ୟା ଯୁବମାନଙ୍କ ସାମ୍ନାରେ ବଡ଼ ସମସ୍ୟା ରୂପେ ଉଭା ହୋଇଛି। ଯୁବକମାନଙ୍କୁ ସୁଯୋଗ ଦେବା ସହିତ ସେମାନଙ୍କ ସମସ୍ୟା ଶୁଣିବା ମଧ୍ୟ ଆବଶ୍ୟକ। ଶିକ୍ଷା ଠାରୁ ରୋଜଗାର, ଦକ୍ଷତା ଠାରୁ ଉଦ୍ୟୋଗିତା, କ୍ରୀଡ଼ା ଠାରୁ ଗବେଷଣା - ପ୍ରତ୍ୟେକ କ୍ଷେତ୍ରରେ ଯୁବମାନଙ୍କ ପାଇଁ ସମାନ ଓ ସହଜ ସୁଯୋଗ ତିଆରି କରିବାକୁ ହେବ। ସୋସିଆଲ ମିଡିଆକୁ ଯୁବକମାନେ କେବଳ ମନୋରଞ୍ଜନ ପାଇଁ ବ୍ୟବହାର ନ କରି ସାମାଜିକ ସଚେତନତାର ମାଧ୍ୟମ ଭାବରେ ଗ୍ରହଣ କଲେ ସମାଜ ପାଇଁ ଅଧିକ ଲାଭପ୍ରଦ ହେବ। ଭୁଲ ଖବର ଓ ଘୃଣାର ପ୍ରଚାର ବଦଳରେ ଶିକ୍ଷା, ସଚେତନତା ଓ ସକାରାତ୍ମକ ଖବର ପ୍ରଚାର କରିବା ଆଜିର ଯୁବପିଢ଼ିର ଏକ ବଡ଼ ଦାୟିତ୍ୱ।

ମୋ: ୯୪୩୭୫୪୨୮୮୫

# ଜ୍ଞାନ-କୋଣାର୍କର ବିଶ୍ୱକର୍ମା: ବିନୋଦ କାନୁନଗୋ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ମଣିଷର ରହସ୍ୟମୟ ଜୀବନ, ପ୍ରକୃତିର ସୀମାହୀନ ବୈଚିତ୍ର୍ୟ, ବିଶ୍ୱ-ବ୍ରହ୍ମାଣ୍ଡର ଅଭେଦ୍ୟ ତତ୍ତ୍ୱକୁ ବ୍ୟାଖ୍ୟା କରିବାର ସାମର୍ଥ୍ୟ କାହାର ବା ରହିଛି? ଅନ୍ୟପକ୍ଷରେ ପ୍ରତିଟି ବିଷୟରେ ମଣିଷର ଅସଂଖ୍ୟ ଜିଜ୍ଞାସାକୁ ନିୟନ୍ତ୍ରିତ କରିବାର କ୍ଷମତା ମଧ୍ୟ କାହାରି ନାହିଁ। ଏହି କାରଣରୁ ହିଁ ବିକଶିତ ଓ ସମ୍ପ୍ରସାରିତ ହୋଇଉଠିଛି ଜ୍ଞାନ-ବିଜ୍ଞାନର ଅଚିନ୍ତନୀୟ ବିଶାଳ ଭଣ୍ଡାର। ପୁଣି ସାଧାରଣରୁ ଅତି ସାମାନ୍ୟ ତଥ୍ୟ ହେଉ ଅଥବା ଗଭୀରରୁ ଗଭୀରତର ସତ୍ୟ - ସେ ସବୁକୁ ଏକ ଅଭିନ୍ନ ଶୃଙ୍ଖଳାରେ ସଂରକ୍ଷିତ କରି ରଖିବାର ପ୍ରୟାସରୁ ୧୭୬୮ ମସିହାରେ ଜନ୍ମ ନେଇଛି ପୃଥିବୀର ସର୍ବପୁରାତନ ଜ୍ଞାନକୋଷ 'ଏନସାଇକ୍ଲୋପିଡିଆ ବ୍ରିଟାନିକା'।

'ଏନସାଇକ୍ଲୋପିଡିଆ ବ୍ରିଟାନିକା' ପ୍ରାୟ ଚାରିହଜାର ଲେଖକଙ୍କ ଅବଦାନରେ ବତିଶ ଖଣ୍ଡରେ ବିଧିବଦ୍ଧ ଭାବରେ ପ୍ରସ୍ତୁତ। କିନ୍ତୁ ଓଡ଼ିଶା ମାଟିରେ ଯେଉଁ ଅଦ୍ଭୁତ ବିସ୍ମୟକର ଘଟଣାଟି ଘଟିଲା ତାହା ସମସ୍ତଙ୍କୁ କରିଦେଲା ନିର୍ବାକ ଓ ସ୍ତବ୍ଧ। ଜଣେ ଜଣେ ମଣିଷର ଅଟଳ ଇଚ୍ଛାଶକ୍ତି ଆକାଶଚୁମ୍ବୀ ପର୍ବତକୁ ବି କରିଦେଇପାରେ ଟଳମଳ। ସେଭଳି ଅଦମ୍ୟ ଇଚ୍ଛାଶକ୍ତିର ଧାରକ ଥିଲେ ବିନୋଦ କାନୁନଗୋ, ଯିଏ ଏକାକୀ ଏକଟଙ୍କାର ସମ୍ବଳରୁ ଆରମ୍ଭ କରିଥିଲେ ସେପରି ଓଡ଼ିଆରେ ଜ୍ଞାନକୋଷ ଲେଖିବାର ଏକ ଦୁଃସାହସିକ ଅଭିଯାନ। କିଏ ଅବା ଚିନ୍ତା କରିଥିଲେ 'ଜ୍ଞାନମଣ୍ଡଳ' ନାମରେ ତାଙ୍କ ଆହୃତ ଜ୍ଞାନରାଶିକୁ ସେ ରୂପାୟିତ କରିପାରିବେ ପଚାଶଖଣ୍ଡ ଗ୍ରନ୍ଥରେ ବୋଲି! ନିଜେ ବିନୋଦ କାନୁନଗୋ ପ୍ରତ୍ୟକ୍ଷ କରିଛନ୍ତି ଅପରାଜେୟ ବ୍ରିଟିଶ ଶାସନ ମହାତ୍ମା ଗାନ୍ଧୀଙ୍କ ଅହିଂସ ସଂକଳ୍ପ ଆଗରେ ଭାରତରୁ କିପରି ହୋଇଗଲା ମୂଳୋତ୍ପାଟିତ। ବିନୋଦ କାନୁନଗୋ ସେହି ଅହିଂସ ସଂଗ୍ରାମର ଏକ ଅବିଚ୍ଛିନ୍ନ ସତ୍ୟାଗ୍ରହୀ। କାରାଗାର-ରୁଦ୍ଧ ଅବସ୍ଥାରେ ଥିବା ବେଳେ ହିଁ 'ଜ୍ଞାନମଣ୍ଡଳ'ର ସ୍ୱପ୍ନ ସନ୍ଦୀପିତ କରିଥିଲା ତାଙ୍କୁ। ଗାନ୍ଧିଜୀ ଯେଉଁ ରଚନାତ୍ମକ କାର୍ଯ୍ୟକ୍ରମକୁ ସ୍ୱାଧୀନତା ସଂଗ୍ରାମ ତୁଲ୍ୟ ଦେଇଛନ୍ତି ଶ୍ରେଷ୍ଠ ମର୍ଯ୍ୟାଦା, ବିନୋଦ କାନୁନଗୋ ପରିଣତ ହୋଇଗଲେ ତାହାର ଏକ ଅନ୍ତର୍ଭେଦୀ ପ୍ରତୀକରେ। 'ଭାରତର ସ୍ୱାଧୀନତା ଲାଭ ପରେ ପ୍ରକୃତ ସତ୍ୟାଗ୍ରହୀମାନଙ୍କ ଦ୍ୱାରା ସ୍ୱଦେଶର ନବନିର୍ମାଣ ହେବ' ଏବଂ 'ସବୁସ୍ତରର ମଣିଷ ଭିତରେ ଜ୍ଞାନର ପ୍ରଦୀପ ପ୍ରଜ୍ୱଳିତ କରିଦେବାର ଆନ୍ତରିକତା ପ୍ରକାଶିତ ହେଲେ, ତାହା ହିଁ ଭାରତ-ଭୂମିକୁ ପ୍ରଦାନ କରିପାରିବ ପୃଥିବୀର ଶ୍ରେଷ୍ଠ ଦିଗଦର୍ଶକର ଚିରଈପ୍ସିତ ଗୌରବ' ବୋଲି ଗାନ୍ଧିଜୀ ଯେଉଁ ମର୍ମସ୍ପର୍ଶୀ ବାଣୀ ଉଚ୍ଚାରଣ କରିଥିଲେ ତାହାର ବଳିଷ୍ଠ ଅଭିବ୍ୟକ୍ତି ପ୍ରଦର୍ଶିତ ହୋଇପାରିଛି ବିନୋଦ କାନୁନଗୋଙ୍କ ଅସାମାନ୍ୟ ତପସ୍ୟା ବଳରେ।

କ୍ଷମତାର ଲେଲୀହାନ ଶିଖା ବହୁ ଜନନାୟକଙ୍କୁ ଯେତେବେଳେ ଗ୍ରାସ କରୁଥିଲା, ସେଇ ସମୟରେ ବିନୋଦ କାନୁନଗୋ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ ସରଳ ଓଡ଼ିଆ ଭାଷାରେ କେତେ କେତେ ଜଟିଳ ଜ୍ଞାନକୁ ସହଜ ଓ ସୁଖପାଠ୍ୟ ରୀତିରେ ପରିବେଷଣ କରିବା ନିମିତ୍ତ। ଏହା ହିଁ ଜ୍ଞାନର ମନ୍ଦିର ନିର୍ମାଣ, ସ୍ୱରାଜ୍ୟର ସୌନ୍ଦର୍ଯ୍ୟ ଏବଂ ରାଷ୍ଟ୍ରଗଠନର ସୁଦୃଢ଼ ଭିତ୍ତି। ଯାହାଙ୍କ ଆନୁଷ୍ଠାନିକ ଶିକ୍ଷା ସ୍କୁଲ ପ୍ରାଚୀର ଅତିକ୍ରମ କରି ପାରି ନ ଥିଲା ସେ ଜ୍ଞାନର ମହାସାଗର ମଧ୍ୟକୁ ପ୍ରବେଶ କରିପାରିଲେ କେମିତି? ବାହ୍ୟସ୍ତରର ଶିକ୍ଷାର୍ଜନ ଅନ୍ତରାଳରେ ଆହରଣର ଯେଉଁ ଅନ୍ତର୍ଜଗତ ପରିବ୍ୟାପ୍ତ, ସେଇଠି ସେ ଯେ ନିତ୍ୟ ଅବଗାହନ କରୁଥିଲେ ଏଥିରେ ଆଉ ସନ୍ଦେହ କାହିଁ? ମାତ୍ର ୩୦ ଟି ଫାଇଲରୁ ଆରମ୍ଭ କରିଥିଲେ ଯେଉଁ ମହନୀୟ କାର୍ଯ୍ୟକ୍ରମ, ତାହା ତିରିଶ ହଜାର ଫାଇଲରେ ପରିଣତ ହୋଇଯାଇଥିଲା। ଜ୍ଞାନମଣ୍ଡଳର ୪୦ ଖଣ୍ଡ ପ୍ରକାଶିତ ଗ୍ରନ୍ଥ ମଧ୍ୟରୁ ଯେଉଁମାନେ ଗୋଟିଏ ଭାଗ ଉପରେ ମଧ୍ୟ ଦୃଷ୍ଟି ନିବଦ୍ଧ କରିବେ ସେମାନେ ଜାଣିପାରିବେ ଯେ କଳା, ସାହିତ୍ୟ, ସଙ୍ଗୀତ, ସଂସ୍କୃତି, ପରମ୍ପରା, ଐତିହ୍ୟ, ବିଜ୍ଞାନ, ଭୂଗୋଳ, ବାଣିଜ୍ୟ, ନୃତତ୍ତ୍ୱ, ରାଜନୀତି, ଅର୍ଥନୀତି, ସମାଜତତ୍ତ୍ୱ, ମହାକାଶ ବିଜ୍ଞାନ ଆଦି କେଉଁ ବିଷୟରେ ଅବା ସେ ଉପାଦାନ ସଂଗ୍ରହ ପୂର୍ବକ ତାହାକୁ ଆତ୍ମସ୍ଥ କରିନାହାନ୍ତି! ଚିରପୂଜ୍ୟ କୃତୀ ସନ୍ତାନମାନଙ୍କର ଜୀବନାଦର୍ଶ ବ୍ୟାଖ୍ୟା କରିଦେବାରେ କି ପ୍ରଖର ଅନ୍ତଃଦୃଷ୍ଟି ତାଙ୍କର ଉନ୍ମୀଳିତ! 'ଜ୍ଞାନମଣ୍ଡଳ'ର ଆହୁରି କେତେ ଖଣ୍ଡ ପ୍ରକାଶିତ ହୋଇ ପାରିନାହିଁ। ଏହି ବିସ୍ମୟଦୀପ୍ତ ସାଧନା ସହ ସେପୁଣି ଶିଶୁମାନଙ୍କ ପାଇଁ ଲେଖିଛନ୍ତି ଅନେକ ପୁସ୍ତକ। 'ଋଣ ପରିଶୋଧ', 'ପାଠ ପଛେ ପଛେ ଅପାଠୁଆ' ନାମରେ ନିଜ ପ୍ରେରଣାଗର୍ଭିତ ଆତ୍ମଜୀବନୀ ସେ ଛାଡ଼ି ଯାଇଛନ୍ତି।

ଓଡ଼ିଶାର ପ୍ରତିଭାଶାଳୀ ଭାସ୍କର୍ଯ୍ୟ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ କୋଣାର୍କ ଯେପରି ବିଶ୍ୱର ଏକ ବିସ୍ମୟ, 'ଜ୍ଞାନମଣ୍ଡଳ'ର ବିଶ୍ୱକର୍ମା ଭାବରେ ବିନୋଦ କାନୁନଗୋ ସେହିପରି ସମଗ୍ର ପୃଥିବୀ ପାଇଁ ଏକ ଅପୂର୍ବ ଅଲୌକିକ ଶକ୍ତିର ନଭଶ୍ଚୁମ୍ବୀ ସ୍ଫୁରଣ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସାଟେଲାଇଟ୍‌ଭିତ୍ତିକ ଇଣ୍ଟରନେଟ୍...

ବର୍ଷ ବୃଦ୍ଧି କରାଯାଇପାରିବ । ଏହାର ଅର୍ଥ ହେଉଛି ସାଟେଲାଇଟ୍ ଇଣ୍ଟରନେଟ୍ କମ୍ପାନୀଗୁଡ଼ିକ ଅଧିକ ସମୟ ପାଇଁ ସ୍ପେକ୍ଟ୍ରମ୍ ବ୍ୟବହାର କରିପାରିବେ । ବଦଳରେ କମ୍ପାନୀଗୁଡ଼ିକୁ ସରକାରଙ୍କୁ ସ୍ପେକ୍ଟ୍ରମ୍ ବ୍ୟବହାର ଚାର୍ଜ (ଏସ୍‌ୟୁସି) ଦେବାକୁ ପଡିବ । ସୂତ୍ର ଅନୁଯାୟୀ, ଏହି ଚାର୍ଜ କମ୍ପାନୀର ସମନ୍ୱିତ ମୋଟ ରାଜସ୍ୱ (ଏଜିଆର୍)ର ୫% ହେବ । ତଥାପି, ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ସାଟେଲାଇଟ୍ ସଂଯୋଗ ବିସ୍ତାର କରିବା ପାଇଁ ସରକାର କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ପ୍ରଦାନ କରିପାରନ୍ତି । ଏପରି କ୍ଷେତ୍ରରେ ସେବା ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ପାଇଁ ସ୍ପେକ୍ଟ୍ରମ୍ ବ୍ୟବହାର ଚାର୍ଜ ହ୍ରାସ କରାଯାଇପାରେ ।

## ପ୍ରତ୍ୟାହାର ହେଉ...

ଏହି ବିଷୟରେ ବିସ୍ତୃତ ଭାବେ ରାଜ୍ୟପାଳଙ୍କୁ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ୨୫ ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ । ଉକ୍ତ ରାୟରେ ରାଜ୍ୟ ସରକାରମାନଙ୍କର ଖଣି ଓ ଖଣିଜ ସମୃଦ୍ଧ ଜମି ଉପରେ କର ଓ ଶୁଳ୍କ ଲାଗୁ କରିବାର କ୍ଷମତାକୁ ସ୍ୱୀକୃତି ଦିଆଯାଇଥିବା ସହ ୧ ଏପ୍ରିଲ ୨୦୦୫ରୁ ବକେୟା ଅର୍ଥ ଆଦାୟ ସମ୍ପର୍କରେ ମଧ୍ୟ ରାୟରେ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ରାୟ ପରେ ଓଡ଼ିଶା ଖଣି ସମ୍ପର୍କିତ କର ଓ ଶୁଳ୍କ ବାବଦରେ ବିପୁଳ ପରିମାଣର ବକେୟା ଅର୍ଥ ପାଇବାକୁ ହକ୍‌ଦାର ହୋଇଥିଲା । ଏହାଦ୍ୱାରା ଓଡ଼ିଶାକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବକେୟା ଅର୍ଥ ମିଳିଥା'ନ୍ତା ଏବଂ ରାଜ୍ୟ ବାର୍ଷିକ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ପାଇଥା'ନ୍ତା । ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ । ଏହାଦ୍ୱାରା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି । ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତି ବସବାସ କରୁଥିବା ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକର ସାମ୍ବିଧାନିକ ଗୁରୁତ୍ୱ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧିମଣ୍ଡଳୀ । ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି କରାଯାଉଥିବା ଦାବି ଉପରେ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଥିଲା । ଓଡ଼ିଶା ସମୀକ୍ଷାରେ ପ୍ରକାଶିତ ପୂର୍ବତନ ଆକଳନ ଏବଂ ଓଡ଼ିଶାର ଆଡଭୋକେଟ୍ ଜେନେରାଲ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ମଧ୍ୟ ଖଣି ସମ୍ପର୍କିତ ବକେୟା ଓ ରାଜସ୍ୱର ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରାଯାଇଥିବା ବିଜେଡି ପକ୍ଷରୁ ଉଲ୍ଲେଖ କରାଯାଇଥିଲା । ତେଣୁ ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଓଡ଼ିଶା ଉପରେ ପକାଇବାକୁ ଥିବା ଆର୍ଥିକ ପ୍ରଭାବର ଏକ ସ୍ୱଷ୍ଟ, ସ୍ୱଚ୍ଛ ଓ ପ୍ରାମାଣିକ ଆକଳନର ଆବଶ୍ୟକତା ରହିଛି । ପ୍ରତିନିଧିମଣ୍ଡଳୀର କଥା ଦୀର୍ଘ ସମୟ ଧରି ଶୁଣିବା ପରେ ଓଡ଼ିଶାର ରାଜ୍ୟପାଳ ଆଶ୍ୱାସନା ଦେଇଥିଲେ ଯେ ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ସେ ନିଶ୍ଚିତ ଭାବେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ । ଏହି ପ୍ରସଙ୍ଗରେ ବିସ୍ତୃତ ଭାବେ ମତ ରଖିବା ପାଇଁ ସୁଯୋଗ ଦେଇଥିବାରୁ ବିଜେଡି ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାସହ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ଏମ୍‌ଏମଡିଆର୍ ସଂଶୋଧନ ବିଲ୍ ପାରିତ ହେବା ନେଇ ପୂର୍ବରୁ ହିଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା କଥା ବିଜେଡି ଏହି ଅବସରରେ ସ୍ମରଣ କରାଇଛି । ବିଜେଡିର ସାଂସଦମାନେ ମଧ୍ୟ ସଂସଦରେ ଏହି ବିଲ୍‌କୁ ଦୃଢ଼ ଭାବେ ବିରୋଧ କରିବା ସହ ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ଓ ସ୍ୱାର୍ଥ ଉପରେ ଏହାର ପ୍ରଭାବ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ । ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

## ବିସ୍ଫୋରକ ହେଉଛି...

ସମୁଦ୍ର ଜଳର ସର୍ବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲା । ଏହା ଏକ ପୁରୁଣା ମଡେଲ୍ ଏବଂ ଏଥିରେ ସମ୍ବେଦନଶୀଳ ତଥ୍ୟ ସଂଗ୍ରହ କରିବାର ବ୍ୟବସ୍ଥା କିମ୍ବା ଗୋପନୀୟ ସୋନାର୍ ଓ ରାଡାର୍ ଉପକରଣ ନାହିଁ । 'ଡାଇଭ୍-ଏଲ୍‌ଡି' ପ୍ରାୟ ୧୦ ଦିନ ପର୍ଯ୍ୟନ୍ତ ଘାଟିକୁ ଫେରିନଥାଇ କାର୍ଯ୍ୟ କରିପାରେ ଏବଂ ପ୍ରାୟ ୬, ୦୦୦ ମିଟର ଗଭୀରତାକୁ ଯାଇପାରେ । ଏହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଆମେରିକୀୟ ଡଲାର୍ ବୋଲି ୨୦୨୪ର ଏକ ରିପୋର୍ଟରେ କୁହାଯାଇଥିଲା ।

## ୟୁଏଇ ନିବେଶକ...

ଖଣିଜ, କୋଇଲାରୁ ରସାୟନ ଉତ୍ପାଦନ, ବନ୍ଦରଭିତ୍ତିକ ଏସଇଜେଡ୍ ଏବଂ ଶିଳ୍ପ ଭିତ୍ତିଭୂମି କ୍ଷେତ୍ରରେ ନିବେଶ ସମ୍ଭାବନା ଉପରେ ଆଲୋଚନା ହୋଇଥିଲା । ଆଦାନୀ ଗ୍ରୁପ ଏବଂ ଆଇଏଚସି ଗ୍ରୁପ ମଧ୍ୟରେ ଏହି ଅବସରରେ ଏମଓୟୁ ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ମୋଟ ୧୪ଟି ପ୍ରକଳ୍ପରେ ନିବେଶ ସମ୍ଭାବନା ଅନୁସନ୍ଧାନ ପାଇଁ ସେମାନେ ଆଗ୍ରହ ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକରେ ପ୍ରାୟ ୨.୧୦୫ ଟ୍ରିଲିୟନ୍ ନିବେଶ ହେବାର ଆକଳନ ରହିଛି । ଏଥିରୁ ପ୍ରାୟ ୦.୧୯ ମିଲିୟନ୍ ପ୍ରତ୍ୟକ୍ଷ/ଅନ୍-ସାଇଟ୍, ୦.୪୦ ମିଲିୟନ୍ ପରୋକ୍ଷ ଏବଂ ୦.୨୮ ମିଲିୟନ୍ ନିର୍ମାଣ କାର୍ଯ୍ୟ ସୁଯୋଗ, ଅର୍ଥାତ୍ ମୋଟ ପ୍ରାୟ ୦.୮୭ ମିଲିୟନ୍ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆକଳନ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରାକୃତିକ ସମ୍ପଦ, ଶିଳ୍ପ କ୍ଷମତା, ରଣନୀତିକ ଅବସ୍ଥାନ ଏବଂ ବିକଶିତ ହେଉଥିବା ଭିତ୍ତିଭୂମିର ଅନନ୍ୟ ସମନ୍ୱୟ ଓଡ଼ିଶାରେ ରହିଛି । ଗୁରୁତ୍ୱପୂର୍ଣ୍ଣ ଖଣିଜ, ଧାତୁ ଶିଳ୍ପ, ବନ୍ଦରଭିତ୍ତିକ ବିକାଶ ଏବଂ ଉଦୀୟମାନ ଶିଳ୍ପ କ୍ଷେତ୍ରରେ ଦୀର୍ଘମିଆଦୀ ନିବେଶ ସୁଯୋଗ ଅନ୍ୱେଷଣ ପାଇଁ ଆମେ ଓ ଆଇଏଚସି ଏବଂ ଏହାର ସହଯୋଗୀ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରୁଛୁ । ମୁଖ୍ୟମନ୍ତ୍ରୀ ଓଡ଼ିଶାର ନିବେଶ-ଅନୁକୂଳ ପରିବେଶ ଉପରେ ଆଲୋକପାତ କରିବା ସହ ରଣନୀତିକ ନିବେଶ ଓ ସହଭାଗିତାକୁ ସୁଗମ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିରନ୍ତର ସହଯୋଗ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ଆଇବିପିଜି ସହ ଏକ ରାଉଣ୍ଡଟେବୁଲ୍ ଆଲୋଚନାରେ ମଧ୍ୟ ଯୋଗ ଦେଇଛନ୍ତି । ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନି ଓ ବ୍ୟବସାୟିକ ସହଯୋଗ ବୃଦ୍ଧି ଉପରେ ଆଲୋଚନା ହୋଇଥିଲା । ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକ୍‌ଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶାର ଦକ୍ଷ ମାନବ ସମ୍ବଳ ପାଇଁ ମଧ୍ୟ ସୁଯୋଗ ଆଲୋଚନା ହୋଇଥିଲା । ଓଡ଼ିଶାରୁ ରୁଚି, ଫାର୍ମ ବି, ବି ୱାନ , ଓରି କ୍ଲିନ୍ ଭଳି କମ୍ପାନୀ ଯୋଗଦେଇଥିଲେ ।

## କଳା ଥାର୍ ଗାଡ଼ିକୁ...

ଶାବକଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରାଯାଇଥିଲା । ପରେ ସ୍ୱତନ୍ତ୍ର ଗାଡ଼ି ଯୋଗେ ସେମାନଙ୍କୁ ନନ୍ଦନକାନନ ଚିଡ଼ିଆଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଏତେ ସଂଖ୍ୟକ ବିରଳ ପ୍ରଜାତିର ଶାବକ ଏକାସାଙ୍ଗରେ ଏହି ଅଞ୍ଚଳକୁ କିପରି ଆସିଲେ, ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି । ଘଟଣାରେ ବନ୍ୟପ୍ରାଣୀ ଚୋରାଚାଲାଣ ଚକ୍ରର ସମ୍ପୃକ୍ତି ଥାଇପାରେ ବୋଲି ସନ୍ଦେହ ହେବା ପରେ ତଦନ୍ତ ଅଧିକ ଗୁରୁତ୍ୱ ପାଇଛି ।

ସ୍ଥାନୀୟ ଲୋକଙ୍କ ସୂଚନା ଓ ଉପଲବ୍ଧ ସିସିଟିଭି ଫୁଟେଜ୍ ଅନୁସାରେ ଘଟଣାର ପୂର୍ବଦିନ ମଧ୍ୟରାତ୍ରିରେ ଅଞ୍ଚଳରେ ଏକ କଳା ରଙ୍ଗର ଥାର୍ ଗାଡ଼ି ଯାତାୟାତ କରିଥିବା ଚର୍ଚ୍ଚା ହେଉଛି । ଏହି ଗାଡ଼ିର ଗତିବିଧି ସହ ଓରାଙ୍ଗଉଟାନ୍ ଉଦ୍ଧାର ଘଟଣାର କୌଣସି ସମ୍ପର୍କ ରହିଛି କି ନାହିଁ, ତାହା ଏବେ ତଦନ୍ତର ବିଷୟ ହୋଇଛି । ସିସିଟିଭି ଫୁଟେଜ୍‌ର ସମୟ, ଗାଡ଼ିର ଗତିପଥ ଓ ଅନ୍ୟାନ୍ୟ ପ୍ରମାଣ ଯାଞ୍ଚ ପରେ ହିଁ ଏହାର ପ୍ରକୃତ ସତ୍ୟ ସାମ୍ନାକୁ ଆସିବ । ଘଟଣାସ୍ଥଳ ପରିଦର୍ଶନ ସମୟରେ ଏସ୍‌ଟିଏଫ୍ ଏସ୍‌ପି ସଞ୍ଜୀବ ଶତପଥୀ, ଡ଼ିଏସପି ମାନସ କୁମାର ବାରିକ, ଏସିଏଫ୍ ରଞ୍ଜନ ତାଲୁଖ, ଜଳେଶ୍ୱର ଏସ୍‌ଡିପିଓ ସୁରେଶ କୁମାର ତ୍ରିପାଠୀ, ଜଳେଶ୍ୱର ରେଞ୍ଜ ଅଫିସର ଶିଶିର କୁମାର ବେହେରା, ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ, ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି, ବିଚିତ୍ରପୁର ଇକୋ ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ, ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମଣିଷକୁ ଧ୍ୱଂସ...

ମଣିଷର ନିୟନ୍ତ୍ରଣ ମଧ୍ୟରେ ରଖିବା କେତେ ସମ୍ଭବ ହେବ; ତାହା ଅକଳ୍ପନୀୟ ।

ସେ କହିଛନ୍ତି ଯେ ଆନ୍ଥ୍ରୋପିକ୍ ସଂସ୍ଥା ଏଆଇ ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱର ସହ କାମ କରୁଛି । ମାତ୍ର ଅତ୍ୟଧିକ ଉନ୍ନତ ବା 'ସୁପରଇଣ୍ଟେଲିଜେନ୍ସ' ଏଆଇକୁ କିପରି ନିରାପଦ ଭାବେ ନିୟନ୍ତ୍ରଣ କରାଯିବ, ତାହାର ସମାଧାନ ଏପର୍ଯ୍ୟନ୍ତ ମଣିଷ ପାଖରେ ନାହିଁ । ଏହି କାରଣରୁ ଏଆଇର କ୍ଷମତା ଯେଉଁ ଗତିରେ ବଢ଼ୁଛି, ତାହା ସହ ତାହାକୁ ବୁଝିବା, ନିରୀକ୍ଷଣ କରିବା ଓ ନିୟନ୍ତ୍ରଣ କରିବାର ମାନବୀୟ କ୍ଷମତା ସମାନ ଗତିରେ ବଢ଼ୁନାହିଁ । ଏଆଇର ବିକାଶ ଏବେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଶିଳ୍ପ, ପ୍ରତିରକ୍ଷା, ଅର୍ଥନୀତି ଓ ଯୋଗାଯୋଗ ଭଳି ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରୁଛି । ଏଆଇ ଆଧାରିତ ବ୍ୟବସ୍ଥା ଅଧିକ ସ୍ୱୟଂଚାଳିତ ଓ ନିଷ୍ପତ୍ତି ନେବାରେ ସକ୍ଷମ ହେବା ସହିତ ଏହାର ଭୁଲ ବ୍ୟବହାର, ନିୟନ୍ତ୍ରଣ ହରାଇବା କିମ୍ବା ମଣିଷର ଉଦ୍ଦେଶ୍ୟ ବିପରୀତ ଭାବେ କାର୍ଯ୍ୟ କରିବା ଭଳି ବିପଦକୁ ନେଇ ଚର୍ଚ୍ଚା ତୀବ୍ର ହୋଇଛି । ଆନ୍ଥ୍ରୋପିକ୍ ଗବେଷକଙ୍କ ଏଭଳି ଚେତାବନୀ ଏଆଇର ବିକାଶ ସହ ସୁରକ୍ଷା ବ୍ୟବସ୍ଥା, ନିୟମାବଳୀ ଓ ମାନବୀୟ ନିୟନ୍ତ୍ରଣକୁ ସମାନ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ପୁଣି ସାମ୍ନାକୁ ଆଣିଛି । ଏଆଇକୁ ବନ୍ଦ କରିଦେବା ନୁହେଁ, ବରଂ ଏହାର ବିକାଶକୁ ଦାୟିତ୍ୱଶୀଳ ଓ ସୁରକ୍ଷିତ କରିବା ବର୍ତ୍ତମାନ ଆହ୍ୱାନ ପାଲଟିଛି । ଶକ୍ତିଶାଳୀ ଏଆଇ ପ୍ରଣାଳୀ ବିକାଶ ପୂର୍ବରୁ ତାହାର ବିପଦର ପରୀକ୍ଷଣ, ସ୍ୱଚ୍ଛ ନିରୀକ୍ଷଣ ଓ ଆନ୍ତର୍ଜାତୀୟ ସୁରକ୍ଷା ମାନଦଣ୍ଡ ନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ଦେବା ଜରୁରୀ ବୋଲି ସେ କହିଛନ୍ତି ।

ଏହି ଚେତାବନୀ ମଧ୍ୟରେ ଆନ୍ଥ୍ରୋପିକ୍‌ର ଅନ୍ୟଜଣେ ବଡ଼ ଗବେଷକ ଜାକବ୍ କକ୍ସନ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ମାନବ ଜାତିପ୍ରତି ବିପଦ ସୃଷ୍ଟି କରି ପାରୁଥିବା ଓ ନିଜକୁ ନିଜେ ବିକଶିତ କରିବାକୁ ସକ୍ଷମ ଏଆଇ ସିଷ୍ଟମ ନିର୍ମାଣ କ୍ଷେତ୍ରରେ ପ୍ରତିଯୋଗିତାକୁ ନେଇ ସେ ଚିନ୍ତାବ୍ୟକ୍ତ କରିଛନ୍ତି ।

---

### ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.33/ET/SBP/ENGG/2026-27, ତା.01.09.2026ରିଖ

(1)ଇ-ଟେଣ୍ଡର ସଂ.08-eT-SETT-SBP-26

**କାର୍ଯ୍ୟର ନାମ :** ସହାୟକ ମଣ୍ଡଳ ଯନ୍ତ୍ରୀ(ADEN)/ ସେଟେଲମେ / ସମ୍ବଲପୁର (SBP) ପରିସୀମା ଅଧୀନସ୍ଥ ସମ୍ବଲପୁର ଷ୍ଟେସନ ଠାରେ ଜବରଦଖଲ ରୋକିବା ପାଇଁ ଏବଂ ରେଳବାଇ ସମ୍ପତ୍ତିର ସୁରକ୍ଷା ନିମନ୍ତେ ପରିସର ପାଚେରୀ ନିର୍ମାଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,27,98,754.05, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,56,600.00 ।

(2)ଇ-ଟେଣ୍ଡର ସଂ.06-eT-BRIDGE-SBP-26

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳ ନିମନ୍ତେ "ଆର୍ଥିକ ବର୍ଷ 2026-27 ପାଇଁ ମୋଡେମ୍ ଟେକ୍ନୋଲୋଜି ସାମଗ୍ରୀଗୁଡ଼ିକ" ସମ୍ବନ୍ଧୀୟ ଦେଓବାହାଲ(DOBH)-ବରଗଡ଼ ରୋଡ଼(BRGA)ରେ ପୋଲ ନଂ.160UP, ସର୍ଗିଡଲା(SFC)-ଦେଓଗାଁ ରୋଡ଼(DFR)ରେ ପୋଲ ନଂ.406DN, ବଡ଼ମାଳ (BUDM)- ସର୍ଗିଡଲା (SFC) ରେ ପୋଲ ନଂ.438 DN ଠାରେ ଜଗୁଆଳୀ ବିହୀନ ଏରିଏଲ ପ୍ରଣାଳୀ ଡ୍ରୋନ୍ ସର୍ଭେକ୍ଷଣ (ସାଧାରଣ)ର ପରିଚାଳନା ଏବଂ ହୀରାକୁଦ (HKG)-ସମ୍ବଲପୁର (SBP)ରେ ପୋଲ ନଂ.76 DN (ପୁରୁଣା), ଟିଟିଲାଗଡ଼ (TIG)-କେସିଙ୍ଗା (KSNG) ରେ ପୋଲ ନଂ.343 UP, ବଲାଙ୍ଗୀର (BLGR)-ଲୋଇସିଙ୍ଗା (LSX) ରେ ପୋଲ ନଂ.331 DN ଠାରେ ଜଗୁଆଳୀ ବିହୀନ ଏରିଏଲ ପ୍ରଣାଳୀ ଡ୍ରୋନ୍ ସର୍ଭେକ୍ଷଣ (LIDAR) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 32,70,520.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 65,500.00 ।

କାର୍ଯ୍ୟ ଶେଷ ହେବା ଅବଧି : 08 (ଆଠ)ମାସ (କ୍ରମ ସଂ.1 ପାଇଁ) ଏବଂ 04 (ଚାରି)ମାସ (କ୍ରମ ସଂ.2 ପାଇଁ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.09.2026ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-429/R/26-27

---

32001/839/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**ANANDAPUR BARRAGE DIVISION, SALAPADA.**
**(E-Mail Id: eeabd.anandapur@gmail.com)**
**E-procurement Notice No. SEABD-08 of 2026-27**

| E-Procurement officer | Name of the work | Bid id No. | Amount put to tender (in lakhs) (approx) | EMD (Online) | Cost of Bid Document (Online) | Class of Contractor | Period of Completion | Availability of tender online for bidding: From | Availability of tender online for bidding: To | Date of opening |
|---|---|---|---|---|---|---|---|---|---|---|
| Superintending Engineer, Anandapur Barrage Division, Salapada | Repair and Rehabilitation of Electrical Installations work to Administrative Building of Chief Construction Engineer, Anandapur Barrage Project at Salapada in the District of Keonjhar. | ABP-ABD-08 of 2026-27 | 13.50 | 13,500/- | 6000/- | "D Class" | 01 (One) Month. | 11.09.2026 11.00 A.M | 24.09.2026 05.00 P.M | 25.09.2026 11.30 A.M |

Further details can be seen from the Govt. website **www.tendersorissa.gov.in/www.dowrodisha.gov.in** **Addendum/ corrigendum/ cancellation** if any required will be published in Govt. website only.

Superintending Engineer
Anandapur Barrage Division
Salapada.

OIPR-32001/32177/1/26-27/0008

---

32001/855/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDC-20 to 23/2026-27**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : | ACEM/MDC-20 to 23/2026-27 |
| 5. | Estimated Cost | : | Rs. 11,56,774 /- to Rs. 18,34,525 /- |
| 6. | Period of Completion | : | 01 (One) calendar month. (Each) |
| 7. | Date & time of availability of bid documents in the Portal | : | From dt.17.09.2026 (10.00 AM) to dt.30.09.2026 (5.30 PM) |
| 8. | Last date/ time for receipt of bid In the Portal | : | dt.30.09.2026 (up to 5.30 PM) |
| 9. | Date and Place of opening of Bid | : | dt.01.10.2026 (11.00 AM onwards in the O/o the undersigned) |
| 10. | Name of the Officer inviting bid | : | Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Addl. Chief Engineer,**
**Mechanical Circle Bhubaneswar**

OIPR-32001/32405/1/26-27/0019

---

25001/1115/2627 E-mail: rw_bhawanipatna@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHABANIPATNA**
**INVITATIONS FOR BIDS THROUGH e-Procurement**

No- **3393** Date- **02.09.2026**

**Bid Identification No- SERWBPT-Online-09/2026-27**
**e - Procurement Notice No. 09 Of 2026-27**

| | | | |
|---|---|---|---|
| 1 | Name of the Work | : | Road Works |
| 2 | Total No of works | : | 03 Nos Road Works |
| 3 | Estimated Cost | : | Rs. 69.15 Lakh to Rs.98.93 lakh |
| 4 | Class of Contractor | : | 'B' Class |
| 5 | Period of Completion | : | 6 Months |
| 6 | Type of Tender | : | Double cover System Tender |
| 7 | Date & time of availability of bid document in the portal | : | Dt. 02.09.2026 10.00 AM to 23.09.2026 17.00 PM |
| 8 | Last Date & Time for Receipt of bids in the Portal | : | Dt. 23.09.2026 at 17.00 PM |
| 9 | Opening of Bid through online | : | Dt. 24.09.2026 at 11.00 AM |
| 10 | Name & Address of the Officer inviting Bid | : | Superintending Engineer, Rural Works Division, Bhabanipatna |

Further details can be seen from the e-procurement portal https://tendersorissa.gov.in

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

**N.B: Subsequent corrigendum/addendum if required shall be available in the website as indicated above**

Superintending Engineer
Rural Works Division, Bhabanipatna

OIPR-25001/25070/1/26-27/0006

---

32001/844/2627

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**
E-mail ID: - **midivmalkangiri@gmail.com**
**NOTICE INVITING TENDER**
E-Procurement Notice
Bid Identification No. **SEMIDMKG - 07/2026-27**
**Letter No. 1624 Dt. 08.09.2026**

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate** bids in **Single & Double cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

| | | | |
|---|---|---|---|
| 1. | Name of the work | : | Improvement to 03 nos. MIPs under Imp. To D/W Scheme and Improvement to 16 nos. Check Dam under Imp. To CD Scheme in different Blocks of Malkangiri District for the year 2026-27. |
| 2. | Total Number of work | : | 19 (Nineteen) Nos. |
| 3. | Estimated cost | : | Approximately from Rs. 04.65 to Rs. 60.14 lakh . |
| 4. | Period of completion | : | 02 (Two) to 05(Five) Calendar Months |
| 5. | Class of Contractor | : | "B" "C" & "D" Class Contractor |
| 6. | Date and time of availability of bid documents in the portal | : | From 10.00 A.M of 12.09.2026 to 5.00 PM of 29.09.2026 |
| 7. | Last date /time for receipt of bids in the portal | : | 5.00 pm on 29.09.2026 |
| 8. | Date of opening of bid | : | At 11.00 am on 30.09.2026 in website (www.tendersorissa.gov.in) |
| 9. | Submission of Bids | : | Online mode |
| 10. | Name of the Officer inviting Bid | : | Superintending Engineer, Minor Irrigation Division,Malkangiri |

11. Further details can be seen from the Government of Odisha Web-site:www.tendersorissa.gov.in

Superintending Engineer
M.I. Division, Malkangiri

OIPR-32001/32364/1/26-27/0001

---

32001/851/2627

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, JAGATSINGHPUR-754103**
**e-procurement Notice No. SEDD-JSPUR-06/2026-27**
email Id :- eeddjspur@gmail.com

| | | | |
|---|---|---|---|
| 1. | Total number of works | : | 09(Nine) nos. of Package |
| 2. | Bid Identification No. | : | As per DTCN |
| 3. | Estimated Cost | : | Rs.13.26 lakhs to 82.94 lakhs |
| 4. | Period of completion | : | 03 (Three) &10 (Ten) Calendar Month |
| 5. | Availability of Tender On - Line. | : | From 11.09.2026 at 16.30 Hours to 27.09.2026 upto 17.30 Hours. |
| 6. | Date of Opening of Technical Bid. | : | 28.09.2026 at 11.30 Hours in the O/o the Superintending Engineer, Drainage Division, Jagatsinghpur. |
| 7. | Class of Contractor | : | "C" & "B" Class & "C" & "D" Class |
| 8. | EMD required | : | As per DTCN. |
| 9. | Cost of Tender paper | : | Rs.10,000/- & Rs.6,000/- |
| 10. | Procurement Officer | : | Superintending Engineer, Drainage Division, Jagatsinghpur-754103 |

- Tender will be accepted if registered in the CDMS Portal.
- Further details can be seen from the Govt. web site www.tendersorissa.gov.in. Addendum / Corrigendum / Cancellation if any required will be published only in Govt. web site www.tendersorissa.gov.in

**Superintending Engineer**
Drainage Division, Jagatsinghpur

OIPR-32001/32378/1/26-27/0004

---

25001/1109/2627

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAYAPUR**
email- eerwdjeypore@gmail.com

Letter No.4265 Date:05.09.2026

**NATIONAL COMPETITIVE BIDDING THROUGH GePNICe_Procurement Notice**

| | | | |
|---|---|---|---|
| 1. | Name of the work | : | Construction of **Building** Works - **15 Nos.** |
| 2. | Class of contractor | : | "D","C","B" Class &"A" Class of (Odisha PWD) or relevant class of other licensing authority. |
| 3. | Estimated Cost | : | Various from Rs.8.47 Lakhs to Rs.1.27 Lakhs (Approximately). |
| 4. | Details of projects | : | As per Annexure attached. |

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Jayapur | EERWDJYP - Online - 09/2026-27 | 11.09.2026 at 10.00 A.M. | 21.09.2026 up to 5.00 P.M. | 21.09.2026 up to 1.30 P.M. | 22.09.2026 at 11.00 A.M. - |

5. The details of works can be seen from the web site **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender web site.

Executive Engineer,
Rural Works Division, Jayapur.

OIPR-25001/25160/1/26-27/0009

---

### ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.: ETELCONBBST-388E

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବାଘୁଆପାଳର ROH ସେଡ୍ ଏବଂ CC ପରୀକ୍ଷଣ ସୁବିଧାର ନିର୍ମାଣ ନିମନ୍ତେ ଆନୁଷଙ୍ଗିକ PSI କାର୍ଯ୍ୟ ସହିତ ପ୍ରଚଳିତ ସବ୍‌ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ ପୋଷ୍ଟ(SSP) ର ବୃଦ୍ଧିକରଣ ସହ 1X25KV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 10,74,95,098.92, ଅମାନତ ରାଶି(ଟଙ୍କାରେ) : 21,49,900.00, ଶେଷ ହେବା ଅବଧି : 12 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.09.2026 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.10.2026 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ www. ireps.gov.in ରେ ଉପଲବ୍ଧ ଅଟେ ।

ଉପମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ ନିର୍ମାଣ-୩, ଭୁବନେଶ୍ୱର

PR-185/CJ/26-27

---

## FOR SALE

1 Number of Tractor – NEW HOLAND 3230 2WD, Registration No.- OD-01- BB – 0750, Model- 2025, ENGINE NO – S325P39746, CHASSIS NO - PNE03230ZRJ007737, For Details, contact – 94370 55763, 7656852396, SUNDARAM FINANCE LTD., First floor, Choudhury Nivas, SAHADEV KHUNTA, BALASORE,756001, PH. NO- 06782-266658

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dtd 09.09.2026, I, PRAKASH NAYAK, S/o Chaitanya Nayak, resident of Mandirasahi, Haripur, Nayagarh, Odisha, PIN-752092, do hereby declare that I have changed my name from PRAKASH NAIK to PRAKASH NAYAK. Henceforth, I shall be known as **PRAKASH NAYAK** for all purposes.

**Sd/- PRAKASH NAYAK**

## AFFIDAVIT

I, Makabul Sek, S/O- Sek Barkanda, resident of At-Routrapur, Po-Bishnupur, Dist-Baleswhwar, Odisha, PIN-756026, declare by this affidavit No.3945, dated: 09/09/2026, that now onwards I shall be known as **SK. MAKBUL** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no-1042, dated 03.09.2026, I, PUNAM DEVI, Wife of - Bijay Mehta, permanent resident of Village - Mundiguda, PO - Mahendri, PS - Papadahandi, Dist - Nabarangpur, Odisha, Pin - 764072, declare that I have changed my name from PUNAMDEBI MEHETA to PUNAM DEVI. Henceforth, I shall be known as **PUNAM DEVI** for all purposes.

**Sd/- Punam Devi**

## AFFIDAVIT

By virtue of an affidavit sworn before The Executive Magistrate, Titilagarh on dtd- 09/09/2026. I, **Lalit Suna** (applicant name), S/o Jada Suna, permanent resident of At- Pudapali, PO- Dedgaon, PS- Sindhekela, Subdivision-Titilagarh, Dist- Balangir, PIN-767035, Odisha declare that I have changed my minor son's name from **Kartik Soni** (old name) to **Kartika Suna** (new name). Henceforth, he shall be known as **Kartika Suna** (new name) for all purposes.

**Lalit Suna**

## AFFIDAVIT

By virtue of an affidavit sworn before The Notary Public, Bhubaneswar, dated-09/09/2026. I, **Ramakanta Das**, Address: Village: Badadogada, Po- Mirchandpur, Ps- Jajpur, Dist- Jajpur, Pin-755062, Odisha declare that I have changed my name from **Kamalakanta Das** to **Ramakanta Das**. Henceforth, I shall be known as **Ramakanta Das** for all purposes.

**Ramakanta Das**

## AFFIDAVIT

By virtue of an affidavit sworn before Notary Public, Bhubaneswar, affidavit No-437, dtd- 05/09/2026. I, **Snigdhamayee Sahoo**, W/o-Nishikanta Sahoo, resident of Duplex No- 102, Plot No-393/1637/4494/393/4495, Nandan Villa, Po- Kalarahanga, Raghunathpur, Ps- Infocity, Bhubaneswar, Dist- Khurda, Pin-751024, Odisha declare that I have changed the name of my daughter from **Nishidha Navya Sahoo** to **Nishidha Sahoo**. Henceforth, she shall be known as **Nishidha Sahoo** for all purposes.

**(Snigdhamayee Sahoo)**

## AFFIDAVIT

By virtue of an affidavit sworn before the Executive Magistrate, Kodinga, Vide no - 2661/2026, dated 31.08.2026, I, SANO BHATRA, W/o - Jagamohan Bhatra, permanent resident of Village - Kadabhata, PO - Ghadadhanua, PS - Kosagumuda, Dist - Nabarangpur, Odisha, Pin - 764061, declare that I have changed my name from SON BHATRA to SANO BHATRA. Henceforth, I shall be known as **SANO BHATRA** for all purposes.

**Sd/- Sano Bhatra**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1050, dated 07-09-2026, I, BHISMA MALI, S/o - Asman Mali, permanent resident of Village - Ambadola, PO - Ambadola, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Son from KRISHANA MALI to SOMYA RANJAN MALI. Henceforth, he shall be known as **SOMYA RANJAN MALI** for all purposes.

**Sd/- Bhisma Mali**

## AFFIDAVIT

By virtue of an affidavit sworn before the Notary Public, Rayagada, No. 9166, dated 09.09.2026, I, Bindusagar Dandasena, S/o- Late Trinath Dandasena, resident of Beheraguda, PO- Pitamahal, PS- Seskhal, Block/ Dist- Rayagada, Pin- 765002, Odisha, declare that I have changed my name from Sagar Dandasen to Bindusagar Dandasena. Henceforth, I shall be known as **Bindusagar Dandasena** for all purposes.

**Bindusagar Dandasena**

## AFFIDAVIT

By virtue of an affidavit sworn before the Executive Magistrate, Kodinga, Vide no - 2662/2026, dated 31.08.2026, I, DURJAN RANDHARI, S/o - Arjun Randhari, permanent resident of Village - Kujaguda, PO - Kodinga, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from DURJYAN RANDHARI to DURJAN RANDHARI. Henceforth, I shall be known as **DURJAN RANDHARI** for all purposes.

**Sd/- Durjan Randhari**

## AFFIDAVIT

**I, Sekh Jyotibur Rehman/ Jyotibur Rehman, S/o- Abdul Rehaman, At/Po- Pithapur, Ps-Bhograi, Dist- Baleswar, Pin - 756038 , Odisha, declare by this Affidavit No. 998/2026, dt.09.09.2026, that now onwards I shall be known as JYOTIBORE REHAMAN for all features purposes.**

## AFFIDAVIT

I, KESHAB SAWDIA aged about 49 years, S/o- Radheshyam Sawadia, At-Ambapali, Po-Bargarh, Ps-Bargarh Town, Dist-Bargarh-768028, Odisha, declared by this Affidavit No.997/2026 Dated.08.09.2026, that now onwards I shall Be Known As **KESHAB SAWADIA** for all future Purposes.

## AFFIDAVIT

By virtue of an affidavit sworn before the Executive Magistrate, Muniguda, dated 08.09.2026, I, MAHANTI BAG, Ambadala (Indrapada), P.O.-Ambadala, P.S.-Ambadala, Dist.-Rayagada, being the father of the minor, declare that my minor son's name has been changed from **NIHUR BAG to NIURU BAG.** Henceforth, he shall be known as **NIURU BAG** for all purposes.

**Sd/- MAHANTI BAG**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no -1063, dated 08.09.2026, I, PADMA MAJHI, W/o.- Nilambar Majhi & D/o - Narayan Bhatra, permanent resident of Village - Sindhigam, PO - Sindhigam, PS - Nabarangpur, Dist - Nabarangpur, Odisha,Pin - 764063, declare that I have changed my name from PADMABATI MAJHI to PADMA MAJHI. Henceforth, I shall be known as **PADMA MAJHI** for all purposes.

**Sd/-Padma Majhi**

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no-1176, dated 02.09.2026, I, PADMINI JANI, W/o - Krushna Jani & D/o - Hari Jhodia, permanent resident of Village - Chitrakot, PO - Anchalguma, PS - Tentulikhunti, Dist - Nabarangpur, Odisha, Pin - 764049, presently residing At - Lamataguda, PO - Bejuguda, PS - Khatiguda, Dist - Nabarangpur, Odisha, Pin - 764070, declare that I have changed my name from PADMANI JHADIA to PADMINI JANI. Henceforth, I shall be known as **PADMINI JANI** for all purposes.

**Sd/- Padmini Jani**

# ମାତିଛନ୍ତି ମାଫିଆ; ପଶ୍ଚିମବଙ୍ଗକୁ ହେଉଛି ବାଲି ଚାଲାଣ

ବାଲେଶ୍ୱର(ଉତ୍ତର)/ ଚନ୍ଦନେଶ୍ୱର, ୯ା୯ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ତହସିଲ ଅଞ୍ଚଳରେ ଦିନକୁ ଦିନ ବାଲି ଚୋରାଚାଲାଣ ବଢ଼ିବାରେ ଲାଗିଛି। ଉପାନ୍ତ ଅଞ୍ଚଳରେ ଥିବା ବିଶାଳ ଓ ସୁଉଚ୍ଚ ବାଲିଆଡ଼ିଗୁଡ଼ିକ ଏବେ ବାଲି ମାଫିଆଙ୍କ ନଜରରେ। ଟ୍ରାକ୍ଟର, ଡମ୍ଫର ଓ ଇଞ୍ଜିନଚାଳିତ ରିକ୍ସାରେ ଦିନରାତି ବାଲି ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଭୋଗରାଇ ବ୍ଲକର ହୁଗୁଳି ପଞ୍ଚାୟତ ଅନ୍ତର୍ଗତ ବରବରିଆ, ବିନ୍ଧାପଦ୍ମପୁର, ବାଜିତପୁର ପଞ୍ଚାୟତର ଦକ୍ଷିଣ ସରିଷା ଏବଂ ସାହବାଜିପୁର ପଞ୍ଚାୟତର ଗମ୍ଭାରିଆ ଆଦି ରାଜସ୍ୱ ଗ୍ରାମରେ ଥିବା ସରକାରୀ ଜମିର ବାଲିଆଡ଼ି ଉପରେ ବାଲି ମାଫିଆଙ୍କ ନଜର ପଡ଼ିଛି। ସ୍ଥାନୀୟଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ଖାତାରେ ଥିବା ଗୋଚର, ଶ୍ମଶାନ, ଗ୍ରାମ୍ୟ ଜଙ୍ଗଲ ଓ ଅନାବାଦୀ କିସମର ଶହ ଶହ ଏକର ଜମିରୁ ବେଆଇନ ଭାବେ ବାଲି ଉତ୍ତୋଳନ ଚାଲିଛି।

ଅଭିଯୋଗ ଅନୁଯାୟୀ, କେତେକ ସ୍ଥାନୀୟ ଲୋକଙ୍କୁ ନିଜ ଅଧୀନରେ ରଖି ବାଲି ମାଫିଆମାନେ ରାତିଅଧିଆ ବାଲି ଖୋଳିବାରେ ଲାଗିଛନ୍ତି। ମେସିନ ଓ ଅନ୍ୟାନ୍ୟ ଉପକରଣ ସାହାଯ୍ୟରେ ବାଲି ଖୋଳି ଟ୍ରାକ୍ଟର, ଡମ୍ଫର ଓ ଇଞ୍ଜିନଚାଳିତ ରିକ୍ସାରେ ଲୋଡ୍ କରାଯାଉଛି। ପରେ ଏହି ବାଲି ସୀମାନ୍ତ ରାସ୍ତା ଦେଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା କୁହାଯାଉଛି। ଦିନରାତି ଭାରୀ ଯାନବାହନ ଚଳାଚଳ ଯୋଗୁଁ ଅଞ୍ଚଳର ଗ୍ରାମ୍ୟ ରାସ୍ତାଗୁଡ଼ିକର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ବାଲି ପଡ଼ିବା ସହ ଭାରୀ ଯାନ ଚଳାଚଳ ଯୋଗୁଁ ଅନେକ ସ୍ଥାନରେ ରାସ୍ତା ଖାଲଖମାରେ ଭରିଯାଇଛି। ଫଳରେ ଛାତ୍ରଛାତ୍ରୀ, ବୃଦ୍ଧ, ମହିଳା ଓ ସାଧାରଣ ଯାତାୟାତକାରୀଙ୍କ ପାଇଁ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ବର୍ଷ ବର୍ଷ ଧରି ଥିବା ପାହାଡ଼ ସଦୃଶ ସୁଉଚ୍ଚ ବାଲିଆଡ଼ିଆ ଗୁଡ଼ିକ ଏବେ ଦ୍ରୁତଗତିରେ ଅଦୃଶ୍ୟ ହେବାକୁ ବସିଛି। ଯେଉଁ ସ୍ଥାନରେ ଦିନେ ବିଶାଳ ବାଲିଆଡ଼ିଆ ଦେଖିବାକୁ ମିଳୁଥିଲା, ସେଠାରେ ଏବେ ବାଲି ଖୋଳି ଗଭୀର ଗର୍ତ୍ତ ଓ ପୋଖରୀ ସୃଷ୍ଟି ହୋଇଛି। ଏହା ଫଳରେ ଜମିର ପ୍ରାକୃତିକ ଗଠନ ବଦଳିବା ସହ ଆଗାମୀ ଦିନରେ ପରିବେଶ ଓ ଜନଜୀବନ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବା ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏ ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ବାଲି ଚୋରାଚାଲାଣ ଉପରେ ଆଶାନୁରୂପ ରୋକ ଲାଗିପାରିନାହିଁ। ଏପରିକି କେତେକ ସ୍ଥାନରେ ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କ ଜ୍ଞାତସାରରେ ଏହି କାରବାର ଚାଲିଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। ବାଲି ଉତ୍ତୋଳନ ପାଇଁ ଆଇନସମ୍ମତ ଅନୁମତି ରହିଛି କି ନାହିଁ, କେତେ ପରିମାଣର ବାଲି ଉତ୍ତୋଳନ ପାଇଁ ଅନୁମତି ଦିଆଯାଇଛି ଏବଂ ଅନୁମତି ଠାରୁ ଅଧିକ ବାଲି ଉତ୍ତୋଳନ ହେଉଛି କି ନାହିଁଏସବୁ ଦିଗରେ ତଦନ୍ତର ଆବଶ୍ୟକତା ରହିଛି। ସରକାରୀ ଜମିର ସୁରକ୍ଷା, ରାଜସ୍ୱ ହାନି ରୋକିବା, ଗ୍ରାମ୍ୟ ରାସ୍ତାକୁ ନଷ୍ଟ ହେବାରୁ ବଞ୍ଚାଇବା ଏବଂ ପରିବେଶର ସୁରକ୍ଷା ପାଇଁ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ନିୟମିତ ଚଢ଼ାଉ ଓ ଯାଞ୍ଚ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ବେଆଇନ ବାଲି ଉତ୍ତୋଳନ ଓ ଚୋରାଚାଲାଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ କଡ଼ା ପଦକ୍ଷେପ ନେବା ସହ ଜବତ ହୋଇଥିବା ବାଲି ଓ ଯାନବାହନ ସମ୍ପର୍କରେ ସାର୍ବଜନୀନ ତଥ୍ୟ ପ୍ରକାଶ କରିବାକୁ ମଧ୍ୟ ଦାବି ହୋଇଛି। ବାଲିଆଡ଼ିଆ ଲୁଟ୍ ଯଦି ଏଭଳି ଅବାଧରେ ଜାରି ରହେ, ଆଗାମୀ ଦିନରେ ଏହାର ପରିଣାମ କେବଳ ସରକାରୀ ରାଜସ୍ୱ ହାନିରେ ସୀମିତ ରହିବ ନାହିଁ; ଏହା ଗ୍ରାମ୍ୟ ପରିବେଶ, ଜମିର ସୁରକ୍ଷା ଓ ସାଧାରଣ ଲୋକଙ୍କ ଜୀବନଯାତ୍ରା ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ। ତେଣୁ ଭୋଗରାଇ ତହସିଲ ଅଞ୍ଚଳରେ ଚାଲିଥିବା ବାଲି ଉତ୍ତୋଳନ ଓ ଚାଲାଣ ଉପରେ ପ୍ରଶାସନ କେବେ କଡ଼ା ଲଗାମ ଲଗାଇବ, ତାହାକୁ ନେଇ ଏବେ ଅଞ୍ଚଳବାସୀଙ୍କ ନଜର।

- ଦିନରାତି ଗଡ଼ୁଛି ଟ୍ରାକ୍ଟର, ଡମ୍ଫର ଓ ଇଞ୍ଜିନଚାଳିତ ରିକ୍ସା
- ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ

## ମୁକୁଳା ସବ୍‌ଷ୍ଟେସନ୍ ନେଲା ମାଙ୍କଡ଼ ଜୀବନ

ନୀଳଗିରି, ୯ା୯(ସମିସ): ବିଦ୍ୟୁତ ବିଭାଗର ଖାମଖିଆଲ ନୀତି ପାଇଁ ଏକ ନିରୀହ ମାଙ୍କଡ଼ର ଜୀବନ ଯିବା ଘଟଣାକୁ ବିଦ୍ୟୁତ୍ ବିଭାଗର ଅପାରଗକୁ ପଦାରେ ପକାଇଛି। ନୀଳଗିରି ବ୍ଲକର ସଜନାଗଡ଼ ପଞ୍ଚାୟତର ରାଜେନ୍ଦ୍ରପୁର ଗ୍ରାମରେ ଥିବା ଏକ ମୁକୁଳା ସବ୍ ଷ୍ଟେସନ୍‌କୁ ବ୍ୟାରିକେଡ କରିବା ପାଇଁ ଅଞ୍ଚଳବାସୀ ବହୁବାର ଜଣାଇ ଥିବା ବେଳେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନ ନେବାରୁ ଶେଷରେ ମୁକୁଳା ସବ୍ ଷ୍ଟେସନ୍‌ରେ ଏକ ମାଙ୍କଡ ର ଜୀବନ ଚାଲି ଯାଇଛି। ଯଦି ଏହାକୁ ଆବଦ୍ଧ କରା ନ ଯାଏ, ଆଗାମୀ ଦିନରେ ଅନେକ ମୂଲ୍ୟବାନ ଜୀବନ ଯାଇ ପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଦେଶୀ ମଦ ଓ ଜିଞ୍ଜିର ଜବତ, ୩ ଗିରଫ

ସୋର, ୯ା୯ (ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଏବଂ ଜିଞ୍ଜିର ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁ ଏବଂ ସହ ଉପ ନିରୀକ୍ଷକ ବସନ୍ତ କୁମାର ବାରିକଙ୍କୁ ନେଇ ଏକ ଟିମ ସୋର ଥାନା ଅନ୍ତର୍ଗତ ଆଟପୁର ଗ୍ରାମରେ ଚଢ଼ଉ କରି ବାଣ୍ଟୁ ମାରାଣ୍ଡି ନିକଟରୁ ୧୫ ଲିଟର ଦେଶୀ ମଦ, ସୁମିତ୍ରା ଜେନା ଙ୍କ ନିକଟରୁ ୩୫ ଲିଟର ଦେଶୀମଦ ଏବଂ ଖଜୁରୀଡିହା ଗ୍ରାମର ଅଗଣା ଜେନା ନିକଟରୁ ୧୪.୪ ଲିଟର ଜିଞ୍ଜିର ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ କନେଷ୍ଟବଳ ମିନତୀ ପରିଡ଼ା ସାମିଲ ଥିଲେ।

- ଓରାଙ୍ଗଉଟାନ୍ ଉଦ୍ଧାର ଘଟଣା

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ବିଧାୟକ

ଚନ୍ଦନେଶ୍ୱର, ୯ା୯(ସମିସ): ଭୋଗରାଇ ବିଚିତ୍ରପୁର ପ୍ରକୃତି ନିବାସ ନିକଟ ଝାଉଁ ଜଙ୍ଗଲରୁ ୫ଟି ଓରାଙ୍ଗଉଟାନ ଶାବକ ଉଦ୍ଧାର ଘଟଣା ସମସ୍ତଙ୍କ ମନରେ ଯେତିକି କୌତୁହଳ ସୃଷ୍ଟି କରୁଛି, ସେତିକି ଆଚମ୍ବିତ ଲାଗୁଛି। ଭାରତରେ ଦେଖାଯାଉନଥିବା ଏହି ବିରଳ ବାନର ଏଠାକୁ ଆସିଲା କେମିତି? ଏଥିରେ ଅନ୍ତର୍ଜାତୀୟ ଚୋରା ଚାଲାଣକାରୀଙ୍କ ହାତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମଧ୍ୟ ସମାନ ଆଶଙ୍କା ପ୍ରକାଶ କଲେଣି। ସମ୍ଭବତଃ ଏସବୁ ଇଣ୍ଡୋନେସିଆରୁ ସମୁଦ୍ର ପଥରେ ଅଣାଯାଇ ସଡ଼କ ପଥରେ ଆଉ କୁଆଡ଼େ ନେବାର ଯୋଜନା ଥିଲା। ଉପକୂଳରେ ଅନୁପ୍ରବେଶକାରୀଙ୍କୁ ଧରିବା ପାଇଁ ବହୁ ସୁରକ୍ଷା ବ୍ୟବସ୍ଥା ରହିଛି। ହେଲେ ଏଭଳି ତସ୍କରି ସମ୍ଭବ ହେଲା କେମିତି ବୋଲି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ପ୍ରଶ୍ନ ଉଠାଇଛନ୍ତି। ଅନ୍ତର୍ଜାତୀୟ ପ୍ରାଣୀ ଚାଲାଣ ରାକେଟର ପଦ୍ଦାଫାସ ପାଇଁ ସରକାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ବିଧାୟକ ଦାବି କରିଛନ୍ତି।

## ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ କବିବରଙ୍କ ଜନ୍ମମାଟିକୁ ସାମିଲ ଦାବି

ସୋର, ୯ା୯ (ସମିସ): ଆଧୁନିକ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟ ଓଡ଼ିଆ ଭାଷା ସୁରକ୍ଷା ତଥା ଓଡ଼ିଆ ଅସ୍ମିତାର ଅନ୍ୟତମ ଅଗ୍ରଦୂତ ଥିବା ଅନସ୍ୱୀକାର୍ଯ୍ୟ। ପୂଜ୍ୟପୂଜା ଆଧାରରେ ଓଡ଼ିଶା ସରକାର ବରପୁତ୍ରମାନଙ୍କ ଜନ୍ମମାଟିକୁ ଐତିହ୍ୟ ଗ୍ରାମ ଘୋଷଣା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ମାତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ କମିଟି କବିବର ରାଧାନାଥଙ୍କ ଜନ୍ମମାଟିକୁ ଭୁଲିଯିବା ଅଞ୍ଚଳବାସୀଙ୍କୁ ସ୍ତବ୍ଧ ଚକିତ କରିଛି। ଯେଉଁ କବି ଓଡ଼ିଆ ଭାଷା ଓ ମାଟି ମା' ର ସ୍ୱାଭିମାନ ସୁରକ୍ଷା ପାଇଁ ଜୀବନବ୍ୟାପୀ ସମର୍ପିତ ରହି ଓଡ଼ିଆ ଭାଷା ସାହିତ୍ୟ ଇତିହାସରେ ନୂତନ ଯୁଗ ପ୍ରବର୍ତ୍ତନ କରିଯାଇଛନ୍ତି ତାଙ୍କ ଜନ୍ମମାଟି ପ୍ରତି କରାଯାଇଥିବା ଅବହେଳା ଓଡ଼ିଆ ଅସ୍ମିତା ପ୍ରତି ଅପମାନ ଯାହା ସଚେତନ ନାଗରିକଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ୧୯୪୬ ମସିହାରେ ପ୍ରତିଷ୍ଠିତ ରାଧାନାଥ ପାଠାଗାର, ସୋର ଉକ୍ତ ନିଷ୍ପତ୍ତିର ପୁନର୍ବିଚାର କରିବା ସହିତ କବିଙ୍କ ଜନ୍ମମାଟିକୁ ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ କରିବା ପାଇଁ ରାଧାନାଥ ପାଠାଗାର ତରଫରୁ ଦୃଢ଼ ଦାବି କରାଯାଇଛି।

## ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ସୋର, ୯ା୯(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ରାଧାନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ସୟଦ ମୁନିରଦ୍ଦିନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷକ ଶେଖ୍ ସାହାଦତ ଅଲ୍ଲୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ସୋର ସହ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ମୁଖ୍ୟବକ୍ତା ଅବସର ପ୍ରାପ୍ତ ଶିକ୍ଷକ ସତ୍ୟାନନ୍ଦ ପୁହାଣ, ସମ୍ମାନିତ ଅତିଥି ଭାବେ ଏଲିମେଣ୍ଟାରି ଶିକ୍ଷକ ସଂଘର ସମ୍ପାଦକ ରମାକାନ୍ତ ମହାନ୍ତି, ସଭାପତି ମହେଶ୍ୱର ବେହେରା, ପୁରାତନ ଛାତ୍ର ସଂସଦ ସମ୍ପାଦକ ବାସୁକୃଷ୍ଣ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଖ କରିମୁଦ୍ଦିନ ଓ ସୋର ଫିଡର କ୍ଲଷ୍ଟରର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବିନାରାୟଣ ଦାସ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଶିକ୍ଷାଦାନ, ଛାତ୍ର ବତ୍ସଳତା ଏବଂ କାର୍ଯ୍ୟକଳାପ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟତ୍ରୀ ରଞ୍ଜିତା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଫତେମା ଖାତୁନ ଧନ୍ୟବାଦ ଅର୍ପଣ କରିଥିଲେ।

- ସ୍କୁଲରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

## ମାମଲା ରୁଜୁ କରୁନି ପୁଲିସ, ଜିଲ୍ଲାପାଳଙ୍କୁ ଅଭିଯୋଗ

ବାଲେଶ୍ୱର, ୯ା୯ (ସମିସ): ସଦର ବ୍ଲକ ଅନ୍ତର୍ଗତ ରସାଳପୁର ପଞ୍ଚାୟତ ସତ୍ୟ ନାରାୟଣ ନୋଡାଲ ଉଚ୍ଚ ବିଦ୍ୟାପୀଠ, ଭୀମପୁରରୁ ଲକ୍ଷାଧିକ ଟଙ୍କାର ସରକାରୀ ସାମଗ୍ରୀ ଚୋରି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଅଗଷ୍ଟ ୨୧ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବିଦ୍ୟାଳୟରୁ ଗୋଟିଏ କମ୍ପ୍ୟୁଟର, ପ୍ରିଣ୍ଟର, ଇନଭର୍ଟର ଏବଂ ଦୁଇଟି ରାଉଟର ସମେତ ପାଖାପାଖି ୧ ଲକ୍ଷ ୫୦ ହଜାର ଟଙ୍କାର ମୂଲ୍ୟବାନ ଉପକରଣ ଚୋରି କରି ନେଇଥିଲେ। ଏହି ଘଟଣା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୁରନ୍ତ କସବା ଫାଣ୍ଡି ଅଧିକାରୀ, ସଦର ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ମାତ୍ର ଚୋରି ଘଟଣାକୁ ପାଖାପାଖି ୧୨ ଦିନ ବିତିଯାଇଥିଲେ ମଧ୍ୟ ସଦର ଥାନା ପୁଲିସ ମାମଲା ରୁଜୁ ନ କରିବା ଏବଂ ଶିକ୍ଷା ବିଭାଗୀୟ ଅଧିକାରୀମାନେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ ନ କରିବା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ପୁଲିସ ଓ ପ୍ରଶାସନର ଏଭଳି ନିଷ୍କ୍ରିୟତା ପ୍ରତିବାଦରେ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀ ଏକତ୍ରିତ ହୋଇ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସଦର ଥାନା ଅଧିକାରୀଙ୍କୁ ତୁରନ୍ତ ଏତଲା ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦେବା ସହ ଚୋରି ହୋଇଥିବା ସରକାରୀ ସମ୍ପତ୍ତି ଉଦ୍ଧାର କରିବା ପାଇଁ ଅଭିଭାବକମାନେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି

ବାଲେଶ୍ୱର, ୯ା୯(ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରସାଳପୁର ପଞ୍ଚାୟତର ପ୍ରମୁଖ ଶିକ୍ଷାନୁଷ୍ଠାନ 'ସତ୍ୟନାରାୟଣ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ରାମପୁରରେ ଦୀର୍ଘ ଦିନ ଧରି ଶିକ୍ଷକ ଅଭାବ ଲାଗି ରହିଛି। ଯାହା ଫଳରେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ଛାତ୍ର ଉପସ୍ଥାନ ତଥା ନିୟମ ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ସର୍ବନିମ୍ନ ୧୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିବା ନିତାନ୍ତ ଆବଶ୍ୟକ ଥିବା ବେଳେ ଏଠାରେ ମାତ୍ର ୪ ଜଣ ଶିକ୍ଷକଙ୍କୁ ନେଇ ସମଗ୍ର ବିଦ୍ୟାଳୟ ପରିଚାଳିତ ହେଉଛି। ଏଠାରେ ଆବଶ୍ୟକ ଥିବା ଅନ୍ୟ ୭ଟି ଶିକ୍ଷକ ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟର ବହୁ ଛାତ୍ର ଅଭିଭାବକମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ବାକି ୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ଅଭିଭାବକ ଜୟନ୍ତ ବେହେରା, ମଧୁସ୍ମିତା ବେହେରା, ଅଶୋକ ଦାସ, ରଘୁନାଥ ବାରିକ, ଅପର୍ଣ୍ଣା ବେହେରା ପ୍ରମୁଖ ଦାବି ଜଣାଇଛନ୍ତି।

### ବନ୍ୟାର ସ୍ଥାୟୀ ପ୍ରତିକାର ଦାବି

## ଏସ୍‌ୟୁସିଆଇ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବାଲେଶ୍ୱର, ୯ା୯(ସମିସ): ବନ୍ୟାର ସ୍ଥାୟୀ ପ୍ରତିକାର ଦାବିରେ ଏସୟୁସିଆଇ (କମ୍ୟୁନିଷ୍ଟ) ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭାକୁ ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ରବୀନ୍ଦ୍ରନାଥ ବେହେରା ପରିଚାଳନା କରିଥିଲେ। ସଭା ପରେ ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ୧୯୮୦ ମସିହାରେ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାରଙ୍କ ମିଳିତ ସହଯୋଗରେ ନିର୍ମିତ ଡାହିଲ ଡ୍ୟାମକୁ ସୁଦୃଢ଼ କରିବା, ଜଳକା ନଦୀ ଉପରେ ଡ୍ୟାମ ନିର୍ମାଣ କରିବା, ଦୁଇ ବର୍ଷ ତଳୁ ପ୍ରଶାସନିକ ଅନୁମୋଦନ ପାଇଥିବା ସୁବର୍ଣ୍ଣରେଖା ସଂସ୍କାର ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା, କୋଷ୍ଟ କେନାଲର ପୁନରୁଦ୍ଧାର, ଜିଲ୍ଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା, ଜଳକା ଓ ବୁଢ଼ାବଳଙ୍ଗ ନଦୀର ତୀରବର୍ତ୍ତୀ ବନ୍ଧଗୁଡ଼ିକୁ ଉଚ୍ଚ, ସୁଦୃଢ଼ ତଥା ପଥର ପ୍ୟାକିଂ କରି ଜଳପ୍ଲାବନ ରୋକିବା, କୀର୍ତ୍ତନୀୟା, ବଳରାମଗଡ଼ି ଓ ଚାନ୍ଦିପୁର ନଦୀ ମୁହାଁଣ ଖୋଲି ବନ୍ୟା ନିୟନ୍ତ୍ରଣ ଏବଂ ସହରାଞ୍ଚଳରେ ଡ୍ରେନେଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଆଦି ଦାବି କରାଯାଇଛି। ଏହା ବ୍ୟତୀତ ବନ୍ୟା ପ୍ରଭାବିତ ଲୋକଙ୍କୁ ଏକ ମାସ ପର୍ଯ୍ୟନ୍ତ ରନ୍ଧା ଖାଦ୍ୟ ଯୋଗାଇବା, ଭାଙ୍ଗିଯାଇଥିବା ଘର ବଦଳରେ ଦୁଇ ବଖରା ଘର ପ୍ରଦାନ, କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୪୦ ହଜାର ଟଙ୍କା କ୍ଷତିପୂରଣ ଏବଂ ସଂକ୍ରାମକ ରୋଗର ଆଶୁ ଚିକିତ୍ସା ପାଇଁ ମଧ୍ୟ ଦାବି କରାଯାଇଛି। ଅନ୍ୟାନ୍ୟ ଦାବି ମଧ୍ୟରେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର, ଭୂମିହୀନଙ୍କୁ ଜମିପଟ୍ଟା, ମଦ ସମ୍ପୂର୍ଣ୍ଣ ନିଷିଦ୍ଧ ଏବଂ ଏମଏମଡିଆର ଆଇନ ବାତିଲ ଦାବି ଉଲ୍ଲେଖ ରହିଛି। ପ୍ରତିବାଦ ସଭାରେ ଜିଲ୍ଲା କମିଟି ସଦସ୍ୟ ଉମାକାନ୍ତ ଦାସ, ଖ୍ରୀଷ୍ଟାରାଣୀ ସାହୁ, ପ୍ରଶାନ୍ତ ଦାସ ଓ ହରେକୃଷ୍ଣ ଦାସ ପ୍ରମୁଖ ସରକାରଙ୍କ ଉଦାସୀନତାକୁ ତୀବ୍ର ସମାଲୋଚନା କରିଥିଲେ ଏବଂ ଦାବି ପୂରଣ ନହେଲେ ଆଗାମୀ ଦିନରେ ବୃହତ୍ତର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।



## ଜଳେଶ୍ୱର ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୯ା୯(ସମିସ): ଜଳେଶ୍ୱର ପଞ୍ଚାୟତ ସମିତିର ୧୩ତମ ସାଧାରଣ ଅଧିବେଶନ ବୁଧବାର ଦିନ ସମିତି ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇଥିବା ବେଳେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ପଞ୍ଚାୟତରେ ବନ୍ୟା ଜନିତ ସମସ୍ୟା ଓ ତାର ପରବର୍ତ୍ତୀ ସମୟରେ ଆସୁଥିବା ସମସ୍ୟା ବିଷୟରେ ଆଲୋଚନା ହେବା ସହିତ ପାନୀୟ ଜଳ ଯୋଗାଣ ଓ ବୃକ୍ଷ ରୋପଣ ସମ୍ବନ୍ଧରେ ରହିଥିବା ସମସ୍ୟାକୁ ନେଇ ବିଶେଷ ଆଲୋଚନା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ବହୁ ପଞ୍ଚାୟତରେ ପାନୀୟ ଜଳ ଯୋଗାଣର ସୁବନ୍ଦବସ୍ତ ହୋଇ ପାରିନାହିଁ ବୋଲି ବହୁ ପଞ୍ଚାତର ଜନପ୍ରତିନିଧି ମାନେ ଅଭିଯୋଗ କରିଥିଲେ। ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ଜଳସେଚନ, ଉଠା ଜଳସେଚନ, ଡ୍ରେନେଜ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତର ବିକାଶ ମୂଳକ ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇ ବିଭାଗୀୟ କର୍ମକର୍ତ୍ତାଙ୍କୁ ଅବଗତି କରାଯିବା ସହିତ କରାଯାଉଥିବା କାର୍ଯ୍ୟ ଗୁଡିକୁ ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନାଗରିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା ବିଭାଗ ଗୁଡିକର କାର୍ଯ୍ୟକୁ ନେଇ ଆଲୋଚନା କରାଯିବା ପାଇଁ ସଦସ୍ୟମାନେ ଦାବି କରିଥିବା ବେଳେ ବର୍ଷାରେ ବହୁ ଗ୍ରାମାଞ୍ଚଳରେ ନଷ୍ଟ ହୋଇଯାଇଥିବା ରାସ୍ତାର ନବୀକରଣ ତଥା ନୂତନ ରାସ୍ତା ଗୁଡିକର କାର୍ଯ୍ୟ ଶେଷ ବିଷୟରେ ଜନପ୍ରତିନିଧିମାନେ ଆଲୋଚନା କରିବା ସହିତ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ସାଂସଦ ଓ ବିଧାୟକ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଧିବେଶନରେ ବ୍ଲକର ସମସ୍ତ ସମିତି ସଭ୍ୟ, ସଭ୍ୟା ଓ ସରପଞ୍ଚମାନେ ଯୋଗଦେଇଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବସ୍ତାରେ ବେଧଡ଼କ ଚାଲିଛି ଚୋରା ଦେଶୀମଦ ବିକ୍ରି

ବାଲେଶ୍ୱର ସଦର/ରାଜଘାଟ, ୯ା୯(ସମିସ): ବସ୍ତା ବ୍ଲକରେ ଏବେ ବେଧଡକ ଚାଲିଛି ଦେଶୀ ମଦ ବେପାର। ଗାଁ ଗାଁରେ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଖୁଲମଖୁଲା ମଦ ବିକ୍ରି ହେଉଥିବାରୁ ସାଧାରଣ ଲୋକଙ୍କ ଜୀବନ ବିପନ୍ନ ହୋଇପଡ଼ିଛି। ବସ୍ତା ଅଞ୍ଚଳରେ ଅବକାରୀ ବିଭାଗ ନିଷ୍କ୍ରିୟ ନା ଜାଣି ଅଜଣା ସାଜିଛି ବୋଲି ବଡ଼ ପ୍ରଶ୍ନ ଉଠିଛି। ବସ୍ତା ବ୍ଲକର ପ୍ରତି ଗାଁର ମୁଣ୍ଡରେ, ହାଟ ପିଣ୍ଡିରେ, ସ୍କୁଲ-କଲେଜ ଓ ମନ୍ଦିର ନିକଟରେ ଏପରିକି ଚା' ଦୋକାନରେ ମଧ୍ୟ ଦିନ ତମାମ ଦେଶୀ ମଦ ବିକ୍ରି ହେଉଛି। ସନ୍ଧ୍ୟା ହେଲେ ଏହାର ମାତ୍ରା ଆହୁରି ବଢ଼ିଯାଏ। ସନ୍ଧ୍ୟା ପରେ ଗାଁ ଦାଣ୍ଡ ଓ ଛକ ବଜାରରେ ମଦୁଆଙ୍କ ଭିଡ ଜମୁଛି। ଫଳରେ ଗାଳିଗୁଲଜ, ମାରପିଟ, ଚୋରି, ଛିନତାଇ ଭଳି ଅସାମାଜିକ କାର୍ଯ୍ୟ ବଢ଼ିବାରେ ଲାଗିଛି। ସବୁଠାରୁ ଚିନ୍ତାର ବିଷୟ ହେଲା ସ୍କୁଲ କଲେଜ ଛାତ୍ର ମଧ୍ୟ ଏହି ନିଶା ଜାଲରେ ଫସି ନିଜ ଭବିଷ୍ୟତ ନଷ୍ଟ କରୁଛନ୍ତି। ମହିଳା ଓ ପାଠ ପଢୁଆ ପିଲାମାନେ ସନ୍ଧ୍ୟା ପରେ ଘରୁ ବାହାରି ପାରୁ ନାହାଁନ୍ତି। ଗତ ୬ ତାରିଖ ଦିନ ସନ୍ତୋଷପୁର ପଞ୍ଚାୟତ ଧିତପୁରା ଗ୍ରାମର ୩୮ ବର୍ଷୀୟା ମହିଳା ସୋନା ହାଁସଦା ଦେଶୀ ମଦ ପିଇ ମୃତ୍ୟୁବରଣ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ଭେଲୋରା, ସନ୍ତୋଷପୁର, ପାଉଁଶକୁଲି, ରଘୁନାଥପୁର, କୁଳିଦା ଏହି ପାଞ୍ଚଟି ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଦେଶୀ ମଦ ବିକ୍ରି ହେଉଛି। ଆଶ୍ଚର୍ଯ୍ୟର କଥା ବସ୍ତାରେ ଗୋଟିଏ ମାତ୍ର ଅନୁମତି ପ୍ରାପ୍ତ ଦେଶୀ ମଦ ଦୋକାନ ରହିଥିବା ବେଳେ ଏତେ ପରିମାଣର ମଦ ଆସୁଛି କେଉଁଠୁ ଏବଂ କିଏ ଯୋଗାଉଛି ଏହି ମଦ। ଏହା ଏବେ ବସ୍ତା ବାସୀଙ୍କ ମନରେ ଏକ ବଡ଼ ପ୍ରଶ୍ନ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିଦିନ ରାତି ୧୦-୧୧ଟା ମଧ୍ୟରେ ବିଭିନ୍ନ ଚାରି ଚକିଆ ଗାଡିରେ ଗାଁ ଗାଁ କୁ ମଦ ଯୋଗାଣ ହେଉଛି। ମାସିକ ବଟି ନେଇ ଅବକାରୀ ବିଭାଗ ଚୁପ୍ ବସିଥିବା ଲୋକେ ଅଭିଯୋଗ କରୁଛନ୍ତି। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ମହିଳା ସଂଘ ଦାବି କରିଛନ୍ତି ଯେ, ବାଲେଶ୍ୱର ଅବକାରୀ ଅଧିକ୍ଷକ ତୁରନ୍ତ ଏହି ସମସ୍ତ ଗ୍ରାମରେ ଚଢାଉ କରି ମାଫିଆଙ୍କୁ ଗିରଫ କରନ୍ତୁ। ନଚେତ ଆଗାମୀ ଦିନରେ ମହିଳା ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ବସ୍ତା ଅବକାରୀ ଅଧିକାରୀ ଜଗନ୍ନାଥ ଭିତିରିଆଙ୍କୁ ପଚାରିବାରୁ ଚଢ଼ଉ କରାଯାଉଛି ବୋଲି କହିଛନ୍ତି।

### ଲଗାଣ ବର୍ଷା ଓ ବନ୍ୟା ଭାଙ୍ଗି ଦେଲା ଚାଷୀଙ୍କ ମେରୁଦଣ୍ଡ

# ସଦର ବ୍ଲକରେ ୮ ହଜାର ହେକ୍ଟର ଫସଲ କ୍ଷତିଗ୍ରସ୍ତ

ବାଲେଶ୍ୱର, ୯ା୯(ସମିସ)



ଲଘୁଚାପ ଜନିତ ଲଗାଣ ବର୍ଷା ଓ ବୁଢ଼ାବଳଙ୍ଗ ନଦୀର ପ୍ରଳୟଙ୍କରୀ ବନ୍ୟା ଜଳ ମାଡ଼ିଆସିବା ଯୋଗୁଁ ବାଲେଶ୍ୱର ଜିଲ୍ଲା ସଦର ବ୍ଲକର ସମଗ୍ର ଚାଷ ଓ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ସମୟରେ ସଦର ବ୍ଲକର ପ୍ରାୟ ୮, ୧୫୫ ହେକ୍ଟର ଚାଷଜମିରେ ବନ୍ୟା ଜଳ ଦୀର୍ଘ ଦିନ ଧରି ଜମି ରହିବାରୁ ସଦ୍ୟ ରୁଆ ଯାଇଥିବା ଧାନ ତଳି ସମେତ ବିସ୍ତୃତ ଅଞ୍ଚଳର ପନିପରିବା ଫସଲ ସମ୍ପୂର୍ଣ୍ଣ ପଚି ନଷ୍ଟ ହୋଇଯାଇଛି। ବିଶେଷ କରି କୁରାଢ଼ିଆ, ସିନ୍ଧିଆ, ଛାନୁଆ, ହଳଦୀପଦା, କଣ୍ଟାବଣିଆ, ଶ୍ରୀରାମପୁର, ରସଲପୁର ଭଳି ପ୍ରମୁଖ ପଞ୍ଚାୟତଗୁଡ଼ିକରେ ବନ୍ୟାର ପ୍ରକୋପ ଅତ୍ୟନ୍ତ ଭୟାବହ ରୂପ ଧାରଣ କରିଥିବା ବେଳେ ଗ୍ରାମାଞ୍ଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଘାଟ ତଥା ପୋଲ ଉପରେ ଆଣ୍ଠୁଏରୁ ଅଣ୍ଟାଏ ଉଚ୍ଚର ପାଣି ପ୍ରବାହିତ ହୋଇ ଅନେକ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା। ଏ ପରିକି ଲଗାଣ ବର୍ଷା ଫଳରେ ବିଭିନ୍ନ ଚାଷଜମିରେ ପାଣି ଜମା ହୋଇ ରହିଛି। ଏହି ଚାଷ କାର୍ଯ୍ୟ ପାଇଁ ଚାଷୀମାନେ ବିଭିନ୍ନ ସ୍ଥାନରୁ ଲୋନ କରି ଚାଷ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଏହି ପ୍ରାକୃତିକ ବିପର୍ଯ୍ୟୟ ସେମାନଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଏ ପରିସ୍ଥିତିରେ ସରକାରୀ ସହାୟତା ଓ ଫସଲ କ୍ଷତିପୂରଣ ଆଶାରେ ବର୍ତ୍ତମାନ ସୁଦ୍ଧା ୧୫ ହଜାରରୁ ଅଧିକ କ୍ଷତିଗ୍ରସ୍ତ ଚାଷୀ ପ୍ରଶାସନ ନିକଟରେ ଆବେଦନ କରିସାରିଥିଲେ ମଧ୍ୟ ସେମାନଙ୍କୁ କେବେ ଇନପୁଟ ସବସିଡି ବା ବୀମା ରାଶି ମିଳିବ ତାହାକୁ ନେଇ ସରକାରୀ ସ୍ତରରେ ଘୋର ଅନିଶ୍ଚିତତା ଲାଗିରହିଛି। ଅନ୍ୟପକ୍ଷରେ ବନ୍ୟା ପରବର୍ତ୍ତୀ କାଳରେ ଅନେକ ସ୍ଥାନରେ ଚାଷଜମିରୁ ପାଣି ଧୀରେ ଧୀରେ ଖସୁଥିବାରୁ ଚାଷୀମାନେ ପୁନର୍ବାର ଧାରକରଜ କରି ବିଳମ୍ବରେ ଧାନ ରୁଆ କାର୍ଯ୍ୟ ଜାରି ରଖିଛନ୍ତି ସତ, କିନ୍ତୁ ବିଳମ୍ବିତ ଋତୁରେ ଉତ୍ପାଦିତ ହେବାକୁ ଥିବା ଏହି ଧାନ ଧାର୍ଯ୍ୟ ସମୟରେ ମଣ୍ଡିକୁ ଯାଇପାରିବ କି ନାହିଁ ଏବଂ ଟୋକନ୍ ସମସ୍ୟା ଭିତରେ ଚାଷୀ ନିଜ ଫସଲ ଉଚିତ ମୂଲ୍ୟରେ ବିକ୍ରି କରିପାରିବେ କି ନାହିଁ ତାହା ଏକ ବିରାଟ ପ୍ରଶ୍ନବାଚୀ ଭାବେ ଉଭା ହୋଇଛି। ଏଭଳି ଚରମ ଦୁର୍ଦ୍ଦିନରେ ରାଜସ୍ୱ, କୃଷି ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ତଳିଆ ଅଞ୍ଚଳ ଗସ୍ତ କରି କ୍ଷୟକ୍ଷତିର ଯୁଗ୍ମ ଓ ସଠିକ କ୍ଷେତ୍ର ଅନୁଧ୍ୟାନ କରିବା ସହ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି। ଏ ନେଇ ସଦର ବ୍ଲକ କୃଷି ଅଧିକାରୀ ଅଳକା ସାହୁ କହିଛନ୍ତି ଯେ, ସଦର ବ୍ଲକ ରେ ପ୍ରଥମ ପର୍ଯ୍ୟାୟରେ ୫ହଜାର ୮୨୦ ହେକ୍ଟର ଚାଷ ଜମି ନଷ୍ଟ ହେଇଥିଲା। ପରେ ତାହା ବୃଦ୍ଧି ପାଇ ୮ହଜାର ୧୫୫ହେକ୍ଟର ହେଇଛି। ଏଥିରେ ଚାଷୀ ମାନଙ୍କୁ ସରକାରି ସ୍ତରରେ ସହାୟତା ପ୍ରଦାନ ପାଇଁ ଆବେଦନ ଗ୍ରହଣ କରାଯାଉଛି। ନିଜ ମୌଜାରେ ୨ହେକ୍ଟର ଚାଷ ଜମିର କ୍ଷତି ପରିମାଣ ମିଳିବ। ଏବେ ତାହା କରାଯାଉଥିବା ବେଳେ ଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ। ଏହା ବ୍ୟତୀତ ସରକାରୀ ସ୍ତରରେ ଏବେ ବିହନ ସାଙ୍ଗକୁ କୀଟ ନାଶକ ଔଷଧ ମଧ୍ୟ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି।

# ଦକ୍ଷିଣ-ପୂର୍ବ ରେଳ ମହାପ୍ରବନ୍ଧକଙ୍କୁ ଜିଲ୍ଲା କଂଗ୍ରେସର ଦାବିପତ୍ର

ବାରିପଦା, ୯ ।୯ (ସମିସ): ନୂତନ ଭାବେ କଂଗ୍ରେସ ଦଳରେ ଯୋଗ ଦେଇଥିବା ମୟୂରଭଞ୍ଜର ପୂର୍ବତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ଓ ଜିଲ୍ଲା କଂଗ୍ରେସ ଉପସଭାପତି ଶିବାନନ୍ଦ ଦାସ କଲିକତାସ୍ଥିତ ଦକ୍ଷିଣ-ପୂର୍ବ ରେଳ ଜୋନର ମୁଖ୍ୟାଳୟ ଗାର୍ଡେନ ରିଚ୍‌ଠାରେ ମହାପ୍ରବନ୍ଧକ ଅନୀଲ କୁମାର ଜୈନଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରି ମୟୂରଭଞ୍ଜ ଜିଲ୍ଲାରେ ନୂତନ ଭାବେ ଚାଲିଥିବା ରେଳପ୍ରକଳ୍ପ ଓ ରେଳ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଡିସେମ୍ବର ୨୦୨୪ରେ ରାଷ୍ଟ୍ରପତି ଉଦ୍‌ଘାଟନ କରିଥିବା ୩ଟି ରେଳପ୍ରକଳ୍ପ ମଧ୍ୟରୁ ବାଙ୍ଗିରିପୋଷି -ଗୋରୁମାହିଷାଣୀ ପ୍ରକଳ୍ପର ଦୂରତ୍ୱକୁ ୪୨କିମିରୁ ୮୫.୬କିମି କରାଯାଇଥିବାରୁ ଓ ଏହା ଶିମିଳିପାଳ ଜାତୀୟ ଉଦ୍ୟାନକୁ ପ୍ରଭାବିତ କରୁଥିବା ଓ ଏହି ଅଞ୍ଚଳ ଦେଇ ଯାଉଥିବାରୁ ଅତୀତରେ ଏହା ନେଇ ପୂର୍ବତନ ସାଂସଦ ରେଳ ବିଭାଗରେ ଅଭିଯୋଗ କରିଥିଲେ । ଫଳରେ ଏବେ ଏହାର ତିନୋଟି ବିକଳ୍ପ ରାସ୍ତା ଦେଇ ଯିବାର ପ୍ରସ୍ତାବ ମହାପ୍ରବନ୍ଧକଙ୍କ ଅଫିସରୁ ରେଲୱେ ବୋର୍ଡକୁ ପଠାଯାଇଛି । କେନ୍ଦ୍ର ସରକାର ଏହା ଉପରେ ଚୂଡାନ୍ତ ନିଷ୍ପତ୍ତି ନେଲା ପରେ ଏହି ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ମହାପ୍ରବନ୍ଧକ ପ୍ରତିଶ୍ରୁତି ଦେଇଥିଲେ । ଏହି ଆଲୋଚନା ବେଳେ ପୂର୍ବତନ ସାଂସଦ ଶ୍ରୀ ହାଁସଦା ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ



ଉପୁଜୁଥିବା ସମସ୍ୟାକୁ ଦୂର କରିବାରେ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ । ସେହିପରି ଅଗଷ୍ଟ ମାସର ବର୍ଷାରେ ସୁନଗଡ଼ିଆଠାରେ ରେଳ ଲାଇନ ଧୋଇ ଯିବାରୁ ମରାମତି କାର୍ଯ୍ୟ ପାଇଁ ବହୁତ ଦିନ ଧରି ବାଙ୍ଗିରିପୋଷି -ପୁରୀ ଏକ୍ସପ୍ରେସ ସମେତ ମେମୁ ଟ୍ରେନଗୁଡିକ ସ୍ଥଗିତ ରହିଥିଲା । ଏହି ଅସୁବିଧା ଦୂର କରିବା ପାଇଁ ବାରିପଦା ଠାରେ ଏକ ଲୁପ ଲାଇନ ତିଆରି କରିବା ପାଇଁ ମଧ୍ୟ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବେତନଟୀ ବ୍ଲକର ଭଗବାନପୁର ଠାରେ ଆମ୍ବୁଲାନ୍ସ, ଟ୍ରାକ୍ଟର ଭଳି ଅତ୍ୟାବଶକୀୟ ଯାନବାହାନ ଗୁଡିକ ରେଳଲାଇନ ପାର କରିବାରେ ଅସୁବିଧା ହେଉଥିବାରୁ ପ୍ରଭାବିତ ୬ଟି ଗ୍ରାମର ଲୋକମାନେ ଏକ ଗୋଲା ପୋଲ ନିର୍ମାଣ ପାଇଁ ଦାବି ରଖିଥିଲେ । ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ପ୍ରଭାବିତ ଲୋକମାନେ ଦେଇଥିବା ଦାବି ପତ୍ରକୁ ମଧ୍ୟ ପୂର୍ବତନ ସାଂସଦ ପ୍ରଦାନ କରିଥିଲେ । ସେହିପରି ବାଲେଶ୍ୱର ଷ୍ଟେସନରୁ ଦେଶର ବିଭିନ୍ନ ପ୍ରାନ୍ତକୁ ଯାଉଥିବା ମୟୂରଭଞ୍ଜ ଲୋକଙ୍କ ସୁବିଧା ପାଇଁ କେବଳ ରୂପସା ପର୍ଯ୍ୟନ୍ତ ଯାଉଥିବା ଦୁଇଟି ମେମୁ ଟ୍ରେନ (ଟ୍ରେନ ନଂ -୬୮୧୭୬ ଓ ଟ୍ରେନ ନଂ ୬୮୧୮୪)କୁ ବାଲେଶ୍ୱର ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବା ପାଇଁ ଶ୍ରୀ ହାଁସଦା ଦାବି ରଖିଥିଲେ । ଏଗୁଡିକର କାର୍ଯ୍ୟକାରିତାର ସାଧ୍ୟତା ଉପରେ ଅନୁଧ୍ୟାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମହାପ୍ରବନ୍ଧକ ଶ୍ରୀ ଜୈନ ପ୍ରତିଶ୍ରୁତି ଦେଇଥିଲେ ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ମହୁଲଡିହା, ୯।୯(ସମିସ): ମହୁଲଡିହା ଥାନା ସାତକୋଶିଆ ଗ୍ରାମ ପଞ୍ଚାୟତର ଘୁଲୁଘୁଲିଆ ଗ୍ରାମରେ ମଙ୍ଗଳବାର ଘରପାଖ ପୋଖରୀରେ ବୁଡ଼ି ଏକ ଶିଶୁକନ୍ୟାର ମୃତ୍ୟୁ ହୋଇଛି । ମୃତ ଶିଶୁ ଜଣକ ଘୁଲୁଘୁଲିଆ ଗ୍ରାମ ଜାଗାଇ ସାହିର ଶ୍ୟାମସୁନ୍ଦର ଜାମୁଦାଙ୍କ ଏକ ମାତ୍ର ଝିଅ ରଶ୍ମିତା (୧) । ଘର ନିକଟରେ ଥିବା ପୋଖରୀ କୂଳରେ ସାହିର ପିଲାମାନଙ୍କ ସହ ରଶ୍ମିତା ଖେଳୁଥିଲା । କିଛି ସମୟ ପରେ ତା'ର ମା ପୋଖରୀ କୂଳକୁ ଆସି ଦେଖନ୍ତି ତ ତାଙ୍କ ଝିଅ ପାଣିରେ ପଡ଼ି ଉବୁଟୁବୁ ହେଉଛି । ପରିବାର ଲୋକେ ପାଣିରୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ପରୀକ୍ଷା କରି ଶିଶୁଟିକୁ ମୃତ ଘୋଷଣା କରିଥିଲେ । ସନ୍ଧ୍ୟାରେ ମହୁଲଡିହା ଥାନାରେ ଅଭିଯୋଗ ପରେ କେଶ ନଂ ୨୦/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଶବ ଜବତ କରିଥିଲା । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ପୁଲିସ ।

## ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ



ବାରିପଦା, ୯।୯(ସମିସ): ସ୍ଥାନୀୟ ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟ ପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଉଦ୍ଦେଶ୍ୟରେ ସ୍ୱାଗତ ସମାରୋହ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ରଞ୍ଜନ କୁମାର ତରେଇଙ୍କ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହ ଆଇନ ଶିକ୍ଷାର ମହତ୍ତ୍ୱ, ଶୃଙ୍ଖଳା, ନୈତିକତା ଏବଂ ସମାଜ ପ୍ରତି ଆଇନ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଉପସ୍ଥିତ ବରିଷ୍ଠ ଅଧ୍ୟାପକ ଡ ବନମାଳୀ ବାରିକ ଏବଂ ଭକ୍ତ ଚରଣ ସୋରେନ ଛାତ୍ରଛାତ୍ରୀଙ୍କୁ ନିଷ୍ଠା, ସତ୍ୟନିଷ୍ଠା ଓ ମାନବିକ ମୂଲ୍ୟବୋଧକୁ ଆଧାର କରି ଜଣେ ଦକ୍ଷ ତଥା ଦାୟିତ୍ୱବାନ ଆଇନଜୀବୀ ଭାବେ ନିଜକୁ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ଏଥିସହ ଅଫିସ୍ ସୁପରିଟେଣ୍ଡେଣ୍ଟ ଅତୁଲ କୁମାର ମହାନ୍ତି ଛାତ୍ରଛାତ୍ରୀଙ୍କୁ ଉପଦେଶାତ୍ମକ ଅଭିଭାଷଣ ଦେଇ ମହାବିଦ୍ୟାଳୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ଜୟଶ୍ରୀ ମିଶ୍ର, ଅଧ୍ୟାପକ ଧୀରେନ୍ଦ୍ର ବେହେରା, ସୁନୀଲ କୁମାର ଜେନା, ସୁଶ୍ରୀ ଏସ୍ ନାୟକ, ଶୋଭା ଶୋରେନ୍ ଏବଂ ଅତିଥି ଅଧ୍ୟାପକ ବୀରେନ୍ଦ୍ର ମୁର୍ମୁ ଓ ଅଙ୍କିତା ପଟ୍ଟନାୟକ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କାର୍ଯ୍ୟାଳୟ କର୍ମଚାରୀଙ୍କ ମଧ୍ୟରେ ବରିଷ୍ଠ କିରାଣି ତାପସ ରଞ୍ଜନ ଜେନା, ଡାଟା ଏଣ୍ଟ୍ରି ଅପରେଟର୍ ସ୍ନେହାଶିଷ ଦାସ, ବରିଷ୍ଠ ପିଅନ୍ ରବୀନ୍ଦ୍ର ପୃଷ୍ଟି, ଲେଡି ଲାଇବ୍ରେରୀ ଆଟେଣ୍ଡାଣ୍ଟ ଲକ୍ଷ୍ମୀପ୍ରିୟା ପାଣିଗ୍ରାହୀ, ପିଅନ୍ ଜୟନ୍ତ ବେହେରା, ଧର୍ମେନ୍ଦ୍ର ଦାସ ଓ ସ୍ୱେଶାଲ କର୍ମଚାରୀ ସଞ୍ଜୟ କୁମାର ଜେନା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ତୃତୀୟ ବର୍ଷର ଛାତ୍ରୀ ଦେବଯାନୀ ଦାସ ମଞ୍ଚ ପରିଚାଳନା କରିଥିଲେ । ବରିଷ୍ଠ ଛାତ୍ରଛାତ୍ରୀମାନେ ନବାଗତମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ନୂତନ ଛାତ୍ରଛାତ୍ରୀ ନିଜର ପରିଚୟ ପ୍ରଦାନ କରିବା ସହ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏହି ଆୟୋଜନରେ ତେଜେସ୍ୱିନୀ ସାହୁ, ବିକାଶ ଗୁପ୍ତା, ଦିନଦୟାଲ ଖଣ୍ଡେଲୱାଲ, ନୀତିଶ ଅଗ୍ରୱାଲ, ରାଜଲକ୍ଷ୍ମୀ ମଲ୍ଲିକ, ରିତୀକ କୁମାର ମହାନ୍ତ, ଶୁଭ୍ରାଂଶୁ ଶେଖର ଦଣ୍ଡପାଟ, ରୂପାଲି ବରାଳ, ପ୍ରିୟବ୍ରତ ସିଂ, ବର୍ଷା ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ତୃତୀୟ ବର୍ଷର ଛାତ୍ରୀ ସନ୍ଧ୍ୟା ରାଣୀ ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୋରମ ଖାତରେ ବୁଡ଼ି ଶିଶୁ ମୃତ

ମହୁଲଡିହା, ୯।୯(ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ହାତୀଗୋଡା ଗ୍ରାମରେ ୮ ତାରିଖ ସନ୍ଧ୍ୟା ବେଳେ ପାଣିରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ହୋଇଛି । ମୃତ ଶିଶୁଟି ହାତୀଗୋଡ଼ା ଗ୍ରାମ ଗାଳାସାହିର ଦାସକାନ କୁଦାଦାଙ୍କ ୪ ବର୍ଷର ପୁଅ ରାହୁଲ । ଘଟଣାରୁ ପ୍ରକାଶ ଯେ ସ୍ୱାମୀ ସ୍ତ୍ରୀ ବିଲରେ କାମ କରୁଥିଲେ । ଅପରାହ୍ନ ୪ ଟା ବେଳେ ବର୍ଷା ଆସିବାରୁ ଅନ୍ୟ ଏକ ପିଲା ସହ ରାହୁଲକୁ ବର୍ଷାରୁ ରକ୍ଷା ପାଇବା ପାଇଁ ବିଲରୁ ଘରକୁ ପଠାଇ ଦେଇଥିଲେ । ରାସ୍ତା କଡ଼ରେ ମୋରମ ଖୋଳା ଯାଇଥିବା ଗାଡ଼ିଆରେ ରାହୁଲ ପଡ଼ିଯାଇଥିଲା । ପରେ ବାପା ମା' ଖୋଜିବା ବେଳକୁ ରାହୁଲ ପାଣିରେ ଜୀବନ ହାରି ସାରିଥିଲା । ସେମାନେ ରାହୁଲକୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଏଠାରେ ଡାକ୍ତର ରାହୁଲକୁ ମୃତ ଘୋଷଣା କରିଥିଲେ । ଠାକୁରମୁଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି । ଆଜି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ଠାକୁରମୁଣ୍ଡା ଥାନା ପୁଲିସ ।

## ମଦ ଜବତ, ଦୁଇ ଗିରଫ

ବୈଶିଙ୍ଗା, ୯।୯ (ସମିସ): ବୈଶିଙ୍ଗା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଦୁଇଟି ପୃଥକ ମାମଲା ରୁଜୁ କରି ୧୩.୨୨୦ ଲିଟର ମଦ ଜବତ କରାଯାଇଛି । ପାଇକଯୁଗପୁରା ଗ୍ରାମର ହରେକୃଷ୍ଣ ବେହେରାଙ୍କ ପୁଅ ପର୍ଶୁରାମ ବେହେରା (୫୫)ଙ୍କ ନିକଟରୁ ୮ ଲିଟର ଦେଶୀ ମଦ ଜବତ ହୋଇଛି । ମଛାପଦା ଗ୍ରାମର ମଗୁଣିଚରଣ ଦତ୍ତଙ୍କ ପୁଅ ଅନାମଚରଣ ଦତ୍ତ (୬୨)ଙ୍କ ନିକଟରୁ ୫.୨୨୦ ଲିଟର ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ ବୈଶିଙ୍ଗା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବା ବୈଶିଙ୍ଗା ପୁଲିସ ପକ୍ଷରୁ ସୂଚନା ମିଳିଛି ।

## ଜୋନ୍‌ସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ
## କୃତୀ ପ୍ରତିଯୋଗୀ ବ୍ଲକ ସ୍ତରକୁ ମନୋନୀତ

କୁଳିଅଣା, ୯।୯ (ସମିସ): କୁଳିଅଣା ବ୍ଲକ ଅଧୀନରେ ଥିବା ଗାଙ୍ଗରାଜ, କୁଚେଇ ଓ କାଠଶିରିଶି କ୍ଲଷ୍ଟରକୁ ନେଇ ଅସନଯୋଡ଼ା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ୨୦୨୬-୨୭ ବର୍ଷ ପାଇଁ ଆଞ୍ଚଳିକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ତିନୋଟି କ୍ଲଷ୍ଟରରୁ ୧୪ ବର୍ଷରୁ କମ୍ ଓ



୧୭ ବର୍ଷରୁ କମ୍ ବୟସର ୧୩୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସକାଳ ୧୦ଟା ସମୟରେ ଅସନଯୋଡ଼ା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସେ କହିଥିଲେ, କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ଶାରୀରିକ ଓ ମାନସିକ ବିକାଶରେ ସାହାଯ୍ୟ କରିବା ସହ ଶରୀରକୁ ସୁସ୍ଥ ଓ ନିରୋଗ ରଖିଥାଏ । ଏହା ମନକୁ ସତେଜ ରଖେ, ଯଦ୍ୱାରା ପିଲାମାନେ ପାଠପଢ଼ାରେ ଅଧିକ ମନୋନିବେଶ କରିପାରିବେ । ଏଥିସହିତ ଖେଳ ପଡ଼ିଆରୁ ହିଁ ପିଲାମାନେ ଏକତା, ଶୃଙ୍ଖଳା ଓ ଦଳଗତ କାର୍ଯ୍ୟ ଭଳି ଅନେକ ଭଲ ଗୁଣ ଶିଖିଥା'ନ୍ତି । ବିଭିନ୍ନ ବିଭାଗରେ ସଫଳତା ଲାଭ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପ୍ରଧାନଶିକ୍ଷକ ଶ୍ରୀ ଆଚାର୍ଯ୍ୟ ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଆଗାମୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏ ଅବସରରେ ଦୌଡ଼, ଆଥଲେଟିକ, ଫୁଟବଲ, ଖୋ-ଖୋ ଓ ଭଲିବଲ୍ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅସନଯୋଡ଼ା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ପ୍ରମୋଦ କୁମାର ଦଣ୍ଡପାଟ, ଗାଙ୍ଗରାଜ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ସନ୍ତୋଷୀ ମହାନ୍ତ, ବାଇଗଣବାଡ଼ିଆ ହାଇସ୍କୁଲର କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ଆରତୀ ବେହେରା, ଗାଙ୍ଗରାଜ କ୍ଲଷ୍ଟରର ସିଆରସିସି ଶ୍ରୀମତୀ ଦେବସ୍ମିତା ପୋଥାଳ, କୁଚେଇ କ୍ଲଷ୍ଟରର ସିଆରସିସି ଲଳିତ ନାରାୟଣ ମହାନ୍ତ, ଶିକ୍ଷକ ନରେଶ ପତି, ସାଲଖୁ ମୁର୍ମୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ରାଷ୍ଟ୍ର ନିର୍ମାତା ପୁରସ୍କାର ବିତରଣ ଉତ୍ସବ

ବାରିପଦା, ୯।୯(ସମିସ): ବାରିପଦା ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ରୋଟାରୀ ଭବନରେ କ୍ଲବ୍‌ର ସଭାପତି ତିମିର କୁମାର ଘୋଷଙ୍କ ପୌରୋହିତ୍ୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଓ ରାଷ୍ଟ୍ର ନିର୍ମାତା ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ରୋଟାରୀ ଅନ୍ତର୍ଜାତୀୟ ୩୨୬୨ ପ୍ରାନ୍ତର ୨୦୨୭-୨୮ ରୋଟାରୀ ଅନ୍ତର୍ଜାତୀୟ ବର୍ଷ ନିମନ୍ତେ ନିର୍ବାଚିତ ପ୍ରାନ୍ତପାଳ ରୋଟାରିଆନ ଇନ୍ଦ୍ରଜିତ ସାହୁ ମୁଖ୍ୟଅତିଥି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସମ୍ମାନିତ ଅତିଥି ଏବଂ ବାରିପଦାସ୍ଥ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦାନ କରି ମନୁଷ୍ୟ ନିର୍ମାଣ ଓ ରାଷ୍ଟ୍ର ନିର୍ମାଣରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ବଳିଷ୍ଠ ଭୂମିକା ଏବଂ ସମ୍ପୂର୍ଣ୍ଣ ସାକ୍ଷରତା ମାଧ୍ୟମରେ ନୈତିକତା ଭିତ୍ତିକ ଏକ ବିକଶିତ ରାଷ୍ଟ୍ର ନିର୍ମାଣ କରିବା ଉପରେ ଆଲୋକପାତ କରିଥିଲେ । ରୋଟାରୀ ଇଣ୍ଡିଆ ସାକ୍ଷରତା ମିଶନର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲାର ୧୫ଟି ବିଦ୍ୟାଳୟରୁ ମନୋନୀତ ହୋଇଥିବା ୧୫ ଜଣ କୃତୀ ଶିକ୍ଷକଙ୍କୁ ମଞ୍ଚାସୀନ ଅତିଥି ବୃନ୍ଦ ରାଷ୍ଟ୍ର ନିର୍ମାତା ପୁରସ୍କାରରେ ପୁରସ୍କୃତ କରିଥିଲେ । ସେମାନେ ହେଲେ ସଞ୍ଜୀବ କୁମାର ବେହେରା, ଗୌରୀଶଙ୍କର ସାହା, ଜ୍ୟୋତ୍ସ୍ନାମୟୀ ଦାସ, ଜୟନ୍ତୀ କିସ୍କୁ, ଅରୁନ୍ଧତୀ ଭୂୟାଁ, ବବିତା କୁମାରୀ ସାହା, ନନ୍ଦଲାଲ କର, ମମତା ମହାପାତ୍ର, ମିନାକ୍ଷୀ ପଣ୍ଡା, ଜ୍ୟୋତିପ୍ରଭା ମହାନ୍ତ, ଦିବ୍ୟରଞ୍ଜନ ଗିରି, ଆଶିଷ ପ୍ରତାପ ସିଂ, ମୋହନ ଚରଣ ସାହୁ, ମିନତୀ ସାହୁ ଓ ପ୍ରେମ ପ୍ରକାଶ ପାଠକ ପ୍ରମୁଖ । ଏତଦ ବ୍ୟତୀତ ଜିଲ୍ଲାରେ ବିଭିନ୍ନ ସ୍ତରରେ ଶିକ୍ଷା କ୍ଷେତ୍ରରେ ଅବଦାନ ଥିବା ଶିକ୍ଷାବିତ, ଯଥା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼ାଇଙ୍କୁ ପ୍ରଯୁକ୍ତି ବିଦ୍ୟା ଓ ବୃତ୍ତିଗତ ବିଦ୍ୟା, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ରର ସହକାରୀ ପ୍ରଫେସର ଡ ଦୀପକ କୁମାର ବେହେରାଙ୍କୁ ଉଚ୍ଚ ଶିକ୍ଷା ଏବଂ ରାଇକମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କୁ ମାଧ୍ୟମିକ ଶିକ୍ଷା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । କ୍ଲବର ସମ୍ପାଦକ ସନ୍ଦୀପ କୁମାର ଚାନ୍ଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ, କ୍ଲବର ସାକ୍ଷରତା ସମିତିର ଅଧ୍ୟକ୍ଷ ପ୍ରଫେସର ଡ ସୁଶାନ୍ତ କୁମାର ବସା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସଦସ୍ୟା ପ୍ରୀତିସୁଧା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । କ୍ଲବର ପ୍ରାକ୍ତନ ସଭାପତି, ଯଥା ରବୀନ୍ଦ୍ର ମହାପାତ୍ର, ନିରୋଜ ପଣ୍ଡା, ଭବାନୀ ଶଙ୍କର ସାହୁ, ସୁନୀତ ପୁରୀ, ବୀରେନ୍ଦ୍ରନାଥ ସାହୁ, ସୁବାଷ ଚନ୍ଦ୍ର ସାହୁ, ବିଭୁ ପ୍ରସାଦ ଦାସ, ମୋହନ ବର୍ଣ୍ଣୱାଲ ଏବଂ କ୍ଲବର ଅନ୍ୟାନ୍ୟ ସଦସ୍ୟ ମାନେ ସମଗ୍ର କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ।



## ଉଦଳା ବ୍ଲକରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ

ଉଦଳା, ୯।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକରେ ଆଜି ଜଙ୍ଗଲ ଜମି ପଟ୍ଟା ବଣ୍ଟନ ଶିବିର ଆୟୋଜିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ୮୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରିଥଲେ । ଉଦଳା ବ୍ଲକ ଖଳାଡି ପଞ୍ଚାୟତ ଅଧୀନରେ ଥିବା ହିତାଧିକାରୀଙ୍କ ପାଇଁ ଏହି ଜଙ୍ଗଲ ଜମି ପଟ୍ଟା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା । ଉଦଳା ବିଧାୟକଙ୍କ ଉପସ୍ଥିତିରେ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ହିତାଧିକାରୀଙ୍କୁ ଜଙ୍ଗଲ ଜମିର ପଟ୍ଟା ବଣ୍ଟନ କରାଯାଇଥିଲା । ଦୀର୍ଘଦିନ ଧରି ଜଙ୍ଗଲ ଜମିରେ ନିର୍ଭରଶୀଳ ଥିବା ହିତାଧିକାରୀ ଜମିର ଅଧିକାର ପାଇବା ପରେ ଖୁସି ପ୍ରକାଶ କରିଥିଲେ । ଏହି ଶିବିରରେ ଉଦଳା ବିଧାୟକଙ୍କ ସହ ଉଦଳା ବିଡିଓ ସମରଜିତ କର, ଉଦଳା ତହସିଲଦାରଙ୍କ ସମେତ ବ୍ଲକ ଓ ତହସିଲର ବିଭିନ୍ନ କର୍ମଚାରୀ ଉପସ୍ଥିତ ରହି ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ ପ୍ରକ୍ରିୟାରେ ସହଯୋଗ କରିଥିଲେ । ଜଙ୍ଗଲ ଜମି ଅଧିକାର ପାଇବା ଦ୍ୱାରା ହିତାଧିକାରୀଙ୍କ ଜୀବନଜୀବିକା ଆହୁରି ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ ପାଇଛି । ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ପରବର୍ତ୍ତୀ ସମୟରେ ପଟ୍ଟା ଯୋଗାଇ ଦିଆଯିବ ବୋଲି ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ କହିଥିଲେ ।



## ବିଦ୍ୟାଭାରତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା



ବାରିପଦା, ୯ ।୯(ସମିସ): ସ୍ଥାନୀୟ ତକତପୁରସ୍ଥ ବିଦ୍ୟାଭରତୀ ଶିଶୁ ବିଦ୍ୟାମନ୍ଦିରରେ ଚତୁର୍ଥ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବୈଶିଙ୍ଗା କେନାଲ ଡିଭିଜନର ସହକାରୀ ଯନ୍ତ୍ରୀ ଶ୍ରୀମୟ ସିଂ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କୁନିକୁନି ବୈଜ୍ଞାନିକଙ୍କୁ ଆଗାମୀ ଦିନରେ ଦେଶର ବିକାଶ ଦିଗରେ ସହାୟକ ହେବେ ବୋଲି କହି ପ୍ରେରଣା ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାରିପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ଅନ୍ତର୍ନିବେଶୀ ଶିକ୍ଷା ସାଧନକର୍ମୀ ଦିଲ୍ଲୀପ ଦାସ ଓ ବିଦ୍ୟାଳୟର ଶୁଭଚିନ୍ତକ ବଦ୍ରିନାରାୟଣ ଶତପଥି ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବରିଷ୍ଠ ବିଭାଗରେ ରୁହିଆ ବେଶ୍ରା ୧ମ, ଜିତଜୟ ପ୍ରକାଶ ବାରିକ ୨ୟ ଓ ଲକ୍ଷ୍ମୀନାରାୟଣ ନାଏକ ୩ୟ, କନିଷ୍ଠ ବିଭାଗରେ ଆଦିତ୍ୟ ନାରାୟଣ ଶତପଥି ୧ମ, ମନୀଷା ମହାନ୍ତ ୨ୟ ଓ ଲୋମିସ୍ମିତା ସୋରେନ ୩ୟ ସ୍ଥାନ ଅଧିକାର କରିଥିଲେ । ସର୍ବକନିଷ୍ଠ ଛାତ୍ରୀ ଦୀପସିତା ମହାନ୍ତ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ । ଉଦଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବ୍ରତ କୁମାର ବସା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟା ରିତା ଶତପଥୀ ତାଙ୍କର ମୂଲ୍ୟବାନ ଅଭିଭାଷଣ ରଖିଥିଲେ । ଏହି ବିଜ୍ଞାନ ମେଳା କାର୍ଯ୍ୟରେ ସୁଦାମ ମହାନ୍ତ ଓ ଗୁରୁମା ଶୁଭଶ୍ରୀ ବେହେରା ସାହାଯ୍ୟ ସହଯୋଗ କରିଥିଲେ । ଗୁରୁମା କଲ୍ୟାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ବାରିପଦା, ୯ ।୯ (ସମିସ): ବାରିପଦାସ୍ଥିତ ପିଏମ୍ ଶ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ୨୦୨୬ ଆୟୋଜିତ ହୋଇଥିଲା । ଜିଲ୍ଲାର ବିଭିନ୍ନ ବ୍ଲକରୁ ଛାତ୍ରଛାତ୍ରୀ ଓ ଗାଇଡ୍ ଶିକ୍ଷକମାନେ ଏଥିରେ ଯୋଗଦେଇଥିଲେ । ଉଦ୍‌ଘାଟନୀ ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁନ୍ଦୁୟା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏକାଡେମିକ୍) ବିନୋଦ ସିଂ, ଏଡିଇଓ (ଏଷ୍ଟାବ୍ଲିଶମେଣ୍ଟ) ଗୌତମ କୁମାର ପାତ୍ର, ବାରିପଦା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ବାରିପଦାର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତି ଲିପି ସାହୁ, ବାରିପଦା ବିଇଓ ଅନୁଜା ମାଧୁରୀ ଦାସ, ପିଏମ୍ ଶ୍ରୀ ଏମ୍‌କେସି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟୁଡୁ ଏବଂ କଣ୍ଠାପାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସାକ୍ଷରତାର ଆବଶ୍ୟକତା, ଶିକ୍ଷାର ସାର୍ବଜନୀନ ଏବଂ ସମାଜରୁ ନିରକ୍ଷରତା ଦୂରୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷା ମାଧ୍ୟମରେ ବ୍ୟକ୍ତି, ପରିବାର ଓ ସମାଜର ସାମଗ୍ରିକ ବିକାଶ ସମ୍ଭବ ବୋଲି ଅନ୍ୟ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଦୁଇଜଣ ଛାତ୍ରଛାତ୍ରୀଙ୍କ ସହ ଜଣେ ଗାଇଡ୍ ଶିକ୍ଷକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ସାକ୍ଷରତା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହା ମାଧ୍ୟମରେ 'ସ୍ୱାକ୍ଷରତା ସମସ୍ତଙ୍କ ଅଧିକାର' ବାର୍ତ୍ତା ପ୍ରଚାର ସହ ଏକ ସ୍ୱାକ୍ଷର ଓ ସଚେତନ ସମାଜ ଗଠନ ପାଇଁ ଜନସଚେତନତା ସୃଷ୍ଟି କରାଯାଇଥିଲା । ଉଦ୍‌ଯାପନୀ ଅଧିବେଶନରେ ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ମାରକୀ ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ସଫଳ ଆୟୋଜନରେ ବାରିପଦା ବ୍ଲକ ଅଧୀନସ୍ଥ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ସମେତ ପିଏମ୍ ଶ୍ରୀ ଏମ୍‌କେସି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀ ସକ୍ରିୟ ସହଯୋଗ ପ୍ରଦାନ କରିଥିଲେ ।




## ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଓ ଏମ୍‌ଏସ୍‌ସିବି ବୁଝାମଣାପତ୍ର ସ୍ୱାକ୍ଷରିତ

ବାରିପଦା, ୯।୯(ସମିସ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତାକୁ ସୁଦୃଢ଼ କରିବା ସହ ମୟୂରଭଞ୍ଜର ଯୁବପିଢ଼ିଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏବଂ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମ୍‌ଏସ୍‌ସିବି) ବିଶ୍ୱବିଦ୍ୟାଳୟ, ବାରିପଦା ମଧ୍ୟରେ ଏକ ବୁଝାମଣା ପତ୍ର କୁଳପତି ପ୍ରଫେସର ଡ ମହେନ୍ଦ୍ର କୁମାର ମହାନ୍ତିଙ୍କ ପ୍ରକୋଷ୍ଠରେ ସ୍ୱାକ୍ଷରିତ ହୋଇଛି । ମୟୂରଭଞ୍ଜ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ର ସଭାପତି ରୋଟାରିଆନ୍ ନିରୋଜ କୁମାର ପଣ୍ଡା ତଥା ବିଶ୍ୱବିଦ୍ୟାଳୟର ଅନ୍ୟ କର୍ମଚାରୀଙ୍କ ଉସ୍ଥିତିରେ ଚାମ୍ବର ପକ୍ଷରୁ ସମ୍ପାଦକ ଇଂ ସୌମ୍ୟରଞ୍ଜନ ମିଶ୍ର ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳସଚିବ ସୁମିତା ସିଂହ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ଇଣ୍ଟର୍ଣ୍ଣସିପ୍, ଆପ୍ରେଣ୍ଟିସିପ୍, ଶିଳ୍ପ ତାଲିମ, ଗବେଷଣା ଇଣ୍ଟର୍ଣ୍ଣସିପ୍, ପ୍ରକଳ୍ପଭିତ୍ତିକ ଶିକ୍ଷା, ଏବଂ କ୍ୟାମ୍ପସ ନିଯୁକ୍ତି, ପୁଲ୍ ଡ୍ରାଇଭ୍ ତଥା ପାଠ୍ୟକ୍ରମ ଏବଂ ଶିଳ୍ପକ୍ଷେତ୍ରର ଆବଶ୍ୟକତା ମଧ୍ୟରେ ଥିବା ଦୂରତାକୁ ଦୂର କରିବା ହେଉଛି ଏହି ଭାଗିଦାରୀତାର ଲକ୍ଷ୍ୟ; ଯେଉଁଥିରେ ଉଦ୍ୟୋଗୀ ବିକାଶ ସେଲ୍‌ଫ, ମେଣ୍ଟରିଂ, ଇନକ୍ୟୁବେସନ, ଉଦ୍ଭାବନ କାର୍ଯ୍ୟକ୍ରମ, ପୁଞ୍ଜିନିବେଶକାରୀଙ୍କ ସହ ଆଲୋଚନା, ବଜାର ସଂଯୋଗୀକରଣ ଏବଂ ପାଣ୍ଠି ସଂଗ୍ରହ ସହାୟତା ଆଦି ମଧ୍ୟ ଅନ୍ତର୍ଭୁକ୍ତ । ଏହି ବୁଝାମଣା ପତ୍ର ମାଧ୍ୟମରେ ମିଳିତ ତଥା ଶିଳ୍ପ-ପ୍ରାୟୋଜିତ ଗବେଷଣା, ପ୍ରତ୍ୟକ୍ଷ ଶିଳ୍ପ ପ୍ରକଳ୍ପ, ପ୍ରୋଟୋଟାଇପିଂ, ପେଟେଣ୍ଟ, ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର ଏବଂ ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦିଆଯିବା ସହିତ ସମ୍ପୃକ୍ତ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ ସଚେତନତା ସୃଷ୍ଟି କରି ଜାତୀୟ ଶିକ୍ଷାନୀତି ୨୦୨୦ ସହିତ ତାଳ ଦେଇ, ଅନୁଭୂତିଭିତ୍ତିକ ଶିକ୍ଷା, ନିଯୁକ୍ତି ଯୋଗ୍ୟତା, ଉଦ୍ଭାବନ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖା ଯାଇଛି । ଏହି ସହଭାଗିତା ମୟୂରଭଞ୍ଜର ନିରନ୍ତର ଅର୍ଥନୈତିକ ବିକାଶ ପାଇଁ ଏକ ଛାତ୍ରକୈନ୍ଦ୍ରିକ, ଶିଳ୍ପ-ସଂଯୁକ୍ତ ଏବଂ ଉଦ୍ଭାବନ-ଆଧାରିତ ପରିବେଶ ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।



## ୫ ଶହରୁ ଊର୍ଦ୍ଧ୍ବ ଛାତ୍ରଛାତ୍ରୀଙ୍କ ଧାରଣା

# ଅଧ୍ୟାପକ ନିଯୁକ୍ତି ଦାବିରେ କଲେଜ ଫାଟକରେ ତାଲା

## ଆର୍ଥିକ ଅନିୟମିତତା ଅଭିଯୋଗର ତଦନ୍ତ ଆରମ୍ଭ

ତୁରୁମୁଙ୍ଗା, ୯।୯ (ସମିସ)





କେନ୍ଦୁଝର ଜିଲ୍ଲା ପାଟଣାସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରେ ଅଧ୍ୟାପକ ଅଭାବରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ଅଧ୍ୟାପକ ନିଯୁକ୍ତି ସମେତ ବିଭିନ୍ନ ଦାବିରେ ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୫ଶହରୁ ଊର୍ଦ୍ଧ୍ବ ଛାତ୍ରଛାତ୍ରୀ କଲେଜର ଦୁଇଟି ଫାଟକରେ ତାଲା ପକାଇ ଧାରଣାରେ ବସିବା ସହ ନାରାବାଜି କରିଥିଲେ। ଫଳରେ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ କଲେଜ ପରିସରରେ ଉତ୍ତେଜନା ଲାଗିରହିଥିଲା।

ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, କଲେଜରେ ୯ଟି ଅଧ୍ୟାପକ-ଅଧ୍ୟାପିକା ପଦ ଖାଲି ପଡ଼ିଥିବାରୁ ଖରାଛୁଟି ପରଠାରୁ ଶିକ୍ଷାଦାନ ବ୍ୟାହତ ହେଉଛି। ତୁରନ୍ତ ଖାଲି ପଦ ପୂରଣ, ଶିକ୍ଷାଦାନ ବ୍ୟବସ୍ଥାରେ ସୁଧାର ଏବଂ କଲେଜରେ ହୋଇଥିବା ଆର୍ଥିକ ଅନିୟମିତତାର ଭିଜିଲାନ୍ସ ତଦନ୍ତ ଦାବିରେ ଛାତ୍ରଛାତ୍ରୀ ଧାରଣା ଦେଇଥିଲେ। ଖବର ପାଇ ସହକାରୀ ଉପଜିଲ୍ଲାପାଳ ଶେଖରଚନ୍ଦ୍ର ଜେନା, ପ୍ରକାଶ ସେଠୀ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ଆସନ୍ତା ୨୫ ତାରିଖ ସୁଦ୍ଧା ୯ ଜଣ ଠିକା ଅଧ୍ୟାପକ ନିଯୁକ୍ତି ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନରୁ ଓହରିଥିଲେ। ଏଥିସହ କଲେଜର ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗର ତଦନ୍ତ ପାଇଁ ଉପଜିଲ୍ଲାପାଳଙ୍କ ପକ୍ଷରୁ ୩ ଜଣିଆ କମିଟି ଗଠନ କରାଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସହକାରୀ ଜିଲ୍ଲାପାଳ ରହିମ କୁମାର ଭୋଇ, ଡେପୁଟି କଲେକ୍ଟର ଦିନେଶ କୁମାର ପୂର୍ତ୍ତି ଓ ଆକାଉଣ୍ଟାଣ୍ଟ ଭୁବନେଶ୍ୱର ମହାପାତ୍ର କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ୨୦୨୧ରୁ ୨୦୨୬ ପର୍ଯ୍ୟନ୍ତର କ୍ୟାସବୁକ୍ ଓ ଗାର୍ଡ ଫାଇଲ୍ ଉପସ୍ଥାପନ କରିବାକୁ କମିଟି ପକ୍ଷରୁ କୁହାଯାଇଥିଲା। ତେବେ ଏହି ଦସ୍ତାବିଜଗୁଡ଼ିକ କଲେଜ ପକ୍ଷରୁ ଦେଖାଇ ପାରି ନଥିବା ସୂଚନା ମିଳିଛି। ପାଟଣା ମହାବିଦ୍ୟାଳୟରେ ୨ ହଜାରରୁ ଊର୍ଦ୍ଧ୍ବ ଛାତ୍ରଛାତ୍ରୀ ପଢୁଥିବାବେଳେ ୯ଟି ଅଧ୍ୟାପକ ପଦ ଖାଲି ରହିଛି। କଲେଜ ଅଧ୍ୟକ୍ଷ ଜଗନ୍ନାଥ ମହାନ୍ତଙ୍କ କହିବାନୁଯାୟୀ, ବର୍ତ୍ତମାନ ୟୁଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନିୟମ ଲାଗୁ ହୋଇଥିବାରୁ ଆଡମିଶନ ଓ ରିଆଡମିଶନ ବାବଦରେ ଛାତ୍ରଛାତ୍ରୀଙ୍କଠାରୁ ଅର୍ଥ ଆଦାୟ କରାଯାଇପାରୁନାହିଁ। ପୂର୍ବତନ ଅଧ୍ୟକ୍ଷଙ୍କ ସମୟରେ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହୋଇଥିବା ପ୍ରାୟ ୧୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଯାଇଥିବାରୁ ବର୍ତ୍ତମାନ ଅର୍ଥାଭାବ ଦେଖାଦେଇଛି। ଏଥିଯୋଗୁ ୧୨ ଜଣ ମ୍ୟାନେଜମେଣ୍ଟ ଷ୍ଟାଫ୍‌ଙ୍କ ଦରମା ପ୍ରଦାନରେ ସମସ୍ୟା ହେଉଥିବା କହିଛନ୍ତି।

## ଚମ୍ପୁଆ ସେକ୍ସନରେ ଜନବସତିମୁହାଁ ୪୦ ହାତୀ



ଚମ୍ପୁଆ, ୯।୯ (ସମିସ): ଚମ୍ପୁଆ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଜଙ୍ଗଲରୁ ବାହାରି ହାତୀପଲ ଗାଁ ଓ ଜନବସତିମୁହାଁ ହେଉଥିବାରୁ ଲୋକଙ୍କ ମଧ୍ୟରେ ବିପଦ ଆଶଙ୍କା ବଢ଼ିଛି। ହାତୀପଲ ଚାଷଜମିରେ ପଶି ଫସଲ ନଷ୍ଟ କରୁଥିବା ବେଳେ ଅନେକ ସମୟରେ ରାଜରାସ୍ତା ଉପରକୁ ଆସି ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରୁଛନ୍ତି। ରିମୁଳିରୁ ଚମ୍ପୁଆ ଜାତିୟ ରାଜପଥରେ ସକାଳ ଓ ସନ୍ଧ୍ୟାବେଳେ ହାତୀପଲ ଠିଆହୋଇ ରହୁଛନ୍ତି। ବର୍ତ୍ତମାନ ଚମ୍ପୁଆ ଅଞ୍ଚଳରେ ପ୍ରାୟ ୪୦ଟି ହାତୀ ଥିବା ଜଣାପଡ଼ିଛି। ଏହି ହାତୀପଲ ଦୁଇଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲ ଅଞ୍ଚଳରେ ଘୂରି ବୁଲୁଛନ୍ତି। ଏଥିମଧ୍ୟରୁ ଗୋଟିଏ ଦଳରେ ୨୫ଟି ହାତୀ ରହିଛନ୍ତି। ଏହି ଦଳରେ ୧୦ଟି ଛୁଆ ହାତୀ, ୩ଟି ଅଣ୍ଡିରା ହାତୀ ଓ ୧୨ଟି ମାଈ ହାତୀ ଥିବା ସୂଚନା ମିଳିଛି। ରଜିଆ, ପତଳା ଓ କୃଷ୍ଣପୁର ଜଙ୍ଗଲ ଅଞ୍ଚଳରେ ହାତୀପଲ ଚଳପ୍ରଚଳ କରୁଥିବା ବେଳେ କେତେବେଳେ ଜନବସତି ଓ ମୁଖ୍ୟବଜାର ଆଡ଼କୁ ମଧ୍ୟ ଚାଲିଆସୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡୁଛନ୍ତି। ରାସ୍ତା ଉପରେ ହାତୀ ଚଳପ୍ରଚଳ କରିବା ସମୟରେ ଗାଡ଼ିମୋଟର ଅଟକି ଯାଉଥିବାରୁ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। କେବଳ ଜଙ୍ଗଲ କିମ୍ବା ଚାଷଜମି ନୁହେଁ, ଜନବସତି ଭିତରକୁ ପଶି ହାତୀ ବିଭିନ୍ନ ଘର ଭାଙ୍ଗୁଥିବା ଦେଖାଯାଉଛି। ଏପରିକି ଗାଡ଼ି ନିକଟରେ ହାତୀ ଠିଆ ହୋଇ ଗାଡ଼ିର କାଚ ଭାଙ୍ଗି ଦେଇଥିବା ଘଟଣା ମଧ୍ୟ ସ୍ଥାନୀୟଙ୍କ ଚିନ୍ତା ବଢ଼ାଇଛି। ହାତୀଙ୍କ ଚଳପ୍ରଚଳ ଯୋଗୁଁ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ବେଳେ ଜନଜୀବନ ମଧ୍ୟ ପ୍ରଭାବିତ ହେଉଛି। ହାତୀପଲକୁ ଜନବସତିଠାରୁ ଦୂରେ ରଖିବା ପାଇଁ ବନ ବିଭାଗ ରିତିମତ ଚେଷ୍ଟା ଚଳାଇଛି।

## ଆଦର୍ଶ ବିଦ୍ୟାଳୟରେ ପ୍ରତିଷ୍ଠା ଦିବସ




ଶୁଳିଆପଦା, ୯।୯ (ସମିସ): ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭାଲିଆଶୋଳ ଠାରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସ୍ପାର୍କ ୨୦୨୬ ପାଳିତ ହୋଇଯାଇଛି। ଶିକ୍ଷୟିତ୍ରୀ ସରିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶୁଳିଆପଦା ବ୍ଲକ୍ ଅଧ୍ୟକ୍ଷା ପାନମଣି ମାର୍ଣ୍ଡି, ମୁଖ୍ୟ ବକ୍ତା ଭାବେ ଶୁଳିଆପଦା ତହସିଲଦାର ନାରନ ହେମ୍ବ୍ରମ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ, ସ୍ଥାନୀୟ ସରପଞ୍ଚ ରାୟମତ୍ ମୁର୍ମୁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ପୃଷ୍ଟି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ହିରଣ୍ମୟ ବେହେରା, ଜ୍ୟୋସ୍ନାମୟୀ ଦାସ, ଭାରତୀ ନାୟକ, ବିଭୂତି ଭୂଷଣ ଭୋଇ, ଶଙ୍କର ଦୟାଲ ହେମ୍ବ୍ରମ୍, ଲକ୍ଷ୍ମୀପ୍ରିୟା ସାହୁ, ଦେବଶ୍ରୀ ଅନନ୍ୟା ଦାସ, ତପସ୍ୱିନୀ ନାଏକ, ପ୍ରତୀକ୍ଷା ଦାସ, ଗଙ୍ଗାଧର ଟୁଡୁ, ସୁବ୍ରତ ଖର୍ଦ୍ଦା, ଅଭିଷେକ ଆଚାର୍ଯ୍ୟ, ଦେବାଶିଷ ଧଳ, ଲଳିତ କୁମାର ପାଣିଗ୍ରାହୀ ଏବଂ ରାଜେନ୍ଦ୍ର କୁମାର ନାୟକ ଯୋଗ ଦେଇଥିଲେ।

## ଭତ୍ତା ପାଇଁ ଭିଜିଭିଜି ରାସ୍ତାରେ ପ୍ରତିବାଦ ଜଣାଇଲେ ବୃଦ୍ଧବୃଦ୍ଧା

କପ୍ତିପଦା/ଶରତ, ୯।୯ (ସମିସ): ଭତ୍ତା ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି ବୃଦ୍ଧବୃଦ୍ଧା। ଭତ୍ତା ଗଣ୍ଡାକ ଠିକ୍ ସମୟରେ ମିଳୁନଥିବାରୁ ପ୍ରତିବାଦ ଜଣାଇ ରାସ୍ତା ଅବରୋଧ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ୍‌ର ଶରତ ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶରତ ଛକରେ ହିତାଧିକାରୀ ବର୍ଷାରେ ଭିଜି ଭିଜି ରାସ୍ତା ଅବରୋଧ କରିଥିଲେ। କପ୍ତିପଦା ବ୍ଲକର ଶରତ ସମେତ ୯ ଗୋଟି ପଞ୍ଚାୟତର ହିତାଧିକାରୀଙ୍କ ବାର୍ଦ୍ଧକ୍ୟ ଭତ୍ତା ଅନିୟମିତତା ହୋଇଛି। ଏହି ପଞ୍ଚାୟତର ହିତାଧିକାରୀଙ୍କୁ ସରକାରୀ ସ୍ତରରେ ଘୋଷଣା ହୋଇଥିବା ଭତ୍ତା ଟଙ୍କା ପାଇ ପାରୁ ନ ଥିବା ବେଳେ ସରକାର ଭତ୍ତା ଟଙ୍କା ଦେଉଥିବା ବେଳେ ସରପଞ୍ଚମାନେ ସେହି ଟଙ୍କା ରଖି ହିତାଧିକାରୀଙ୍କୁ ହଜାରେ ଟଙ୍କା ପ୍ରଦାନ କରୁଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସରପଞ୍ଚ ମାନେ ମଧ ହିତାଧିକାରୀଙ୍କୁ ସତ କଣ ଜଣାଇଲେ ସୁଦ୍ଧା ସେମାନଙ୍କ ଉପରେ ଦୋଷ ଲଦୁଛନ୍ତି ହିତାଧିକାରୀ। ତେଣୁ ବୁଧବାର ହିତାଧିକାରୀଙ୍କ ସହିତ ସରପଞ୍ଚ ମାନେ ମଧ୍ୟ ଏହି ରାସ୍ତା ରୋକରେ ସାମିଲ ହୋଇଛନ୍ତି। ବୃଦ୍ଧବୃଦ୍ଧାଙ୍କୁ ବର୍ଦ୍ଧିତ ଟଙ୍କା ନ ମିଳିବା, ଦୀର୍ଘ ମାସ ହେବ ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ଭତ୍ତା ନ ମିଳିବା ଭଳି ମୁଖ୍ୟ ଦାବି ରଖିଛନ୍ତି ହିତାଧିକାରୀ। ଶରତ ଛକରେ ହିତାଧିକାରୀ ରାସ୍ତା ରୋକ କରିଥିବା ବେଳେ କପ୍ତିପଦା - କେଉଁଝରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଶରତ ସମେତ କଳମଗଡିଆ, ରାଣୀପୋଖରୀ, ନୋଟ, ଦେବାନବାହାଲୀ, ପଦ୍ମପୋଖରୀ, ରାମଚନ୍ଦ୍ରପୁର, ଲାବଣ୍ୟଦେଇପୁର ୯ଟି ପଞ୍ଚାୟତର ହିତାଧିକାରୀ ସାମିଲ ହୋଇଛନ୍ତି ଧାରଣାରେ। ଯଦି ତୁରନ୍ତ ଏହାର ସମାଧାନ ନ ହୁଏ ତେବେ ଆନ୍ଦୋଳନ ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନକାରୀ।






## ଜାତୀୟ ରାଜପଥ କଡ଼ରୁ ହଟିଲା ଜବରଦଖଲ




ତୁରୁମୁଙ୍ଗା, ୯।୯ (ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ କଡ଼ରୁ ବୁଧବାର ଜବରଦଖଲ ଉଚ୍ଛେଦ ହୋଇଛି। ପାଟଣା ବ୍ଲକ ତୁରୁମୁଙ୍ଗା ବଜାରରେ ପ୍ରଶାସନ ପକ୍ଷରୁ ଏହି ଉଚ୍ଛେଦ କାରାଯାଇଛି। ଉଚ୍ଛେଦ ପୂର୍ବରୁ ରାଜପଥ କଡ଼ରେ ଥିବା ବ୍ୟବସାୟୀମାନଙ୍କୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିଛି ବ୍ୟବସାୟୀ ଜବରଦଖଲ କରି ଦୋକାନ ଖୋଲିଥିବାରୁ ମାଜିଷ୍ଟ୍ରେଟ ପାଟଣା ତହସିଲଦାର ଅଶ୍ୱିନୀ ନାଏକଙ୍କ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ଅତିରିକ୍ତ ତହସିଲଦାର ଶରଣ ଜେନା, ଏନ୍‌ଏଚ୍‌ଏଆଇ ଯନ୍ତ୍ରୀ ଶୁଭାଶିଷ ସାହୁଙ୍କ ସମେତ ପୁଲିସ ଫୋର୍ସ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମୟୂରଭଞ୍ଜ ଜିଲ୍ଲାର ସିଙ୍ଗିଡ଼ାଠାରୁ ବିଞ୍ଜବାହାଳ ପର୍ଯ୍ୟନ୍ତ ପ୍ରାୟ ୧୦୪ କିଲୋମିଟର ଜାତୀୟ ରାଜପଥ କଡ଼ରେ ମଧ୍ୟ ଜବରଦଖଲ ଉଚ୍ଛେଦ କରାଯିବ। ଉଚ୍ଛେଦ ପରେ ଦୀର୍ଘଦିନ ଧରି ରାଜପଥ କଡ଼ରେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀଙ୍କ ଚିନ୍ତା ବଢ଼ିଛି। ଦୋକାନ ହଟିବା ପରେ ପରିବାରର ଜୀବିକା କିପରି ଚାଲିବ, ସେନେଇ ଚିନ୍ତାରେ ଥିବାବେଳେ ଥଇଥାନ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବ୍ୟବସାୟୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା ପାଟଣା ତହସିଲଦାର କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ତୁରୁମୁଙ୍ଗା, ୯।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ମୂଷାନାଳି ଗାଁରେ ବୁଧବାର ସକାଳୁ ବିଦ୍ୟୁତ୍ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଯୁବକ ଦୟାନିଧି ମହାନ୍ତଙ୍କ ମୃତ୍ୟୁ ଘଟିଛି। ଘରେ ବିଦ୍ୟୁତ୍ ମରାମତି କରୁଥିଲେ। ହଠାତ୍ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ ପାଟଣା ମେଡ଼ିକାଲକୁ ଆଣିଥିଲେ। ହେଲେ ଡାକ୍ତର ଦୟାନିଧିଙ୍କୁ ମୃତ ଘୋଷଣା କରିଥିଲେ। ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବଜ୍ରପାତରେ ଟଳିପଡ଼ିଲେ ଚାଷୀ

କେନ୍ଦୁଝର, ୯।୯ (ସମିସ): ବଜ୍ରପାତରେ ଆଜି ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ଚାଷୀ ହେଲେ ରାଇସୁଆଁ ରାଜବନ୍ଧ ଗ୍ରାମର କୁଆଁର ସୋରେନ(୪୧)। ଆଜି ସେ କ୍ଷେତରେ କାମ କରୁଥିବାବେଳେ ବଜ୍ରାଘାତର ଶିକାର ହୋଇଥିଲେ। ପରିବାର ଲୋକେ ତୁରନ୍ତ କେନ୍ଦୁଝର ଧରଣୀଧର ମେଡିକାଲ କଲେଜକୁ ଆଣି ଭର୍ତ୍ତି କରିଥିଲେ ହେଁ ଡାକ୍ତର କୁଆଁରଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ଏଏସ୍‌ଆଇ ପ୍ରକାଶ ସୋରେନ ମେଡିକାଲରେ ପହଞ୍ଚି ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ କରିଥିଲେ। ଶବ ବ୍ୟବଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରିବାକୁ ଦାବି ହୋଇଛି।

## ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭିନ୍ନକ୍ଷମ ଅଧିକାର ସଂକ୍ରାନ୍ତ ସଚେତନତା

ବାରିପଦା, ୯।୯ (ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ସମ୍ମିଳନୀ କକ୍ଷରେ ଆଞ୍ଚଳିକସ୍ତରୀୟ ଭିନ୍ନକ୍ଷମ ଅଧିକାର ନିୟମ-୨୦୧୬ ନେଇ ସଚେତନତା ଶିବିର ଓ କୁଇଜ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଅଧିକାର, ସୁରକ୍ଷା, ସାମାଜିକ ନିରାପତ୍ତା ଅଧିନିୟମ ସମ୍ପର୍କରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଡ. ଦୀପକ କୁମାର ବେହେରା ଅତିଥିମାନଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ନାରାୟଣ ପ୍ରସାଦ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ବାଲେଶ୍ୱର, ଡ ହେମନ୍ତ କୁମାର ଘଡ଼େଇ ନିଜ ବକ୍ତବ୍ୟରେ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଜିଲ୍ଲା ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଗୋପୀନାଥ ସଏ ଏବଂ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟର ଓଏସଡି ଦେବୀ ପ୍ରସାଦ ବାରିକ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ରେ ଭିନ୍ନକ୍ଷମଙ୍କ ପାଇଁ ଥିବା ବିଭିନ୍ନ ସରକାରୀ ଯୋଜନା ସପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ନିଜ ଅଭିଭାଷଣରେ ଭିନ୍ନକ୍ଷମଙ୍କ ପ୍ରତି ଦୟା ନୁହେଁ, ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସମସ୍ତଙ୍କର ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବିଷୟ ବିଶାରଦ ରାମ କିଶୋର ଶର୍ମା ଭିନ୍ନକ୍ଷମ ଅଧିକାର ନିୟମ-୨୦୧୬ ସଂପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ପରେ ଅତିଥି ଓ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଆଲୋଚନା ଓ ପ୍ରଶ୍ନୋତ୍ତର ଅଧିବେଶନ ହୋଇଥିଲା। ଏହାପରେ ଚାରୋଟି ଜିଲ୍ଲାର ମୋଟ ୮ଟି ମହାବିଦ୍ୟାଳୟ ସାମିଲ୍ ହୋଇଥିଲେ। ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟ ଏଫ୍‌ଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର କେକେଏସ୍ ମହିଳା ମହାବିଦ୍ୟାଳୟ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର କଲେଜ ଅଫ୍ ଟିଚର ଏଜୁକେସନ୍, ବାରିପଦା ୟୁଜିସିଟିଇ ଏବଂ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ। କୁଇଜ୍ ପ୍ରତିଯୋଗିତାରେ କେକେଏସ ମହିଳା ମହାବିଦ୍ୟାଳୟ ଦଳ ବିଜୟୀ ହୋଇଥିଲା। ବିଜୟୀ ଦଳ ଓ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଡ. ଆଶୁତୋଷ ପ୍ରୟାସ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



### ୪ଟି ଜିଲ୍ଲାର ୮ ମହାବିଦ୍ୟାଳୟ ସାମିଲ୍

## ଗଳାପୋଲ ନିର୍ମାଣ ଓ ମେମୁ ଟ୍ରେନ୍ ସମ୍ପ୍ରସାରଣ ଦାବି

ବୈଶିଙ୍ଗା, ୯।୯ (ସମିସ): ଭଗବାନପୁର ରେଳ ଲାଇନ୍ ନିକଟରେ ଗଳାପୋଲ ନିର୍ମାଣ ଏବଂ କରୋନା ମହାମାରୀ ସମୟରୁ ବନ୍ଦ ଥିବା ବାରିପଦା ମେମୁ ଟ୍ରେନ୍‌କୁ ପୁନଃ ଚଳାଚଳ କରାଇବା ସହ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ନେଇ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପୂର୍ବତନ ମୟୂରଭଞ୍ଜ ସାଂସଦ ରାମଚନ୍ଦ୍ର ହାଁସଦାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ବୈଶିଙ୍ଗାଠାରେ ପରିଷଦର କର୍ମକର୍ତ୍ତାମାନେ ଶ୍ରୀ ହାଁସଦାଙ୍କୁ ଭେଟି ଅଞ୍ଚଳବାସୀଙ୍କ ଦୀର୍ଘଦିନର ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବିଶେଷକରି ଭଗବାନପୁର ରେଳ ଲାଇନ୍ ନିକଟରେ ଗଳାପୋଲ ନିର୍ମାଣ ହେଲେ ଯାତାୟାତରେ ସୁବିଧା ହେବା ସହ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ସେହିପରି କରୋନା ମହାମାରୀ ପରଠାରୁ ବନ୍ଦ ଥିବା ବାରିପଦା ମେମୁ ଟ୍ରେନ୍‌କୁ ପୁନଃ ଚଳାଚଳ କରାଇବାକୁ ଦାବି କରିଥିଲେ। ଏହାକୁ ବାଲେଶ୍ୱର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଦାବି ରଖାଯାଇଥିଲା। ଏଥିସହ ଆସନ୍ତାକାଲି କଲିକତା ଗସ୍ତ କରି ଦକ୍ଷିଣପୂର୍ବ ରେଳପଥର ମହାପ୍ରବନ୍ଧକ (ଜିଏମ୍)ଙ୍କୁ ଭେଟି ଉଭୟ ଦାବି ସମ୍ପର୍କରେ ଆଲୋଚନା କରିବେ ବୋଲି ସେ କହିଥିଲେ। ଏହି ଅବସରରେ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ସମ୍ପାଦକ କୁଳ ମହାନ୍ତ, ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ, ଚକ୍ରଧର ମହାନ୍ତି, ଗୌରହରି ପଣ୍ଡା, ସମାଜସେବୀ ଦେବେନ୍ଦ୍ର ଆଚାର୍ଯ୍ୟ ଓ ଶିବାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ପକ୍ଷରୁ ପୂର୍ବତନ ସାଂସଦଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଓ କୃତଜ୍ଞତା ଜଣାଯାଇଥିଲା।



## ଯୁବକଙ୍କ ଆତ୍ମହତ୍ୟା



ସାରସକଣା, ୯।୯ (ସମିସ): ସାରସକଣା ବ୍ଲକ ଝରପୋଖରିଆ ଥାନା କୁଣ୍ଡଳବଣି ଗ୍ରାମରେ ବେକରେ ଗାମୁଛା ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତ ଯୁବକ ହେଲେ କୁଣ୍ଡଳବଣି ଗ୍ରାମର ସ୍ୱର୍ଗତ ଚନ୍ଦନ ସାହୁଙ୍କ ପୁଅ ବବ୍ଲୁ ସାହୁ(୩୪)। ସେ ସକାଳୁ କବାଟ ନଖୋଲିବାରୁ ଲୋକେ କବାଟ ଖୋଲି ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିଥିଲେ। ପରେ ପୁଲିସକୁ ଖବର ଦେବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଗଞ୍ଜେଇ ଜବତ; ମହିଳା ଗିରଫ

କେନ୍ଦୁଝର, ୯।୯ (ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଓଆଇସି ଚିତ୍ତରଞ୍ଜନ ଜେନାଙ୍କ ନେତୃତ୍ୱରେ ଆଜି ଅବକାରୀ ବିଭାଗ କେନ୍ଦୁଝର ପୁରୁଣା ବଜାରସ୍ଥିତ ବୁଡୁରୁ ନିକଟ ବଇଦ୍ରସାହିଠାରୁ ମହିଳା ଗଞ୍ଜେଇ ବ୍ୟବସାୟୀ ସୁକାନ୍ତି ନାୟକ(୩୨)ଠାରୁ ୧୭କିଲୋ ଗଞ୍ଜେଇ ଜବତ କରିଛି। ଏହି ଚଢ଼ଉ ସମୟରେ ଏଏସଆଇ ଡୋଳାମଣି ପ୍ରଧାନ, କନେଷ୍ଟବଳ ମିଥୁନ ଜେନା, ଲକ୍ଷ୍ମଣ ମହାନ୍ତ, ସୁଶାନ୍ତ ମହାନ୍ତ ବବିତା ଲେଙ୍କା ପ୍ରମୁଖ ସାମିଲ ଥିଲେ। ଏହି ମହିଳାଙ୍କ ନିକଟକୁ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଏବଂ ଏହି ବେପାରର କିଏ ମାଷ୍ଟରମାଇଣ୍ଡ ତାକୁ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## କରଞ୍ଜିଆରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର

# ବିକାଶମୂଳକ କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ

କରଞ୍ଜିଆ, ୯।୯ (ସମିସ)



ସରକାରୀ ଯୋଜନାର କାର୍ଯ୍ୟକାରିତା, ସ୍ୱଚ୍ଛତା ଓ ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ ଯାଞ୍ଚ ନେଇ କରଞ୍ଜିଆ ବ୍ଲକ୍ ସମ୍ମିଳନୀ କକ୍ଷରେ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଓଡ଼ିଶା ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତିଙ୍କ ସୌଜନ୍ୟରେ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସହଯୋଗରେ ଏହି ଶିବିର ଆୟୋଜିତ ହୋଇଥିଲା। ପାଞ୍ଚପୀଢ଼ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ ବିଡିଓ ପ୍ରଦ୍ୟୁମ୍ନ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତଙ୍କ ସମେତ ସାମାଜିକ ସମୀକ୍ଷା ସମିତିର ସଦସ୍ୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଶିବିରରେ ୨୦୨୫-୨୬ ଆର୍ଥିକ ବର୍ଷରେ ମନରେଗା ଓ ପଞ୍ଚଦଶ ଅର୍ଥ କମିଶନ ଅଧୀନରେ ହୋଇଥିବା କାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା। କରଞ୍ଜିଆ ବ୍ଲକର ୧୫ଟି ପଞ୍ଚାୟତରେ ହୋଇଥିବା ୪୫ଟି ବିଭିନ୍ନ ପ୍ରକଳ୍ପର କାର୍ଯ୍ୟର ଅଗ୍ରଗତି, ଗୁଣବତ୍ତା ଓ ନିୟମାନୁସାରେ କାମ ହୋଇଛି କି ନାହିଁ, ସେ ନେଇ ତଥ୍ୟ ଉପସ୍ଥାପନ କରାଯାଇଥିଲା। ସମୀକ୍ଷା ସମୟରେ କେତେକ କାର୍ଯ୍ୟରେ ତ୍ରୁଟି ଥିବା ନେଇ ଆଲୋଚନା ହୋଇଥିଲା। ଏହି ତ୍ରୁଟିଗୁଡ଼ିକୁ ଶୀଘ୍ର ସୁଧାରିବା ସହ ୭ ଦିନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ଡ. ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସମଗ୍ର ଶିକ୍ଷା ଅଭିଯାନରେ ବିଦ୍ୟାଳୟଗୁଡ଼ିକର ପାନୀୟ ଜଳ, ଶିକ୍ଷକ ନିଯୁକ୍ତି, ପରିମଳ ବ୍ୟବସ୍ଥା, ବିଦ୍ୟାଳୟ ବଗିଚା, ରୋଷେଇ ଗୃହ ଓ ଆଜବେଷ୍ଟସ୍ ଛାତ ଭଳି ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସାମାଜିକ ସମୀକ୍ଷା ସମିତି ସଦସ୍ୟ ଚନ୍ଦ୍ରକୁମାର ସାମଲେନ୍ଦୁ ଦାସ ମନରେଗାରେ ନିୟୋଜିତ ସ୍ୱଚ୍ଛତା ଶ୍ରମିକଙ୍କ ସୁରକ୍ଷା, ଜବ୍ କାର୍ଡ ଯାଞ୍ଚ, କାର୍ଯ୍ୟର ସମ୍ପୂର୍ଣ୍ଣତା ଏବଂ ଭେଣ୍ଡର ମାଧ୍ୟମରେ କାର୍ଯ୍ୟ ସମ୍ପାଦନରେ ନିୟମିତତା ଭଳି ପ୍ରସଙ୍ଗ ଉଠାଇଥିଲେ। ବ୍ଲକ ସାମାଜିକ ସମୀକ୍ଷକ ଧର୍ମେନ୍ଦ୍ର ମହାନ୍ତ ଶିବିର ପରିଚାଳନା କରିଥିଲେ।

## ଆଜିର ରାଶିଫଳ

**ମେଷ:** ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଧାର କରଜରୁ ଦୂରେଇ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଭଲ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବୃଷ:** ଅବିବାହିତଙ୍କ ବିବାହ ସ୍ଥିର ହେବ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ।

**ମିଥୁନ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ନିଜ ଲୋକ ଶତ୍ରୁ ସାଜିବେ।

**ତୁଳା:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ। ଧୈର୍ଯ୍ୟ ରଖି ଚାଲିବେ।

**ମକର:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରେମ ସମ୍ବନ୍ଧ ମଜବୁତ ହେବ। ଠକାମିର ଶିକାର ହୋଇପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିପାରନ୍ତି।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ନୂଆ ନିଯୁକ୍ତିର ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୮୭- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜନ୍ମ।
- ୧୯୧୫- କ୍ରାନ୍ତିକାରୀ ଜତୀନ୍ଦ୍ର ନାଥ ମୁଖାର୍ଜୀଙ୍କ ଦେହାନ୍ତ।
- ୧୯୨୬- ଜର୍ମାନୀ ମିତ୍ରରାଷ୍ଟ୍ରରେ ସାମିଲ ହେଲା।
- ୧୯୭୬- ଇଣ୍ଡିଆନ ଏୟାରଲାଇନ୍ସର ବୋଇଂ ୭୩୭ ବିମାନ ଲାହୋରରୁ ଅପହରଣ ହେଲା।
- ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘରେ ସାମିଲ ହେଲା।



# 'ଲଭ୍ ଆଣ୍ଡ ୱାର୍' ବଡ଼ ପରଦାରେ ଟିଜର୍

ବଲିଉଡ୍ ଅଭିନେତା ରଣବୀର କପୁର ଦୀର୍ଘ ଦିନ ହେଲାଣି ତାଙ୍କର ଆଗମୀ ଚଳଚ୍ଚିତ୍ର 'ରାମାୟଣ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପ୍ରଥମ ପାର୍ଟ ଚଳିତବର୍ଷ ଦୀପାବଳି ଅବସରରେ ନଭେମ୍ବର ୮ ରେ ସିନେମାହଲ୍‌କୁ ଆସିବ। 'ରାମାୟଣ' ବ୍ୟତୀତ ଦର୍ଶକେ ରଣବୀରଙ୍କ ଅଭିନୀତ 'ଲଭ୍ ଆଣ୍ଡ ୱାର୍' ଫିଲ୍ମକୁ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଏହି ଚଳଚ୍ଚିତ୍ରଟି ଆସନ୍ତାବର୍ଷ ରିଲିଜ୍ ହେବ। ହେଲେ ଏହା ପୂର୍ବରୁ ବଡ଼ ପରଦାରେ ଏହାର ଟିଜର୍ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀ 'ଲଭ୍ ଆଣ୍ଡ ୱାର୍'ର ଟିଜର୍‌କୁ 'ରାମାୟଣ' ସହିତ ଆଟାଚ୍ କରି ଦେଖାଇବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ପ୍ରଥମେ ଫିଲ୍ମ ନିର୍ମାତା ସେପ୍ଟେମ୍ବର ୨୮ ତାରିଖରେ ରଣବୀରଙ୍କ ଜନ୍ମଦିନ ଅବସରରେ ଏହାର ଟିଜର୍ ମୁକ୍ତିଲାଭ କରିବାକୁ ଯୋଜନା କରିଥିଲେ। ହେଲେ, ସେପ୍ଟେମ୍ବର ପ୍ରଥମ ସପ୍ତାହରେ ହିଁ ଏହି ଚଳଚ୍ଚିତ୍ରର ସୁଟିଂ ଶେଷ ହୋଇଛି। ଏଭଳି ସ୍ଥିତିରେ, ସେପ୍ଟେମ୍ବର ୨୮ ତାରିଖରେ ଟିଜର୍ ମୁକ୍ତିଲାଭ କରିପାରିବ ନାହିଁ। ଅବଶ୍ୟ ରଣବୀରଙ୍କ ଜନ୍ମଦିନ ଅବସରରେ ନିର୍ମାତା ଫିଲ୍ମର ଝଲକ ଦେଖାଇ ପାରନ୍ତି। ବର୍ତ୍ତମାନ ଏନେଇ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା କରାଯାଇଛି। ଏହି ଫିଲ୍ମରେ ରଣବୀରଙ୍କ ସହ ଆଲିଆ ଭଟ୍ଟ ଏବଂ ଭିକି କୌଶଲ ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। 'ଲଭ୍ ଆଣ୍ଡ ୱାର୍' ଆସନ୍ତା ବର୍ଷ ୨୧ ଜାନୁଆରୀରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଚଳଚ୍ଚିତ୍ରଟି ୨୦୨୫ ଖ୍ରୀଷ୍ଟମାସ ଅବସରରେ ରିଲିଜ୍ ହେବାର ଥିଲା। ହେଲେ, ଫିଲ୍ମ ନିର୍ମାତା ଏହାକୁ ସ୍ଥଗିତ କରିଦେଇଥିଲେ। ଏହାପରେ ଅନେକ ଥର ଖବର ଆସିଥିଲା ଯେ, ଫିଲ୍ମ ନିର୍ମାତା ଏହାକୁ ୨୦୨୬ରେ ରିଲିଜ୍ କରିପାରନ୍ତି। ଶେଷରେ ଏହାକୁ ଆସନ୍ତା ବର୍ଷ ରିଲିଜ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅପରପକ୍ଷରେ 'ରାମାୟଣ'ରେ ରଣବୀର ପ୍ରଭୁ ଶ୍ରୀରାମଙ୍କ ଭୂମିକାରେ ନଜର ଆସିବେ। ଏହା ଦୁଇଟି ପାର୍ଟରେ ମୁକ୍ତିଲାଭ କରିବ। ଏହାର ପ୍ରଥମ ପାର୍ଟ ଚଳିତ ବର୍ଷ ଦୀପାବଳିରେ ମୁକ୍ତିଲାଭ କରୁଥିବାବେଳେ ଦ୍ୱିତୀୟ ଭାଗ ଆସନ୍ତା ବର୍ଷ ଦୀପାବଳିରେ ଆସିବ। ଏହି ଚଳଚ୍ଚିତ୍ରରେ ରଣବୀରଙ୍କ ସହ ଯଶ୍, ସାଇପଲ୍ଲବୀ, ସନ୍ନି ଦେଓ୍ୱଲ, ରବି ଦୁବେ, ରକୁଲ ପ୍ରୀତ ସିଂହଙ୍କ ସମେତ ବଲିଉଡ୍‌ର ଅନେକ ଆଗଧାଡ଼ିର କଳାକାର ନଜର ଆସିବେ।



# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୧୦ ତାରିଖକୁ ସମଗ୍ର ବିଶ୍ୱରେ ଆତ୍ମହତ୍ୟା ନିରୋଧ ଦିବସ ପାଳନ କରାଯାଏ। ଆତ୍ମହତ୍ୟା ଭଳି ଦୁର୍ବଳ ମାନସିକତା ବିରୋଧରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଲୋକଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରିବା ଏବଂ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତିକୁ ରୋକିବା ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ। ସାରା ବିଶ୍ୱରେ ଆତ୍ମହତ୍ୟା ଭଳି ଏକ ଅପରାଧ ବିରୋଧରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ 'ଦ ଇଣ୍ଟରନାସନାଲ ଆସୋସିଏସନ୍ ଫର୍ ସୁଇସାଇଡ୍ ପ୍ରିଭେନସନ' (ଆଇଏଏସ୍‌ପି) ନାମକ ସଂଗଠନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଆନୁକୂଲ୍ୟରେ ୨୦୦୩ ମସିହାରୁ ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସର ପାଳନ ଆରମ୍ଭ କରାଯାଇଥିଲା। ୨୦୧୧ ମସିହାରେ ପ୍ରାୟ ୪୦ଟି ଦେଶ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ପ୍ରତିବର୍ଷ ବିଶ୍ୱରେ ଲକ୍ଷ ଲକ୍ଷ ଲୋକ ମାନସିକ ଚାପ, ଅବସାଦ ଏବଂ ନିଃସଙ୍ଗତା ଯୋଗୁଁ ନିଜ ଜୀବନ ହାରିଦିଅନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ଆତ୍ମହତ୍ୟା ଆଜିର ଯୁବପିଢ଼ିଙ୍କ ମଧ୍ୟରେ ମୃତ୍ୟୁର ଏକ ପ୍ରମୁଖ କାରଣ ସାଜିଛି। ଗତ କିଛି ବର୍ଷ ଧରି ଯୁବବର୍ଗଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧିପାଉଥିବା ଲକ୍ଷ୍ୟ କରାଯାଉଛି। ସେମାନଙ୍କଠାରେ ସୃଷ୍ଟି ହେଉଥିବା ଆତ୍ମହତ୍ୟା ଭାବନା ପଛରେ ସେମାନଙ୍କ ପାଠପଢ଼ା ଚାପ, ପରୀକ୍ଷା ଚାପ, ପାଠପଢ଼ା ପରବର୍ତ୍ତୀ ନିଯୁକ୍ତି ଚାପ ସହ ବିଶୃଙ୍ଖଳିତ ଜୀବନଚର୍ଯ୍ୟାକୁ ମୁଖ୍ୟ କାରଣ ଭାବେ ଧରାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ, ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛି। ଚାକିରି ହେଉ କି ପାରିବାରିକ ସମସ୍ୟା, ପ୍ରେମଜନିତ ହେଉ କିମ୍ବା ନିର୍ଯାତନା, ହିଂସା, ନିଶା ଓ ଆର୍ଥିକ ସଙ୍କଟ ଆତ୍ମହତ୍ୟାର ପ୍ରମୁଖ କାରଣ ପାଲଟିଛି। ଆତ୍ମହତ୍ୟା ଭଳି ଜଟିଳ ସମସ୍ୟାଠୁ ଦୂରରେ ରଖିବା ତଥା ଲୋକଙ୍କୁ ମାନସିକ ସ୍ତରରେ ସଶକ୍ତ କରିବା ଏହି ଦିନ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏହାବାଦ୍ ଯେଉଁ ଲୋକଙ୍କଠାରେ ଆତ୍ମହତ୍ୟା ପ୍ରବଣତା ଦେଖାଯାଉଛି ତାଙ୍କୁ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନେବା ସହ କେବେବି ଏକୁଟିଆ ଛାଡ଼ିବା କଥା ନୁହେଁ। ସବୁଠୁ ବଡ଼ କଥା ହେଲା, ଅଭିଭାବକମାନେ ପିଲାମାନଙ୍କୁ ଛୋଟ ବେଳୁ କିପରି ବିଫଳତାକୁ ସାମ୍ନା କରିବେ ସମସ୍ୟା ସହ କିପରି ଲଢ଼ିବାକୁ ପଡ଼େ, ତାହା ଶିଖାଇବା ନିହାତି ଦରକାର। ଏହି ଅବସରରେ ବିଭିନ୍ନ ସଂସ୍ଥା, ବିଶ୍ୱବିଦ୍ୟାଳୟ ଓ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସଚେତନତା ଶୋଭାଯାତ୍ରା, ଆଲୋଚନା ଚକ୍ର ଓ କାଉନ୍‌ସେଲିଂ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସର ବିଷୟବସ୍ତୁ ରହିଛି– "ଆତ୍ମହତ୍ୟା ଉପରେ ଆମର ଚିନ୍ତାଧାରା ବଦଳାଇବା" ଏବଂ ଏହାର ସ୍ଲୋଗାନ ହେଉଛି "କଥାବାର୍ତ୍ତା ଆରମ୍ଭ କରନ୍ତୁ"। ଏହାର ଅର୍ଥ ହେଉଛି ମାନସିକ ଚାପ ବିଷୟରେ ଲୁଚାଇ ନ ରଖି ଖୋଲାଖୋଲି ଆଲୋଚନା କରିବା ଉଚିତ।

# ଚୀନ୍‌ରେ ବଢ଼ୁଛି ଡିସ୍‌ପୋଜେବୁଲ ଫେସନ୍ ଟ୍ରେଣ୍ଡ

ଆଜିକାଲି ଟ୍ରାଭେଲ୍ କରିବା କେବଳ ନୂଆ ଜାଗା ଦେଖିବାରେ ସୀମିତ ନାହିଁ, ବରଂ ସେହି ଜାଗାରେ ସୁନ୍ଦର ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ଏକ ନୂଆ ଫ୍ୟାଶନ ପାଲଟିଛି। ଇନଷ୍ଟାଗ୍ରାମ୍ ରିଲ୍ସ ହେଉ କି ଫେସବୁକ୍ ଫଟୋ, ପ୍ରତିଟି ଲୋକେସନ ପାଇଁ ଭିନ୍ନ ଓ ଆକର୍ଷଣୀୟ ପୋଷାକ ପିନ୍ଧିବା ଆଜିର ଯୁବପିଢ଼ିଙ୍କ ପ୍ରଥମ ପସନ୍ଦ। ହେଲେ ଏହି 'ପରଫେକ୍ଟ ପିକ୍ଚର' ପାଇବାର ନିଶା ଏବେ ଏକ ବିପଜ୍ଜନକ ରୂପ ନେଇଛି, ଯାହାର ସବୁଠାରୁ ବଡ଼ ଉଦାହରଣ ଏବେ ଚୀନ୍‌ରେ ଦେଖିବାକୁ ମିଳୁଛି। ଚୀନର ସୋସିଆଲ ମିଡିଆରେ ଏକ ନୂଆ ଟ୍ରେଣ୍ଡ ଖୁବ୍ ଶୀଘ୍ର ଲୋକପ୍ରିୟ ହୋଇଛି, ଯାହାକୁ 'ଡିସ୍‌ପୋଜେବୁଲ୍ ଫ୍ୟାଶନ' କୁହାଯାଉଛି। କୌଣସି ସ୍ଥାନକୁ ଯାତ୍ରା କରିବା ସମୟରେ ପୋଷାକଗୁଡ଼ିକୁ ବଡ଼ ବଡ଼ ସୁଟକେସ୍ ବୋହି ନେବା ଏବଂ କପଡ଼ା ସଫା କରିବା ଏକ ବଡ଼ ସମସ୍ୟା। ଏହି ସମସ୍ୟାର ସହଜ ସମାଧାନ ଭାବେ ଚୀନ୍‌ର ପର୍ଯ୍ୟଟକମାନେ ଏହି 'ଡିସପୋଜେବୁଲ୍ ପୋଷାକ'କୁ ଆପଣେଇ ନେଇଛନ୍ତି। ଚୀନର ଅନଲାଇନ୍ ବଜାରରେ ଏହି କପଡ଼ାଗୁଡ଼ିକର ଦାମ୍ ପ୍ରାୟ ୧୩୦ ରୁ ୬୦୦ ଟଙ୍କା ମଧ୍ୟରେ ବିକ୍ରି କରାଯାଏ। ପର୍ଯ୍ୟଟକମାନେ ଭାବନ୍ତି, ଯେତେବେଳେ ଏତେ ଶସ୍ତାରେ ନୂଆ ପୋଷାକ ମିଳୁଛି, ସେତେବେଳେ ପୁରୁଣା କପଡ଼ା ଧୋଇବା ବା ବୋହିବା କ'ଣ ଦରକାର? ନୂଆ ଜାଗାକୁ ଯାଅ, ଅନ୍‌ଲାଇନ୍‌ରୁ ଶସ୍ତା କପଡ଼ା ମଗାଅ, ଫଟୋ ଉଠାଅ ଏବଂ ସେହିଦିନ ହିଁ ତାକୁ ଡଷ୍ଟବିନ୍‌ରେ ଫିଙ୍ଗିଦିଅ! ଏହି ପୋଷାକଗୁଡ଼ିକର ବିଶେଷତ୍ୱ ହେଉଛି, ଏଗୁଡ଼ିକ ସାଧାରଣ ବ୍ୟବହାର ପାଇଁ ତିଆରି ହୋଇନଥାଏ। ପର୍ଯ୍ୟଟନ ସ୍ଥଳକୁ ଆଖିରେ ରଖି ଏହାର ଡିଜାଇନ୍ କରାଯାଇଥାଏ। ସମୁଦ୍ର କୂଳ ପାଇଁ ରଙ୍ଗିନ୍ ବିଚ୍-ୱେୟର, ଐତିହାସିକ ସ୍ଥାନ ପାଇଁ ଚୀନର ପାରମ୍ପରିକ 'ହାନଫୁ' ପୋଷାକ ଏବଂ ପାହାଡ଼ିଆ ଅଞ୍ଚଳ ପାଇଁ ସେହି ଅଞ୍ଚଳର ପାରମ୍ପରିକ ପୋଷାକ ଖୁବ୍ ଶସ୍ତାରେ ଉପଲବ୍ଧ ହେଉଛି। 'ଡୋୟିନ୍' (ଚୀନର ଟିକ୍‌ଟକ୍) ଏବଂ 'ସିଆଓହଙ୍ଗସୁ' ଭଳି ସୋସିଆଲ ମିଡିଆ ସାଇଟ୍‌ଗୁଡ଼ିକରେ ପ୍ରଭାବଶାଳୀ ଇନଫ୍ଲୁଏନ୍ସରମାନେ ଏହାକୁ ଏଭଳି ପ୍ରୋତ୍ସାହିତ କରୁଛନ୍ତି ଯେ, ସାଧାରଣ ଲୋକେ ଏହାକୁ ଏକ ଷ୍ଟାଇଲ୍ ଷ୍ଟେଟମେଣ୍ଟ ଭାବେ ଗ୍ରହଣ କରୁଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ପୋଷାକ ଏଭଳି ଫିଙ୍ଗାଯିବା ଦ୍ୱାରା ପୃଥିବୀରେ କପଡ଼ା ଆବର୍ଜନା ପାହାଡ଼ ସଦୃଶ ବଢ଼ିବାରେ ଲାଗିଛି, ଯାହା ମାଟିରେ ସହଜରେ ମିଶେ ନାହିଁ। ତେବେ ଏତେ କମ୍ ଦାମରେ ତିଆରି ହେଉଥିବା ଏହି ପୋଷାକଗୁଡ଼ିକରେ କେମିକାଲ୍ ଏବଂ ସିନ୍ଥେଟିକ୍ ମ୍ୟାଟେରିଆଲ୍‌ର ମାତ୍ରା ଅଧିକ ଥାଏ, ଯାହା ତ୍ୱଚା ପାଇଁ କ୍ଷତିକାରକ ଏବଂ ଏଥିଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଲୋକଙ୍କ ପାଇଁ ଏହି ଟ୍ରେଣ୍ଡ ଶସ୍ତା ଏବଂ ସୁବିଧାଜନକ ହୋଇଥାଇପାରେ, କିନ୍ତୁ ପରିବେଶ ବିଶେଷଜ୍ଞ ଏବଂ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ଏହାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି।

# ସୁଶ୍ରୀ

## ହଜିଯାଉଥିବା ସ୍ୱାଦ

# ମାଣ୍ଡିଆ ମଣ୍ଡା



**ଆବଶ୍ୟକ ସାମଗ୍ରୀ**

ଚାଉଳ – ଦୁଇ କପ୍, ମାଣ୍ଡିଆ – ଏକ କପ୍, ନଡ଼ିଆ କୋରା - ଦୁଇ କପ୍, ଚିନି – ଏକ କପ୍, ଗୁଡ଼- ଏକ କପ୍, ଗୋଲମରିଚ ଗୁଣ୍ଡ – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ଗୋଟିଏ ପାତ୍ରରେ ଚାଉଳ ଓ ରାଗି ବତୁରାଇ ଦୁଇରୁ ତିନି ଘଣ୍ଟା ରଖି ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ବାଟନ୍ତୁ। ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ପାଣି ଦେଇ ଏକ ଚାମଚ ଘିଅ, ଲୁଣ, ଚିନି ଦେଇ ବଟା ଚାଉଳକୁ ଦେଇ ବହଳିଆ ହେବା ଯାଏ ଏପାଖସେପାଖ କରନ୍ତୁ। ଗ୍ୟାସ୍ ବନ୍ଦ କରି ଥାଳିରେ ସାମାନ୍ୟ ଘିଅ ଦେଇ ଏହାକୁ କାଢ଼ି ଦିଅନ୍ତୁ। ପରେ ଏକ କଡ଼େଇ ନେଇ ସେଥିରେ ଗୁଡ଼, ଘିଅ ଓ ନଡ଼ିଆ କୋରା ଭାଜି ପୁର ପ୍ରସ୍ତୁତ କରନ୍ତୁ। ଏହାକୁ ପ୍ଲେଟ୍‌ରେ କାଢ଼ି ଥଣ୍ଡା ହେବାକୁ ଛାଡ଼ନ୍ତୁ। ପ୍ରସ୍ତୁତ କରି ରଖିଥିବା ମାଣ୍ଡିଆକୁ ହାତରେ ଚକଟି ଗୁଳା ପ୍ରସ୍ତୁତ କରି ନଡ଼ିଆ କୋରା ଦେଇ ମଣ୍ଡା ଗଢ଼ନ୍ତୁ। ଏକ ଇଡ୍‌ଲି ଛାଞ୍ଚରେ ପାଣି ଦେଇ ମଣ୍ଡାଗୁଡ଼ିକୁ ଦେଇ ଷ୍ଟିମ୍ ହେବାକୁ ଛାଡ଼ି ଦିଅନ୍ତୁ। ୨୦ ମିନିଟ୍ ପରେ କାଢ଼ନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଣ୍ଡିଆ ମଣ୍ଡା'।

# ମଥାରୁ ବିନ୍ଦି ବାରମ୍ବାର ଖସୁଥିଲେ...



ଅନେକ ସମୟରେ ଝାଳ ସଂସ୍ପର୍ଶରେ ଆସି ବିନ୍ଦି ଖସିଯାଏ। ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ବିଗାଡ଼ିଦିଏ। ତେଣୁ ଏହି ସମସ୍ୟାକୁ ସରଳ ଉପାୟ ଆପଣାଇ ସମାଧାନ କରିପାରିବେ।

- ଅଧିକାଂଶ ମହିଳା ମଏଶ୍ଚରାଇଜର୍ ଲଗାଇବା ପରେ ସନ୍‌ସ୍କ୍ରିନ୍ ଫାଉଣ୍ଡେସନ୍ ନ ଲଗାଇ ସିଧାସଳଖ ବିନ୍ଦି ଲଗାନ୍ତି। ଫଳରେ ତ୍ୱଚାରେ ଥିବା କ୍ରିମ୍, ଝାଳ ଯୋଗୁଁ ବିନ୍ଦି ଖସିଯାଏ। ତେଣୁ ବିନ୍ଦି ଲଗାଇବା ପୂର୍ବରୁ ପ୍ରଥମେ ତୂଳା ସାହାଯ୍ୟରେ ମଥାକୁ ପୋଛି ସଫା କରନ୍ତୁ। ଏହାପରେ କମ୍ପାକ୍ଟ କିମ୍ବା ଲୁଜ୍ ପାଉଡର ଲଗାଇ ଟିକିଲି ଲଗାନ୍ତୁ।
- ସେହିପରି ବିନ୍ଦିକୁ ଶକ୍ତ କରି ଲଖାଇବା ପାଇଁ ଆଇଲ୍ୟାସ୍ ଗ୍ଲୁ ମଧ୍ୟ ଲଗାଇପାରିବେ। ଏହା ବିନ୍ଦି ଖସିବା ସମସ୍ୟାକୁ ଦୂର କରିଥାଏ। ଏଥିପାଇଁ ବିନ୍ଦି ପଛ ପାଖରେ ଅଠା ଲଗାଇ ପାଞ୍ଚମିନିଟ୍ ରଖନ୍ତୁ। ଏହାପରେ ମଥାରେ ଲଗାନ୍ତୁ।
- ଆଇଲ୍ୟାସ୍ ଗ୍ଲୁ ସାହାଯ୍ୟରେ ଗୋଟିଏ ବିନ୍ଦିକୁ ବାରମ୍ବାର ଲଗାଇପାରିବେ। ପାର୍ଟି, ଫଙ୍କସନ୍‌ରେ ମଧ୍ୟ ଏହି ବିନ୍ଦି ଖସେନି।

# ଶୁଷ୍କ ତ୍ୱଚାର ଯତ୍ନ

ଶୁଷ୍କ ତ୍ୱଚା ଏକ ସାଧାରଣ ସମସ୍ୟା ହୋଇଥିବାବେଳେ ଏହା ସବୁ ବର୍ଗର ମହିଳାଙ୍କୁ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ, ଯଥେଷ୍ଟ ପାଣି ନ ପିଇବା, ସାବୁନ ବ୍ୟବହାର ଆଦି ପାଇଁ ତ୍ୱଚାର ପ୍ରାକୃତିକ ଆର୍ଦ୍ରତା ନଷ୍ଟ ହୋଇଯାଏ। ଫଳରେ ତ୍ୱଚା ଶୁଷ୍କ, ରୁକ୍ଷ ହୋଇଯାଏ। ତେଣୁ ଠିକ୍ ସ୍କିନ କେୟାର ରୁଟିନ ଆପଣାଇ ଏହାର ଯତ୍ନ ନେଇପାରିବେ।

**ନଡ଼ିଆ ତେଲ**

ଶୁଷ୍କ ତ୍ୱଚା ପାଇଁ ନଡ଼ିଆ ତେଲ ଉତ୍ତମ ଏବଂ ବେଶ୍ ପ୍ରଭାବୀ ହୋଇଥାଏ। ଏଥିରେ ଥିବା ପ୍ରାକୃତିକ ଫ୍ୟାଟି ଏସିଡ୍ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ। ରାତିରେ ଶୋଇବା ପୂର୍ବରୁ ତ୍ୱଚାରେ ମସାଜ୍ କଲେ ଏହା ଦୀର୍ଘ ସମୟ ସତେଜ ରହିଥାଏ।

**ଆଲୋଭେରା ଜେଲ୍**

ଏଥିରେ ଥିବା ପ୍ରାକୃତିକ ତତ୍ତ୍ୱ ତ୍ୱଚାକୁ ଥଣ୍ଡା ଏବଂ ଆର୍ଦ୍ରତା ପ୍ରଦାନ କରିଥାଏ। ସତେଜ ଆଲୋଭେରାକୁ ମୁହଁରେ ୧୫- ୨୦ ମିନିଟ୍ ଲଗାଇ ରଖିବା ଦ୍ୱାରା ତ୍ୱଚା ହାଇଡ୍ରେଟ୍ ଏବଂ ସତେଜ ଦିଶିଥାଏ। ନିୟମିତ ବ୍ୟବହାର କଲେ ଶୁଷ୍କପଣ କମ୍ ହୋଇଥାଏ।

# ହର୍ବାଲ୍ ସାବୁନ୍‌ରୁ ସ୍ୱାବଲମ୍ବୀ

ଗାଈ, ମଇଁଷି ଭଳି ଛେଳି କ୍ଷୀର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ହୋଇଥାଏ। ଏହା ଶରୀରରେ ରୋଗପ୍ରତିରୋଧକ ଶକ୍ତି, ହଜମକ୍ରିୟା, ଏବଂ ପ୍ଲେଟ୍‌ଲେଟ୍ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପୋଷକ ତତ୍ତ୍ୱରେ ପୂର୍ଣ୍ଣ ଏହି କ୍ଷୀର ଏବେ ମହିଳାଙ୍କ ରୋଜଗାରର ମାଧ୍ୟମ ପାଲଟିଛି। ବିହାର ମୁଙ୍ଗେର ଜିଲ୍ଲାର ମହିଳାମାନେ ଛେଳିକ୍ଷୀରକୁ ଉପଯୋଗ କରି ବିଭିନ୍ନ ହର୍ବାଲ ସାବୁନ ପ୍ରସ୍ତୁତ କରି ସ୍ୱାବଲମ୍ବୀ ହୋଇଛନ୍ତି। ଏହି ସାବୁନ୍ ସମ୍ବେଦନଶୀଳ ତ୍ୱଚା ପାଇଁ ଲାଭଦାୟକ ହେବା ସହ ଆଲର୍ଜି, ଏକ୍‌ଜିମା ଭଳି ଚର୍ମ ସଂକ୍ରମଣରୁ ସୁରକ୍ଷା ଦେଇଥାଏ।





ବିହାର ମୁଙ୍ଗେର କଟାରିୟା ଗ୍ରାମର ମହିଳାମାନେ ପ୍ରାକୃତିକ ଉପାଦାନରେ ସାବୁନ୍ ପ୍ରସ୍ତୁତ କରୁଛନ୍ତି। ମହିଳାଙ୍କ କହିବାନୁଯାୟୀ ଏଥିପାଇଁ ପ୍ରଥମେ ସତେଜ କ୍ଷୀର ସଂଗ୍ରହ କରିବାକୁ ପଡ଼େ। ଏହାକୁ ଛାଣି ନଡ଼ିଆ ତେଲ ଏବଂ ଅଲିଭ୍ ତେଲ ମିଶାଯାଏ। ଏହାପରେ ଏହାକୁ ନିୟନ୍ତ୍ରିତ ମାତ୍ରାରେ ସୋଡ଼ିୟମ୍ ହାଇଡ୍ରକ୍ ସାଇଡ୍ ଘୋଳ ପ୍ରସ୍ତୁତ କରି ତେଲ ଏବଂ ଦୁଗ୍ଧ ମିଶ୍ରଣ କରାଯାଏ। ଏହି ମିଶ୍ରଣକୁ ବହଳିଆ ହେବା ଯାଏ ଘାଣ୍ଟି ଛାଞ୍ଚରେ ପକାଇ ଥଣ୍ଡା କରାଯାଏ। ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଏହି ମିଶ୍ରଣ ଜମିଯାଏ। ଏହାକୁ ତିନିରୁ ଚାରି ସପ୍ତାହ ଏକ ଶୁଖିଲା ସ୍ଥାନରେ ରଖାଯାଏ। ଏହି ପ୍ରକ୍ରିୟାକୁ କ୍ୱୟୋରିଂ କୁହାଯାଏ। ମହିଳାମାନେ ଚାରିପ୍ରକାର ସୁଗନ୍ଧ ଯୁକ୍ତ ସାବୁନ୍ ପ୍ରସ୍ତୁତ କରିଥାନ୍ତି। ଏଥିରେ ଭାନିଲା, ଲାଭେଣ୍ଡର, ଲେମନ୍‌ଗ୍ରାସ, ଚନ୍ଦନ ସାବୁନ୍ ରହିଛି। ଏହି ସାବୁନ୍ ପ୍ରସ୍ତୁତିରେ ୨୦-୨୨ ଦିନ ସମୟ ଲାଗିଥାଏ।

ମହିଳାଙ୍କ ପାଇଁ ଏହି କାର୍ଯ୍ୟ ଏତେ ସହଜ ନ ଥିଲା। ସେବା ଭାରତ କୋର୍ଡିନେଟର ସୁସ୍ମିତା ଗୋସ୍ୱାମୀଙ୍କ କହିବାନୁଯାୟୀ, ଦୁଇବର୍ଷ ଧରି ସେ ସାବୁନ ପ୍ରସ୍ତୁତ ପ୍ରକ୍ରିୟା ଜାରି ରଖିଛନ୍ତି। ଅନେକ ଥର ସାବୁନ୍ ଭଲ ହେବା ସହ ଅନେକ ଥର ଖରାପ ମଧ୍ୟ ହେଉଥିଲା। ତଥାପି ମହିଳାମାନେ ନିରାଶ ନ ହୋଇ ପ୍ରୟାସ ଜାରି ରଖିଥିଲେ। ଏବେ ମହିଳାମାନେ ୪୦୦୦ ରୁ ଊର୍ଦ୍ଧ୍ୱ ସାବୁନ୍ ପ୍ରସ୍ତୁତ କରି ବିକ୍ରିବଟା କରୁଛନ୍ତି। ମୁଙ୍ଗେରରେ ଗୋଟିଏ ସାବୁନ୍ ମୂଲ୍ୟ ୬୦, ୭୦ ଟଙ୍କା ଥିବାବେଳେ, ଜିଲ୍ଲା ବାହାରେ ଏହା ୧୫୦ ଟଙ୍କା ମୂଲ୍ୟରେ ବିକ୍ରି ହୋଇଥାଏ। ଏଥିରେ ୧୫ରୁ ଊର୍ଦ୍ଧ୍ୱ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି। ଆଗାମୀ ଦିନରେ ଏହି ମହିଳାଙ୍କ ସଂଖ୍ୟା ୩୦-୪୦ କରିବାକୁ ପ୍ରୟାସ କରୁଛନ୍ତି।

# ଓଢ଼ଣି ପରିବର୍ତ୍ତେ ଆକର୍ଷଣୀୟ କେପ୍



ପୂଜାପର୍ବାଣିରେ ମହିଳାମାନେ ଅଳଙ୍କାର ସହ ପୋଷାକକୁ ନେଇ ବହୁ ପରୀକ୍ଷାନିରୀକ୍ଷା କରିଥାନ୍ତି। ଲେହେଙ୍ଗା ଏବଂ ସୁଟ୍ ସହ ଓଢ଼ଣି ପକାଇ ବିରକ୍ତି ଲାଗୁଥିଲେ, ଏଥିରେ ପରିବର୍ତ୍ତନ କରିପାରିବେ। ଏହା ବଦଳରେ କେପ୍ ପିନ୍ଧି ନିଜକୁ ଏକ ଭିନ୍ନ ଲିକ୍ ଦେଇପାରିବେ।

**ଫେଷ୍ଟିଭ୍ ଫେଶନ**


ଏହା ଦେଖିବାକୁ ଯେତିକି ଷ୍ଟାଇଲିଶ୍, ପିନ୍ଧିବାକୁ ସେତିକି ସହଜ ହୋଇଥାଏ। କାନ୍ଧରୁ ବାରମ୍ବାର ଖସେନି କି ଟେକିବାକୁ ପଡ଼େନି। ବିଶେଷ କରି ପୂଜାପର୍ବରେ ଏହା ପସନ୍ଦିତା ଫେଷ୍ଟିଭ୍ ୱେୟର ଭାବେ ଜଣାଯାଏ। ଏହାକୁ ଲେହେଙ୍ଗା ସମେତ ଅନ୍ୟାନ୍ୟ ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ।

**ଲେହେଙ୍ଗାକୁ ମାନିବ**

ପାର୍ଟି, ଫଙ୍କ୍‌ସନ୍‌ରେ ଲେହେଙ୍ଗା ପିନ୍ଧିବାକୁ ଚାହୁଁଥିଲେ କୌଣସି ଓଜନିଆ ଓଢ଼ଣି ବଦଳରେ ହାଲ୍‌କା କେପ ପିନ୍ଧିପାରିବେ। ଏଥିପାଇଁ ନେଟ୍ ଅର୍ଗାଞ୍ଜା ସିଫନ୍ କେପ ପିନ୍ଧିପାରିବେ। ସେହିପରି ଲେହେଙ୍ଗାରେ ଭାରିକାମ ଥିଲେ କେପ୍ ହାଲକା ରଖନ୍ତୁ। ଏଥିସହ ସିମ୍ପଲ ଲେହେଙ୍ଗାକୁ ଏମ୍ବ୍ରୋଡୋରୀ ଏବଂ ଜରିକାମ ଲେହେଙ୍ଗା ଭଲ ମାନିଥାଏ।

# ୟୁଏସ୍ ଓପନ୍: ଡିଫେଣ୍ଡିଂ ଚାମ୍ପିଅନ ଆଲକାରାଜ୍ ବିଦା

ନ୍ୟୁୟର୍କ, ୯।୯ (ଏଜେନ୍ସି): ୟୁଏସ୍ ଓପନ ପୁରୁଷ ବିଭାଗ କ୍ୱାର୍ଟର ଫାଇନାଲରେ ସବୁଠାରୁ ବଡ଼ ବିପର୍ଯ୍ୟୟ ଘଟିଛି। ୮ମ ସିଡ୍ ଆମେରିକାର ବେନ୍ ଶେଲଟନ ବିଚକ୍ଷଣ ଖେଳ ପ୍ରଦର୍ଶନ କରି ଆଲ୍‌କରାଜଙ୍କୁ ୬-୭, ୬-୧, ୬-୩, ୧-୬, ୭-୬ ସେଟ୍‌ରେ ସେଲ୍‌ଟନ ପରାସ୍ତ କରିଛନ୍ତି। ଏହା ଫଳରେ ସେମିଫାଇନାଲରେ ସେ ନିଜ ଦେଶର ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ଭେଟିବେ। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଟିଆଫୋଏ ଲଢୁଆ ଖେଳ ସହ ନିଜ ଦେଶର ଅଣସିଡେଡ ଖେଳାଳି ଆଲେକ୍ସ ମିଚେଲସେନ୍‌ଙ୍କୁ ୩-୨ ସେଟରେ ହରାଇଥିଲେ। ଏହି ମ୍ୟାଚ୍‌ଟି ୪ଘଣ୍ଟା ୨୮ ମିନିଟରେ ଶେଷ ହୋଇଥିଲା। ଆଜି ଖେଳାଯିବାକୁ ଥିବା ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ନଂ-୧ ଆଲେକଜାଣ୍ଡର ଜ୍ୱେରେଭଙ୍କ ସହ ବୋଟିକ୍ ଭାନ ଡି ଜାଲଡପ୍‌ଙ୍କ ସହ ଏବଂ ନଂ-୨୮ ସିଡ୍ ଆଲେକଜାଣ୍ଡର ବ୍ଲୁକ୍ସଙ୍କ ସହ ଅଣସିଡେଡ ଖେଳାଳି କାରେନ ଖାଚାନୋଭଙ୍କର ଲଢ଼େଇ ହେବ।

## ସେମିରେ ସାବାଲେଙ୍କା-ପେଗୁଲା

ମହିଳା ସିଙ୍ଗଲ୍‌ସର ପ୍ରଥମ ସେମିଫାଇନାଲରେ ଟପ୍ ସିଡ୍ ଆରିନା ସାବାଲେଙ୍କା ଓ ୩ୟ ସିଡ୍ ଜେସିକା ପେଗୁଲାଙ୍କ ମଧ୍ୟରେ ମୁକାବିଲା ହେବ। ଚଳିତବର୍ଷ ୱିମ୍ବଲଡନ ଚାମ୍ପିଅନ୍ ଚେକିଆର ଲିଣ୍ଡା ନୋସ୍କୋଭାଙ୍କୁ ହରାଇବା ପାଇଁ ବେଲାରୁଷର ସାବାଲେଙ୍କା ନାକେଦମ୍ ହୋଇ ଯାଇଥିଲେ। ୨ ଘଣ୍ଟା ୨୨ ମିନିଟର ମୁକାବିଲାରେ ନୋସ୍କୋଭାଙ୍କୁ ୭-୬, ୩-୬, ୭-୬ ସେଟ୍‌ରେ ସାବାଲେଙ୍କା ପରାସ୍ତ କରିଛନ୍ତି। କ୍ୱାର୍ଟରରେ ୩ୟ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କୁ ଜିତିବା ପାଇଁ ମଧ୍ୟ ୩ଟି ସେଟ୍ ଖେଳିବାକୁ ପଡ଼ିଥିଲା। ୨ ଘଣ୍ଟା ୨୧ ମିନିଟର ଲଢ଼େଇରେ ୨୬ନଂ ସିଡ୍ ଆମେରିକାର ଏମ୍ମା ନାଭାରୋଙ୍କୁ ୩-୬, ୬-୪, ୬-୩ ସେଟ୍‌ରେ ପେଗୁଲା ହରାଇଥିଲେ। ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ କୋକୋ ଗଫ୍‌ଙ୍କ ସହ ମୀରା ଆନ୍ଦ୍ରୀଭାଙ୍କର ଓ ନଂ-୨ ଏଲିନା ରିବାକିନାଙ୍କ ସହ କ୍ୱିନେନ୍ ଝେଙ୍ଗ୍‌ଙ୍କର ମୁକାବିଲା ହେବ।

## ପାରା ଆର୍ଚରୀ ସିରିଜ୍ | ଶିତଲ ଦେବୀଙ୍କୁ ସ୍ୱର୍ଣ୍ଣ



ଅହମ୍ମଦାବାଦ୍, ୯।୯ (ଏଜେନ୍ସି): ଭାରତର ଶିତଲ ଦେବୀ ଏଠାରେ ଚାଲିଥିବା ୱାର୍ଲ୍ଡ ପାରା ଆର୍ଚରୀ ସିରିଜ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ ମହିଳା କମ୍ପାଉଣ୍ଡ ଏକକ ଫାଇନାଲରେ ସେ ୬-୦ରେ କାଜାଖସ୍ତାନର ଆଇଜାଦା ସେଇଦାନଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି। ଜନ୍ମରୁ ଦୁଇଟିଯାକ ହାତ ନ ଥିବା ବିଶ୍ୱର ଏହି ପ୍ରଥମ ପାରା ଆର୍ଚର ନିଜ ଗୋଡ଼ ସାହାଯ୍ୟରେ ବିଶ୍ୱରେ ଶ୍ରେଷ୍ଠତ୍ୱ ଲାଭ କରିଛନ୍ତି। ସେହିପରି ଭାରତର ହରବିନ୍ଦର ସିଂହ ଓ ଭାବନା ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ମହିଳା ରିକର୍ଭ ଏକକରେ ରାଜଶ୍ରୀ ରାଠୋଡଙ୍କୁ ହରାଇ ଭାବନ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। କମ୍ପାଉଣ୍ଡ କାଟେଗୋରୀରେ ତୋମାନ କୁମାର ଆଉ ଏକ କାଂସ୍ୟ ପଦକ ହାସଲ କରିଛନ୍ତି।

ଗତକାଲି ଭାରତର ଡିଫେଣ୍ଡିଂ ଚାମ୍ପିଅନ ତୋମାନ କୁମାର ଓ ଶ୍ୟାମସୁନ୍ଦର ସ୍ୱାମୀ ପୁରୁଷ କମ୍ପାଉଣ୍ଡ ପେୟାରରେ, ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେହିପରି ମହିଳା ବିଭାଗ ରିକର୍ଭ ଟିମ୍ ଭାବନା ଓ ପୂଜା ଭଲ ପ୍ରଦର୍ଶନ କରି ନ ପାରି ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ପାୟଲ ନାଗ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ।

## ଏସୀୟ ରଗ୍‌ବୀ ସିରିଜ୍

# ଜାତୀୟ ସିନିଅର କ୍ୟାମ୍ପରେ ଓଡ଼ିଶାରୁ ୩




ଭୁବନେଶ୍ୱର, ୯।୯ (ସମିସ): ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ସିରିଜ୍-୨୦୨୬ର ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀଲଙ୍କାରେ ଅକ୍ଟୋବର ୧୭ରୁ ୧୮ ତାରିଖଯାଏ ଅନୁଷ୍ଠିତ ହେବ। ଏହି ସିରିଜ୍ ଲାଗି ଭାରତର ଉଭୟ ପୁରୁଷ ଓ ମହିଳା ଦଳର ପ୍ରସ୍ତୁତି ଶିବିର କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ଣ୍ଣ ସେଣ୍ଟରରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୧୪ ତାରିଖ ଯାଏ ଚାଲିବ। ଏହି ଶିବିର ଲାଗ ହାଇ ପରଫର୍ମାନ୍ସ କୋଚିଂ ଟିମ୍ ନିୟୋଜିତ କରାଯାଇଛି। ଏ ସମ୍ପର୍କରେ ସବିଶେଷ ବିବରଣୀ ପରେ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ଶିବିର ଲାଗି ମନୋନୀତ ଭାରତୀୟ ସିନିଅର ପୁରୁଷ ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଆଶିଷ ଶବର, ଗଣେଶ ଧାଙ୍ଗଡା ମାଝୀ ଓ ଯୁଗଳ କିଶୋର ମାଝୀ। ଏମାନେ ଶ୍ରୀଲଙ୍କା ଲେଗ୍ ଲାଗି ଜୋରଦାର ପ୍ରସ୍ତୁତି କରିବେ ବୋଲି ଜଣାଯାଇଛି। ଶିବିର ପରେ ଖେଳାଳି ଚୟନ କରାଯିବ।

## ଦୁଲୀପ୍ ଟ୍ରଫି: ଇଶାନ କିଶାନ, ଶିଖର ମୋହନଙ୍କ ଅର୍ଦ୍ଧଶତକ

# ଟାଇଟଲ୍ ବିଜୟର ଦ୍ୱାରଦେଶରେ ପୂର୍ବାଞ୍ଚଳ

ଚେନ୍ନାଇ, ୯।୯ (ଏଜେନ୍ସି)




ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିରେ ପ୍ରତିଦ୍ୱନ୍ଦ୍ୱୀ ପୂର୍ବାଞ୍ଚଳ ଟାଇଟଲ ବିଜୟର ଦ୍ୱାରଦେଶରେ ପହଞ୍ଚିଛି। ଏହି ମ୍ୟାଚ୍ ଏମ୍ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯାଉଥିଲାବେଳେ ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ୩୭୨ ରନ୍‌ର ଅଗ୍ରଣୀ ନେଇ ଟାଇଟଲ ଜିତିବାର ରାସ୍ତା ପରିଷ୍କାର କରିନେଇଛି। ଏତେ ବିଶାଳ ରନ୍ ଅଗ୍ରଣୀ ନେବା ଓ ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୩୩୬ ରନ୍‌ରେ ଆଉଟ ହୋଇ ଫଲୋଅନ୍ ହୋଇଥିଲେ ମଧ୍ୟ ପୂର୍ବାଞ୍ଚଳ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଦ୍ୱିତୀୟ ଇନିଂସରେ ଇଶାନ କିଶାନ ୮୦ ଓ ଶିଖର ମୋହନ ୫୨ ରନ୍ କରିବା ଫଳରେ ଚତୁର୍ଥ ଦିନ ଖେଳ ବନ୍ଦବେଳକୁ ପୂର୍ବାଞ୍ଚଳ ୫ ୱିକେଟ ହରାଇ ୨୧୨ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଖେଳ ଆଉ ଗୋଟିଏ ଦିନ ବାକିଥିଲାବେଳେ ପୂର୍ବାଞ୍ଚଳ ୫୮୪ ରନ୍‌ରେ ଆଗୁଆ ରହି ଟାଇଟଲ ଜିତିବା ସ୍ପଷ୍ଟ କରିଛି। ଆସନ୍ତାକାଲି ୫ମ ତଥା ଶେଷ ଦିନରେ କିଛି ସମୟ ବ୍ୟାଟିଂ କରିବା ପରେ ପୂର୍ବାଞ୍ଚଳ ଇନିଂସ ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପରେ ବୋଲରମାନେ ଦକ୍ଷିଣାଞ୍ଚଳ ବ୍ୟାଟରଙ୍କୁ ପାଭିଲିଅନ୍ ଫେରାଇବା ଲାଗି ଚେଷ୍ଟା କରିବ। ଚେନ୍ନାଇର ଅସହ୍ୟ ଗରମ ଯୋଗୁଁ ପୂର୍ବାଞ୍ଚଳ ଫଲୋଅନ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ସ୍ପଷ୍ଟ ହୋଇଛି।

ଏହି ମ୍ୟାଚ୍‌ର ଚତୁର୍ଥ ଦିନ ଦକ୍ଷିଣାଞ୍ଚଳ କିଛି ଲଢୁଆ ବ୍ୟାଟିଂ କରିବ ବୋଲି ଆଶା କରାଯାଉଥିଲା। ଗତକାଲିର ଦୁଇ ଅପରାଜିତ ବ୍ୟାଟର ଚାମା ମିଲିନ୍ଦ ଓ ତିଲକ ବର୍ମା ଆଶାନୁଯାୟୀ ବ୍ୟାଟିଂ କରିଥିଲେ। କିନ୍ତୁ ୭ମ ୱିକେଟ୍‌ରୁ ଏମାନେ ୭୮ ରନ୍ ଉଠାଇବା ପରେ ଚାମା ୪୩ ରନ୍ କରି ଦଳୀୟ ସ୍କୋର ୩୧୮ରେ ଆଉଟ ହୋଇଥିଲେ। ଏହି ଯୋଡି ଭାଙ୍ଗିବା ସହ ଦକ୍ଷିଣାଞ୍ଚଳ ୧୮ ରନ୍‌ରେ ଶେଷ ୪ଟି ୱିକେଟ ହରାଇ ୩୩୬ ରନ୍‌ରେ ଅଲଆଉଟ ହୋଇ ପୂର୍ବାଞ୍ଚଳର ଦୁଲୀପ୍ ଟ୍ରଫି ଜିତିବା ରାସ୍ତା ପରିଷ୍କାର କରିଦେଇଥିଲା। ଶତକ ହାସଲ କରିବା ଲାଗି ରିସ୍କ ଓ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ୯୯ ରନ୍‌ରେ ୧୦ତମ ତଥା ଶେଷ ଖେଳାଳି ଭାବେ ଆଉଟ ହୋଇଥିଲେ। ପୂର୍ବାଞ୍ଚଳ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ଟି, ମହମ୍ମଦ୍ ସାମି, ମହମ୍ମଦ୍ କୌନେନ୍ କ୍ୟୁରେଶୀ ଓ ଶିଖର ମୋହନ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।

୩୭୨ ରନ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ନେଇ ଏହି ମ୍ୟାଚ୍‌କୁ କବ୍‌ଜା କରିବା ପରେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ପୂର୍ବାଞ୍ଚଳ ୧୩ରନ୍‌ରେ ୨ଜଣ ଓପନରଙ୍କୁ ହରାଇଥିଲା। ଏହା ପରେ ମୋହନ ଓ କିଶାନ ତୃତୀୟ ୱିକେଟରେ ୧୨୬ ରନ୍ ଉଠାଇ ସ୍ଥିତି ସମ୍ଭାଳିଥିଲେ ଓ ଆଗ ପଛ ହୋଇ ଆଉଟ ହୋଇଯାଇଥିଲେ। ପ୍ରଥମ ଇନିଂସରେ ୨୭୦ ରନ୍ କରିଥିବା କିଶାନ ଏଠାରେ ୯୮ ବଲ୍ ଖେଳି ୯ ଚୌକା ଓ ୩ଛକା ସହ ୮୦ ଏବଂ ୮୫ ରନ୍ କରିଥିବା ମୋହନ ୮୫ବଲ୍‌ରୁ ୫୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ସୁଦୀପ ଘରାମି (୨) ରନ୍‌ଆଉଟ ହେବା ପରେ ୧୬୦ ରନ୍‌ରେ ପୂର୍ବାଞ୍ଚଳର ୫ମ ୱିକେଟ ପଡ଼ିଥିଲା। କିନ୍ତୁ କ୍ୟୁରେଶୀ ୩୦ବଲ୍‌ରୁ ୨୬ ଏବଂ ପ୍ରଥମ ଇନିଂସ ସେଞ୍ଚୁରିଆନ୍ କୁମାର କୁଶାଗ୍ର ୫୫ବଲ୍‌ରୁ ୩୪ ରନ୍ କରି ଶେଷଯାଏ ଅପରାଜିତ ରହିବା ଫଳରେ ପୂର୍ବାଞ୍ଚଳର ଆଉ କୌଣସି କ୍ଷତି ହୋଇ ନ ଥିଲା। ଏମାନେ ଅବିଭକ୍ତ ୬ଷ୍ଠ ୱିକେଟରୁ ୫୨ ରନ୍ ଉଠାଇ ଦଳକୁ ନିରାଶରୁ ରକ୍ଷା କରିଥିଲେ।

## ● ଆଇସିସି ଦିନିକିଆ ମାନ୍ୟତା

## ଲଗାତାର ୩୫ ମାସ ଧରି ଶୀର୍ଷରେ ଭାରତ

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ନୂଆ ଦିନିକିଆ ଦଳୀୟ ମାନ୍ୟତାରେ ଭାରତ ଲଗାତାର ୩୫ତମ ମାସ ପାଇଁ ଶୀର୍ଷସ୍ଥାନ ବଜାୟ ରଖିଛି। ୩୩ଟି ମ୍ୟାଚ୍‌ରୁ ୩,୮୪୧ ପଏଣ୍ଟ ସହ ଭାରତର ରେଟିଂ ୧୧୬ ରହିଛି। ନ୍ୟୁଜିଲାଣ୍ଡ ୧୦୯ ରେଟିଂ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୧୦୨ ରେଟିଂ ସହ ତୃତୀୟ ସ୍ଥାନରେ ରହିଛି। ଦକ୍ଷିଣ ଆଫ୍ରିକା ମଧ୍ୟ ୧୦୨ ରେଟିଂ ସହ ଚତୁର୍ଥ ସ୍ଥାନରେ ରହିଛି। ପାକିସ୍ତାନ ୧୦୦ ରେଟିଂ ସହ ପଞ୍ଚମ, ଶ୍ରୀଲଙ୍କା ୯୬ ସହ ଷଷ୍ଠ, ଇଂଲଣ୍ଡ ୯୩ ସହ ସପ୍ତମ, ଆଫଗାନିସ୍ତାନ ୯୨ ସହ ଅଷ୍ଟମ, ବାଂଲାଦେଶ ୮୩ ସହ ନବମ ଏବଂ ୱେଷ୍ଟଇଣ୍ଡିଜ୍ ୭୭ ରେଟିଂ ସହ ଦଶମ ସ୍ଥାନରେ ରହିଛି। ଭାରତ ୨୦୨୩ ସେପ୍ଟେମ୍ବରରେ ପାକିସ୍ତାନକୁ ପଛରେ ପକାଇ ଦିନିକିଆ ମାନ୍ୟତାର ଶୀର୍ଷକୁ ଉଠିଥିଲା। ବର୍ତ୍ତମାନ ନ୍ୟୁଜିଲାଣ୍ଡଠାରୁ ୭ ରେଟିଂ ପଏଣ୍ଟ ଆଗରେ ରହି ଭାରତ ନିଜର ଆଧିପତ୍ୟ ଜାରି ରଖିଛି।

## ୧୮୮ କୋଟି କ୍ଷତି ସହିବ ଶ୍ରୀଲଙ୍କା କ୍ରିକେଟ୍

କଲମ୍ବୋ, ୯।୯ (ଏଜେନ୍ସି): ଆସନ୍ତାବର୍ଷ ପ୍ରଥମଥର ପାଇଁ ଆୟୋଜିତ ହେବାକୁ ଥିବା ଆଇସିସି ମହିଳା ଚାମ୍ପିଅନ୍ସ ଟ୍ରଫିର ଆୟୋଜନ ଅଧିକାର ହରାଇବା ପରେ ଶ୍ରୀଲଙ୍କା କ୍ରିକେଟ୍‌କୁ ଆନୁମାନିକ ୨୦ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୮୮ କୋଟି ଟଙ୍କା) ରାଜସ୍ୱ କ୍ଷତି ହେବ ବୋଲି ଆକଳନ କରାଯାଇଛି। ମୂଳତଃ ଏହି ପ୍ରତିଯୋଗିତା ଶ୍ରୀଲଙ୍କାରେ ଆୟୋଜିତ ହେବାର ଥିଲା। କିନ୍ତୁ ଆୟୋଜନ ଅଧିକାର ହଟାଯାଇ ଭାରତକୁ ଦିଆଯାଇଛି। ୨୦୨୭ ଫେବୃଆରୀ ୧୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାରତରେ ଏହି ପ୍ରତିଯୋଗିତା ଖେଳାଯିବ। ମୁମ୍ବାଇ ଓ ବଡୋଦରାରେ ମ୍ୟାଚ୍ ଆୟୋଜିତ ହେବ। ଶ୍ରୀଲଙ୍କା କ୍ରିକେଟ୍‌ର ପରିବର୍ତ୍ତନ କମିଟିର ସଚିବ ପ୍ରକାଶ ସାଫ୍ଟର କହିଛନ୍ତି ଯେ, ପ୍ରତିଯୋଗିତାର ଆୟୋଜନ ପାଇଁ ଶ୍ରୀଲଙ୍କାକୁ ପ୍ରାୟ ୨ ନିୟୁତ ଡଲାର ଆୟୋଜନ ଶୁଳ୍କ ମିଳିଥାନ୍ତା। ଆଇସିସି ଶ୍ରୀଲଙ୍କାରୁ ଆୟୋଜନ ଅଧିକାର ହଟାଇବାର କାରଣ ଭାବେ ସରକାରୀ ହସ୍ତକ୍ଷେପ ଜାରି ରହିବା ଏବଂ ଶ୍ରୀଲଙ୍କା କ୍ରିକେଟ୍‌ରେ ନିର୍ବାଚିତ ପ୍ରଶାସନ ନ ଥିବାକୁ ଦର୍ଶାଇଛି। ଗତ ସପ୍ତାହରେ ଆଇସିସି ଏହି ଛଅ ଦଳୀୟ ପ୍ରତିଯୋଗିତାକୁ ଭାରତକୁ ସ୍ଥାନାନ୍ତର କରିବା ନେଇ ଘୋଷଣା କରିଥିଲା।

## ଏସିଆ କପ୍ ମହିଳା କ୍ରିକେଟ ସେମିଫାଇନାଲ | ବାଂଲା ବିପକ୍ଷରେ ଭାରତ ଫେଭରାଇଟ୍

ଦୁବାଇ, ୯।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଆସନ୍ତାକାଲିଠାରୁ ଏଠାରେ ଆରମ୍ଭ ହେବାକୁ ଯାଉଛି। ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲ୍‌ରେ ଟାଇଟଲର ଦୃଢ଼ ଦାବିଦାର ଭାରତ ସହ ବାଂଲାଦେଶର ମୁକାବିଲା ହେବ। ସେହିପରି ଶୁକ୍ରବାର ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା। ଲିଗ୍ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ଗ୍ରୁପ୍-ଏ'ରୁ ଭାରତ ଏବଂ ଗ୍ରୁପ୍-ବି'ରୁ ଶ୍ରୀଲଙ୍କା ଶୀର୍ଷସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବାଂଲାଦେଶ ବିପକ୍ଷରେ ଆସନ୍ତାକାଲି ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତକୁ ଫେଭରାଇଟ ବିବେଚନା କରାଯାଉଛି। କ୍ରିକେଟର ସମସ୍ତ ବିଭାଗରେ ଭାରତ ଶ୍ରେଷ୍ଠତ୍ୱ ଓ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ସେମିଫାଇନାଲକୁ ଯାଇଛି। ଗ୍ରୁପ୍ ପର୍ଯ୍ୟାୟରେ ଦଳ ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡକୁ ୯୪ରନ୍, ହଂକଂକୁ ୧୩୭ରନ୍ ଓ ପାକିସ୍ତାନକୁ ୯ ଓଭରରେ ୭ୱିକେଟରେ ହରାଇଛି। ବିଶେଷ କରି ପାକିସ୍ତାନକୁ ୫୫ ରନ୍‌ରେ ଅଲଆଉଟ କରିବା ପରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ବେଶ ପ୍ରଭାବଶାଳୀ ଖେଳିଛି। ବ୍ୟାଟିଂ ହେଉ ଅବା ବୋଲିଂ ସବୁ ବିଭାଗରେ ଭାରତର ଦବ୍‌ଦବା ରହିଛି। ସ୍ମୃତି ମନ୍ଧାନାଙ୍କ ଶତକ, ନନ୍ଦିନୀ ଶର୍ମା, ଶ୍ରୀ ଚରଣିଙ୍କ ଚତୁର ବୋଲିଂ ସାଙ୍ଗକୁ ଶେଫାଳି ବର୍ମା ଓ ଦୀପ୍ତି ଶର୍ମାଙ୍କ ଅଲ୍‌ରାଉଣ୍ଡ ସଫଳତା ଦଳକୁ ଫାଇଦାରେ ରଖିଛି। ଅନ୍ୟ ପକ୍ଷରେ ସାରା ଟୁର୍ଣ୍ଣାମେଣ୍ଟରେ ସଂଘର୍ଷ କରିଥିବା ବାଂଲାଦେଶ ଯଦି ଲଢୁଆ ଖେଳି ପାରିଲା ତେବେ ମୁକାବିଲାଟି ଉପଭୋଗ୍ୟ ହୋଇପାରିବ।



## ଭାରତ-ଏ' ଦଳରେ ହାର୍ଦ୍ଦିକ ପାଣ୍ଡ୍ୟା

ନୂଆଦିଲ୍ଲୀ, ୯।୯ (ଏଜେନ୍ସି): ଫିଟ୍‌ନେସ ଫେରିପାଇବାକୁ ହାର୍ଦ୍ଦିକ ପାଣ୍ଡ୍ୟା ଯେତିକି ଚେଷ୍ଟା କରୁଛନ୍ତି, ତା ଠାରୁ ଅଧିକ ଚେଷ୍ଟା କରୁଛି ବିସିସିଆଇ। ଦକ୍ଷିଣ ଆଫ୍ରିକାରେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ଦିନିକିଆ ବିଶ୍ୱକପ୍ ଦଳରେ କିପରି ହାର୍ଦ୍ଦିକ ଭଲ ଖେଳିବେ ତାହାକୁ ନେଇ ବିସିସିଆଇର ଢ଼େର ଚିନ୍ତା। ଏଣୁ ଏବେ ସେ ପୂରା ଫିଟ୍ ହୋଇ ନ ଥିଲେ ମଧ୍ୟ ଚଳିତମାସ ଭାରତ ଗସ୍ତରେ ଆସିବାକୁ ଥିବା ଅଷ୍ଟ୍ରେଲିଆ-ଏ' ବିପକ୍ଷ ଦିନିକିଆ ସିରିଜ୍ ଲାଗି ତାଙ୍କୁ ଭାରତ-ଏ' ଦଳରେ ସାମିଲ କରାଯାଇଛି। କିନ୍ତୁ ସାମିଲ କରିବା ପୂର୍ବରୁ ତାଙ୍କର ଫିଟ୍‌ନେସ ପରୀକ୍ଷା କରାଯିବ ଓ ଏଥିରେ ସଫଳ ହେଲେ ଖେଳିବାକୁ ଅନୁମତି ମିଳିବ। ଅଷ୍ଟ୍ରେଲିଆ-ଏ'ର ସିରିଜ୍ ସେପ୍ଟେମ୍ବର ୨୨ରୁ ଆରମ୍ଭ ହୋଇ ଅକ୍ଟୋବର ୧୧ ଯାଏ ଚାଲିବ। ଏହା ମଧ୍ୟରେ ୨ଟି ଅନ୍‌ଅଫିସିଆଲ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ୍ ଖେଳାଯିବ। ଋତୁରାଜ ଗାଏକ୍ୱାଡଙ୍କୁ ଦିନିକି ଦଳର ଓ ଦେବଦତ୍ତ ପାଡିକଲଙ୍କୁ ଟେଷ୍ଟ ଦଳର ନେତୃତ୍ୱ ଦିଆଯାଇଛି। ଏହି ସିରିଜ୍ ଲାଗି ମଧ୍ୟ ଅଷ୍ଟ୍ରେଲିଆ-ଏ' ଦଳ ଘୋଷଣା କରାଯାଇଛି। ଉଭୟ ଦଳରେ ଦୁଇଜଣ ଭାରତୀୟ ବଂଶୋଦ୍ଭବ ଖେଳାଳି ସାମିଲ ହୋଇଛନ୍ତି। ଦିନିକିଆ ଦଳରେ ତନବୀର ସାଙ୍ଗା ଓ ନିଖିଳ ଚୌଧୁରି, ଅନଅଫିସିଆଲ ଟେଷ୍ଟ ଦଳରେ କେବଳ ସାଙ୍ଗାଙ୍କୁ ସାମିଲ କରାଯାଇଛି।

### ଅଷ୍ଟ୍ରେଲିଆ-ଏ' ଖେଳସୂଚୀ

ସେପ୍ଟେମ୍ବର ୨୨ରୁ ୨୫- ପ୍ରଥମ ଅନ୍ ଅଫିସିଆଲ ଟେଷ୍ଟ, ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୨- ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ, ଅକ୍ଟୋବର ୬- ପ୍ରଥମ ଦିନିକିଆ, ଅକ୍ଟୋକର ୯- ଦ୍ୱିତୀୟ ଦିନିକିଆ ଓ ଅକ୍ଟୋବର ୧୧- ତୃତୀୟ ଦିନିକିଆ। ଭେନ୍ୟୁ-ପୁଡୁଚେରୀ।

## ଇଂଲଣ୍ଡ ପେସରଙ୍କ ଘାତକ ବୋଲିଂ

## ପାକିସ୍ତାନ ୧୩୩ ରନ୍‌ରେ ଅଲଆଉଟ୍

ବର୍ମିଂହାମ, ୯।୯ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟର ପ୍ରଥମ ଦିନରେ ଭ୍ରମଣକାରୀ ପାକିସ୍ତାନର ବ୍ୟାଟିଂ ପୁଣି ଧରାଶାୟୀ ହୋଇଛି। ପ୍ରଥମ ଇନିଂସରେ ପାକିସ୍ତାନ ୩୩.୫ ଓଭରରେ ମାତ୍ର ୧୩୩ ରନ୍‌ରେ ଅଲଆଉଟ୍ ହୋଇଛି। ଏଥିସହ ତିନି ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୦-୨ରେ ପଛୁଆ ଥିବା ପାକିସ୍ତାନ ପାଇଁ ତୃତୀୟ ଟେଷ୍ଟର ଆରମ୍ଭ ମଧ୍ୟ ନିରାଶାଜନକ ହୋଇଛି। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ଘରୋଇ ଇଂଲଣ୍ଡ ୧୨ ଓଭରରେ ୩ ୱିକେଟ ହରାଇ ୩୯ ରନ ସଂଗ୍ରହ କରିଛି। ଇଂଲଣ୍ଡର ଦ୍ରୁତ ବୋଲରମାନେ ମେଘୁଆ ପାଗର ଫାଇଦା ଉଠାଇ ପାକିସ୍ତାନୀ ବ୍ୟାଟରଙ୍କୁ ଚାପରେ ରଖିଥିଲେ। ଜୋଶ ଟଙ୍ଗ୍ ୪୨ ରନ୍ ଦେଇ ୪ଟି ୱିକେଟ୍ ନେଇଥିବାବେଳେ ଓଲି ରବିନସନ୍ ୧୫ ରନ୍‌ରେ ୩ଟି ଏବଂ ଜୋଫ୍ରା ଆରଚର୍ ୨୫ ରନ୍‌ରେ ୩ଟି ୱିକେଟ୍ ନେଇଥିଲେ। ଫଳରେ ପାକିସ୍ତାନ ମାତ୍ର ୩୪ ଓଭର ମଧ୍ୟରେ ଅଲଆଉଟ୍ ହୋଇଥିଲା। ବ୍ୟାଟିଂରେ ସୌଦ୍ ଶକିଲ୍ ସର୍ବାଧିକ ୪୩ ରନ୍ କରି କିଛି ପ୍ରତିରୋଧ କରିଥିଲେ। ସେହିପରି ମହମ୍ମଦ ଅବ୍ବାସ୍ ୨୧ ଓ ରାଜାଉଲ୍ଲା ୧୧ ରନ୍ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଅଧିନାୟକ ବାବର ଆଜମ୍ ମାତ୍ର ୭ ରନ୍ କରି ଜୋଶ ଟଙ୍ଗ୍‌ଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଅନ୍ୟପକ୍ଷରେ ସାଇମ୍ ଆୟୁବ୍ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ।

ଦ୍ୱିତୀୟ ଟେଷ୍ଟରେ ୧୯୪ ରନ୍‌ର ପରାଜୟ ପରେ ପାକିସ୍ତାନ ଦଳରେ ବଡ଼ ପରିବର୍ତ୍ତନ କରିଥିଲା। ତିନି ଜଣ ଖେଳାଳିଙ୍କୁ ଟେଷ୍ଟ ପଦାର୍ପଣର ସୁଯୋଗ ମିଳିଥିଲେ ମଧ୍ୟ ଦଳର ବ୍ୟାଟିଂ ସମସ୍ୟା ଦୂର ହୋଇନାହିଁ। ଇଂଲଣ୍ଡ ଗସ୍ତରେ ପାକିସ୍ତାନ ଏପର୍ଯ୍ୟନ୍ତ କୌଣସି ଇନିଂସରେ ୨୦୦ ରନ୍ ମଧ୍ୟ ଛୁଇଁପାରିନାହିଁ।

## ଅନ୍‌ମୋଲ ଏକ୍କା ଏକା ଦେଲେ ୬ ଗୋଲ

# ତାଇପେଇକୁ ୧୫-୦ ଗୋଲରେ ହରାଇଲା ଭାରତ

ମୋକି/ଚୀନ୍, ୯।୯ (ଏଜେନ୍ସି)]




ଓଡ଼ିଶା ଖେଳାଳି ତଥା ଅଧିନାୟକ ଅନ୍‌ମୋଲ ଏକ୍କା ଏକାକୀ ୬ ଗୋଲ ଦେବା ଫଳରେ ଏଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଏଏଚ୍ଏଫ୍ ଜୁନିଅର ଏସିଆ କପ୍-୨୦୨୬ ହକି ପ୍ରତିଯୋଗିତାରେ ଆଜି ଖେଳାଯାଇଥିବା ଗ୍ରୁପ୍ ମ୍ୟାଚ୍‌ରେ ଭାରତ ୧୫-୦ ଗୋଲରେ ତାଇପେଇ (ଚାଇନିଜ୍ ତାଇପେ)କୁ ପରାସ୍ତ କରିଛି। ଏହା ଫଳରେ ୧୦ ପଏଣ୍ଟ ସହ ଭାରତ ଗ୍ରୁପ-ଏ'ରେ ପ୍ରଥମସ୍ଥାନ ହାସଲ କରିବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଅନ୍ୟ ପକ୍ଷରେ ଜାପାନକୁ ୩-୨ ଗୋଲରେ ହରାଇ ଦକ୍ଷିଣ କୋରିଆ ଏହି ଗ୍ରୁପରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

ଆଜି ଖେଳାଯାଇଥିବା ତାଇପେ ବିପକ୍ଷ ମ୍ୟାଚ୍ ସମ୍ପୂର୍ଣ୍ଣ ଏକତରଫା ହୋଇଥିଲା। ଏଥିରେ ଓଡ଼ିଆ ଖେଳାଳି ଆର୍ଯ୍ୟନ ଖେସ୍ ଗୋଲ ସ୍କୋରିଂ ଆରମ୍ଭ କରିଥିଲେ। କିନ୍ତୁ ଘନ ଘନ ଆକ୍ରମଣ ଫଳରେ ଭାରତକୁ ଏକାଧିକ ପେନାଲ୍ଟି କର୍ଣ୍ଣର ମିଳିଥିଲା। ତାହା ମଧ୍ୟରୁ ଅଧିନାୟକ ଅନ୍‌ମୋଲ ଏକାକୀ ୬ଟି ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆର୍ଯ୍ୟନ ଖେସ୍ ଓ ହରପାଲ ସିଂ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଅନ୍‌ମୋଲଙ୍କ ଗୋଲ ସଂଖ୍ୟା ୧୪ରେ ପହଞ୍ଚିଛି। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୬-୦ ଗୋଲରେ ଆଗୁଆ ରହିଥିଲା।

## ମହିଳା ହକି: କ୍ୱାର୍ଟରରେ ଭାରତ-ପାକିସ୍ତାନ

ମୋକି, ୯।୯ (ଏଜେନ୍ସି): ୨୦୨୬ ଜୁନିଅର ମହିଳା ହକି ଏସିଆ କପ୍‌ର ଏଲିଟ୍ ପୁଲ୍ ପର୍ଯ୍ୟାୟରେ ଭାରତ ଅପରାଜିତ ରହି ଶୀର୍ଷସ୍ଥାନ ହାସଲ କରିଛି। ବୁଧବାର ଅନ୍ତିମ ପୁଲ୍ ମ୍ୟାଚ୍‌ରେ ଆୟୋଜକ ଚୀନ୍ ବିପକ୍ଷରେ ଭାରତ ଗୋଲ୍‌ଶୂନ୍ୟ ଡ୍ର' ଖେଳିଛି। ତିନିଟି ବିଜୟ ଓ ଗୋଟିଏ ଡ୍ର' ସହ ଭାରତ ୧୦ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନ ଆଧାରରେ ପୁଲ୍‌ର ଶୀର୍ଷରେ ରହିଛି। କଡ଼ା ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚ୍‌ରେ ଉଭୟ ଦଳ ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇ ପାରି ନଥିଲେ। ଫଳରେ ମ୍ୟାଚ୍ ବିନା ଗୋଲରେ ଶେଷ ହୋଇଥିଲା। ଏହି ଫଳାଫଳ ପରେ ଭାରତ ଓ ଚୀନ୍ ଉଭୟେ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ଉଭୟ ଦଳ ଏଲିଟ୍ ପୁଲ୍ ପର୍ଯ୍ୟାୟରେ ୧୦ ପଏଣ୍ଟ ହାସଲ କରିଥିବାବେଳେ ଉନ୍ନତ ଗୋଲ୍ ବ୍ୟବଧାନ ଯୋଗୁଁ ଭାରତ ଶୀର୍ଷସ୍ଥାନ ଦଖଲ କରିଛି। ଏବେ ଭାରତ ନକ୍‌ଆଉଟ୍ ପର୍ଯ୍ୟାୟରେ ପାକିସ୍ତାନକୁ ଭେଟିବ। ଆସନ୍ତା ୧୦ରେ ହେବାକୁ ଥିବା ପ୍ରଥମ କ୍ୱାର୍ଟରଫାଇନାଲ୍‌ରେ ଉଭୟ ଦଳ ମୁହାଁମୁହିଁ ହେବେ। ପାକିସ୍ତାନ ପୁଲ୍‌ରେ ଚାରିଟି ମ୍ୟାଚ୍‌ରୁ ସାତ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ଭାରତୀୟ ଜୁନିଅର ମହିଳା ଦଳ ପାକିସ୍ତାନ ବିପକ୍ଷ କ୍ୱାର୍ଟରଫାଇନାଲ୍‌ରେ ବିଜୟ ହାସଲ କରି ଟୁର୍ଣ୍ଣାମେଣ୍ଟରେ ଦୃଢ଼ ଭାବେ ଅଗ୍ରଗତି କରିବା ଲକ୍ଷ୍ୟ ରଖିଛି।

## ଓଡ଼ିଶା ଏଫ୍‌ସିରେ ସାମିଲ ହେଲେ ଗୋଲରକ୍ଷକ ସଚିନ ସୁରେଶ




ଭୁବନେଶ୍ୱର, ୯।୯ (ସମିସ): ଭାରତୀୟ ଗୋଲ୍‌ରକ୍ଷକ ସଚିନ ସୁରେଶଙ୍କୁ ଦୁଇ ବର୍ଷର ଚୁକ୍ତିରେ ଦଳରେ ସାମିଲ କରିଥିବା ନେଇ ବୁଧବାର ଓଡ଼ିଶା ଏଫ୍‌ସି ପକ୍ଷରୁ ଘୋଷଣା କରାଯାଇଛି। ଏହି ଚୁକ୍ତି ଅନୁସାରେ ସଚିନ ୨୦୨୮ ପର୍ଯ୍ୟନ୍ତ କ୍ଲବ୍ ସହ ରହିବେ। କେରଳରେ ଜନ୍ମିତ ୨୫ ବର୍ଷୀୟ ସଚିନ ସୁରେଶ ସ୍ପୋର୍ଟ୍ସ ଆଣ୍ଡ ଏଜୁକେସନ୍ ପ୍ରମୋସନ୍ ଟ୍ରଷ୍ଟ (ସେପ୍ଟ) ମାଧ୍ୟମରେ ଫୁଟବଲ୍ ଯାତ୍ରା ଆରମ୍ଭ କରିଥିଲେ। ୨୦୨୩ ସୁପର କପ୍‌ରେ କେରଳ ବ୍ଲାଷ୍ଟର୍ସ ପକ୍ଷରୁ ସଚିନଙ୍କ ବରିଷ୍ଠ ଦଳରେ ପଦାର୍ପଣ ହୋଇଥିଲା। ସେହି ବର୍ଷ ପରେ ସେ ଭାରତୀୟ ସୁପର ଲିଗ୍‌ରେ ମଧ୍ୟ ପଦାର୍ପଣ କରିଥିଲେ। ୨୦୨୩-୨୪ ଋତୁରେ ସଚିନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ନିୟମିତ ଭାବେ ଗୋଲ୍‌ରକ୍ଷକ ଭାବେ ଖେଳି ୧୫ଟି ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରିଥିଲେ ଏବଂ ୫ଟି ମ୍ୟାଚ୍‌ରେ ଗୋଲ୍ ବଞ୍ଚାଇ ରଖିଥିଲେ। ପରବର୍ତ୍ତୀ ଋତୁଗୁଡ଼ିକରେ ମଧ୍ୟ ସେ କେରଳ ବ୍ଲାଷ୍ଟର୍ସ ଏଫ୍‌ସିର ଗୁରୁତ୍ୱପୂର୍ଣ୍ଣ ଗୋଲ୍‌ରକ୍ଷକ ଭାବେ ନିଜକୁ ବିକଶିତ କରିଥିଲେ। ଭାରତୀୟ ସୁପର ଲିଗ୍‌ରେ ତାଙ୍କର ଅଭିଜ୍ଞତା ଏବେ ଓଡ଼ିଶା ଏଫ୍‌ସି ପାଇଁ ଉପଯୋଗୀ ହେବ ବୋଲି ଆଶା କରାଯାଉଛି। ଓଡ଼ିଶା ଏଫ୍‌ସି ସହ ଚୁକ୍ତି କରିଥିବାରୁ ମୁଁ ବହୁତ ଖୁସି ବୋଲି ସଚିନ ସୁରେଶ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS